୪୮ତମ ବର୍ଷ    ୨୧ ଫେବ୍ରୁଆରୀ ୨୦୧୫    ପ୍ରଥମ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ    ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଫେବ୍ରୁଆରୀ, ୨୦୧୫]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ଈଶ୍ୱରୀ ଶକ୍ତି | ··· | ଶ୍ରୀଅରବିନ୍ଦ | ··· | ୫ |
| ''ମୋ ସାନ୍ନିଧ୍ୟରେ ରହିବା ପାଇଁ'' | ··· | ଶ୍ରୀମା | ··· | ୬ |
| ଉନ୍ମୀଳନ ଓ ସମର୍ପଣ | ··· | ଶ୍ରୀଅରବିନ୍ଦ | ··· | ୭ |
| ସମର୍ପଣ | ··· | ଶ୍ରୀମା | ··· | ୧୦ |
| ମୃତ୍ୟୁ ଉପରେ ପ୍ରଶ୍ନୋତ୍ତର | ··· | ··· | ··· | ୧୨ |
| ଏକ ପତ୍ର ଓ ଉତ୍ତର | ··· | ··· | ··· | ୧୬ |
| ଶ୍ରୀଅରବିନ୍ଦଙ୍କ ସହ ସାନ୍ଧ୍ୟ-ବୈଠକ | ··· | ଏ. ବି. ପୁରାଣୀ | ··· | ୨୧ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ··· | ଶ୍ରୀଅରବିନ୍ଦ | ··· | ୨୪ |
| ବାସ୍ତବ ଓ ଭବିତବ୍ୟ | ··· | ଶ୍ରୀ ନଳିନୀକାନ୍ତ ଗୁପ୍ତ | ··· | ୨୭ |
| ଇନ୍ଦ୍ର-ଅଗସ୍ତ୍ୟ ସମ୍ବାଦ (ଋଗ୍‌ବେଦ : ୧/୧୭୦) | ··· | ଶ୍ରୀଅରବିନ୍ଦ | ··· | ୩୦ |
| ଜନ୍ମାନ୍ତର ପ୍ରହେଳିକା (ଶ୍ରୀ ମନୋଜ ଦାସଙ୍କ ସହ ପ୍ରଶ୍ନୋତ୍ତର) | ··· | ··· | ··· | ୩୩ |
| ଶରୀରର ଜୀବକୋଷରେ ଯୋଗ | ··· | ମମତା ଦାଶ | ··· | ୩୮ |
| ମାନବଜୀବନ ଓ ସମାଜରେ ପୂର୍ଣ୍ଣଯୋଗର ପୂର୍ଣ୍ଣାଙ୍ଗ ପ୍ରୟୋଗ (୯) | ··· | ଶ୍ରୀପତି ଦାସ | ··· | ୪୧ |
| ସବୁଠୁ ମଧୁର ମା' | ··· | ଶ୍ରୀ ବିମଳ ପ୍ରସନ୍ନ ଦାସ | ··· | ୪୫ |

**ସାଧନା ପରମ୍ପରା**

| | | | | |
|---|---|---|---|---|
| ରାଗାନୁଗାଭକ୍ତି ଓ ଶ୍ରୀଚୈତନ୍ୟ (୧୧) | ··· | ··· | ··· | ୪୮ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ମୃତ୍ୟୁର ଦେବତା ଓ ମୃତ୍ୟୁ ଦୂତମାନେ | ··· | ଶ୍ରୀମା | ··· | ୫୧ |

| | | | | |
|---|---|---|---|---|
| **ସମ୍ପାଦକୀୟ** | ··· | ··· | ··· | ୫୪ |


❖

Always she will be in you and you in her; it will be your constant, simple and natural experience that all your thought and seeing and action, your very breathing or moving come from her and are hers. You will know and see and feel that you are a person and power formed by her out of herself, put out from her for the play and yet always safe in her, being of her being, consciousness of her consciousness, force of her force, Ananda of her Ananda.

– Sri Aurobindo

ସର୍ବଦା ସେ ତୁମ ମଧ୍ୟରେ ଓ ତୁମେ ତାଙ୍କ ମଧ୍ୟରେ; ଏହାହିଁ ହେବ ତୁମର ନିରନ୍ତର, ସହଜ ଓ ସ୍ୱାଭାବିକ ଅନୁଭୂତି ଯେ ତୁମର ସମସ୍ତ ଚିନ୍ତା, ସମସ୍ତ ଦୃଷ୍ଟି ଓ କର୍ମ, ତୁମର ପ୍ରତିଟି ନିଶ୍ୱାସ-ପ୍ରଶ୍ୱାସ, ପ୍ରତ୍ୟେକଟି ଗତିବୃତ୍ତି ତାଙ୍କରିଠାରୁହିଁ ଆସିଛି, ସେସମସ୍ତ ତାଙ୍କରି। ତୁମେ ଜାଣିବ ଏବଂ ଦେଖିବ ଓ ଅନୁଭବ କରିବ ଯେ ଦିବ୍ୟଜନନୀ ତାଙ୍କ ନିଜ ସତ୍ତାରୁହିଁ ତୁମକୁ ଏକ ବ୍ୟକ୍ତି ବିଶେଷ ଓ ଶକ୍ତିରୂପେ ନିଜେହିଁ ଗଢ଼ିଛନ୍ତି, ଲୀଳା ନିମନ୍ତେ ନିଜଠାରୁ ବାହାରକୁ ପ୍ରକଟ କରି ଧରିଛନ୍ତି, ତେବେ ବି ସର୍ବଦାହିଁ ତୁମେ ତାଙ୍କ ମଧ୍ୟରେ ନିରାପଦ ରହିଛ, ତାଙ୍କରି ସତ୍ତାର ତୁମେ ସତ୍ତା, ତାଙ୍କରି ଚେତନାର ତୁମେ ଚେତନା, ତାଙ୍କରି ଶକ୍ତିର ତୁମେ ଶକ୍ତି, ତାଙ୍କରି ଆନନ୍ଦର ତୁମେ ଆନନ୍ଦ।

— ଶ୍ରୀଅରବିନ୍ଦ



The path is long, but self-surrender makes it short; the way is difficult, but perfect trust makes it easy.

– The Mother

ପଥ ଦୀର୍ଘ, କିନ୍ତୁ ଆତ୍ମ-ସମର୍ପଣ ଏହାକୁ ହ୍ରସ୍ୱ କରିଦିଏ; ମାର୍ଗ ଦୁରୂହ କିନ୍ତୁ ପୂର୍ଣ୍ଣ ଭରସା ଏହାକୁ ସହଜ କରିଦିଏ ।

– ଶ୍ରୀମା

*

We must lie before the Divine always like a page perfectly blank, so that the Divine's will may be inscribed in us without any difficulty or mixture.

*20 November 1954* – The Mother

ସର୍ବଦା ଆମକୁ ଦିବ୍ୟପରମଙ୍କ ସମ୍ମୁଖରେ ସମ୍ପୂର୍ଣ୍ଣ ଅଲେଖା ପୃଷ୍ଠାଟିଏ ପରି ରହିବାକୁ ହେବ, ଯେପରିକି କୌଣସି ଅସୁବିଧା କିଂବା ମିଶ୍ରଣ ବ୍ୟତିରେକେ ଦିବ୍ୟ-ଇଚ୍ଛା ଆମ ଭିତରେ ଆପଣାକୁ ଖୋଦିତ କରିଦେଇ ପାରିବ ।

*୨୦ ନଭେମ୍ବର ୧୯୫୪* – ଶ୍ରୀମା

# ଈଶ୍ୱରୀ ଶକ୍ତି
## ଶ୍ରୀଅରବିନ୍ଦ

ଈଶ୍ୱରୀଶକ୍ତି ହେଉଛନ୍ତି ଦିବ୍ୟ ଚିତ୍-ଶକ୍ତି ଓ ବିଶ୍ୱଜନନୀ । ପରମଶାଶ୍ୱତ 'ଏକ' ଓ ଅଭିବ୍ୟକ୍ତ ଦିବ୍ୟ 'ବହୁ' ଭିତରେ ସେ ମଧ୍ୟସ୍ଥତାର କାର୍ଯ୍ୟ ନିର୍ବାହ କରିଥାଆନ୍ତି । ଗୋଟିଏ ପକ୍ଷରେ ପରମଙ୍କଠାରୁ ଆଣିଥିବା ଶକ୍ତିରାଜିର ଖେଳ ଦ୍ୱାରା ବିଶ୍ୱରେ ସେ ଦିବ୍ୟବହୁଙ୍କୁ ଅଭିବ୍ୟକ୍ତ କରନ୍ତି, ନିଜର ପ୍ରକାଶଧର୍ମୀ ଉପାଦାନ ଭିତରୁ ଏହାର ଅନନ୍ତ ରୂପରାଜିକୁ ନିବର୍ତ୍ତିତ ଓ ବିବର୍ତ୍ତିତ କରନ୍ତି ଏବଂ ଅନ୍ୟପକ୍ଷରେ ସେହି ସମାନ ଶକ୍ତିର ପୁନରୂର୍ଦ୍ଧ୍ୱାରୋହଣ ସ୍ରୋତ ଦ୍ୱାରା ସେ ସବୁକିଛିକୁ ଯେଉଁଠାରୁ ସେମାନେ ଉତ୍ସାରିତ ହୋଇଥିଲେ, ପୁଣି ସେହି ପରମ ତତ୍ ଦିଗରେ ଫେରାଇ ନେଇ ଚାଲନ୍ତି । ଏହାର ଉଦ୍ଦେଶ୍ୟ ହେଉଛି ଆତ୍ମା ଯେପରି ନିଜର ବିବର୍ତ୍ତନଗତ ପ୍ରକାଶ ଓ ଅଭିବ୍ୟକ୍ତିରେ ଅଧିକରୁ ଅଧିକ ସେଠାରେ ଥିବା ଦିବ୍ୟଭାଗବତ ସତ୍ୟ ଦିଗରେ ପ୍ରତ୍ୟାବର୍ତ୍ତନ କରିବ କିଂବା ଏଠାରେ ସେହି ଦିବ୍ୟସ୍ୱଭାବ ଓ ଗୁଣଗୁଡ଼ିକୁ ଧାରଣ କରିବ ।

ସେହି ପରମା ଶକ୍ତି ଯଦିଓ ଏକ ବିଶ୍ୱଯନ୍ତ୍ରର ନିର୍ମାଣ କରିଛନ୍ତି, କିନ୍ତୁ ତାଙ୍କ ଭିତରେ କୌଣସି ନିଶ୍ଚେତନ ଯାନ୍ତ୍ରିକ କାର୍ଯ୍ୟନିର୍ବାହିକା ଶକ୍ତିର ଗୁଣ ଓ ସ୍ୱଭାବ ନାହିଁ । ତାହା କେବଳ ଦେଖିବାକୁ ମିଳେ ବିଶ୍ୱପ୍ରକୃତିର ପ୍ରାଥମିକ ଅଙ୍ଗ ବା ଆକୃତି ଗଠନର କ୍ଷେତ୍ରରେ । ପରମା ଶକ୍ତିଙ୍କ ଭିତରେ ମଧ୍ୟ ସେପରି କୌଣସି ଅବାସ୍ତବ, ଅଳୀକ ଭ୍ରାନ୍ତି ବା ମାୟାର ଭାବ ନାହିଁ, ବା ସେହି ଭ୍ରମ ଓ ଅର୍ଦ୍ଧଭ୍ରମ ସୃଷ୍ଟିର ଭାବ ନାହିଁ ଯାହାକି ମାୟା ସମ୍ପର୍କରେ ଆମର ପ୍ରଥମ ଦୃଷ୍ଟିକୋଣ ସହ ଯୋଡ଼ା ଯାଇଥାଏ । ଅନୁଭବୀ ଆତ୍ମା ପାଖରେ ଏହା ସଙ୍ଗେ ସଙ୍ଗେ ପରିଷ୍କାର ହୋଇଯାଏ ଯେ ଏକ ଦିବ୍ୟଚିତ୍‌ଶକ୍ତି ଏଠାରେ ବିରାଜିତା ରହିଛନ୍ତି, ଏବଂ ତାହାଙ୍କର ଉପାଦାନ ଓ ପ୍ରକୃତି, ସେ ଯେଉଁ ପରମଙ୍କଠାରୁ ଆସିଛନ୍ତି, ସେହି ପରମଙ୍କ ଉପାଦାନ ଓ ପ୍ରକୃତି ସଙ୍ଗେ ସର୍ବତୋଭାବେ ଏକ ଓ ଅଭିନ୍ନ । ଯଦି ଏପରି ମନେ ହୁଏ ଯେ ଆମେ ବ୍ୟାଖ୍ୟା କରି ପାରୁ ନ ଥିବା ଏକ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଯାଇ ସେ ଆମକୁ ଅଜ୍ଞାନ ଓ ନିଶ୍ଚେତନା ଭିତରେ ବୁଡ଼ାଇ ଦେଇଛନ୍ତି ଏବଂ ତାଙ୍କରି ଶକ୍ତିହିଁ ଏହି ସମସ୍ତ ଅନିର୍ଦ୍ଦିଷ୍ଟ ବିଶ୍ୱଶକ୍ତିସମୂହ ରୂପେ କ୍ରିୟାଶୀଳ, ତଥାପି ଅଳ୍ପ ସମୟ ଭିତରେ ଆମ ଆଗରେ ଏହା ସ୍ପଷ୍ଟ ହୋଇଯିବ ଯେ ଆମ ଭିତରେ ଦିବ୍ୟଚେତନାର ବିକାଶ ପାଇଁହିଁ ସେ କ୍ରିୟା କରୁଛନ୍ତି ଓ ଏସବୁର ଉର୍ଦ୍ଧ୍ୱରେ ରହି ସେ ଆମକୁ ଆକର୍ଷଣ କରୁଛନ୍ତି ତାଙ୍କ ନିଜର ଉଚ୍ଚତର ଦିବ୍ୟସ୍ୱରୂପ ଆଡ଼କୁ ଏବଂ ସେ ଆମ ଆଗରେ ଦିବ୍ୟଜ୍ଞାନ, ଦିବ୍ୟସଂକଳ୍ପ ଓ ଦିବ୍ୟ-ଆନନ୍ଦର ମୂଳ ସତ୍ୟ ଓ ସାରମର୍ମକୁ ଅଧିକରୁ ଅଧିକ ପ୍ରକାଶିତ କରୁଛନ୍ତି । ଏପରିକି ଅଜ୍ଞାନର ଗତିବୃତ୍ତି ମଧ୍ୟରେ ସାଧକର ଆତ୍ମା ଜାଣିପାରେ ଯେ ସେହି ପରମା ଶକ୍ତିଙ୍କର ସଚେତ ଚାଳନା ଓ ପଥନିର୍ଦ୍ଦେଶହିଁ ତା'ର ପଦକ୍ଷେପସବୁକୁ ମନରେ ବା ଦ୍ରୁତ ଗତିରେ, ସିଧାସଳଖ ବା ଅଙ୍କାବଙ୍କା ବୁଲାଣି ପଥରେ ଆଗେଇ ନେଉଛି ଅନ୍ଧକାର ଭିତରୁ ଏକ ବୃହତ୍ତର ଚେତନାର ଆଲୋକ ଦିଗରେ, ମରଣଶୀଳତାରୁ ଅମରତ୍ୱ ଦିଗରେ, ଅମଙ୍ଗଳ ଓ ଦୁଃଖ ଶୋକ ଯାତନା ଭିତରୁ ସର୍ବୋତ୍ତମ ଶୁଭ ଓ ଆନନ୍ଦ ଦିଗରେ, ଯାହା ସମ୍ପର୍କରେ ଏଯାଏ ତା'ର ମାନୁଷୀ ମନ କେବଳ ଏକ ଝାପ୍‌ସା ଛବିମାତ୍ରହିଁ ଧାରଣା କରିପାରେ ।

ଏହିପରି ଭାବରେ ସେହି ପରମାଙ୍କ ଶକ୍ତି ଏକ ସଙ୍ଗରେ ମୁକ୍ତିପ୍ରଦାୟିନୀ, ସକ୍ରିୟ ଭାବେ ଗତିଶାଳିନୀ, ସୃଷ୍ଟିଶୀଳା ଓ ଫଳପ୍ରସବିନୀ । ଏହା ସବୁକିଛିକୁ ସୃଷ୍ଟି କରିଚାଲେ କେବଳ ସେମାନଙ୍କ ବର୍ତ୍ତମାନର ସ୍ୱରୂପରେ ନୁହେଁ, ସେମାନେ ଦିନେ ଯାହା ହୋଇଉଠିବେ ସେହି ଭବିଷ୍ୟତର ସ୍ୱରୂପରେ ମଧ୍ୟ; କାରଣ ଅଜ୍ଞାନର ଉପାଦାନରେ ଗଠିତ ମନୁଷ୍ୟର ନିମ୍ନତର ଚେତନାର ଗୋଳିଆମିଶା, ବକ୍ର ଓ କୁଟିଳ ଗତିବୃତ୍ତିକୁ ଲୋପକରି ସେ ଏହାର ପୁନଃନିର୍ମାଣ କରନ୍ତି ଓ ତା'ର ଆତ୍ମା ଓ ପ୍ରକୃତିକୁ ଉଚ୍ଚତର ଦିବ୍ୟପ୍ରକୃତିର ଶକ୍ତି ଓ ଉପାଦାନ ରୂପେ ନୂଆ ରୂପ ଦେଇ ନୂଆକରି ଗଢ଼ିତୋଳନ୍ତି ।

(SABCL, Vol. 20, pp. 116-17) ❖

# ‘‘ମୋ ସାନ୍ନିଧ୍ୟରେ ରହିବା ପାଇଁ’’

## ଶ୍ରୀମା

ପ୍ରକୃତରେ ଏବଂ ଫଳପ୍ରଦ ଭାବରେ ସର୍ବଦା ମୋର ନିକଟବର୍ତ୍ତୀ ହୋଇ ରହିବାକୁ ହେଲେ, ତୁମକୁ ଅଧିକରୁ ଅଧିକ ଆନ୍ତରିକ ହେବାକୁ ପଡ଼ିବ, ମୋ ପାଖରେ ଅଧିକରୁ ଅଧିକ ଖୋଲା ଏବଂ ସ୍ୱଚ୍ଛ ହେବାକୁ ପଡ଼ିବ । ସମସ୍ତ କପଟତାକୁ ଫିଙ୍ଗିଦେଇ ବାହାରି ଆସ ଏବଂ ଆଦୌ ଏପରି କୌଣସି କଥା ନ କରିବାକୁ ନିଷ୍ପତ୍ତି ନିଅ, ଯାହାକୁ କି ତୁମେ ସଙ୍ଗେସଙ୍ଗେ ମୋ ପାଖକୁ ଆସି କହିପାରିବ ନାହିଁ ।

*

କୌଣସି ପ୍ରକାର ଲଜ୍ଜା ଅନୁଭବ ନ କରି ତୁମେ ମୋ ଆଗରେ ଯାହାସବୁ କରି ପାରୁଥା’ନ୍ତ, କେବଳ ତାହାହିଁ କର; ଆଦୌ କୌଣସି ସଙ୍କୋଚ ବା ଅସୁବିଧା ଅନୁଭବ ନ କରି ମୋ ପାଖରେ ଆସି ଯାହା କହି ପାରୁଥା’ନ୍ତ, କେବଳ ତାହାହିଁ କହ ।

*

ଅତ୍ୟନ୍ତ ନିଷ୍ଠାଯୁକ୍ତ ଏବଂ ନିଷ୍କପଟ ହୋଇ ରହ, ନିର୍ଭୟରେ ତୁମେ ମୋତେ ଯାହାକିଛି ଦେଖାଇ ନ ପାରିବ, ସେପରି କୌଣସି ବିଷୟକୁ ନିଜ ଭିତରେ ପ୍ରଶ୍ରୟ ଦିଅ ନାହିଁ; ଯାହା କରି ପକାଇଲ ବୋଲି ତୁମକୁ ମୋ ଆଗରେ ଲଜ୍ଜିତ ହେବାକୁ ପଡ଼ିବ, ସେପରି କୌଣସି କାର୍ଯ୍ୟ କର ନାହିଁ ।

*

ମୋ’ ସହିତ ତୁମର ଯାବତୀୟ ସମ୍ବନ୍ଧର କ୍ଷେତ୍ରରେ ତୁମେ ଠିକ୍ ଗୋଟିଏ ଛୋଟ ଶିଶୁ ପରି ସ୍ୱତଃସ୍ଫୂର୍ତ୍ତ ହୋଇ ରହ, ସରଳ ହୋଇ ରହ;– ତାହାହିଁ ତୁମକୁ ବହୁ ଅସୁବିଧାରୁ ସୁରକ୍ଷିତ କରି ରଖିବ ।

*

ସରଳ ହୁଅ,
ଖୁସୀ ରହ,
ନୀରବ ହୋଇଯାଅ,
ତୁମର କାର୍ଯ୍ୟଟିକୁ ଯଥାସାଧ୍ୟ ଭଲଭାବରେ କର,
ନିଜକୁ ସର୍ବଦା ମୋ ଆଡ଼କୁ ଉନ୍ମୀଳିତ କରି ରଖିଥାଅ –
ତୁମକୁ କେବଳ ଏତିକି କରିବାକୁହିଁ କୁହାଯାଉଛି ।

(MCW, Vol. 13, pp. 78 - 79 ) ✜

# ଉନ୍ମୀଳନ ଓ ସମର୍ପଣ

## ଶ୍ରୀଅରବିନ୍ଦ

ଉନ୍ମୀଳିତ ହେବାର ଅର୍ଥ ହେଉଛି ମା'ଙ୍କ ଆଡ଼କୁ ନିଜକୁ ଖୋଲିଧରିବା ଯେପରିକି ତୁମ ମଧ୍ୟରେ ତାଙ୍କ ଶକ୍ତି କ୍ରିୟା କରିବ, ତୁମ ଭିତରର କୌଣସି କିଛି ଯେପରି ତାଙ୍କ କାର୍ଯ୍ୟରେ ଅସମ୍ମତି ପ୍ରକାଶ ନ କରେ ବା ବାଧା ନ ଦିଏ । ମନ ଯଦି ତାହାର ନିଜ ଧାରଣାବଳୀରେ ଆବଦ୍ଧ ରହେ ଓ ମା'ଙ୍କୁ ତା' ମଧ୍ୟରେ ଦିବ୍ୟଜ୍ୟୋତିଃ ଓ ସତ୍ୟ ଆଣିବାକୁ ନଦିଏ, ପ୍ରାଣ ଯଦି ତା'ର କାମନାବାସନାକୁ ଜାବୁଡ଼ି ଧରି ରହେ ଏବଂ ମା'ଙ୍କର ଶକ୍ତି ଯେଉଁ ଯଥାର୍ଥ ଉଦ୍ୟୋଗ ଓ ପ୍ରେରଣା ଆଣିଥାଏ ତାହାକୁ ପ୍ରବେଶ କରିବାକୁ ନଦିଏ, ଦେହ ଯଦି ତା'ର କାମନାବାସନା, ଅଭ୍ୟାସ ଓ ଜଡ଼ତା ମଧ୍ୟରେ ଆବଦ୍ଧ ରହେ ଓ ତା' ଭିତରେ ଦିବ୍ୟାଲୋକ ଓ ଶକ୍ତିକୁ ପ୍ରବେଶ କରି କ୍ରିୟା କରିବାକୁ ନଦିଏ, ତେବେ ସେ ବ୍ୟକ୍ତି ମା'ଙ୍କ ପ୍ରତି ଉନ୍ମୀଳିତ ନୁହେଁ । ଅବଶ୍ୟ ହଠାତ୍ ଏକ ସଙ୍ଗେ ସମସ୍ତ ଗତିବୃତ୍ତିରେ ସମ୍ପୂର୍ଣ୍ଣଭାବେ ଉନ୍ମୀଳିତ ହେବା ସମ୍ଭବ ନୁହେଁ, ତେବେ ଆବଶ୍ୟକ ହେଉଛି ପ୍ରତ୍ୟେକ ଅଂଶରେ ଏକ କେନ୍ଦ୍ରୀୟ ଉନ୍ମୀଳନ ଏବଂ କେବଳ ମା'ଙ୍କ କ୍ରିୟାବଳୀକୁ ପ୍ରବେଶ କରିବାକୁ ଦେବା ପାଇଁ ସତ୍ତାର ପ୍ରତ୍ୟେକ ଅଂଶରେ ଏକ ଅଭୀପ୍ସା ଓ ସଂକଳ୍ପ; ବାକି ଯାହା ଆବଶ୍ୟକ ତାହା ଧୀରେ ଧୀରେ ହେବ ।

୨୮. ୧୦. ୧୯୩୪

*

ମା'ଙ୍କ ପ୍ରତି ଉନ୍ମୁକ୍ତ ରହିବାର ଅର୍ଥ ହେଉଛି ଦୃଢ଼ ବିଶ୍ୱାସର ସହ ବରାବର ଶାନ୍ତ ଓ ପ୍ରସନ୍ନ ରହିବା ଏବଂ କୌଣସି ପ୍ରକାର ଅସ୍ଥିରତା, ଶୋକ ବା ହତାଶାକୁ ପ୍ରଶ୍ରୟ ନଦେଇ ତାଙ୍କର ଶକ୍ତିକୁ ତୁମ ଭିତରେ କାର୍ଯ୍ୟ କରିବାକୁ ଦେବା ଯେପରିକି ତାହା ତୁମକୁ ଚାଳିତ କରେ ଏବଂ ଜ୍ଞାନ, ଶାନ୍ତି ତଥା ଆନନ୍ଦ ଆଣି ଦିଏ । ତୁମେ ଯଦି ନିଜକୁ ଉନ୍ମୁକ୍ତ ରଖିପାରୁ ନାହଁ ତେବେ ଧୀରସ୍ଥିର ଭାବରେ ନିରନ୍ତର ଅଭୀପ୍ସା କର ଯେପରିକି ତୁମେ ଉନ୍ମୁକ୍ତ ହୋଇପାରିବ ।

*

ତୁମକୁ କେବଳ ଅଭୀପ୍ସା କରିବାକୁ ହେବ, ମା'ଙ୍କ ପାଖରେ ନିଜକୁ ଖୋଲି ଧରିବାକୁ ହେବ, ତାଙ୍କ ଇଚ୍ଛାର ଯାହାକିଛି ବିରୋଧୀ ସେସବୁକୁ ପ୍ରତ୍ୟାଖ୍ୟାନ କରିବାକୁ ହେବ ଏବଂ ତୁମ ଭିତରେ ତାଙ୍କୁ କାର୍ଯ୍ୟ କରିବାକୁ ଦେବାକୁ ହେବ । ତୁମର ସମସ୍ତ କାର୍ଯ୍ୟ କରିବ ତାଙ୍କରି ନିମନ୍ତେ ଏବଂ ଏହି ବିଶ୍ୱାସରେ ଯେ ତାଙ୍କରି ଶକ୍ତିବଳରେହିଁ ତୁମେ ତାହା କରିପାରୁଛ । ତୁମେ ଯଦି ଏହିଭାବରେ ଉନ୍ମୁକ୍ତ ରୁହ ତେବେ ଯଥା ସମୟରେ ତୁମେ ଜ୍ଞାନ ଓ ଉପଲବ୍ଧି ପାଇପାରିବ ।

*

ନିରନ୍ତର ସ୍ମରଣ ଦ୍ୱାରାହିଁ ପୂର୍ଣ୍ଣ ଉନ୍ମୀଳନ ନିମନ୍ତେ ଆଧାର ପ୍ରସ୍ତୁତ ହୁଏ । ହୃଦୟର ଉନ୍ମୀଳନ ଫଳରେ ମା'ଙ୍କର ଉପସ୍ଥିତି ଅନୁଭୂତ ହେବାକୁ ଆରମ୍ଭ କରେ ଏବଂ ତାଙ୍କର ଊର୍ଦ୍ଧ୍ୱସ୍ଥ ଶକ୍ତି ପ୍ରତି ଉନ୍ମୁକ୍ତ ରହିଲେ ଊର୍ଦ୍ଧ୍ୱତନ ଚେତନାର ଶକ୍ତି ଶରୀର ଭିତରକୁ ଅବତରଣ କରିଆସେ ଏବଂ ସମଗ୍ର ପ୍ରକୃତିର ରୂପାନ୍ତର ପାଇଁ ସେଠାରେ କ୍ରିୟା କରେ ।

୭. ୮. ୧୯୩୪

*

ତୁମେ ଯଦି ସମର୍ପଣ ନକର ତେବେ ମା'ଙ୍କ ପ୍ରତି ନିଜକୁ ଉନ୍ମୁକ୍ତ ରଖିବାର ବିଶେଷ କିଛି ଆଧ୍ୟାତ୍ମିକ ଅର୍ଥ ନାହିଁ । ଯେଉଁମାନେ ଏହି ଯୋଗର ସାଧକ ସେମାନଙ୍କଠାରୁ ଆତ୍ମନିବେଦନ ଓ ସମର୍ପଣ ଦାବି କରାଯାଏ କାରଣ ଏକ ନିତ୍ୟବର୍ଦ୍ଧମାନ ସମର୍ପଣ ବିନା ଲକ୍ଷ୍ୟର ନିକଟବର୍ତ୍ତୀ ହେବା ସମ୍ପୂର୍ଣ୍ଣ ଅସମ୍ଭବ । ନିଜକୁ ଖୋଲି ଧରିବାର ଅର୍ଥ ହେଉଛି ତୁମ ଭିତରେ କାର୍ଯ୍ୟ କରିବା ପାଇଁ ମା'ଙ୍କ ଶକ୍ତିକୁ ଆବାହନ କରିବା, ଏବଂ ତୁମେ ଯଦି ଏହା ନିକଟରେ ନିଜକୁ ସମର୍ପଣ ନ କର, ତେବେ ତାହାର ଅର୍ଥ ହେଲା ସେହି ଶକ୍ତିକୁ ତୁମ ଭିତରେ ଆଦୌ କାର୍ଯ୍ୟ କରିବାକୁ ଦେଉ ନାହଁ କିଂବା ଏହି ସର୍ତ୍ତ ରଖୁଛ ଯେ ସେ ତାହାର ନିଜସ୍ୱ ଧାରା, ଦିବ୍ୟସତ୍ୟର ଧାରାରେ କାର୍ଯ୍ୟ ନକରି ତୁମର ଇଚ୍ଛାନୁସାରେ କାର୍ଯ୍ୟ କରୁ । ଏହି ପ୍ରକାର ଏକ ପରାମର୍ଶ ସାଧାରଣତଃ କୌଣସି ବିରୋଧିଶକ୍ତିଠାରୁ କିଂବା ମନ ଓ ପ୍ରାଣର କୌଣସି ଅହଂଗତ ଉପାଦାନଠାରୁ ଆସିଥାଏ; ତାହାର କାରଣ ହେଲା – ଏମାନେ ଊର୍ଦ୍ଧ୍ୱତନ ଶକ୍ତି ବା ଅନୁକମ୍ପା ଚାହାନ୍ତି ସତ୍ୟ, କିନ୍ତୁ କେବଳ ନିଜର ଉଦ୍ଦେଶ୍ୟ ସିଦ୍ଧି ନିମନ୍ତେ – ଏମାନେ

ଭାଗବତ ଉଦ୍ଦେଶ୍ୟ ସିଦ୍ଧି ସକାଶେ ବିଶ୍ୱରେ ରହିବାକୁ ଚାହାନ୍ତି ନାହିଁ, ଏମାନେ ପାଇବାକୁ ଚାହାନ୍ତି ଭଗବାନଙ୍କଠାରୁ ସବୁକିଛି କିନ୍ତୁ ନିଜକୁ ଦେବାକୁ ଚାହାନ୍ତି ନାହିଁ । ଅନ୍ୟ ପକ୍ଷରେ ଆତ୍ମା, ଯାହାକି ଆମ୍ଭମାନଙ୍କର ଯଥାର୍ଥ ସତ୍ୟ, ତାହା ସର୍ବଦା ଭଗବତ୍ ଅଭିମୁଖୀ, ତାହା ଆତ୍ମ-ସମର୍ପଣ କରିବାକୁ ଯେ କେବଳ ରାଜି ସେକଥା ନୁହେଁ, ସଦା ଉତ୍ସୁକ ଏବଂ ସଦା ହୃଷ୍ଟଚିତ୍ତ ।

ଏହି ଯୋଗରେ ସକଳ ମନୋଗତ ଆଦର୍ଶ ଓ ସଂସ୍କୃତିକୁ ଅତିକ୍ରମ କରିବାକୁ ହୁଏ । ଧାରଣା, ଆଦର୍ଶ ହେଲା ମାନସିକ ବିଷୟ ଏବଂ ଅର୍ଦ୍ଧସତ୍ୟ ମାତ୍ର; ବହୁତ ସମୟରେ ମନ କୌଣସି ଗୋଟିଏ ଆଦର୍ଶ ନେଇ ତୁଷ୍ଟ ରହେ, ଆଦର୍ଶ ଗଠନ କରି ଆନନ୍ଦ ପାଏ । କିନ୍ତୁ ଜୀବନ ଯେପରି ଥାଏ, ସେହିପରି ରହିଯାଏ – ଅପରିବର୍ତ୍ତିତ ଅଥବା ସାମାନ୍ୟ ପରିବର୍ତ୍ତିତ, ତାହା ବି ପ୍ରଧାନତଃ ବାହାରେ । ଆଧ୍ୟାତ୍ମିକ ସାଧକ ଦିବ୍ୟ-ଉପଲବ୍ଧିର ସନ୍ଧାନ ଛାଡ଼ି ଶୁଦ୍ଧ ମାନସିକ ଆଦର୍ଶ ଗଠନର ଅନୁସରଣ କରେ ନାହିଁ । ଆଦର୍ଶ ରଚନା ନୁହେଁ, ଦିବ୍ୟସତ୍ୟର ଉପଲବ୍ଧିହିଁ ହେଲା ତାହାର ଲକ୍ଷ୍ୟ, ଇହଲୋକରେ ବା ପରଲୋକରେ; ଇହଲୋକର ଦିବ୍ୟସତ୍ୟକୁ ସିଦ୍ଧ କରିବାକୁ ହେଲେ ମନ-ପ୍ରାଣର ଦିବ୍ୟରୂପାନ୍ତର ଆବଶ୍ୟକ, ଆଉ ମା'ଙ୍କର ଭାଗବତୀ ଶକ୍ତିର କ୍ରିୟା ପାଖରେ ସମର୍ପଣ ବ୍ୟତୀତ ସେହି ରୂପାନ୍ତର କଦାପି ସମ୍ଭବପର ନୁହେଁ ।

ଅପୌରୁଷେୟ ପୁରୁଷର ସନ୍ଧାନ ହେଲା ସେହିମାନଙ୍କର ପନ୍ଥା ଯେଉଁମାନେ ଜୀବନକୁ ବର୍ଜନ କରିବାକୁ ଚାହାନ୍ତି, କିନ୍ତୁ ସାଧାରଣତଃ ସେମାନେ ନିର୍ଭର କରନ୍ତି ବ୍ୟକ୍ତିଗତ ପ୍ରୟାସ ଉପରେ, ଊର୍ଦ୍ଧ୍ୱତନ ଶକ୍ତି ନିକଟରେ ଆତ୍ମୋନ୍ମୀଳନ ବା ଆତ୍ମ-ସମର୍ପଣ ଉପରେ ନୁହେଁ । କାରଣ ନୈର୍ବ୍ୟକ୍ତିକ ତତ୍ତ୍ୱ ସାଧକକୁ ଚାଳନା କରେ ନାହିଁ ବା ସାହାଯ୍ୟ କରେ ନାହିଁ; କେବଳ ସାଧକକୁ ତାହା ପ୍ରାପ୍ତ କରିବାକୁ ହୁଏ ଏବଂ ପ୍ରତ୍ୟେକ ସାଧକ ନିଜର ଗ୍ରହଣ କ୍ଷମତା ଓ ନିଜର ସ୍ୱଭାବ ଅନୁସାରେ ତାହା ପ୍ରାପ୍ତ କରେ । ଅନ୍ୟ ପକ୍ଷରେ ମା'ଙ୍କ ପାଖେ ଉନ୍ମୀଳନ ଓ ସମର୍ପଣ ଦ୍ୱାରା ଦିବ୍ୟସତ୍ୟର ପୌରୁଷେୟ ବା ଅପୌରୁଷେୟ ସକଳ ଭାବହିଁ ଉପଲବ୍ଧି କରିପାରିବ ।

ସମର୍ପଣ ଉତ୍ତରୋତ୍ତର ବୃଦ୍ଧି ପାଇବା ଉଚିତ । ଆରମ୍ଭରୁ କେହି ପୂର୍ଣ୍ଣ ସମର୍ପଣ କରିପାରେ ନାହିଁ, ସେହି ସକାଶେ ଏହା ଖୁବ୍ ସ୍ୱାଭାବିକ ଯେ ମନୁଷ୍ୟ ନିଜର ଅନ୍ତରରେ ଦୃଷ୍ଟିପାତ କଲେ ଏହି ସମର୍ପଣ ଦେଖିପାରିବ ନାହିଁ । କିନ୍ତୁ ସେହି ସକାଶେ ସମର୍ପଣର ନିୟମଟିକୁ ମାନିନେବା ପାଇଁ ହେବ ନାହିଁ – ଏପରି ତ ନୁହେଁ ! ମାନିନେବାକୁହିଁ ହେବ, ଏବଂ ଗୋଟିଏ ସ୍ତରରୁ ଆଉ ଗୋଟିଏ ସ୍ତରକୁ, ଗୋଟିଏ ଭୂମିରୁ ଆଉ ଗୋଟିଏ ଭୂମିକୁ, ଧୀରସ୍ଥିର ଭାବରେ ଉଠିଯିବାକୁ ହେବ, କ୍ରମଶଃ ସ୍ୱଭାବର ସକଳ ଭାଗରେ ତାହାକୁ ପ୍ରତିଷ୍ଠିତ କରିବାକୁ ହେବ ।

*

ସାଧକ ନିକଟରେ ଯେଉଁ ପ୍ରୟାସ ଦାବି କରାହୁଏ ତାହା ହେଲା ଆସ୍ପୃହା, ପ୍ରତ୍ୟାଖ୍ୟାନ ଓ ସମର୍ପଣ । ଏହି ତିନୋଟି କାର୍ଯ୍ୟ ଯଦି କରାଯାଏ, ତେବେ ମା'ଙ୍କ କୃପାରୁ ଏବଂ ତୁମ ମଧ୍ୟରେ ତାଙ୍କ ଶକ୍ତିର କ୍ରିୟା ଫଳରେ ବାକି ସବୁକିଛି ଆପେ ଆପେ ଆସିଯାଏ । ତିନୋଟି ଭିତରେ ସବୁଠାରୁ ପ୍ରୟୋଜନୀୟ ହେଲା ସମର୍ପଣ, ଆଉ ଏହି ସମର୍ପଣର ମୂଳ ଆବଶ୍ୟକୀୟ ରୂପ ହେଲା ନିର୍ଭରତା, ଭରସା ଓ ବିପଦରେ ଧୈର୍ଯ୍ୟ । କେବଳ ଅଭୀପ୍ସା ରହିଲେହିଁ ନିର୍ଭରତା ଓ ଭରସା ଯେ ରହିପାରେ, ଏପରି କୌଣସି ବିଧାନ ନାହିଁ । ବରଂ ଯେତେବେଳେ ଜଡ଼ତାର ଚାପରେ ଅଭୀପ୍ସା ମଧ୍ୟ ରହିପାରେ ନାହିଁ ସେତେବେଳେ ବି ନିର୍ଭରତା, ଧୈର୍ଯ୍ୟ ଓ ଭରସା ରହିପାରେ । ଯେତେବେଳେ ଆସ୍ପୃହା ପ୍ରଚ୍ଛନ୍ନ ସେତେବେଳେ ଯଦି ବିଶ୍ୱାସ ଏବଂ ଧୈର୍ଯ୍ୟ ଚାଲିଯାଏ, ତାହାହେଲେ ବୁଝିବାକୁ ହେବ ଯେ ସାଧକ କେବଳ ନିଜର ଚେଷ୍ଟା ଉପରେ ନିର୍ଭର କରୁଛି ଏବଂ କହୁଛି, ''ହାୟ ! ମୋର ଆସ୍ପୃହା ଭାଙ୍ଗି ପଡ଼ିଛି, ମୋର ଆଉ ଆଶା ନାହିଁ, ତେବେ ମା' କ'ଣ କରିପାରିବେ ?'' ବରଂ ସାଧକକୁ ଅନୁଭବ କରିବାକୁ ହେବ, ''ଯାହାହେଉ ମୋର ଆସ୍ପୃହା ପୁଣି ବି ଫେରିଆସିବ । ଇତିମଧ୍ୟରେ ମୁଁ ଜାଣେ ଯେ ମା' ମୋ ସହିତ ରହିଛନ୍ତି, ମୁଁ ବୁଝି ନପାରିଲେ ସୁଦ୍ଧା ଘୋର ଅନ୍ଧକାର ସମୟରେ ବି ସେ ମୋତେ ଆଗେଇ ନେଇଯିବେ ।'' ତୁମକୁ ଏହି ପୂର୍ଣ୍ଣ ଯଥାର୍ଥଭାବ ରଖିବାକୁ ହେବ । ଯାହାର ଏହି ଭାବ ଅଛି ଅବସାଦ ତା'ର କୌଣସି କ୍ଷତି କରିପାରିବ ନାହିଁ; ଯଦି ଅବସାଦ ଆସେ ତେବେ ତାହା ବ୍ୟର୍ଥ ହୋଇ ଫେରିଯିବ । ଏହା ତାମସିକ ସମର୍ପଣ ନୁହେଁ । ତାମସିକ ସମର୍ପଣ ହେଲା ଯେବେ ସାଧକ କହେ, ''ମୁଁ କିଛି ବି କରିବି ନାହିଁ; ମା' ସବୁକିଛି କରନ୍ତୁ, ଏପରିକି ଅଭୀପ୍ସା, ପ୍ରତ୍ୟାଖ୍ୟାନ, ସମର୍ପଣ ଏସବୁର କିଛି ବି ପ୍ରୟୋଜନ ନାହିଁ । ମା' ଏହିସବୁ କରନ୍ତୁ ମୋ ଭିତରେ ।'' ଏହି ଦୁଇ ଭାବ ମଧ୍ୟରେ ଆକାଶ ପାତାଳ ପ୍ରଭେଦ । ଗୋଟିଏ

ହେଲା ନିଶ୍ଚେଷ୍ଟ ବ୍ୟକ୍ତିର ଭାବ ଯେ କିଛିମାତ୍ର କରିବାକୁ ଚାହେଁ ନାହିଁ, ଅନ୍ୟଟି ହେଲା ସାଧକର ଭାବ ଯେ ସର୍ବଦା ଯଥାସାଧ୍ୟ ଚେଷ୍ଟା କରେ, କେବଳ ଯେତେବେଳେ ପ୍ରତିକୂଳ ପରିବେଶର ଚାପରେ ବାଧ୍ୟ ହୋଇ ତାକୁ ଅଟକି ଯିବାକୁ ହୁଏ, ସେତେବେଳେ ମା'ଙ୍କର ଶକ୍ତି ଓ ସାନ୍ନିଧ୍ୟରେ ବିଶ୍ୱାସକୁ ସେ ଜାଗ୍ରତ୍ ରଖେ ଏବଂ ସେହି ବିଶ୍ୱାସ ବଳରେ ବିରୋଧିଶକ୍ତିଙ୍କୁ ପରାଭୂତ କରି ସାଧନର ଗତିକୁ ପୁନଃ ପ୍ରବର୍ତ୍ତିତ କରେ ।

୨୬.୧୦.୧୯୩୬

*

ଏକାଗ୍ର ଅଭିନିବିଷ୍ଟ ହୋଇ (ହୃଦୟରେ ହେଲେ ସବୁଠାରୁ ଭଲ) ମା'ଙ୍କର ଶକ୍ତି ଓ ସାନ୍ନିଧ୍ୟକୁ ଆବାହନ କରିବା ଛଡ଼ା ଏହି ଯୋଗରେ ଅନ୍ୟ କୌଣସି ପ୍ରଣାଳୀ ନାହିଁ—ଆବାହନ କରିବା ଏଇଥିପାଇଁ ଯେ ମା' ଆମର ସତ୍ତାକୁ ତୋଳିଧରି ତାଙ୍କ ଶକ୍ତି ବଳରେ ଆମର ଚେତନାକୁ ଦିବ୍ୟରୂପ ଦେବେ; ମସ୍ତକରେ ବା ଭ୍ରୂଯୁଗଳ ମଧ୍ୟରେ ବି ଅଭିନିବିଷ୍ଟ ହୋଇପାର, କିନ୍ତୁ ବହୁବ୍ୟକ୍ତିଙ୍କ ପକ୍ଷରେ ଏହି ଉନ୍ମୀଳନ ଖୁବ୍ କଠିନ । ମନ ଯେତେବେଳେ ନୀରବ ହୁଏ, ଯେତେବେଳେ ଏକାଗ୍ରତା ପ୍ରବଳ ହୋଇଉଠେ, ଆଉ ଆସ୍ପୃହାର ତୀବ୍ରତା ବଢ଼ିଯାଏ, ସେତେବେଳେ ଅନୁଭୂତିର ସୂତ୍ରପାତ ହୁଏ । ଶ୍ରଦ୍ଧା, ନିଷ୍ଠା ଯେତେ ବଢ଼ିବ ଦ୍ରୁତ ଫଳ ମିଳିବାର ସମ୍ଭାବନା ସେତିକି ଅଧିକ ହେବ । ଅସଲ କଥା ହେଲା, ସାଧକ କେବଳ ନିଜ ଚେଷ୍ଟା ଉପରେ ନିର୍ଭର କରିବ ନାହିଁ, ଭଗବାନଙ୍କ ସଙ୍ଗେ ଗୋଟିଏ ସଂଯୋଗ ସ୍ଥାପନ କରିବ, ମା'ଙ୍କ ଶକ୍ତି ଓ ସାନ୍ନିଧ୍ୟ ଆଡ଼କୁ ନିଜକୁ ଖୋଲି ଧରିବ ।

*

ତୁମ ସ୍ୱଭାବରେ କୌଣସି ଏକ ମୂଳ ଅଂଶରେ ଅହମିକା ଗୋଟିଏ ଦୃଢ଼ ରୂପ ଧାରଣ କରିଛି, ଯାହା ଫଳରେ ତୁମର ଆଧ୍ୟାତ୍ମିକ ଅଭୀପ୍ସା ମଧ୍ୟରେ ଆସି ଯାଇଛି ଗର୍ବ ଓ ଦୁରାକାଙ୍କ୍ଷାର ମିଶ୍ରଣ । ଏହି ରୂପଟି କେବେ ବି ରାଜି ହୋଇ ନାହିଁ ନିଜକୁ ଚୂର୍ଣ୍ଣବିଚୂର୍ଣ୍ଣ କରି ଗୋଟିଏ ଦିବ୍ୟତର ଓ ସତ୍ୟତର କିଛିକୁ ସ୍ଥାନ ଦେବାକୁ । ସୁତରାଂ ଯେତେବେଳେ ମା' ତୁମ ଉପରେ ତାଙ୍କ ଶକ୍ତିର ପ୍ରୟୋଗ କରିଛନ୍ତି ଅଥବା ଯେତେବେଳେ ତୁମେ ସେହି ଶକ୍ତିକୁ ନିଜ ଆଡ଼କୁ ଆକର୍ଷିତ କରିଛ, ସେତେବେଳେ ତୁମ ଭିତରେ ସେହି ବସ୍ତୁଟି ଦିବ୍ୟଶକ୍ତିକୁ ତାହାର ନିଜ ଧାରାରେ କାର୍ଯ୍ୟ କରିବାକୁ ଦେଇ ନାହିଁ । ତାହା ନିଜର ଧାରଣା ଅନୁସାରେ ଅହଂର ଦାବି ଅନୁଯାୟୀ ରଚନା ଆରମ୍ଭ କରିଛି; ତାହାର ନିଜ ରୀତିରେ ସୃଷ୍ଟି କରିବାକୁ, ନିଜର ଶକ୍ତିଦ୍ୱାରା ନିଜ ସାଧନକୁ, ନିଜ ତପସ୍ୟାକୁ ଗଢ଼ି ତୋଳିବାକୁ ଚେଷ୍ଟା କରୁଛି । ଏଠାରେ ଯଥାର୍ଥ ସମର୍ପଣ କୌଣସି ଦିନହିଁ ଆସି ନାହିଁ, କୌଣସି ଦିନ ଦିବ୍ୟଜନନୀଙ୍କ ହାତରେ ସରଳ ଓ ସିଧା ଭାବରେ ଛାଡ଼ିଦିଆଯାଇ ନାହିଁ । ଅଥଚ ଅତିମାନସ ଯୋଗର ସଫଳତା ନିମିତ୍ତ ଏହାହିଁ ହେଲା ଏକମାତ୍ର ଉପାୟ । ଯୋଗୀ, ସନ୍ନ୍ୟାସୀ, ତପସ୍ୱୀ ହେବା ଆମ ଯୋଗର ଲକ୍ଷ୍ୟ ନୁହେଁ, ଆମମାନଙ୍କର ଲକ୍ଷ୍ୟ ହେଲା ଦିବ୍ୟ-ରୂପାନ୍ତର, ଆଉ ସେହି ରୂପାନ୍ତର ସାଧିତ ହୋଇପାରେ ତୁମ ନିଜର ଶକ୍ତିଠାରୁ ବହୁତ ବଡ଼ ଶକ୍ତି ଦ୍ୱାରା; ମା'ଙ୍କ ହାତରେ ଯଥାର୍ଥ ଶିଶୁତୁଲ୍ୟ ନିଜକୁ ସମର୍ପଣ କରିବା ଦ୍ୱାରା ।

*

ଯଦି ତୁମେ ଚୈତ୍ୟ ନବଜନ୍ମକୁ ଅସ୍ୱୀକାର କର, ଯଦି ତୁମର ବୁଦ୍ଧିଗତ ଜ୍ଞାନ କିଂବା ମନର ଧାରଣାବଳୀ କିଂବା ପ୍ରାଣର ବାସନାରାଜି ପ୍ରତି ଆସକ୍ତି ଯୋଗୁଁ ତୁମେ ମା'ଙ୍କର ନବଜାତ ଶିଶୁ ହେବାକୁ ଚାହଁ ନାହିଁ, ତାହାହେଲେ ସାଧନାରେ ବିଫଳତା ଆସିବ ।

*

ସବୁକିଛି କରିବାକୁ ହେବ ମା'ଙ୍କ ଶକ୍ତିର କ୍ରିୟା ଦ୍ୱାରା ଆଉ ସେହି ଶକ୍ତିର ସହାୟରୂପେ ତୁମର ନିଜର ଅଭୀପ୍ସା, ଭକ୍ତି ଓ ସମର୍ପଣ ଦ୍ୱାରା ।

୩୦.୧୦.୧୯୩୪

*

ତେବେ ଆବଶ୍ୟକ ହେଲା ସମର୍ପଣର ସଂକଳ୍ପ । କିନ୍ତୁ ସେ ସମର୍ପଣ କରିବାକୁ ହେବ ମା'ଙ୍କ ପାଖେ, ଶକ୍ତି ପାଖରେ ବି ନୁହେଁ, ସ୍ୱୟଂ ମା'ଙ୍କ ଚରଣରେ ।

୪.୧୦.୧୯୩୬

(ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କ ପତ୍ରାବଳୀ, ପୃ. ୨୩ - ୩୫)

# ସମର୍ପଣ

## ଶ୍ରୀମା

*ପ୍ରଶ୍ନ : କୁହାହୋଇଛି ଯେ ଯୋଗପଥରେ ଅଗ୍ରସର ହେବାକୁ ହେଲେ ଭଗବାନଙ୍କୁ ସର୍ବସ୍ୱ ଅର୍ପଣ କରିବାକୁ ହେବ, ଏପରିକି କ୍ଷୁଦ୍ରାଦପି କ୍ଷୁଦ୍ର ଯାହାକିଛି ଆମର ଅଛି ବା ଆମେ ଯାହାକିଛି କରୁ । ଏହାର ପ୍ରକୃତ ଅର୍ଥ କ'ଣ ?*

ଶ୍ରୀମା : ଯୋଗର ଅର୍ଥ ଭଗବାନଙ୍କ ସହିତ ମିଳନ ଏବଂ ଏହି ମିଳନ ହୁଏ ସମର୍ପଣ ଦ୍ୱାରା— ଏହାର ଭିତ୍ତି ହେଲା ଭଗବାନଙ୍କ ଚରଣରେ ଆତ୍ମଦାନ । ଆରମ୍ଭରେ ତୁମେ ଏହି ସମର୍ପଣ ସାଧାରଣଭାବେ କର, ଯେପରିକି ଥରେ କହିଦେଲେ ସମର୍ପଣ ହୋଇଗଲା; ତୁମେ କହ ''ମୁଁ ଭଗବାନଙ୍କ ସେବକ, ମୋ ଜୀବନ ନିଃଶେଷରେ ଭଗବାନଙ୍କ ଚରଣରେ ଅର୍ପିତ, ମୋର ସମସ୍ତ ଚେଷ୍ଟା ଭାଗବତ ଜୀବନ ପ୍ରାପ୍ତି ସକାଶେ ।'' ଏହାହିଁ ପ୍ରଥମ ପଦକ୍ଷେପ, କିନ୍ତୁ ଏହା ଯଥେଷ୍ଟ ନୁହେଁ । ଯେତେବେଳେ ତୁମେ ସଂକଳ୍ପ ନେଇସାରିଛ ଓ ତୁମେ ସ୍ଥିର କରିସାରିଛ ଯେ ତୁମର ସମସ୍ତ ଜୀବନ ଭଗବାନଙ୍କୁ ଦେଇ ଦେବାକୁ, ସେତେବେଳେ ତୁମକୁ ପ୍ରତ୍ୟେକ ମୁହୂର୍ତ୍ତରେ ଏହାହିଁ ମନେ ରଖିବାକୁ ହେବ ଏବଂ ଜୀବନର ପ୍ରତ୍ୟେକଟି ଖୁଣ୍ଟିନାଣ୍ଟି ବସ୍ତୁରେ ସେହି ସଂକଳ୍ପକୁ ପୂର୍ଣ୍ଣ କରିବାକୁ ହେବ । ପ୍ରତିପଦରେ ଅନୁଭବ କରିବ ଯେ ତୁମେ ଭଗବାନଙ୍କର; ସକଳ କର୍ମ, ସକଳ ଭାବନାରେ ସର୍ବଦା ତୁମର ଏହି ଅନୁଭୂତି ରହିବା ଉଚିତ ଯେ ତୁମ ମଧ୍ୟଦେଇ ଭାଗବତ ଚେତନା କାର୍ଯ୍ୟ କରୁଛି । ତୁମର ନିଜସ୍ୱ ବୋଲି ଆଉ କିଛି ରହିବ ନାହିଁ । ତୁମେ ବୋଧ କରିବ ଯେ ତୁମର ସବୁକିଛି ଆସୁଛି ଭଗବାନଙ୍କଠାରୁ ଏବଂ ସେହି ସବୁକୁ ତାଙ୍କ ଚରଣରେ ପୁଣି ଅର୍ପଣ କରିବାକୁ ହେବ । ଯେତେବେଳେ ତୁମର ଏହି ଉପଲବ୍ଧି ହେବ, ସେତେବେଳେ ଅତି ସାମାନ୍ୟ ବସ୍ତୁ ପର୍ଯ୍ୟନ୍ତ ଯାହାକୁ ତୁମେ କେବେ ବି ଦୃଷ୍ଟି ଦେଇ ନ ଥିଲ ବା ଯତ୍ନ କରି ନ ଥିଲ, ତାହା ଆଉ ନିରର୍ଥକ ବା ସାମାନ୍ୟ ବୋଲି ମନେ ହେବ ନାହିଁ, ବରଂ ଗଭୀର ଅର୍ଥପୂର୍ଣ୍ଣ ବୋଧ ହେବ, ଏବଂ ତୁମ ସାମନାରେ ତାହା ଗୋଟାଏ ବିସ୍ତୃତ, ବିଶାଳ ଊର୍ଦ୍ଧ୍ୱତନ ଦିଗନ୍ତ ଖୋଲିଦେବ ।

ତୁମେ ସାଧାରଣଭାବେ ଯେଉଁ ସମର୍ପଣ କର ତାହାକୁ ପ୍ରତ୍ୟେକ ଛୋଟ ଛୋଟ କାର୍ଯ୍ୟରେ ସାର୍ଥକ କରିବାକୁ ହେଲେ ତୁମକୁ ଏହାହିଁ କରିବାକୁ ହେବ । ସର୍ବଦାହିଁ ଭଗବାନଙ୍କ ସାନ୍ନିଧ୍ୟରେ ବାସ କରିବ; ସବୁ ସମୟରେ ଏହି ଅନୁଭୂତି ମଧ୍ୟରେ ବାସ କରିବ ଯେ ତାଙ୍କ ଉପସ୍ଥିତି ତୁମକୁ ଚାଳିତ କରୁଛି ଏବଂ ତୁମେ ଯାହା କରୁଛ, ତାହା ସେ କରାଉଛନ୍ତି । ତୁମର ସକଳ ଗତିବୃତ୍ତିକୁ ସମର୍ପଣ କର, କେବଳ ମନର କ୍ରିୟା, ଭାବନା, ଅନୁଭୂତି ନୁହେଁ, ଏପରିକି ଭୋଜନ କରିବା ପରି ସାଧାରଣରୁ ଅତି ସାଧାରଣ ଏବଂ ବାହ୍ୟ କ୍ରିୟା ପର୍ଯ୍ୟନ୍ତ ବି; ଯେତେବେଳେ ତୁମେ ଭୋଜନ କର ସେତେବେଳେ ତୁମେ ଅନୁଭବ କରିବ ଯେ ତୁମ ମଧ୍ୟଦେଇ ଭଗବାନହିଁ ଭୋଜନ କରୁଛନ୍ତି । ଯେତେବେଳେ ତୁମେ ଏହି ଭାବରେ ତୁମର ସକଳ ଗତିବିଧିକୁ ସେହି ଏକ ପରମ ଜୀବନରେ ଏକତ୍ର କରିବାକୁ ସମର୍ଥ ହେବ, ସେତେବେଳେ ତୁମେ ଭେଦର ସ୍ଥାନରେ ଲାଭ କରିବ ଐକ୍ୟ । ସେତେବେଳେ ଆଉ ଏପରି ହେବ ନାହିଁ ଯେ ତୁମ ପ୍ରକୃତିର କେବଳ ଗୋଟାଏ ଅଂଶ ଭଗବାନଙ୍କୁ ଅର୍ପିତ ହୋଇଛି, ବାକୀ ସବୁ ଅଂଶ ସାଧାରଣଭାବେ ସାଧାରଣ ବସ୍ତୁରେ ଆବଦ୍ଧ ରହିଛି, ବରଂ ସେତେବେଳେ ସମଗ୍ର ଜୀବନହିଁ ନିବେଦିତ ହୋଇଛି ଏବଂ ତୁମର ସମଗ୍ର ସତ୍ତାରେ ଏକ ସର୍ବାଙ୍ଗୀଣ ରୂପାନ୍ତର ଧୀରେ ଧୀରେ ସାଧିତ ହେଉଛି ।

ପୂର୍ଣ୍ଣଯୋଗରେ ସମଗ୍ର ଜୀବନର ରୂପାନ୍ତର ସାଧିତ ହେବ; ଏପରିକି ଅତି କ୍ଷୁଦ୍ର ଖୁଣ୍ଟିନାଣ୍ଟି ବିଷୟ ପର୍ଯ୍ୟନ୍ତ; ସେସବୁକୁ ଦିବ୍ୟରୂପ ଦେବାକୁ ହେବ । ଏଠାରେ ଏପରି କିଛି ନାହିଁ ଯାହା ନିରର୍ଥକ, ଉପେକ୍ଷଣୀୟ । ତୁମେ ଏପରି କହିପାରିବ ନାହିଁ ଯେ ''ମୁଁ ଯେତେବେଳେ ଧ୍ୟାନ କରୁଛି ବା ଦର୍ଶନଶାସ୍ତ୍ର ପଢୁଛି ଏବଂ ଏହିସବୁ ଦାର୍ଶନିକ ବିଷୟ ଶୁଣୁଛି, ସେତେବେଳେ ମୁଁ ଦିବ୍ୟଜ୍ୟୋତିଃ ଆଡ଼କୁ ନିଜକୁ ଖୋଲିଧରି ପାରିବି ବା ଦିବ୍ୟ ଆହ୍ୱାନର ଉତ୍ତର ଦେଇପାରିବି, କିନ୍ତୁ ଯେତେବେଳେ ମୁଁ ବନ୍ଧୁମାନଙ୍କ ସଙ୍ଗେ ସାକ୍ଷାତ୍ କରିବି ବା ବୁଲିବାକୁ ଯିବି, ମୁଁ ଏହିସବୁ ଭୁଲିଯାଇ ପାରିବି ।'' ତୁମେ ଯଦି ଏହି ଭାବ ରଖ ତେବେ ତୁମର ରୂପାନ୍ତର ହେବ ନାହିଁ । ତୁମେ ସର୍ବଦା ଦୁଇଭାଗ ହୋଇ ରହିବ, ଖୁବ୍ ବେଶୀ ହେଲେ ସେହି ମହତ୍ତର ଜୀବନର କେବଳ ଗୋଟିଏ କ୍ଷୀଣ ଆଭାସ ପାଇବ । କାରଣ ଧ୍ୟାନ

ସମୟରେ ତୁମ ଆନ୍ତର ଚେତନାରେ କେତେକ ସୂକ୍ଷ୍ମ ଅନୁଭୂତି ଓ ଉପଲବ୍ଧି ଆସିଲେ ସୁଦ୍ଧା ତୁମ ଶରୀର ଓ ବାହ୍ୟ ଜୀବନ ରୂପାନ୍ତରିତ ହେବ ନାହିଁ । ଯେଉଁ ଆନ୍ତର ଦୀପ୍ତି ଶରୀର ଏବଂ ବାହ୍ୟ ଜୀବନକୁ ସ୍ପର୍ଶ କରେ ନାହିଁ, ତାହାର କୌଣସି ବିଶେଷ ମୂଲ୍ୟ ନାହିଁ; କାରଣ ଏହାଦ୍ୱାରା ଜଗତ୍ ଯେପରି ଥାଏ ସେହିପରି ରହିଯାଏ । ଏହି ଅବସ୍ଥା ଆଜିପର୍ଯ୍ୟନ୍ତ ବରାବର ଘଟୁଛି । ଏପରିକି ଯେଉଁମାନେ ଗୋଟାଏ ଅତି ମହାନ୍ ଓ ଶକ୍ତିଶାଳୀ ଅନୁଭୂତି ପାଇଥିଲେ ସେମାନେ ବି ଏହି ସଂସାରକୁ ବର୍ଜନ କରି ଅନ୍ତରର ନୀରବ, ଅଚଞ୍ଚଳ ଶାନ୍ତିରେ ଅବିକ୍ଷୁବ୍ଧ-ଭାବେ ବାସ କରିବାକୁ ଚାଲିଯାଇଥିଲେ; ପୃଥିବୀକୁ ତାହାର ନିଜ ମାର୍ଗରେ ଚାଲିବାକୁ ଛାଡ଼ି ଦେଇଥିଲେ । ଦୁଃଖ-ତାପ, ମୃତ୍ୟୁ ଓ ଅଜ୍ଞାନତା ଅବାଧରେ ପୂର୍ବ ପରି ପୃଥିବୀ ଉପରେ ରାଜତ୍ୱ କରୁଛନ୍ତି । ଏହିପରି ଯେଉଁମାନେ ନିଜକୁ ଅପସାରି ନିଅନ୍ତି, ସେମାନେ ସଂସାରର ଏହି ଆଶାନ୍ତି ଓ ଦୁଃଖକଷ୍ଟ ମଧ୍ୟରୁ ପଳାଇଯାଇ ଅନ୍ୟତ୍ର ଗୋଟିଏ ସୁଖକର ଅବସ୍ଥା ଖୋଜି ବାହାର କରନ୍ତି, ଏହା ସେମାନଙ୍କୁ ସୁଖକର ବୋଧ ହୋଇପାରେ, କିନ୍ତୁ ସେମାନେ ସଂସାର ଓ ଜୀବନକୁ ଅପରିବର୍ତ୍ତିତ ଓ ଅସଂଶୋଧିତ ରୂପେ ଛାଡ଼ିଯା'ନ୍ତି; ଏବଂ ସେମାନଙ୍କର ବାହ୍ୟ ଚେତନା ଯେପରି ଅରୂପାନ୍ତରିତ ଓ ଅସଂସ୍କୃତ ଥାଏ ସେହିପରି ରହିଯାଏ । ଏହି ସଂସାରକୁ ସେମାନେ ଫେରିଆସିଲେ, ସେମାନଙ୍କର ଅବସ୍ଥା ସାଧାରଣ ଲୋକଙ୍କଠାରୁ ବି ଅଧିକ ଖରାପ ହୁଏ, କାରଣ ସେମାନେ ଜଡ଼ବସ୍ତୁ ଉପରେ ପ୍ରଭୁତ୍ୱ ହରାଇଥା'ନ୍ତି; ଏବଂ ଭୌତିକ ଜୀବନ ସଙ୍ଗେ ସେମାନଙ୍କର ବ୍ୟବହାର ଓ ସଂପର୍କର ଧାରା ବିଶୃଙ୍ଖଳ ଓ ଅସହାୟ ହୋଇ ପଡ଼ିଥାଏ ଏବଂ ଭୌତିକ ଶକ୍ତିର ଦୟା ଉପରେ ସେମାନଙ୍କୁ ନିର୍ଭର କରିବାକୁ ପଡ଼େ ।

ଏହି ପ୍ରକାର ଆଦର୍ଶ ଯେଉଁମାନେ ଚାହାନ୍ତି ସେମାନଙ୍କ ସକାଶେ ତାହା ଭଲ ହୋଇପାରେ, କିନ୍ତୁ ଏହା ଆମମାନଙ୍କ ଯୋଗ ନୁହେଁ । କାରଣ ଆମେମାନେ ପୃଥିବୀ ଏବଂ ତାହାର ସକଳ ଗତିବୃତ୍ତି ଉପରେ ଭଗବାନଙ୍କ ବିଜୟ ଓ ପ୍ରତିଷ୍ଠା ଚାହୁଁଛୁ । କିନ୍ତୁ ଆମେ ଯଦି ପୃଥିବୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା କରିବାକୁ ଚାହୁଁ, ତେବେ ଭଗବାନଙ୍କ ଚରଣରେ ସବୁକିଛି ସମର୍ପଣ କରିବାକୁ ହେବ, ଯାହାକିଛି ଆମର ଅଛି, ଆମେ ନିଜେ ଯାହା ଏବଂ ଯାହାକିଛି ଆମେ କରୁ । ଏପରି ଭାବିଲେ ଚଳିବ ନାହିଁ ଯେ କୌଣସି ବସ୍ତୁ ନିରର୍ଥକ ବା ବାହ୍ୟ ଜୀବନ ଓ ତାହାର ପ୍ରୟୋଜନୀୟ ବସ୍ତୁସବୁ ଦିବ୍ୟଜୀବନର ଅଙ୍ଗ ନୁହେଁ । ଯଦି ଆମେ ଏପରି ଭାବୁ ତେବେ ଯେଉଁଠାରେ ଥିଲୁ ସେହିଠାରେହିଁ ପଡ଼ିରହିବୁ, ବାହ୍ୟ ଜଗତ୍ ଉପରେ ବିଜୟ ହେବ ନାହିଁ; ଏଠାରେ କିଛି ବି ସ୍ଥାୟିରୂପେ କରାଯାଇ ପାରିବ ନାହିଁ ।

*ପ୍ରଶ୍ନ : ବହୁତ ସମୟରେ କାର୍ଯ୍ୟର ଆରମ୍ଭରେ ଏହି କଥା ମନେ ରହେ; କିନ୍ତୁ କାର୍ଯ୍ୟରେ ମନ ଲିପ୍ତ ହୋଇଗଲେ ଏହା ବିସ୍ମରଣ ହୋଇଯାଏ । ତେବେ କିପରି ସ୍ମରଣ ରଖିବାକୁ ହେବ ?*

ଶ୍ରୀମା : ଯେଉଁ ଅବସ୍ଥା ତୁମର ଲକ୍ଷ୍ୟ, ଯାହା ଯୋଗର ସାର୍ଥକତା, ଯାହା ଚରମ କାମ୍ୟ ଓ ପରମ ସିଦ୍ଧି, ଯାହା ସକାଶେ ବାକୀ ସମସ୍ତ ପ୍ରସ୍ତୁତି ମାତ୍ର, ତାହା ଏପରି ଗୋଟିଏ ଚେତନା, ଯେଉଁଥିରେ ଭଗବାନଙ୍କୁ ଛାଡ଼ି କିଛିହିଁ କରାଯାଇପାରେ ନାହିଁ; କାରଣ ଭଗବାନଙ୍କ ଛଡ଼ା ତୁମ କର୍ମର ମୂଳ ଉତ୍ସ ରହେ ନାହିଁ, ଜ୍ଞାନ, ଶକ୍ତି ସବୁକିଛି ଚାଲିଯାଏ । ଯେପର୍ଯ୍ୟନ୍ତ ତୁମେ ତୁମର ନିଜ ଶକ୍ତିରେ କାର୍ଯ୍ୟ କରୁଛ ବୋଲି ଅନୁଭବ କର, ସେତେବେଳେ ଭଗବାନଙ୍କ ସାହାଯ୍ୟ ଥିବା ସତ୍ତ୍ୱେ ତୁମେ ବୁଝିପାର ନାହିଁ ।

ଯୋଗର ପ୍ରାରମ୍ଭରେ ଅଧିକାଂଶ ସମୟରେ ଭଗବାନଙ୍କୁ ଭୁଲିଯିବା ଖୁବ୍‌ହିଁ ସମ୍ଭବ । କିନ୍ତୁ ନିରନ୍ତର ଅଭୀପ୍ସା ଫଳରେ ତୁମର ସ୍ମରଣ ବଢ଼ିଯିବ ଓ ବିସ୍ମରଣ କମିଯିବ । କିନ୍ତୁ ଏହା ଜୋର କରି ବା କଠୋର ନିୟମ ବା କର୍ତ୍ତବ୍ୟରୂପେ କଲେ ହେବ ନାହିଁ; ଏହା ପ୍ରେମ ଓ ଆନନ୍ଦରେ କରିବାକୁ ହେବ । ବହୁତ ଶୀଘ୍ର ଗୋଟାଏ ଅବସ୍ଥା ଆସିବ ଯେଉଁଥିରେ ଭଗବାନଙ୍କ ଉପସ୍ଥିତି ଅନୁଭବ ନ କଲେ ଏକୁଟିଆ ବୋଧ ହେବ, ଭଲ ଲାଗିବ ନାହିଁ ଓ କଷ୍ଟବୋଧ ହେବ ।

ଯେତେବେଳେ ତୁମେ ଭଗବତ୍ ସାନ୍ନିଧ୍ୟ ବିନା କୌଣସି କାର୍ଯ୍ୟ କରିପାର, ତଥାପି କଷ୍ଟ ବୋଧ କର ନାହିଁ, ସେତେବେଳେ ତୁମେ ଜାଣିବ ଯେ ତୁମର ସେହି ଅଂଶଟି ଭଗବାନଙ୍କୁ ସମର୍ପିତ ହୋଇ ନାହିଁ । ଏହାହିଁ ସାଧାରଣ ମନୁଷ୍ୟର ମତିଗତି ଯେଉଁମାନେ ଭଗବାନଙ୍କର ପ୍ରୟୋଜନ ବୋଧ କରନ୍ତି ନାହିଁ । କିନ୍ତୁ ଦିବ୍ୟଜୀବନ ସନ୍ଧାନୀର କଥା ଏକେବାରେ ଭିନ୍ନ । ତୁମେ ଯେବେ ଭଗବାନଙ୍କ ସଙ୍ଗେ ଅଖଣ୍ଡ ଏକତ୍ୱ ପ୍ରାପ୍ତ କରିଛ, ସେତେବେଳେ ଯଦି ସେ ଏକ ମୁହୂର୍ତ୍ତ ସକାଶେ ତୁମଠାରୁ ବିଛିନ୍ନ ହୋଇଯା'ନ୍ତି, ତେବେ ତୁମେ ଆଉ ବଞ୍ଚିପାରିବ ନାହିଁ; କାରଣ ଭଗବାନ୍ ସେତେବେଳେ ତୁମ ଜୀବନର ଜୀବନ, ତୁମର ସମଗ୍ର ସତ୍ତା, ତୁମର ଏକମାତ୍ର ଏବଂ ପୂର୍ଣ୍ଣ ଆଶ୍ରୟ । ଯଦି ଭଗବାନ୍ ତୁମ ପାଖରେ ନାହାନ୍ତି, ତେବେ କିଛି ବି ରହିବ ନାହିଁ ।

( *ମାତୃବାଣୀ*, ପ୍ରଥମ ଭାଗ, ପୃ. ୩୭-୪୦, ୪୨-୪୩ ) ✤

# ମୃତ୍ୟୁ ଉପରେ ପ୍ରଶ୍ନୋତ୍ତର

## (ଆଶ୍ରମ ସ୍କୁଲରେ ମା'ଙ୍କ କାମର କିଛି ଦୃଷ୍ଟାନ୍ତ)

[୧୯୬୮ରେ ଆଶ୍ରମ ସ୍କୁଲର ପୁନର୍ସଂଗଠନ ପାଇଁ କିଛି ଉଦ୍ୟମ ହେଲାବେଳେ ମା' କହିଥିଲେ ଯେ ଛାତ୍ରମାନେ ତାଙ୍କୁ ଆଗ୍ରହଜନକ ଯେକୌଣସି ପ୍ରଶ୍ନ ପଚାରିଲେ ସେ ତା'ର ଉତ୍ତର ଦେବେ । ମା' ଏଥିପାଇଁ ଏକ ବିଷୟବସ୍ତୁ ବାଛିଥିଲେ 'ମୃତ୍ୟୁ' । ବ୍ୟକ୍ତିଗତ ଭାବେ ଜଣେ ଜଣେ ଛାତ୍ର ଏ ସଂପର୍କରେ ପଚାରିଥିବା ପ୍ରଶ୍ନକୁ ଏକାଠି କରି ମା'ଙ୍କୁ ଦିଆଯାଉଥିଲା । ମାଙ୍କ ସଙ୍ଗରେ 'ମୃତ୍ୟୁ' ଉପରେ ଏକ ଅଧ୍ୟୟନରେ ଭାଗ ନେବା ପାଇଁ ଅନୁମତି ପ୍ରାର୍ଥନା କରି ଛାତ୍ରମାନେ ମା'ଙ୍କୁ ତାହା ଲେଖି ଜଣାଇଥିଲେ । ଜଣେ ଶିକ୍ଷକଙ୍କୁ ମୌଖିକ ଭାବରେ ମା' ଦେଇଥିବା ଉତ୍ତର ନିମ୍ନରେ ପ୍ରଦତ୍ତ ହେଲା ।]

ଶ୍ରୀମା : ବିଷୟ ବସ୍ତୁ ହେଉଛି : 'ମୃତ୍ୟୁ' କ'ଣ ?

କେଉଁ ଭାବରେ ଆରମ୍ଭ କରାଯିବ ? ତୁମେ ନିଜ ଭିତରକୁ ଦେଖ, ନିଜ ଭିତରେ ଏହାର ଉତ୍ତର ଖୋଜ; ବହି ପଢ଼ି ଏ ସଂପର୍କରେ ଜାଣିବାକୁ ବା ମନ ଓ ପ୍ରାଣରେ କ'ଣ ଘଟୁଛି ତା ଜାଣିବାକୁ ଚେଷ୍ଟା କର ନାହିଁ : ମୃତ୍ୟୁ ସଂପର୍କରେ ତୁମେ ନିଜେ କ'ଣ ଭାବୁଛ, ନିଜେ କ'ଣ ଅନୁଭବ କରୁଛ, ତାହାହିଁ ପ୍ରଧାନ କଥା ।

ଏ ସଂପର୍କରେ ସମସ୍ତ ଗବେଷଣା ପୂରାପୂରି ଭୌତିକ ସ୍ତରରେହିଁ ହେବା ଉଚିତ : ଦୈହିକ ଦୃଷ୍ଟିକୋଣରୁ ମୃତ୍ୟୁ କ'ଣ ?

ତୁମକୁ ଏକାଗ୍ର ହେବାକୁ ହେବ ଏବଂ ନିଜ ଭିତରେହିଁ ତାହାର ଉତ୍ତର ପାଇବାକୁ ହେବ । ଏ ସମ୍ପର୍କରେ କୌଣସି ଭାଷଣ ଦିଅ ନାହିଁ. କେବଳ ଗୋଟିଏ ବାକ୍ୟ କୁହ । ତୁମେ ଯେତେ ଅଧିକ ବୁଦ୍ଧିମାନ୍ ହେବ, ନିଜକୁ ପ୍ରକାଶ କରିବା ପାଇଁ ତୁମର ସେତିକି କମ୍ ଶବ୍ଦର ଆବଶ୍ୟକତା ରହିବ ।

*୨୭ ଅପ୍ରେଲ ୧୯୬୮*

(*'ସ୍ଥୂଳ, ଦୈହିକ ଦୃଷ୍ଟିକୋଣରୁ ମୃତ୍ୟୁ କ'ଣ ?'* ଏହି ପ୍ରଶ୍ନ ଉପରେ ଛାତ୍ରମାନେ ନିମ୍ନୋକ୍ତ ଉତ୍ତରଗୁଡ଼ିକ ଦେଇଥିଲେ) :

*''ମସ୍ତିଷ୍କର କୋଷାଣୁଗୁଡ଼ିକରେ ରକ୍ତ ସଂଚାଳନ ପୂରାପୂରି ବନ୍ଦ ହୋଇଯାଏ ।''*

*''ଯେତେବେଳେ ମସ୍ତିଷ୍କର କ୍ରିୟା ବନ୍ଦ ହୋଇଯାଏ ଏବଂ ଶରୀର ପଚିବାକୁ ଆରମ୍ଭ କରେ, ତାହାହିଁ ମୃତ୍ୟୁ ।''*

*''ଶକ୍ତିର ମୂଳ ଉତ୍ସ ବା ଅନ୍ତରାତ୍ମାର ଅନୁପସ୍ଥିତି ହେତୁ ଯେତେବେଳେ ଶରୀରର ସମସ୍ତ କ୍ରିୟା ବନ୍ଦ ହୋଇଯାଏ ।''*

*''ମୃତ୍ୟୁର ବାସ୍ତବ ଘଟଣା କଥା ଭାବିଲେ ମୋର ମନକୁ ଯେଉଁ ଅନୁଭୂତିର ବିଚାର ଆସେ ତା'ହେଉଛି ବୃଦ୍ଧି ପାଇଥିବା ଅଧିକ ଶକ୍ତି ସହ ବ୍ୟକ୍ତି ମହାଶୂନ୍ୟକୁ ପ୍ରକ୍ଷେପିତ ହୋଇଯାଏ ।''*

*(ମା' ଏହି ଶ୍ରେଣୀର ଛାତ୍ରମାନଙ୍କୁ ଲେଖିଲେ :)*

ମୁଁ ଆଗ୍ରହର ସହିତ ତୁମ ପଠାଇଥିବା ଉତ୍ତରଗୁଡ଼ିକ ପଢ଼ିଲି, ଏବଂ ମୋର ଉତ୍ତର ହେଉଛି :

''ସ୍ଥୂଳ ଦେହକୁ ଗଠନ କରିଥିବା କୋଷାଣୁଗୁଡ଼ିକର ବିକେନ୍ଦ୍ରୀକରଣ ଓ ଛିନ୍ନଛତ୍ର ହୋଇଯିବାହିଁ ମୃତ୍ୟୁ ।

ଚେତନା, ତା'ର ନିଜ ସ୍ୱଭାବରେ ହେଉଛି ଅମର, ଏବଂ ଭୌତିକ ଜଗତରେ ଅଭିବ୍ୟକ୍ତ ହେବା ପାଇଁ ଏହା ଊଣାଧିକେ ତିଷ୍ଠି ରହିବା ଭଳି ଏକ ଭୌତିକ ରୂପ ଧାରଣ କରିଥାଏ ।

ଭୌତିକ ଉପାଦାନ ରୂପାନ୍ତରର ମାର୍ଗରେହିଁ ରହିଥାଏ, ଯେପରିକି ଏହା ଏକ ବହୁ ରୂପ ସଂପନ୍ନ ତଥା ଅଧିକରୁ ଅଧିକ ପୂର୍ଣ୍ଣ ଏବଂ ସ୍ଥାୟୀ ଆକାର ଗ୍ରହଣ କରିପାରିବ ।

୧୮ ମେ ୧୯୬୮

*

*(ଏଥରକ ମା' ପ୍ରଶ୍ନଗୁଡ଼ିକର ଅଲଗା ଉତ୍ତର ଦେଇ ଶିକ୍ଷକଙ୍କ ପାଖକୁ ପଠାଇଥିଲେ ।)*

ଏହିଗୁଡ଼ିକହିଁ ତୁମ ଛାତ୍ରମାନଙ୍କ ପ୍ରଶ୍ନର ଉତ୍ତର । ମୁଁ ଆଶା କରୁଛି ସେମାନେ ଏହା ବୁଝି ପାରିବେ ।

*ପ୍ରଶ୍ନ : ଯଦି ଏକ କୋଷାଣୁ ନିଜର ବ୍ୟକ୍ତିତ୍ୱ ସଂପର୍କରେ ସଚେତ ହୁଏ, ତେବେ ସାମୂହିକ ହିତ ପ୍ରତି ଦୃଷ୍ଟି ନ ଦେଇ ଏହା କେବଳ ନିଜର ଆତ୍ମ-ସ୍ୱାର୍ଥ ପାଇଁ କାମ କରିବାର ଆଶଙ୍କା ନାହିଁ କି ?*

ଶ୍ରୀମା : ଏକ କୋଷାଣୁର ଆତ୍ମ-ସ୍ୱାର୍ଥ କ'ଣ !

*

*ପ୍ରଶ୍ନ : ବିକେନ୍ଦ୍ରୀକରଣ କ'ଣ ଗୋଟିଏ ଥରରେ ହୋଇଯାଏ ନା ଧାପ ଧାପ ମାତ୍ରାରେ ହୋଇଥାଏ ?*

ଶ୍ରୀମା : ସବୁକିଛି ହଠାତ୍ ଗୋଟିଏ ସମୟରେ ଛିନ୍ନଛତ୍ର ହୋଇଯାଏ ନାହିଁ, ଏଥିପାଇଁ ଦୀର୍ଘ ସମୟ ଲାଗେ ।

ଦୈହିକ ସତ୍ତାର କେନ୍ଦ୍ରୀୟ ସଂକଳ୍ପ ସବୁଗୁଡ଼ିକ କୋଷାଣୁକୁ ଏକତ୍ରିତ କରି ଧରିରଖିବା ପାଇଁ ନିଜର ଇଚ୍ଛାକୁ ପରିତ୍ୟାଗ କରିଦେଇଥାଏ । ତାହାହିଁ ପ୍ରଥମେ ଘଟେ । କୌଣସି ନା କୌଣସି କାରଣରୁ ଏହା ବିଲୁପ୍ତିଟିକୁ ଗ୍ରହଣ କରିନିଏ । ଏଥିପାଇଁ ସବୁଠୁ ଶକ୍ତିଶାଳୀ କାରଣ ହେଉଛି ଏପରି ଏକ ଅସମଞ୍ଜସତାର ଭାବ ଯାହାକୁ ଆଉ ସୁଧାରି ହେବ ନାହିଁ, ଅନ୍ୟ କାରଣଟି ହେଉଛି ସମନ୍ୱୟ ଓ ସୁସମଞ୍ଜସତା ରକ୍ଷା କରିବା ଦିଗରେ ଉଦ୍ୟମକୁ ଚଳାଇ ରଖିବା ପାଇଁ ଏକ ଧରଣର ବିତୃଷ୍ଣା ବା ବିରକ୍ତି । ପ୍ରକୃତରେ ଏଥିପାଇଁ ଅସଂଖ୍ୟ କାରଣମାନ ରହିଛି କିନ୍ତୁ ଏକ ଭୟଙ୍କର ଦୁର୍ଘଟଣା ନ ଘଟିଲେ ସର୍ବୋପରି ଏହି ସଂଗତି ରକ୍ଷା କରିବାର ଇଚ୍ଛା କୌଣସି ନା କୌଣସି କାରଣରୁ ବା କୌଣସି କାରଣ ନ ଥାଇ ଚାଲିଯାଏ । ମୃତ୍ୟୁ ପୂର୍ବରୁ ଏହାହିଁ ଅନିବାର୍ଯ୍ୟ ଭାବରେ ଘଟିଥାଏ ।

*ପ୍ରଶ୍ନ : କ'ଣ ପ୍ରତ୍ୟେକଟି କୋଷାଣୁକୁ କେନ୍ଦ୍ର ସହିତ ନିଜର ଐକ୍ୟ ସଂପର୍କରେ ସଚେତ ହୋଇ ରହିବାକୁ ହେବ ?*

ଶ୍ରୀମା : କଥାଟି ସେପରି ନୁହେଁ, ତଥାପି ଏହା ଏକ ଅର୍ଦ୍ଧ-ସାମୂହିକ ଚେତନା ହୋଇ ରହିଛି, ଏହା କୋଷାଣୁଗୁଡ଼ିକର ବ୍ୟକ୍ତିଗତ ଚେତନା ନୁହେଁ ।

*

*ପ୍ରଶ୍ନ : ଏହି ବିକେନ୍ଦ୍ରୀକରଣଟି କ'ଣ ମୃତ୍ୟୁ ପରେ ଘଟିଥାଏ ନା ତା' ପୂର୍ବରୁ ଆରମ୍ଭ ହୋଇଯାଇଥାଏ ?*

ଶ୍ରୀମା : ଅନେକ ସମୟରେ ତାହା ମୃତ୍ୟୁ ପୂର୍ବରୁ ଆରମ୍ଭ ହୋଇଥାଏ ।

*ପ୍ରଶ୍ନ : ଦେହର କୋଷାଣୁଗୁଡ଼ିକ କ'ଣ ଦେହ ବାହାରେ ଶୂନ୍ୟରେ ଛିନ୍ନଛତ୍ର ହୋଇ ଯାଆନ୍ତି ନା ତାହା ଶରୀର ଭିତରେହିଁ ହୋଇଥାଏ ? ଯଦି ସେଗୁଡ଼ିକ ଶୂନ୍ୟରେହିଁ ଛିନ୍ନଛତ୍ର ହୋଇ ଯାଆନ୍ତି ତେବେ ସେହି କୋଷାଣୁଗୁଡ଼ିକ ସହିତ ଶରୀର ମଧ୍ୟ ଅନ୍ତର୍ଦ୍ଧାନ ହୋଇ ଯାଆନ୍ତା ?*

ଶ୍ରୀମା : ସ୍ୱାଭାବିକ ଭାବରେ ଶରୀର ମଧ୍ୟ ବିଲୁପ୍ତ ହୋଇଯାଏ, କିନ୍ତୁ ସେଥିପାଇଁ ଦୀର୍ଘ ସମୟ ଲାଗେ ।

*

*ପ୍ରଶ୍ନ : ଏହି ଯେଉଁ ଦେହକୋଷାଣୁଗୁଡ଼ିକ ଛିନ୍ନଛତ୍ର ହୋଇଯିବା କଥା କୁହାଯାଇଛି, ଏହି ଛିନ୍ନଛତ୍ର ଶବ୍ଦର ଏକ ବିଶେଷ ଅର୍ଥ ନାହିଁ କି ? ଯଦି ଥାଏ ତେବେ ତାହା କ'ଣ ?*

ଶ୍ରୀମା : ମୁଁ ଖୁବ୍ ନିର୍ଦ୍ଦିଷ୍ଟ ଅର୍ଥରେ କୋଷାଣୁର ଛିନ୍ନଛତ୍ର ହୋଇଯିବା ଶବ୍ଦଟି ବ୍ୟବହାର କରିଥିଲି ।

ଯେତେବେଳେ ଶରୀରକୁ ଗଠନ କରି ଧରି ରଖୁଥିବା ଚେତନାର ଏକାଗ୍ରତାରେ ସମାପ୍ତି ଘଟେ ଓ ଶରୀରର ବିଲୋପ ଘଟେ, ଦେହର ଯେଉଁସବୁ କୋଷାଣୁଗୁଡ଼ିକ ବିଶେଷ ଭାବରେ ବିକଶିତ ହୋଇଥାଆନ୍ତି ଏବଂ ସେମାନଙ୍କ ଭିତରେ ରହିଥିବା ଦିବ୍ୟ-ଉପସ୍ଥିତି ସଂପର୍କରେ ସଚେତ ହୋଇଥାଆନ୍ତି ସେଗୁଡ଼ିକ ଇତସ୍ତତଃ ଖେଳାଇ ହୋଇ ଯାଆନ୍ତି ଓ ଅନ୍ୟାନ୍ୟ ସଂଗଠନରେ ପ୍ରବେଶ କରନ୍ତି ଯେଉଁଥିରେ ସେମାନେ ନିଜ ସଂସର୍ଗ ଦ୍ୱାରା, ସେହି ଦିବ୍ୟ-ଉପସ୍ଥିତିକୁ ଜାଗ୍ରତ୍ କରନ୍ତି ଯାହା ସେମାନଙ୍କର ପ୍ରତ୍ୟେକଙ୍କର ରହିଥିଲା । ଏବଂ ଏହିପରି ଭାବରେ, ଏକାଗ୍ର ସଂଗଠନ, ବିକାଶ ଓ ଛିନ୍ନଭିନ୍ନ ହୋଇଯିବାର ପ୍ରକ୍ରିୟା ଦ୍ୱାରାହିଁ ସମସ୍ତ ଜଡ଼ର ବିବର୍ତ୍ତନ ହୁଏ ଏବଂ ସଂସର୍ଗଲାଭ ଫଳରେ ତାହା ବିକଶିତ ହୁଏ ଓ ସେହି ସଂସର୍ଗ ଦ୍ୱାରାହିଁ ଅନୁଭୂତି ଲାଭକରେ ।

ସ୍ୱାଭାବିକ ଭାବରେ ଶରୀର ସଙ୍ଗରେହିଁ କୋଷାଣୁଗୁଡ଼ିକର ବିଲୁପ୍ତି ହୁଏ । କୋଷାଣୁଗୁଡ଼ିକର ଚେତନାହିଁ ଅନ୍ୟାନ୍ୟ ସଂଗଠନ-ସମଷ୍ଟିରେ ପ୍ରବେଶ କରନ୍ତି ।

୫ ଜୁନ୍ ୧୯୬୮

*

*ପ୍ରଶ୍ନ : ଯେତେବେଳେ ଦୈହିକ ସତ୍ତାର ସଂକଳ୍ପ ବା ଇଚ୍ଛାଶକ୍ତି ବିନା କାରଣରେ ନିଜର ସେହି ବଂଚିବାର ସଂକଳ୍ପକୁ ଛାଡ଼ିଦିଏ ସେତେବେଳେ ତାହା କ'ଣ କୌଣସି ଦୈହିକ କାରଣରୁ ହୋଇଥାଏ ନା ଆଦୌ କୌଣସି କାରଣ ନ ଥାଇ ସେପରି ହୋଇଥାଏ ?*

ଶ୍ରୀମା : ଦୈହିକ ଚେତନା କେବଳ ସ୍ଥୂଳ ଦୈହିକ ଭାବରେହିଁ ସଚେତ ହୋଇଥାଏ । ଦୈହିକ ସତ୍ତାର ଇଚ୍ଛାଶକ୍ତି

ନିଜେ ସଚେତ ଥିବା କୌଣସି କାରଣ ବିନା ବି ନିଜର ବଞ୍ଚିବାର ସଂକଳ୍ପ ପରିତ୍ୟାଗ କରିଦେଇପାରେ ।

*ପ୍ରଶ୍ନ : ସମନ୍ୱୟ ବା ସୁସଂଗତି ଓ ସୁସମଞ୍ଜସ ସ୍ଥାପନ ପାଇଁ ପ୍ରଚେଷ୍ଟାକୁ ଚଳାଇ ରଖିବା ଲାଗି ଦୈହିକ ସତ୍ତାର ବିରକ୍ତି ଆସିବାର କାରଣ କ'ଣ ?*

ଶ୍ରୀମା : ସାଧାରଣତଃ ଏହି ବିରକ୍ତି ଆସିଥାଏ ଯେତେବେଳେ ସତ୍ତାର ଗୋଟିଏ ଅଂଶ (ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ପ୍ରାଣିକ ବା ମାନସିକ) ଅଗ୍ରଗତି କରିବା ପାଇଁ ପୂରାପୂରି ଅସ୍ୱୀକାର କରେ । ଏବଂ ଦୈହିକ ଭାବରେ ଏହା ପ୍ରକାଶ ପାଏ ସମୟ ସହିତ ଆସୁଥିବା କ୍ଷୟ ଓ ଅବନତି ବିରୋଧରେ ଉଦ୍ୟମ କରିବା ପାଇଁ ଅସ୍ୱୀକାର ରୂପରେ ।

*ପ୍ରଶ୍ନ : ଦୈହିକ ସତ୍ତାର କେନ୍ଦ୍ରୀୟ ସଂକଳ୍ପ ଏବଂ ଦେହର କୋଷାଣୁଗୁଡ଼ିକ ଭିତରେ ସଂଯୋଗ କେଉଁଠି ହୁଏ ? ଏବଂ କିପରି ?*

ଶ୍ରୀମା : ଦେହରେ ଥିବା କୋଷାଣୁଗୁଡ଼ିକର ଏକ ଆନ୍ତର ଗଠନ ବା ନିର୍ମାଣ ରହିଛି ଯାହା ବିଶ୍ୱର ଗଠନ ସହିତ ମେଳ ଖାଏ । ସେଇଥିପାଇଁ ସମରୂପ ବାହ୍ୟ ଓ ଆନ୍ତର ଅବସ୍ଥା ଭିତରେ ଏକ ସଂଯୋଗ ସ୍ଥାପିତ ହୁଏ ... ଏହା ଠିକ୍ 'ବାହ୍ୟ' ନୁହେଁ କିନ୍ତୁ ବ୍ୟକ୍ତି ପାଇଁ ଏହା ବାହ୍ୟ । ଅର୍ଥାତ୍ ଦେହର କୋଷାଣୁଗୁଡ଼ିକ ସେମାନଙ୍କର ଆଭ୍ୟନ୍ତରୀଣ ଗଠନରେ ସମଗ୍ରର ଅନୁରୂପ ଗଠନର ଅବସ୍ଥାରୁ ସ୍ପନ୍ଦନ ଗ୍ରହଣ କରନ୍ତି । ପ୍ରତ୍ୟେକଟି କୋଷାଣୁ ଭିନ୍ନ ଭିନ୍ନ ଦୀପ୍ତି ନେଇ ଗଠିତ ହୋଇଥାଏ ଯାହାର ରହିଥାଏ ଏକ ପୂର୍ଣ୍ଣ ଜ୍ୟୋତିର୍ମୟ କେନ୍ଦ୍ର; ଏବଂ ଜ୍ୟୋତିଃ ସହିତ ଜ୍ୟୋତିଃର ସଂଯୋଗ ସ୍ଥାପିତ ହୋଇଥାଏ । ଅର୍ଥାତ୍ ସଂକଳ୍ପ-ଶକ୍ତି ସେହି କେନ୍ଦ୍ରୀୟ ଜ୍ୟୋତିଃ ତାହାର ଅନୁରୂପ ବା ତାହା ସହ ମେଳ ଥିବା ଜ୍ୟୋତିଃକୁ ସ୍ପର୍ଶ କରି ସତ୍ତା ସହିତ ଆନ୍ତର ସଂଯୋଗ ଦ୍ୱାରା ଦେହର କୋଷାଣୁଗୁଡ଼ିକ ଉପରେ କ୍ରିୟା କରେ । ପିଣ୍ଡର ପ୍ରତ୍ୟେକଟି କୋଷାଣୁ ହେଉଛି ବ୍ରହ୍ମାଣ୍ଡ ବା ସମଗ୍ର ସହ ମେଳ ଖାଉଥିବା ଗୋଟିଏ ଗୋଟିଏ କ୍ଷୁଦ୍ର ଜଗତ୍ ।

୧୫ ଜୁଲାଇ ୧୯୬୮

*

*ପ୍ରଶ୍ନ : ସମୟ ସହିତ ଆସୁଥିବା ଅବକ୍ଷୟକୁ ରୋକିବା ପାଇଁ ଅଗ୍ରଗତିର ସଂକଳ୍ପ କ'ଣ ଯଥେଷ୍ଟ ?*

ଶ୍ରୀମା : ଠିକ୍ ତାହାହିଁ ହେଉଛି ଶରୀରର ରୂପାନ୍ତର : ଦେହର କୋଷାଣୁଗୁଡ଼ିକ କେବଳ ଯେ ସଚେତ ହେବେ, ଖାଲି ସେତିକି ନୁହେଁ, ଯଥାର୍ଥ ଚେତନା-ଶକ୍ତି ପ୍ରତି ସେମାନଙ୍କୁ ଗ୍ରହଣଶୀଳ ହେବାକୁ ହେବ । ଅର୍ଥାତ୍, ଏହି ଉଚ୍ଚତର ଚେତନାକୁ କ୍ରିୟା କରିବା ପାଇଁ ସେମାନଙ୍କୁ ସମ୍ମତି ଦେବାକୁ ହେବ । ତାହାହିଁ ହେଉଛି ରୂପାନ୍ତରର କ୍ରିୟା ।

*ପ୍ରଶ୍ନ : ଏହି ସଂକଳ୍ପଶକ୍ତି, ଏହି କେନ୍ଦ୍ରୀୟ ଜ୍ୟୋତିଃ, ଯାହା ଜଡ଼ ଭୌତିକ ନୁହେଁ, ତାହା କିପରି ଦେହର କୋଷାଣୁଗୁଡ଼ିକର ସ୍ଥୂଳ ଜଡ଼ ଉପରେ କ୍ରିୟା କରିବ ?*

ଶ୍ରୀମା : ଏହା ଯେପରି ଏକ ପ୍ରଶ୍ନ ପଚାରିବା ଭଳି ଯେ ''ସଂକଳ୍ପଶକ୍ତି ଜଡ଼ ପଦାର୍ଥ ଉପରେ କିପରି କ୍ରିୟା କରିବ ?'' ସମସ୍ତ ଜୀବନ ଏହିପରିହିଁ ହୋଇଥାଏ । ତୁମେ ଏହି ପିଲାମାନଙ୍କୁ ଏହା ବ୍ୟାଖ୍ୟା କରି ବୁଝାଇ ଦେବା ଉଚିତ ଯେ ସେମାନଙ୍କର ସମସ୍ତ ଜୀବନ ଓ ଅସ୍ତିତ୍ୱ ହେଉଛି ସଂକଳ୍ପ-ଶକ୍ତିର କ୍ରିୟାର ଫଳ, ଏହି ସଂକଳ୍ପ-ଶକ୍ତି ବିନା ଜଡ଼ ପୂରା ନିଷ୍କ୍ରିୟ ଓ ଅଚଳ ହୋଇ ରହିଥାଆନ୍ତା, ଏବଂ ନିର୍ଦ୍ଦିଷ୍ଟ ଭାବରେ ସତ୍ୟଟି ହେଉଛି ସଂକଳ୍ପ-ଶକ୍ତିର ସ୍ପନ୍ଦନ ଜଡ଼ ଉପରେ କ୍ରିୟା କରିବା ଫଳରେହିଁ ଜୀବନ ସମ୍ଭବ ହୋଇଛି । ତା' ନ ହେଲେ ଆଦୌ କୌଣସି ଜୀବନ ରହି ନ ଥା'ନ୍ତା । ସେମାନେ ଯଦି ଏକ ବୈଜ୍ଞାନିକ ଉତ୍ତର ଚାହାନ୍ତି ଓ ଜାଣିବାକୁ ଚାହାନ୍ତି କିପରି ଭାବରେ ଏହା କ୍ରିୟା କରେ ତେବେ ତାହା ବୁଝାଇବା ଅଧିକ କଷ୍ଟକର, କିନ୍ତୁ ଏହାହିଁ ହେଉଛି ତଥ୍ୟ ଏବଂ ଏହାର ସତ୍ୟ ପ୍ରତିମୁହୂର୍ତ୍ତରେ ଦେଖିବାକୁ ମିଳେ ।

୨୦ ଜୁଲାଇ ୧୯୬୮

*

*ପ୍ରଶ୍ନ : ଦୈହିକ ସତ୍ତା ସଂପର୍କରେ ଆମେ କିପରି ସଚେତ ହେଉ ?*

ଶ୍ରୀମା : ମାନବସମାଜ, ପ୍ରାୟ ସମଗ୍ର ମାନବସମାଜ କେବଳ ଏହି ଦୈହିକ ସତ୍ତା ସଂପର୍କରେହିଁ ସଚେତ । ଶିକ୍ଷା ଫଳରେ, ଯେଉଁ ଲୋକମାନେ ନିଜର ପ୍ରାଣିକ ଓ ମାନସିକ ସତ୍ତା ସଂପର୍କରେ ସଚେତ, ସେମାନଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଆଉ ଯେଉଁବ୍ୟକ୍ତିମାନେ ନିଜର ଚୈତ୍ୟସତ୍ତା ସଂପର୍କରେ ସଚେତ, ସେମାନଙ୍କର ସଂଖ୍ୟା ଅପେକ୍ଷାକୃତ ଅତି କମ୍ ।

ତୁମେ ଯଦି ଏହି ଅର୍ଥରେ ପଚାରୁଥାଅ ଯେ ''ଜଣେ କିପରି ଦୈହିକ ସତ୍ତାର ଚେତନାକୁ ଜାଗ୍ରତ୍ କରେ ?'' ତେବେ ତାହାହିଁ ହେଉଛି ନିର୍ଦ୍ଦିଷ୍ଟ ଭାବରେ ଶାରୀରିକ ଶିକ୍ଷାର ଲକ୍ଷ୍ୟ ।

ଶାରୀରିକ ଶିକ୍ଷାହିଁ ଦେହର କୋଷାଣୁଗୁଡ଼ିକୁ ସଚେତ ହେବା ପାଇଁ ଶିକ୍ଷା ଦିଏ । କିନ୍ତୁ ମସ୍ତିଷ୍କର ବିକାଶ ପାଇଁ ଆବଶ୍ୟକ ହେଉଛି ଅଧ୍ୟୟନ, ପର୍ଯ୍ୟବେକ୍ଷଣ, ବୁଦ୍ଧିମତ୍ତା ଶିକ୍ଷା, ସର୍ବୋପରି ପର୍ଯ୍ୟବେକ୍ଷଣ ଓ ଯୁକ୍ତିବୁଦ୍ଧି । ଏବଂ ସ୍ୱାଭାବିକ ଭାବରେ ସ୍ୱଭାବ ଓ ଚରିତ୍ରର ଦୃଷ୍ଟିକୋଣରୁ ଚେତନାର ସମଗ୍ର ଶିକ୍ଷା ପାଇଁ ଆବଶ୍ୟକ ହେଉଛି ଯୋଗ ।

*ପ୍ରଶ୍ନ : ଦୈହିକ ସତ୍ତାର କେନ୍ଦ୍ରୀୟ ସଂକଳ୍ପ ପାଇଁ ଶରୀରରେ କୌଣସି ଏକ ବିଶେଷ ସ୍ଥାନ ଅଛି କି ?*

ଶ୍ରୀମା : ଏହା ହେଉଛି ମସ୍ତିଷ୍କ ।

*ପ୍ରଶ୍ନ : ମରିବା ବିନା ଜଣେ କ'ଣ ମୃତ୍ୟୁର ଅନୁଭୂତି ପାଇ ପାରିବ ?*

ଶ୍ରୀମା : ନିଶ୍ଚୟ । ଜଣେ ଯୋଗ ଦ୍ୱାରା ମୃତ୍ୟୁର ଅନୁଭୂତି ପାଇପାରେ; ଏପରିକି ଜଣେ ଏହା ପୂରା ସ୍ଥୂଳ ଭୌତିକ ଭାବରେ ପାଇପାରେ ଯଦି ସେହି ସମୟ ଯଥେଷ୍ଟ ସଂକ୍ଷିପ୍ତ ହୋଇଥାଏ, ଯାହା ଫଳରେ ଡାକ୍ତରମାନେ ତୁମକୁ ମୃତ ବୋଲି ଘୋଷଣା କରିବାକୁ ସମୟ ପାଇବେ ନାହିଁ ।

*ପ୍ରଶ୍ନ : ମୃତ୍ୟୁ ପରେ, ସତ୍ତାର କେଉଁ ଅଂଶଟି ସଚେତ ହୁଏ ସେ ମୃତ ବୋଲି ?*

ଶ୍ରୀମା : ସତ୍ତାର ଯେକୌଣସି ଅଂଶ ଯାହାର ମୃତ୍ୟୁ ହୋଇ ନ ଥାଏ ତାହା ସଚେତ ହୋଇପାରେ ଯେ ଶରୀର ଆଉ ଜୀବିତ ହୋଇ ରହି ନାହିଁ । ଏହା ନିର୍ଭର କରେ ।

*ପ୍ରଶ୍ନ : ଜଣେ କିପରି ନିଶ୍ଚିତ ଭାବରେ କହିପାରେ ଯେ ଦୈହିକ ଶରୀରର ମୃତ୍ୟୁ ଘଟିଛି ?*

ଶ୍ରୀମା : ଯେତେବେଳେ କେବଳ ଏହା ପଚିବାକୁ ଆରମ୍ଭ କରେ ।

*ପ୍ରଶ୍ନ : ଜଣେ କିପରି କ୍ଷୟର ପ୍ରକ୍ରିୟାକୁ ରୋକି ପାରିବ ବା ଆୟତ୍ତ କରିପାରିବ ?*

ଶ୍ରୀମା : ଯତ୍ନର ସହିତ ଶାରୀରିକ ଭାରସାମ୍ୟକୁ ବଜାୟ ରଖିବା ଦ୍ୱାରା ।

*ପ୍ରଶ୍ନ : ଜଣେ ଯେତେବେଳେ ମୃତ୍ୟୁ ଭୋଗ କରେ ସେତେବେଳେ ସେ କ'ଣ ନିଶ୍ଚିତ ଭାବରେ ଦୈହିକ ଯନ୍ତ୍ରଣା ଭୋଗ କରେ ?*

ଶ୍ରୀମା : ତାହା ଅପରିହାର୍ଯ୍ୟ ନୁହେଁ ।

୨୮ ସେପ୍ଟେମ୍ବର ୧୯୬୮

*

*ପ୍ରଶ୍ନ : ମୃତ୍ୟୁର ପ୍ରକ୍ରିୟାକୁ ରୋକିବା ପାଇଁ ଆମ ଦୈନନ୍ଦିନ ଜୀବନରେ କ'ଣ କରିବା ଉଚିତ ?*

ଶ୍ରୀମା : ପଦ୍ଧତିଟି ହେଉଛି ଶରୀରରୁ ନିଜର ଚେତନାକୁ ପୃଥକ୍ କରିବା ଏବଂ ଗଭୀରତର ଜୀବନ ଉପରେ ଏହାକୁ ଏକାଗ୍ର କରିବା, ଯାହାଫଳରେ ଏହି ଗଭୀର ଚେତନାକୁ ଶରୀର ଭିତରକୁ ନେଇଆଣି ହେବ ।

*ପ୍ରଶ୍ନ : ଯଦି 'ମୁଁ'ବୋଧଟି ନିଜକୁ ଜୀବନରେ ମନ ସହିତ ଅଧିକ ଏକାତ୍ମ କରିଥାଏ, ଏହା କ'ଣ ସେହି 'ମୁଁ' ବୋଧ ଯାହାର କି ମୃତ୍ୟୁ ପର ସମସ୍ତ ଅନୁଭୂତି ହୋଇଥାଏ, ଅର୍ଥାତ୍, ତାହା ସେହି ଏକ ସମୟରେ ଜୀବନର ସ୍ମୃତିକୁ ବଜାୟ ରଖିଥାଏ ? ମୁଁ ମନ ସଂପର୍କରେ ଏହି ପ୍ରଶ୍ନଟି ପଚାରୁଛି, କାରଣ ମୃତ୍ୟୁ ପରେ ଅନ୍ୟାନ୍ୟ ଅଂଶ ଅପେକ୍ଷା ଏହା ଆଉ ଟିକେ ଅଧିକ କାଳ ପାଇଁ ସଂଗଠିତ ହୋଇ ରହିଥାଏ ।*

ଶ୍ରୀମା : ମନ ଯେ ଅଧିକ କାଳ ସ୍ଥାୟୀ ରୁହେ, ଏହା ସତ୍ୟ ନୁହେଁ । ଚୈତ୍ୟ-ଚେତନା ଯାହା ଶରୀରର କ୍ଷୁଦ୍ର ଅଂଶ ସହ ନିଜକୁ ଏକ କରିଥାଏ, ମୃତ୍ୟୁ କାଳରେ ତାହା ଏହି କ୍ଷୁଦ୍ର ଦୈହିକ ବ୍ୟକ୍ତିସତ୍ତାଟିକୁ ତ୍ୟାଗ କରିଦିଏ । ଏହି ଚେତନା ଯେଭଳି ଭାବରେ ଜୀବନକୁ ଯେତେଦୂର ଗଠିତ କରିଥାଏ, ସେହି ଅନୁପାତରେ ତାହା ସ୍ମରଣ ରଖିଥାଏ ଯେ ସେ କ'ଣ ଓ କିପରି ଭାବରେ ତାହାକୁ ଗଠନ କରିଛି, ଏବଂ ଘଟଣାଗୁଡ଼ିକରେ ସେହି ସ୍ମୃତି ଚୈତ୍ୟ-ଚେତନା ସହ ଘନିଷ୍ଠ ଭାବରେ ଯୁକ୍ତହୋଇ ରହିଥାଏ । ଯେଉଁସବୁ ଘଟଣାରେ ଚୈତ୍ୟ ଚେତନା ଭାଗ ନେଇ ନ ଥାଏ, ସେଗୁଡ଼ିକ ସଂପର୍କରେ କୌଣସି ସ୍ମରଣ ରହେ ନାହିଁ । କେବଳ ଚୈତ୍ୟ ଚେତନାହିଁ ବଜାୟ ରହିଚାଲେ; ସ୍ମୃତିଗୁଡ଼ିକୁ ମନ ଧରି ରଖିପାରେ ନାହିଁ, ଏହି ଧାରଣା ପୂରାପୂରି ଭୁଲ୍ ।

୧ ଫେବ୍ରୁଆରି ୧୯୬୯

*(କିଛିଦିନ ପରେ ଏହି ଛାତ୍ରଟି ସଂପର୍କରେ ଶିକ୍ଷକଙ୍କ ସହ କଥାବାର୍ତ୍ତା ବେଳେ ମା' ଏହି ଆଲୋଚନାର ଉପସଂହାର ରୂପେ କହିଥିଲେ :)*

**ବାସ୍ତବରେ ମୃତ୍ୟୁ ବୋଲି କିଛି ନାହିଁ ।**

(MCW, Vol. 12, pp. 340 - 346)

# ଏକ ପତ୍ର ଓ ଉତ୍ତର

[ଆମେରିକାର ଯୁଦ୍ଧକାଳୀନ ରାଷ୍ଟ୍ରପତି ଉଇଲସନଙ୍କର କନ୍ୟା କୁମାରୀ ମାର୍ଗାରେଟ୍ ଉଇଲସନ୍ ୧୯୩୨ ମସିହାରେ ନିଉୟର୍କ ସହରର ଏକ ସର୍ବସାଧାରଣ ପାଠାଗାରରେ ଶ୍ରୀଅରବିନ୍ଦଙ୍କ ଗୀତା ନିବନ୍ଧମାଳା ପୁସ୍ତକ ପାଠକରି ଆଧ୍ୟାତ୍ମିକତା ଦୃଷ୍ଟିରୁ ଅତି ଗଭୀରଭାବେ ପ୍ରଭାବିତ ହୋଇଥିଲେ । ମାର୍ଚ୍ଚ ୩, ୧୯୩୬ରେ ସେ ଶ୍ରୀଅରବିନ୍ଦଙ୍କୁ ଏକ ପତ୍ର ଲେଖି ନିଜ ସାଧନାରେ ଶ୍ରୀଅରବିନ୍ଦଙ୍କ ସହାୟତା ଲୋଡ଼ିଥିଲେ ଓ ଆଶ୍ରମକୁ ଆସି ତାଙ୍କର ଶିଷ୍ୟାଭାବେ ରହିପାରିବାର ସମ୍ଭାବନା ବିଷୟରେ ମଧ୍ୟ ପଚାରିଥିଲେ । ଶ୍ରୀଅରବିନ୍ଦ ୭ ସେପ୍ଟେମ୍ବର ୧୯୩୬ରେ ତାଙ୍କ ପତ୍ରର ଉତ୍ତର ପଠାଇଥିଲେ । ୧୯୩୮ରେ ତାଙ୍କୁ ଆଶ୍ରମରେ ରହିବାକୁ ଅନୁମତି ମିଳିଥିଲା । ଶ୍ରୀଅରବିନ୍ଦ ତାଙ୍କ ନାମ 'ନିଷ୍ଠା' ରଖିଥିଲେ । ଅସୁସ୍ଥତା ଯୋଗୁଁ ସେ ୧୯୪୮ରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ଏଠାରେ ପ୍ରଥମେ ତାଙ୍କର ପତ୍ର ଏବଂ ତା'ପରେ ଶ୍ରୀଅରବିନ୍ଦଙ୍କର ଉତ୍ତର ପ୍ରଦତ୍ତ ହେଲା ।]

ହୋଟେଲ ସେମୋର<br>
୫୦ ପଶ୍ଚିମ ୪୫ତମ ରାସ୍ତା<br>
ନିଉୟର୍କ<br>
ମାର୍ଚ୍ଚ ୩, ୧୯୩୬

ପ୍ରିୟ ଶ୍ରୀଅରବିନ୍ଦ,

୧୯୩୨ ମସିହାର ଗ୍ରୀଷ୍ମକାଳରେ ଯେବେ ମୁଁ ପ୍ରଥମେ ଆପଣଙ୍କର ଗୀତା-ନିବନ୍ଧମାଳାକୁ ଆବିଷ୍କାର କଲି ଓ ପାଠ କଲି ସେହି ଦିନଠାରୁ ତାହା ମୋ ପାଇଁ ସାହାଯ୍ୟ ଓ ପ୍ରେରଣାର ଉତ୍ସଭାବେ କାର୍ଯ୍ୟ କରିଆସିଛି । ଏବେ ମୁଁ ଆପଣଙ୍କର ପ୍ରତ୍ୟକ୍ଷ ସାହାଯ୍ୟ ଓ ପ୍ରେରଣା ପାଇବା ପାଇଁ ବିନୀତଭାବେ ପ୍ରାର୍ଥନା କରି ଏ ପତ୍ର ଲେଖୁଛି । ଏ ଦେଶରେ ମୁଁ ଏପରି କାହାରିକୁ ହେଲେ ଜାଣି ନାହିଁ ଯାହାଙ୍କଠାରୁ ଦୃଢ଼ ଭରସାର ସହିତ ମୁଁ କିଛି ଆଶା କରିବି, କାରଣ କେହି ଜଣେ ହେଲେ ଦିବ୍ୟଜ୍ଞାନାଲୋକ ପ୍ରତ୍ୟକ୍ଷ କରିଥିବା ଅଥବା ଆଂଶିକଭାବେ ସିଦ୍ଧିଲାଭ କରିଥିବା ବ୍ୟକ୍ତିଙ୍କୁ ମୁଁ ଜାଣି ନାହିଁ । ଯେତେବେଳେ ମୁଁ କୌଣସି ଧାର୍ମିକ ଗୋଷ୍ଠୀ ଅଥବା କେନ୍ଦ୍ରରେ ଯୋଗଦେବା ପାଇଁ ଆଗ୍ରହୀ ହୁଏ ଏପରିକି ରାମକୃଷ୍ଣ କେନ୍ଦ୍ରରେ ଯୋଗଦେବାକୁ ଇଚ୍ଛା କରେ, ସେତେବେଳେ ମୁଁ ପଛେଇଯାଏ, କାରଣ ସେସବୁର ନିୟମ ଓ ଶୃଙ୍ଖଳା ମୋ ଜୀବନ ପ୍ରତି ଅପରିହାର୍ଯ୍ୟ ହୋଇଉଠିବ ଓ ଆତ୍ମାର ସ୍ୱଚ୍ଛନ୍ଦତା ଉପରେ ନିୟନ୍ତ୍ରଣ ଜାହିର କରିବ; ତାହାର ସ୍ୱତନ୍ତ୍ରତା ପାଇଁ ସହାୟକ ହେବା ପରିବର୍ତ୍ତେ ସେ ଜାହିର କରି ବସିବ । ଏବେ ଅଳ୍ପଦିନ ପାଇଁ ଆପଣଙ୍କ ଆଶ୍ରମ ସମ୍ପର୍କୀୟ ଏକ କ୍ଷୁଦ୍ର ପୁସ୍ତିକା ମୋ'ଠାରେ ଅଛି, ଏବଂ ମୁଁ ଆଶା କରିବାକୁ ସାହସ କରୁଛି ଯେ ଆପଣ ମୋତେ ଏପରି କିଛି ଯୋଗ-ଶୃଙ୍ଖଳା ବିଷୟରେ ସୂଚନା ଦେବେ ଯାହାକୁ ମୁଁ ମୁକ୍ତ ଓ ସ୍ୱଚ୍ଛନ୍ଦଭାବେ ନିଜ ଉପରେ ପ୍ରୟୋଗ କରିପାରିବି ଯାହା ଫଳରେ ପ୍ରଥମେ ମୋ ମଧ୍ୟରେ ଥିବା ଅହଂ ଚେତନାରୁ, ସବୁ ଜୀବମାନଙ୍କ ମଧ୍ୟରେ ଥିବା ଅହଂଚେତନାରୁ ମୁଁ ମୁକ୍ତ ହୋଇପାରିବି, ଏବଂ ପରିଶେଷରେ ମୋ ଅନ୍ତରସ୍ଥ ପ୍ରଭୁ ଯେବେ ସମ୍ମତି ଦେବେ ସେତେବେଳେ ସେହି ପ୍ରଭୁଙ୍କ ସହିତ ଶେଷ ମିଳନର ଅନୁଭୂତି ପ୍ରାପ୍ତ କରିବି ଯେ'କି ସ୍ୱୟଂ ଲୋକୋତ୍ତର ପୁରୁଷୋତ୍ତମ । ମୁଁ ଏକଥା ଜାଣିଛି ଯେ ଏହା ସମ୍ଭବ ହେବା ପୂର୍ବରୁ ପଥ ଦୀର୍ଘ ଓ କଷ୍ଟକର ହେବ, କିନ୍ତୁ ମୁଁ ଏଥିରେ ପ୍ରବେଶ କରିବାକୁ ଚାହେଁ ଏବଂ ପଥ ମଧ୍ୟରେ ପ୍ରାପ୍ତ ଚୈତ୍ୟିକ ସମୃଦ୍ଧି ଓ ଶକ୍ତିର ଉପଭୋଗ ପାଇଁ ଅଟକି ନ ଯାଇ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଯେତେଦୂର ସମ୍ଭବ ସଳଖ ପଥରେ ଓ ଶୀଘ୍ର ଶୀଘ୍ର ଯିବାକୁ ଚାହେଁ । କିନ୍ତୁ ଏହା ମଧ୍ୟ ଚାହେଁ ଯେପରି ଯାତ୍ରା ପଥରେ 'ଭଗବତ୍ କାର୍ଯ୍ୟ ପାଇଁ' ଏକ ସଚେତନ ଯନ୍ତ୍ର ହୁଏ ।

ଗୋଟିଏ ଭୟଙ୍କର ରିକ୍ତତା ମୋତେ ଗ୍ରାସ କରିଛି । ସେ ବିଷୟରେ ମୁଁ ଏବେ ସଚେତନ । ମୁଁ ମଧ୍ୟ ଏବିଷୟରେ ସଚେତନ ଯେ ମୋର ପ୍ରତ୍ୟେକ ବାକ୍ୟ ଓ କର୍ମ ତୁଚ୍ଛ, କାରଣ ସେସବୁ ଅନ୍ତର ମଧ୍ୟରୁ ଆତ୍ମା ଦ୍ୱାରା ଅଭିପ୍ରେତ ନୁହେଁ । ମୋର ଦୃଢ଼ ବିଶ୍ୱାସ ହୋଇଛି ଯେ ମୋର କ୍ଷୁଦ୍ର ଅହଂ-ଆତ୍ମା ଦ୍ୱାରା ଯେ କିଛି ହୋଇପାରିବ ସେପରି ଭ୍ରମ ଧାରଣା ଆଉ କେବେ କରିବି ନାହିଁ, ଯାହାକି କେବଳ ଉଚ୍ଚତର ଆତ୍ମାର ପରିଚାଳନାରେ ସମ୍ଭବ । ଏ ପରିସ୍ଥିତିରେ ମୁଁ ଜଣେ ପଥହରା

ନାବିକ ଯେ କି ପରିଚିତ ତଟଭୂମିକୁ ଛାଡ଼ି ଆସିଛି କିନ୍ତୁ ସେ ଯେଉଁ ଉପକୂଳକୁ ଯିବାକୁ ଚାହେଁ ସେଠାକୁ ଯିବାର ବାଟ ଜାଣିପାରୁ ନାହିଁ କାରଣ ତା' ପାଖରେ ଦିକ୍ ପରିଦର୍ଶନ ଯନ୍ତ୍ର ନାହିଁ ।

ମୁଁ ଶୁଣିଛି ଯେ ''ଶିଷ୍ୟ ପ୍ରସ୍ତୁତ ହୋଇଗଲେ ଗୁରୁ ମିଳି ଯା'ନ୍ତି'' । ମୁଁ ପ୍ରସ୍ତୁତ ହେଲିଣି କି ନାହିଁ, ବା ମୁଁ ଆପଣଙ୍କ ନିର୍ଦ୍ଦେଶ ମାନି ଚଳିପାରିବା ପାଇଁ ସକ୍ଷମ କି ନୁହେଁ ସେ ବିଷୟ ମୁଁ ଜାଣେ ନାହିଁ । କିନ୍ତୁ ମୁଁ ସର୍ବାନ୍ତଃକରଣରେ ଆଶା କରୁଛି ଯେ ସର୍ବୋତ୍ତମଙ୍କ ସହିତ ସଚେତନ ଐକ୍ୟ ପ୍ରାପ୍ତ କରିବାର ଲକ୍ଷ୍ୟରେ ପ୍ରଚେଷ୍ଟା କରିବାରେ କିଛି ମୂଲ୍ୟ ଅଛି ଓ ତାହା ମୋ ଅନ୍ତରର ଦୃଢ଼ ଆଶା । ଏ ବିଷୟ ଆପଣଙ୍କୁ କହିଲା ବେଳେ ମୁଁ ଯଥାର୍ଥରେ ଆନ୍ତରିକତାର ସହିତ କହୁଛି । ତେଣୁ ହେ ମୋର ପ୍ରିୟ ପ୍ରଭୁ, ମୁଁ ଆପଣଙ୍କୁ ପ୍ରାର୍ଥନା କରୁଛି ମୋତେ ପଥ ଦେଖାଇ ଦିଅନ୍ତୁ ଏବଂ ମୁଁ ନିଶ୍ଚୟ ନିର୍ଭୟରେ ତାକୁ ମାନି ଚଳିବାକୁ ଚେଷ୍ଟା କରିବି, କାରଣ ମୁଁ ଜାଣିଛି ଯେ ମୋର ନିଜ ଉଚ୍ଚତର ଚେତନା, ଯାହା ବିଷୟରେ ମୁଁ ଏପର୍ଯ୍ୟନ୍ତ ସଚେତନ ନୁହେଁ, ଆପଣ ହେଉଛନ୍ତି 'ତାହାରି ପ୍ରତିନିଧି' । ଯଦି ସିଦ୍ଧି ପାଇଁ ମୋର ଆକାଂକ୍ଷା ସେପରି ଗଭୀର ଓ ଆନ୍ତରିକ ନୁହେଁ ଯେପରି ତାହା ହୋଇଥିବ ବୋଲି ମୁଁ ଭାବୁଛି, ତେବେ ଦୟାକରି ତାହାକୁ ଗଭୀରତର କରାନ୍ତୁ । ସେଥିପାଇଁ ମୋତେ କଷ୍ଟ ଭୋଗିବାକୁ ପଡ଼ିଲେ ମଧ୍ୟ ମୁଁ ତାକୁ କେବେହେଲେ ହରାଇ ବସିବାକୁ ଚାହେଁ ନାହିଁ ।

ମୁଁ ଶୁଣିଛି ଯେ ଆପଣଙ୍କର ଏପରି ଅନେକ ଶିଷ୍ୟ ଅଛନ୍ତି ଯେଉଁମାନେ ଆଶ୍ରମରେ ରହନ୍ତି ନାହିଁ । ଆପଣ କ'ଣ ଆଶ୍ରମରେ ଶିଷ୍ୟମାନଙ୍କୁ ଗ୍ରହଣ କରନ୍ତି ? ଯଦି କେବେ ସବୁକିଛି ଛାଡ଼ିବାକୁ ଓ ଆଶ୍ରମରେ ଆସି ରହିବାକୁ ମୋତେ ଆପଣ ନିର୍ଦ୍ଦେଶ ଦିଅନ୍ତି ତେବେ ମୁଁ ତାହା ନିଶ୍ଚୟ ପାଳନ କରିବି, ଭଗବାନ୍ ମୋର ସହାୟ ହେବେ ।

ମୁଁ ଆପଣଙ୍କ ଉତ୍ତରକୁ ବିନମ୍ରଭାବେ ଅପେକ୍ଷା କରୁଛି ।

ଆପଣ ମୋ ପାଇଁ ଯାହା କଲେଣି ସେଥିପାଇଁ ମୁଁ ଅନ୍ତରର ସହିତ ଧନ୍ୟବାଦ ଜଣାଉଛି ।

ଆନ୍ତରିକତା ସହ,
ଆପଣଙ୍କର
ମାର୍ଗାରେଟ ଉଡ୍‌ରୋ ଉଇଲସନ୍
(*ଶ୍ରୀଅରବିନ୍ଦ ସର୍କଲ୍*,
୪୯ତମ ସଂଖ୍ୟା ୧୯୯୩ରୁ ଅନୂଦିତ)

**ଶ୍ରୀଅରବିନ୍ଦଙ୍କ ଉତ୍ତର**

ପଣ୍ଡିଚେରୀ
ସେପ୍‌ଟେମ୍ବର ୭, ୧୯୩୬

ପ୍ରାପ୍ତେଷୁ :
ମାର୍ଗାରେଟ୍ ଉଡ୍‌ରୋ ଉଇଲସନ୍,

ବାସ୍ତବରେ ଆଧ୍ୟାତ୍ମିକ ସତ୍ୟ ଓ ଆଧ୍ୟାତ୍ମିକ ଜୀବନ ପାଇଁ ଆସ୍ପୃହା କରିବାର ପ୍ରଥମ କାରଣ ହେଲା ଭଗବାନଙ୍କୁ ପ୍ରାପ୍ତ କରିବା; ଏହି ଜିନିଷଟି ଅନିବାର୍ଯ୍ୟଭାବେ ଆବଶ୍ୟକ, ଏହା ବ୍ୟତିରେକେ ଅନ୍ୟସବୁର କିଛି ମୂଲ୍ୟ ନାହିଁ । ଥରେ ଭଗବତ୍ ପ୍ରାପ୍ତି ହେଲେ ତାହାଙ୍କୁ ପ୍ରକଟ କରିବା ଅର୍ଥାତ୍ ସର୍ବପ୍ରଥମେ ନିଜର ବ୍ୟକ୍ତିଗତ ସୀମିତ ଚେତନାକୁ ଭଗବତ୍ ଚେତନାରେ ରୂପାନ୍ତରିତ କରିବା, ଅସୀମ ଶକ୍ତି, ଜ୍ୟୋତିଃ, ପ୍ରେମ, ଶକ୍ତି, ଆନନ୍ଦ ମଧ୍ୟରେ ବାସ କରିବା, ନିଜର ଯଥାର୍ଥ ସ୍ୱଭାବରେ ତାହାହିଁ ହୋଇଉଠିବା ଏବଂ ଫଳରେ ବ୍ୟକ୍ତିର କ୍ରିୟାଶୀଳ ସ୍ୱଭାବରେ ଏହାର ବାହକ, ଆଧାର ଓ ଯନ୍ତ୍ର ହେବା । ସ୍ଥୂଳ ଜଗତରେ ଏକତ୍ୱବୋଧର ଆଦର୍ଶକୁ କାର୍ଯ୍ୟର ପରିସର ମଧ୍ୟକୁ ଆଣିବା ଅଥବା ମାନବସମାଜ ପାଇଁ କାର୍ଯ୍ୟକରିବା ହେଉଛି ସତ୍ୟର ଏକ ମାନସିକ ଭୁଲ୍ ବିଚାର – ଏହିସବୁ କଥା ଆଧ୍ୟାତ୍ମିକ ସାଧନାର ପ୍ରଥମ ଯଥାର୍ଥ ଲକ୍ଷ୍ୟ କେବେହେଲେ ହୋଇପାରେନା । ଆମକୁ ପ୍ରଥମେ ନିଜର ଆତ୍ମାକୁ ତଥା ଭଗବାନଙ୍କୁ ପ୍ରାପ୍ତ କରିବାକୁ ହେବ, ତାହାହେଲେ ଯାଇ ଆତ୍ମା ବା ଭଗବାନ୍ ଆମଠାରୁ କି କାର୍ଯ୍ୟ ଦାବି କରନ୍ତି ତାହା ଆମେ ଜାଣିପାରିବା । ସେପର୍ଯ୍ୟନ୍ତ ଆମର ଜୀବନ ଓ କ୍ରିୟାକଳାପ ଭଗବାନଙ୍କୁ ପ୍ରାପ୍ତ କରିବା ଦିଗରେ କେବଳ ଏକ ସହାୟକ ଅଥବା ଉପାୟ ହୋଇରହିବ, ଏବଂ ଏତଦ୍‌ଭିନ୍ନ ଏହାର ଅନ୍ୟ କୌଣସି ଉଦ୍ଦେଶ୍ୟ ରହିବ ନାହିଁ । ଆନ୍ତର ଚେତନାରେ ଆମେ ଯେତିକି ଯେତିକି ଅଗ୍ରଗତି କରୁଥିବା, ବା ଭଗବାନଙ୍କ ଆଧ୍ୟାତ୍ମିକ ସତ୍ୟର ବିକାଶ ଆମ ମଧ୍ୟରେ ଯେତିକି ଯେତିକି ହେଉଥିବ, ବାସ୍ତବିକ ସେତିକି ସେତିକି ଆମର ଜୀବନ ଓ କ୍ରିୟାକଳାପ ଅଧିକଭାବେ ତାହାରିଠାରୁ ପ୍ରବାହିତ ହେଉଥିବ ଓ ତାହାରି ସହିତ ଅଧିକରୁ ଅଧିକ ଏକାତ୍ମତା ଲାଭ କରୁଥିବ । କିନ୍ତୁ ତାହାର ସ୍ୱରୂପ କିପରି ହେବ ସେବିଷୟ ପୂର୍ବରୁ ଆମର ସୀମିତ ମାନସିକ ଧାରଣାସବୁ ଦ୍ୱାରା ନିର୍ଣ୍ଣୟ କରିବାର ଅର୍ଥ ହେବ ଆମ ଅନ୍ତରରେ ଆଧ୍ୟାତ୍ମିକ ସତ୍ୟର ଅଭିବୃଦ୍ଧିରେ ବାଧା ସୃଷ୍ଟିକରିବା । ତାହାର କ୍ରମ-ଅଭିବୃଦ୍ଧି ସହିତ ଆମେ ଦିବ୍ୟଜ୍ୟୋତିଃ ଓ ସତ୍ୟ, ଦିବ୍ୟ

ଶକ୍ତି ଓ ବେଗ, ଦିବ୍ୟପବିତ୍ରତା ଓ ପ୍ରଶାନ୍ତି ଆମ ମଧ୍ୟରେ କାର୍ଯ୍ୟ କରୁଥିବାର ଅନୁଭବ କରିବା । ତାହା ଆମର କ୍ରିୟାକଳାପ ତଥା ଆମର ଚେତନା ଜରିଆରେ ଓ ତାହାକୁ ବ୍ୟବହାର କରି ଆମକୁ ଦିବ୍ୟପ୍ରତିରୂପରେ ନୂଆକରି ଗଢ଼ିପାରିବ । ଫଳରେ ଖାଦସବୁକୁ ଅପସାରଣ କରି ତା'ସ୍ଥାନରେ ଆତ୍ମାର ଖାଣ୍ଟିସୁନା ସ୍ଥାପିତ ହେବ । ଯେତେବେଳେ ଆମ ମଧ୍ୟରେ ନିରବଚ୍ଛିନ୍ନଭାବେ ଭଗବତ୍ ଉପସ୍ଥିତି ଅନୁଭୂତ ହେବ ଓ ଆମର ଚେତନା ରୂପାନ୍ତରିତ ହେବ ସେତିକିବେଳେ ଯାଇ ଆମର କହିବାର ଅଧିକାର ଆସିବ ଯେ ଆମେ ସ୍ଥୂଳ ଜଗତରେ ଭଗବତ୍ ଚେତନା ପ୍ରକଟ କରିବା ପାଇଁ ପ୍ରସ୍ତୁତ ହୋଇଛୁ । କୌଣସି ମାନସିକ ଆଦର୍ଶ ଅଥବା ମାନସିକ ନୀତିକୁ ଧରିରଖି ତାହାକୁ ଆନ୍ତର ପ୍ରକ୍ରିୟା ଉପରେ ଆରୋପ କରିବା ଫଳରେ ଆମ ପାଇଁ ଏକ ମାନସିକ ସିଦ୍ଧି ମଧ୍ୟରେ ସୀମିତ ହୋଇ ରହିଯିବା ପରି ବିପଦର ସମ୍ଭାବନା ସୃଷ୍ଟି କରେ ଅଥବା ଭଗବାନଙ୍କ ସହିତ ପୂର୍ଣ୍ଣ ଏକାତ୍ମତା ପ୍ରାପ୍ତ କରିବା ଦିଗରେ ଯଥାର୍ଥ ଅଗ୍ରଗତି ହେବା ବିଷୟରେ ଏକ ଭ୍ରାନ୍ତଧାରଣା ସୃଷ୍ଟି କରେ ବା ସେହି ଅଗ୍ରଗତି ପଥରେ ବାଧା ସୃଷ୍ଟିକରେ, ପରାତ୍ପର ପରମେଶ୍ୱରଙ୍କର ଅବାଧ ଅନ୍ତରଙ୍ଗ ଇଚ୍ଛାଶକ୍ତିର ପ୍ରବାହ ଆମ ଜୀବନରେ କାର୍ଯ୍ୟକାରୀ ହେବାରେ ମଧ୍ୟ ବାଧା ସୃଷ୍ଟି କରେ । ଏହିପ୍ରକାର ଧାରାରେ କୌଣସି ବିଷୟକୁ ଗ୍ରହଣ କରିବା ଭୁଲ୍ କିନ୍ତୁ ଆଜିକାଲିକାର ଲୋକଙ୍କର ମନ ଏହିପରି ଧାରଣା ପୋଷଣ କରିବା ଦିଗରେ ସବୁବେଳେ ଉନ୍ମୁଖ । ଏହିପରି ଛୋଟ ଛୋଟ ବିଷୟରେ ଲିପ୍ତ ରହିବା ଫଳରେ ଅସଲ ମୂଳ ଲକ୍ଷ୍ୟରୁ ଆମେ ଅନ୍ୟଆଡ଼େ ମୁଖ ଫେରାଇ ନେବାର ସମ୍ଭାବନା ରହିଛି । କିନ୍ତୁ ଶାନ୍ତି ପାଇଁ, ବା ଆଲୋକ ବା ଜ୍ଞାନ ପାଇଁ ଅଥବା ଦିବ୍ୟାନନ୍ଦ ପ୍ରାପ୍ତି ପାଇଁ ଭଗବାନଙ୍କୁ ଅନୁସରଣ କରିବା ତାହାଠାରୁ ବହୁଗୁଣରେ ଉତ୍ତମ । ବାହ୍ୟ ସ୍ଥୂଳ ଜୀବନ ତଥା ଆନ୍ତର ଜୀବନ ଦିବ୍ୟ-ତତ୍ତ୍ୱରେ ରୂପାନ୍ତରିତ ହେବା ଭଗବାନଙ୍କର ଯୋଜନାର ଏକ ଅଂଶବିଶେଷ, ତାହାହିଁ ତାଙ୍କର ଅଭିପ୍ରାୟ । କିନ୍ତୁ ତାହା ଆନ୍ତର ସିଦ୍ଧିର ଧାରାଠାରୁ ଆରମ୍ଭ ହେବା ଫଳରେ କେବଳ ସମ୍ଭବ ହୋଇପାରେ । ତାହା ଅନ୍ତରରୁ ବିକଶିତ ହୋଇ ବାହ୍ୟ ଦିଗରେ ଅଗ୍ରଗତି କରେ । ଯାହାକି କୌଣସି ମାନସିକ ନୀତିକୁ କାର୍ଯ୍ୟକାରୀ କରିବା ଫଳରେ ସମ୍ଭବ ହୁଏ ନାହିଁ ।

ମାନସିକ ଯାଚ୍ଞାକୁ ଏକ ଜୀବନ୍ତ ଆଧ୍ୟାତ୍ମିକ ଅନୁଭୂତିରେ ପରିବର୍ତ୍ତନ କରିବା ପାଇଁ କି ପ୍ରକାର ଅନୁଶାସନ ଆଚରଣ କରିବାକୁ ହେବ ତୁମେ ସେବିଷୟ ପଚାରିଛ । ପ୍ରଥମ ଆବଶ୍ୟକତା ହେଲା ତୁମ ଅନ୍ତର ମଧ୍ୟରେ ତୁମ ଚେତନା ପ୍ରତି ଏକାଗ୍ର ହେବା । ସାଧାରଣ ମଣିଷ ମନର ପୃଷ୍ଠଭାଗରେ କିଛି ଗୋଟିଏ ତତ୍ପରତା ରହିଥାଏ ଯାହାକି ବାସ୍ତବ ଆତ୍ମାକୁ ଆବରଣ କରିରଖିଥାଏ । କିନ୍ତୁ ଏହି ପୃଷ୍ଠଭାଗର ପଶ୍ଚାତରେ ଅନ୍ୟ ଏକ ଗୁପ୍ତଚେତନା ରହିଛି ଯେଉଁଥିରେ ଆମେ ଅସଲ ଆତ୍ମା ଓ ପ୍ରକୃତିର ଏକ ବ୍ୟାପକ ଓ ଗଭୀର ସତ୍ୟ ବିଷୟରେ ସଚେତନ ହୋଇପାରୁ, ଆମେ ଆତ୍ମାର ଉପଲବ୍ଧି କରିପାରୁ ଓ ସ୍ୱଭାବର ରୂପାନ୍ତର ସାଧନ କରିପାରୁ । ଏହି ଏକାଗ୍ରତାର ଲକ୍ଷ୍ୟ ହେଲା ବାହ୍ୟ ମନର ସ୍ତରକୁ ପରିତ୍ୟାଗ କରି ଅନ୍ତରତମ ପ୍ରଦେଶରେ ବାସ କରିବାକୁ ଆରମ୍ଭ କରିବା । ଏହି ବାହ୍ୟ ଚେତନା ଛଡ଼ା ଯଥାର୍ଥ ଚେତନାର ଅନ୍ୟ ଦୁଇଟି ପ୍ରଧାନ କେନ୍ଦ୍ର ଅଛି – ଗୋଟିଏ ହେଲା ହୃତ୍‌କେନ୍ଦ୍ର ( ସ୍ଥୂଳ ହୃତ୍‌ପିଣ୍ଡ ନୁହେଁ, ବକ୍ଷସ୍ଥଳର କେନ୍ଦ୍ରରେ ଥିବା ସୂକ୍ଷ୍ମ ହୃତ୍‌କେନ୍ଦ୍ର) ଓ ଅନ୍ୟଟି ମସ୍ତକ । ହୃଦୟରେ ଏକାଗ୍ରତା ଫଳରେ ଅନ୍ତରର ଉନ୍ମୋଚନ ଘଟେ ଓ ଏହି ଆନ୍ତର ଉନ୍ମୋଚନକୁ ଅନୁସରଣ କରି ଓ ଗଭୀରତା ମଧ୍ୟକୁ ପ୍ରବେଶ କରି ବ୍ୟକ୍ତି ଆତ୍ମା ବା ଚୈତ୍ୟସତ୍ତାଙ୍କ ବିଷୟରେ ଅବଗତ ହୁଏ, ଯାହାକି ବ୍ୟକ୍ତି ମଧ୍ୟରେ ପ୍ରତିଷ୍ଠିତ ଦିବ୍ୟ-ଉପାଦାନ । ଏହି ଉନ୍ମୋଚନ ଫଳରେ ତାହା କ୍ରମେ ଆଗେଇ ଆସେ, ସ୍ୱଭାବକୁ ନିୟନ୍ତ୍ରଣ କରେ, ତାହାକୁ ବଦଳାଇ ଦିଏ ଓ ଏହାର ସମସ୍ତ ଗତିବିଧିକୁ ସତ୍ୟ ତଥା ଭଗବାନଙ୍କ ଆଡ଼କୁ ଘୂରାଇ ଦିଏ । ଯାହାକିଛି ଊର୍ଦ୍ଧ୍ୱରେ ଅଛି ତାହାକୁ ଏହାରି ମଧ୍ୟକୁ ଉତାରି ଆସିବାକୁ ଆହ୍ୱାନ କରେ । ଏହା ଭଗବତ୍ ଉପସ୍ଥିତିର ଚେତନା ଆଣିଦିଏ ଯାହାକି ସତ୍ତାର ସର୍ବୋତ୍ତମ ଭଗବାନଙ୍କଠାରେ ପୂର୍ଣ୍ଣ ସମର୍ପିତ । ଆମ ଊର୍ଦ୍ଧ୍ୱରେ ଅପେକ୍ଷା କରି ରହିଥିବା ଏକ ବୃହତ୍ ଶକ୍ତି ଓ ସଚେତନତା ଆମ ପ୍ରକୃତି ମଧ୍ୟକୁ ଅବତରଣ କରିଆସିବାକୁ ଆମନ୍ତ୍ରଣ କରେ । ହୃତ୍‌କେନ୍ଦ୍ରରେ ଏକାଗ୍ର ହୋଇ ନିଜକୁ ଭଗବାନଙ୍କଠାରେ ସମର୍ପଣ କରିବା ଓ ହୃଦୟରେ ଭଗବତ୍ ଚେତନାର ପ୍ରତିଷ୍ଠା ପାଇଁ ଏହି ଆନ୍ତର ଉନ୍ମୋଚନ ସକାଶେ ଆସ୍ପୃହା କରିବା ହେଉଛି ପ୍ରଥମ ଉପାୟ । ଏହି କାର୍ଯ୍ୟ କରାଯାଇ ପାରିଲେ ସ୍ୱାଭାବିକଭାବେ ସାଧନାର ଶୁଭାରମ୍ଭ ହୁଏ । ଏହାର ଫଳ ଥରେ ପ୍ରାପ୍ତ ହେଲେ ଆଧ୍ୟାତ୍ମିକ ଯାତ୍ରା ଅଧିକତର ସରଳ ଓ ନିରାପଦ ହୁଏ, ଅନ୍ୟ ଉପାୟରେ ଆରମ୍ଭ କଲେ ସେପରି ହୁଏ ନାହିଁ ।

ଅନ୍ୟ ପନ୍ଥା ହେଲା ମସ୍ତକରେ ଏକାଗ୍ର ହେବା ଯାହାକି

ମାନସିକ କେନ୍ଦ୍ର । ଯଦି ଏହା ବାହ୍ୟମନରେ ଶାନ୍ତି ଆଣିପାରେ ତେବେ ତାହା ଏକ ଆନ୍ତର, ବ୍ୟାପକ, ଗଭୀରତର ମନର ଉଦ୍‌ଘାଟନ କରେ । ତାହା ଆଧ୍ୟାତ୍ମିକ ଅନୁଭୂତି ଓ ଆଧ୍ୟାତ୍ମିକ ଜ୍ଞାନ ଗ୍ରହଣ କରିବା ଦିଗରେ ଅଧିକ ସମର୍ଥ ହୁଏ । କିନ୍ତୁ ଏହି କେନ୍ଦ୍ରରେ ଥରେ ଏକାଗ୍ର ହେଲେ ମନର ଊର୍ଦ୍ଧ୍ୱରେ ଥିବା ନୀରବ ମାନସିକ ଚେତନା ଦିଗରେ ବ୍ୟକ୍ତି ଉନ୍ମୁଖ ହୁଏ । କିଛିଦିନ ପରେ ବ୍ୟକ୍ତି ଅନୁଭବ କରେ ଯେ ତା'ର ଚେତନା ଊର୍ଦ୍ଧ୍ୱକୁ ଉଠିଚାଲିଛି ଏବଂ ପରିଶେଷରେ ସେ ଅନୁଭବ କରେ ଯେ ଗୋଟିଏ ଢାଙ୍କୁଣୀର ବହୁ ଊର୍ଦ୍ଧ୍ୱକୁ ସେ ଉଠିଯାଇଛି ଯେଉଁ ଢାଙ୍କୁଣୀ ତାକୁ ଶରୀର ମଧ୍ୟରେ ଆବଦ୍ଧ କରି ରଖିଥିଲା । ସେ ମସ୍ତକର ଊର୍ଦ୍ଧ୍ୱରେ ଏକ କେନ୍ଦ୍ରର ସନ୍ଧାନ ପାଏ ଓ ସେଠାରୁ ସେ ନିଜକୁ ଅସୀମତା ମଧ୍ୟରେ ମୁକ୍ତ କରିଦିଏ । ସେଠାରେ ସେ ବିଶ୍ୱଜନୀନ ଭାଗବତ-ଚେତନା ସହିତ ସମ୍ପର୍କରେ ଆସେ ଯାହାକି ଦିବ୍ୟ ପ୍ରଶାନ୍ତି, ଦିବ୍ୟ-ଆଲୋକ, ଦିବ୍ୟ ଶକ୍ତି, ଦିବ୍ୟଜ୍ଞାନ ଓ ଦିବ୍ୟାନନ୍ଦ । ଏହାରି ମଧ୍ୟକୁ ପ୍ରବେଶ କରିବାକୁ, ଏହାହିଁ ହୋଇଯିବାକୁ ଆରମ୍ଭ କରେ । ଆହୁରି ମଧ୍ୟ ଅନୁଭବ କରେ ଯେ ଏହିସବୁ ଦିବ୍ୟତ୍ୱ ତା' ପ୍ରକୃତି ମଧ୍ୟକୁ ଅବତରଣ କରି ଆସୁଛନ୍ତି । ମନରେ ନୀରବତାର ପ୍ରତିଷ୍ଠା ପାଇଁ ଆସ୍ପୃହା କରି ଓ ଊର୍ଦ୍ଧ୍ୱରେ ଆତ୍ମା ଓ ଭଗବାନଙ୍କର ଉପଲବ୍ଧି କରିବା ପାଇଁ ଇଚ୍ଛାକରି ମସ୍ତକରେ ଏକାଗ୍ର ହୋଇ ଧ୍ୟାନ କରିବା ହେଲା ଧ୍ୟାନ କରିବାର ଦ୍ୱିତୀୟ ପଦ୍ଧତି । ଏକଥା ମନେ ରଖିବା ଅତି ତାତ୍ପର୍ଯ୍ୟପୂର୍ଣ୍ଣ ଯେ ମସ୍ତକ କେନ୍ଦ୍ରର ଚେତନାରେ ଏକାଗ୍ର ହେବା ହେଲା ତାହାର ଊର୍ଦ୍ଧ୍ୱସ୍ଥଚେତନା କେନ୍ଦ୍ର ଆଡ଼କୁ ଉଠିଯିବା ପାଇଁ ଏକ ପ୍ରସ୍ତୁତି; ଅନ୍ୟଥା ବ୍ୟକ୍ତି ନିଜ ମନ ମଧ୍ୟରେ ଓ ତାହାରି ଅନୁଭୂତି ମଧ୍ୟରେ ଅଟକି ରହିଯାଇପାରେ ବା ଅତି ଅଧିକରେ ଆଧ୍ୟାତ୍ମିକ ଲୋକୋତ୍ତର ଚେତନା ମଧ୍ୟକୁ ଉଠି ନଯାଇ, ସେଠାରେ ବାସ ନକରି ଊର୍ଦ୍ଧ୍ୱସ୍ଥ ସତ୍ୟର ଏକ ପ୍ରତିବିମ୍ବ ମାତ୍ର ପ୍ରାପ୍ତ କରିପାରେ । କେତେକଙ୍କ ପାଇଁ ମାନସିକ ଏକାଗ୍ରତା ସହଜ ହୋଇଥାଏ, ପୁଣି କେତେକଙ୍କ ପାଇଁ ହୃତ୍‌କେନ୍ଦ୍ରରେ ଏକାଗ୍ର ହେବା ସହଜ ବୋଧ ହୋଇଥାଏ । କେତେକ ପର୍ଯ୍ୟାୟକ୍ରମେ ଉଭୟର ଅଭ୍ୟାସ କରିବାକୁ ସକ୍ଷମ ହୋଇଥା'ନ୍ତି । କିନ୍ତୁ ବ୍ୟକ୍ତି ଯଦି ସକ୍ଷମ ହୁଏ ତେବେ ହୃତ୍‌କେନ୍ଦ୍ରରେ ଏକାଗ୍ର ହେବା ଅଧିକ ବାଞ୍ଛନୀୟ ।

ଶୃଙ୍ଖଳାର ଅନ୍ୟ ଦିଗଟି ହେଲା ବ୍ୟକ୍ତି ସ୍ୱଭାବର କ୍ରିୟା, ମନର, ଜୀବନୀ ଶକ୍ତିର ବା ପ୍ରାଣର କ୍ରିୟା ଓ ଶରୀର ସତ୍ତାର କ୍ରିୟା ସମ୍ପର୍କୀୟ ଶୃଙ୍ଖଳା । ଏ କ୍ଷେତ୍ରରେ ନୀତି ହେଲା ଆନ୍ତର ସିଦ୍ଧି ସହିତ ସ୍ୱଭାବର ଐକ୍ୟ ପ୍ରତିଷ୍ଠା କରିବା ଯାହାଫଳରେ ବ୍ୟକ୍ତି ଦୁଇ ପରସ୍ପର ବିରୋଧୀ ଚେତନା ମଧ୍ୟରେ ଦ୍ୱିଖଣ୍ଡିତ ହୋଇ ନଯାଏ । ଏଥିପାଇଁ ଅନେକ ପ୍ରକାର ଶୃଙ୍ଖଳା ବା ଧାରାର ବ୍ୟବସ୍ଥା ରହିଛି । ବ୍ୟକ୍ତି ନିଜର ସମସ୍ତ କର୍ମ ଭଗବାନଙ୍କୁ ଅର୍ପଣ କରିବ ଓ ଆନ୍ତର ପ୍ରେରଣା ପାଇବା ପାଇଁ ଓ ନିଜର ସ୍ୱଭାବକୁ ଉଚ୍ଚତର ଶକ୍ତିର ପରିଚାଳନାଧୀନ କରି ରଖିବା ପାଇଁ ଆସ୍ପୃହା କରିବ । ଯଦି ଅନ୍ତର୍ମୁଖୀ ଆତ୍ମଚେତନାର ଜାଗରଣ ହୁଏ, ଯଦି ଚୈତ୍ୟସତ୍ତା ସମ୍ମୁଖଭାଗକୁ ଆସିଯା'ନ୍ତି ତେବେ ଆଉ ବିଶେଷ ଅସୁବିଧା ରହେ ନାହିଁ । ତା'ସହିତ ଆସେ ଏକ ଚୈତ୍ୟ ବିବେଚନାର ଶକ୍ତି, ସବୁବେଳେ ଚୈତ୍ୟବାର୍ତ୍ତା ମିଳେ ଓ ପରିଶେଷରେ ବ୍ୟକ୍ତି ଚୈତ୍ୟସତ୍ତାଙ୍କ ଶାସନାଧୀନ ହୁଏ । ତାହା ସବୁକିଛି ଅପୂର୍ଣ୍ଣତାକୁ ପଦାରେ ପକାଇଦିଏ ଓ ଧୀରେ ଧୀରେ ଧୈର୍ଯ୍ୟର ସହିତ ସେସବୁକୁ ଅପସାରଣ କରେ । ଉପଯୁକ୍ତ ମାନସିକ ଓ ପ୍ରାଣିକ ବୃତ୍ତିସବୁ ଆଣିଦିଏ ଓ ଶରୀର ଚେତନାକୁ ନୂଆକରି ଗଢ଼ିତୋଳେ ମଧ୍ୟ । ଅନ୍ୟ ଏକ ପଦ୍ଧତି ହେଲା ମନ, ପ୍ରାଣ ଓ ଶରୀର ସତ୍ତାର ଗତିବୃତ୍ତିଠାରୁ ନିଜକୁ ବିଚ୍ଛିନ୍ନ କରି ପଛକୁ ଘୁଞ୍ଚି ଠିଆହେବା, ସେସବୁର କ୍ରିୟାକଳାପକୁ ବ୍ୟକ୍ତି ଉପରେ ଆରୋପ କରାଯାଇଥିବା ସାଧାରଣ ପ୍ରକୃତିର ଗୋଟିଏ ସଚରାଚର ଗଠନଧାରାଭାବେ ଗ୍ରହଣ କରିବା । ଆମେ ଭାବିବା ଯେ ସେଗୁଡ଼ିକ ଆମ କୃତକର୍ମର ଫଳ ଭାବେ ଆମ ନିକଟକୁ ଆସିଛି, ସେସବୁ ସହିତ ଆମର ଅସଲ ଆତ୍ମାର କୌଣସି ସମ୍ପର୍କ ନାହିଁ । ଯେତିକି ଯେତିକି ଆମେ ଏହି ସାଧନାରେ ସଫଳ ହେବା, ନିଜକୁ ପୃଥକ୍ କରି ରଖିବା, ମନକୁ ତଥା ତାହାର କ୍ରିୟାକଳାପକୁ ଆମର ନିଜର ନୁହେଁ ବୋଲି ଜାଣିବା, ପ୍ରାଣ ଓ ତାହାର କ୍ରିୟାକଳାପକୁ ଆମର ନିଜର ନୁହେଁ ବୋଲି ଜାଣିବା, ଶରୀର ଓ ତାହାର କ୍ରିୟାକଳାପକୁ ଆମର ନିଜର ନୁହେଁ ବୋଲି ଜାଣିବା ସେତିକି ସେତିକି ଆମେ ଆମ ଅନ୍ତରସ୍ଥ ଦିବ୍ୟସତ୍ତାଙ୍କ ବିଷୟରେ ସଚେତନ ହେବା – ଆମ ଆନ୍ତର ମନ, ଆନ୍ତର ପ୍ରାଣ, ଆନ୍ତର ଶରୀର ଚେତନା ଯାହାକି ନୀରବ, ପ୍ରଶାନ୍ତ, ନିର୍ଲିପ୍ତ, ଅନାସକ୍ତ, ତାହା ଆମ ଊର୍ଦ୍ଧ୍ୱ ଚେତନାର ଯଥାର୍ଥ ଆତ୍ମାକୁ ପ୍ରତିଫଳିତ କରେ ଓ ତାହାର ସ୍ୱଷ୍ଟ ପ୍ରତିନିଧି ହୋଇପାରେ । ଏହି ନୀରବ ଆନ୍ତର ସତ୍ତାଙ୍କଠାରୁ, ଯାହାକିଛିକୁ ପ୍ରତ୍ୟାଖ୍ୟାନ କରିବା ଆବଶ୍ୟକ, ତାହାର ପ୍ରତ୍ୟାଖ୍ୟାନର ସୂତ୍ରପାତ ହୁଏ । ଯାହାକୁ ବଞ୍ଚାଇ ରଖି, ରୂପାନ୍ତର କରାଯାଇପାରେ କେବଳ

ତାହାଙ୍କୁ ଗ୍ରହଣ କରିବା ସମ୍ଭବ ହୁଏ । ସେହି ସତ୍ତାଙ୍କଠାରୁ ପୁଣି ଆରମ୍ଭ ହୁଏ ସିଦ୍ଧି ପାଇଁ ଏକ ଅନ୍ତରତମ ଦୃଢ଼ ଇଚ୍ଛାଶକ୍ତିର ଉନ୍ମେଷ ଓ ଯାହା ପ୍ରକୃତିର ରୂପାନ୍ତର ପାଇଁ ଆବଶ୍ୟକ ତାହା କାର୍ଯ୍ୟକାରୀ କରିବା ପାଇଁ ପ୍ରତି ପଦକ୍ଷେପରେ ଭଗବତ୍ ଶକ୍ତିଙ୍କୁ ଆବାହନ କରିବା ସମ୍ଭବ ହୁଏ । ଆହୁରି ମଧ୍ୟ ଏହା ଅନ୍ତରତମ ଚୈତ୍ୟସତ୍ତାଙ୍କ ଆଡ଼କୁ ମନ, ପ୍ରାଣ ଓ ଶରୀରକୁ ଅବାଧରେ ଉନ୍ମୁକ୍ତ କରି ରଖିପାରେ, ତାଙ୍କର ପ୍ରଭାବ ତଥା ପ୍ରତ୍ୟକ୍ଷ ପରିଚାଳନାଧୀନ କରିପାରେ । ଅଧିକାଂଶ କ୍ଷେତ୍ରରେ ଏହି ଦୁଇ ପ୍ରଣାଳୀ ପ୍ରକାଶିତ ହୋଇ ଏକତ୍ର କାର୍ଯ୍ୟ କରିଥା'ନ୍ତି ଓ ଶେଷରେ ଗୋଟିଏ ମାତ୍ର ଧାରାରେ ପରିଣତ ହୋଇଯା'ନ୍ତି । କିନ୍ତୁ ପ୍ରଥମରେ ବ୍ୟକ୍ତି ଯେକୌଣସି ଗୋଟିଏ ପଦ୍ଧତି ଅନୁସରଣ କରି ସାଧନା ଆରମ୍ଭ କରିପାରନ୍ତି ଯାହା ତାଙ୍କ ପାଇଁ ସରଳ ଓ ସ୍ୱାଭାବିକ ମନେ ହେବ ।

ପରିଶେଷରେ ପ୍ରତ୍ୟେକ ଅସୁବିଧା ବେଳେ ଯେତେବେଳେ କି ଅଗ୍ରଗତି ବ୍ୟାହତ ହୁଏ ସେତେବେଳେ ଗୁରୁଙ୍କ ସାହାଯ୍ୟର ହସ୍ତକ୍ଷେପ ଫଳରେ ସିଦ୍ଧି ପାଇଁ କ'ଣ କରିବା ଆବଶ୍ୟକ ଓ କି ପ୍ରକାର ସାହାଯ୍ୟ ତତ୍‌କ୍ଷଣାତ୍ ଦରକାର ତାହାସବୁ ମିଳିଯାଏ ।

(ଶତବାର୍ଷିକୀ ସଂସ୍କରଣ (ଇଂରାଜୀ), ୨୩ଶ ଖଣ୍ଡ, ପୃ. ୫୧୬-୧୯) ❖


His Grace is always with those who want to progress
and realise the Truth of tomorrow.

– The Mother

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ORISSA)**

# ଶ୍ରୀଅରବିନ୍ଦଙ୍କ ସହ ସାନ୍ଧ୍ୟ-ବୈଠକ

## ଏ. ବି. ପୁରାଣୀ

**ସାନ୍ଧ୍ୟ ବୈଠକ :**
**୨୦.୫.୧୯୪୦**

ଶିଷ୍ୟ : ହିଟଲର୍ ଏକଥା କାହିଁକି କହୁଛି ଯେ ସେ ଏଇ ଯୁଦ୍ଧକୁ ଅଗଷ୍ଟ ପନ୍ଦର ତାରିଖ ଆଗରୁ ସମାପ୍ତ କରିବାକୁ ଚାହେଁ ?

ଶ୍ରୀଅରବିନ୍ଦ : ତା'ର ଏଇ କଥାରୁ ଏ ସୂଚନା ମିଳୁଛି ଯଦି କିଛି ସୂଚନା ଦେବାର ଆବଶ୍ୟକତା ଥାଏ, ସେଇଟି ହେଉଛି : ଆମେ ବୁଝି ନେଲୁଣି ଯେ ସିଏ ଆମ କାମର ବୈରୀ । ଏଇ ଯେଉଁ ବିରୋଧିତାର ସଂଘର୍ଷ ସହିତ ଥିବା ମୂଲ୍ୟବୋଧକୁ ଚାହିଁଲେ ଆମର ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ ବିଷୟଟି ପଛରେ ଯେଉଁ ବଳ, ତାହା ଆସୁରିକ ଶକ୍ତିଠାରୁ ଆସୁଛି ।

ଶିଷ୍ୟ : ସେଇ ଆସୁରିକ ଶକ୍ତି କ'ଣ ଭୟ କରୁଛି ଯେ ଅଗଷ୍ଟ ୧୫ ତାରିଖରେ କିଛି ଅବତରଣ କରୁଛି – ବିଶେଷ-କରି ଯେଉଁଦିନ ଆପଣଙ୍କର ଜନ୍ମଦିବସ, ଯାହା ତା' କାମକୁ ଆହୁରି କଷ୍ଟକର କରିଦେବ ବୋଲି କ'ଣ ସିଏ ଆଶଙ୍କା କରୁଛି କି ?

ଶ୍ରୀଅରବିନ୍ଦ : ଏଇ ସତ୍ତା (ଅସୁର-ସତ୍ତା) ଭାଗବତ ଅବତରଣରେ ବିଶ୍ୱାସ କରେ ନାହିଁ; ଏଇଟି ଖାଲି ବାଦ-ସାଧିବା ଭଳି ଜିନିଷ – ଏକ ପ୍ରତିକ୍ରିୟା; ଯେମିତି ସେ କହୁଛି : ମୋର ଚୂଡ଼ାନ୍ତ ବିଜୟ ପନ୍ଦର ଅଗଷ୍ଟ ଆଗରୁହିଁ ହୋଇଯିବ । ଏଇ ମନୋଭାବହିଁ ସଂଘର୍ଷର ସ୍ୱରୂପ ବତାଇ ଦେଉଛି ।

ଶିଷ୍ୟ : ଏହା ଜଣେ ବ୍ୟକ୍ତିବିଶେଷର କାର୍ଯ୍ୟ ନୁହେଁ, ଲାଗୁଛି ଏକ ସଙ୍ଗଠିତ ସେନାବାହିନୀର ଆକ୍ରମଣ ।

ଶ୍ରୀଅରବିନ୍ଦ : ମାତ୍ର ହିଟଲରର ପଶ୍ଚାତରେ ଯିଏ ଠିଆ ହୋଇଛି, ନେତୃତ୍ୱ ତ ସେଇ ନେଉଛି । ତୁମେ କ'ଣ ରିସାର୍ (ସାହେବଙ୍କର)ଙ୍କର *The Lord of the nations* ବହିଟି ପଢ଼ିଛ ?

ଶିଷ୍ୟ : ନା, ମୁଁ କେବଳ ତାଙ୍କର *To the Nation* ବହିଟି ପଢ଼ିଛି ।

ଶ୍ରୀଅରବିନ୍ଦ : ସେ ବହିଟି ଜମା ପ୍ରକାଶିତ ହୋଇ ନାହିଁ, ମାତ୍ର ସେ ଏଇଟି ଲେଖିଥିଲେ ଯେତେବେଳେ ସେ ଏଇ ସତ୍ତାଟିର ସଂସ୍ପର୍ଶରେ ଆସିଥିଲେ । ସେଥିରେ ସେ କହିଛନ୍ତି ଯେ ଜଗତର ବର୍ତ୍ତମାନ ସଭ୍ୟତା ନଷ୍ଟ ହୋଇଯିବାର ଅଛି । ମାତ୍ର ସମଗ୍ର ମାନବ-ସଭ୍ୟତା ନଷ୍ଟ ହୋଇଯାଉଛି – ଏହାହିଁ ତାଙ୍କର କହିବାର ଅଭିପ୍ରାୟ ଥିଲା । ହିଟଲର୍ ତ ଜର୍ମାନୀ ଦେଶରେ ସେଇ କାମହିଁ କରି ଚାଲିଛି; ସେ ଜାଗାରେ କିଛି ହେଲେ ବି ମାନବିକ ସଭ୍ୟତାର ଅବଶେଷ ନାହିଁ । ସେଠାରେ ଯାହାର ରାଜୁତି ଚାଲୁଛି ତାହା ହେଉଛି ବର୍ବରତାର, ଏତିକି ଯାହା – ସେ ଜିନିଷଟା ବିଜ୍ଞାନର ପୃଷ୍ଠପୋଷକତା ଲାଭ କରିଛି – ସେତିକି ମାତ୍ର !

ଶିଷ୍ୟ : ଏମାନଙ୍କ ଭିତରୁ ଅଧିକାଂଶ କୌଣସି ବି ଧର୍ମରେ ବିଶ୍ୱାସ କରନ୍ତି ନାହିଁ ସେମାନେ ଖ୍ରୀଷ୍ଟଧର୍ମକୁ ସମୂଳେ, ଏମିତି କି ଅନ୍ୟ ସବୁଧର୍ମକୁ ପୂରାପୂରି ନଷ୍ଟ କରି ଦେବାକୁ ଚାହାନ୍ତି ବୋଲି ମନେହୁଏ ।

ଶ୍ରୀଅରବିନ୍ଦ : ତାହାହିଁ ତ – ମୋର କହିବାର ଉଦ୍ଦେଶ୍ୟ ତାହାହିଁ ଥିଲା ଯେ ଏଇ ଜର୍ମାନମାନେ ବର୍ବରତାକୁ ନିଜ ଭିତରେ ପୋଷି ରଖିଛନ୍ତି । ସେମାନଙ୍କର ଯାହାସବୁ ଅଛି, ତାହା ଖାଲି ଭୌତିକ ବିଜ୍ଞାନଗତ ପ୍ରଶିକ୍ଷଣ ଓ ଯାନ୍ତ୍ରିକବିଦ୍ୟାର କଳା-କୌଶଳ, ପରନ୍ତୁ ସେ ଦେଶ ପୂର୍ବର ଯାବତୀୟ ସାଂସ୍କୃତିକ କାର୍ଯ୍ୟକଳାପକୁ ଦବାଇ ଦେଇଛି; ହିଟଲର୍ ଯେଉଁଠିକୁ ବି ଯାଇଛି, ଯେମିତି କି ପୋଲାଣ୍ଡରେ ଓ ଚେକୋସ୍ଲୋଭାକିଆରେ, ସେଠାରେ ସାଂସ୍କୃତିକ ଜିନିଷସବୁକୁ ଏଇପରିଭାବେ ମୁଣ୍ଡ ଟେକିବାକୁ ଦେଇ ନାହିଁ ।

ଶିଷ୍ୟ : ଜର୍ମାନମାନେ ମଣିଷକୁ କେବଳ ସେମାନଙ୍କର ଯାନ୍ତ୍ରିକ ଉପଯୋଗିତାର ତଥା ସାଙ୍ଗଠନିକ କାରବାରର ଅଙ୍ଗ ହିସାବରେହିଁ ମାତ୍ର ଯେତିକି ମୂଲ୍ୟ ଦିଅନ୍ତି ।

ଶ୍ରୀଅରବିନ୍ଦ : ତାହାହିଁ ଠିକ୍ – ଏକେବାରେ ସତ୍ୟ ।

ଶିଷ୍ୟ : ହିଟଲର୍ ନରୱେର ପୁରାତନ ଦେବତାଙ୍କର ଉପାସନାକୁ ପୁନରାୟ ପ୍ରବର୍ତ୍ତନ କରିବାକୁ କଥାବାର୍ତ୍ତା ଚଳାଇଛି ।

ଶ୍ରୀଅରବିନ୍ଦ : ହଁ, ସେସବୁ ଦେବତା ମାନବ-ଜାତିର ପ୍ରାରମ୍ଭିକ କାଳୀନ ଅଧାଗଢ଼ା ବୃତ୍ତି ସମୂହର ଧାରଣାରୁ ପ୍ରସୂତ; ଯଦିଓ ଓଡିନ୍ (Odin)ଙ୍କୁ ଜ୍ଞାନର ଦେବତା ରୂପେ ଗ୍ରହଣ କରାଯାଏ ଯିଏକି ନ୍ୟୂନାଧିକ ରୂପେ ମନୁଷ୍ୟର ପ୍ରାଥମିକ ସଭ୍ୟତାର ମାନୁଷୀବୃତ୍ତିର ପ୍ରତୀକ ।

ଶିଷ୍ୟ : ଏଇ ଧରଣର ଯେତେ ସତ୍ତା ରହିଛନ୍ତି, ସେମାନେ କ'ଣ ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ଅଳ୍ପ କିଛି ଜାଣନ୍ତି ଅବା ତାଙ୍କର ଅସ୍ତିତ୍ୱକୁ ଅସ୍ୱୀକାର କରନ୍ତି ? କିଂବା ସେମାନେ ଏବିଷୟରେ ପୂରା ଅଜ୍ଞ ?

ଶ୍ରୀଅରବିନ୍ଦ : ଏହା ସେମାନଙ୍କର ପ୍ରକୃତି ଉପରେ ନିର୍ଭର କରୁଛି । ଦେବତାଗଣଙ୍କ ଅସ୍ତିତ୍ୱର କଥା ସେମାନଙ୍କୁ ଜ୍ଞାତ; ଉଦାହରଣସ୍ୱରୂପ : ତେବେ ନିଜ ଅପେକ୍ଷା ସ୍ଥିତି ଓ ସାମର୍ଥ୍ୟରେ ସେମାନେ ଉଚ୍ଚତର ସ୍ତରର ବୋଲି ମାନନ୍ତି ନାହିଁ ।

ଶିଷ୍ୟ : ହଁ, ଏବଂ ସେମାନେ ଯେ ଖାଲି ଦେବଗଣଙ୍କୁ ଅବଜ୍ଞା କରନ୍ତି ସେତିକି ନୁହେଁ, ବରଂ ସେମାନଙ୍କର ନିଜସ୍ୱ ବିଶ୍ୱ-ସଂସ୍ଥାନକୁ ସୃଜନ ତଥା ପ୍ରସ୍ଥାପନ କରିପାରିବେ ବୋଲି ବି ଦାବି କରନ୍ତି ।

ଶ୍ରୀଅରବିନ୍ଦ : ଯେତେବେଳେ ଏଇସବୁ ସତ୍ତା ସ୍ୱୟଂ କାର୍ଯ୍ୟ ନିଷ୍ପନ୍ନ କରିବାକୁ ବାହାରନ୍ତି ସେତେବେଳେ କୌଣସି ବି ମାନବୀୟ ଶକ୍ତି ସେମାନଙ୍କ ବିରୋଧରେ ଠିଆ ହୋଇପାରିବ ନାହିଁ । ମଣିଷମାନଙ୍କୁ ପ୍ରଭାବିତ କରିବା କ୍ଷେତ୍ରରେ, ତାହା ଦୈବ ପ୍ରଭାବ ହୋଇଥାଉ କି ଆସୁରୀ ପ୍ରଭାବ – ବିଷୟଟିକୁ ସହ୍ୟ କରାଯାଇପାରେ; କିନ୍ତୁ ଯେବେ ସେଇ ପ୍ରଭାବଟା ଆବିଷ୍ଟ କରିବା ଅବା ଅବତରିତ ହେବା ସ୍ଥିତିକୁ ଆସିଯାଏ, ଯେମିତି ହିଟଲର୍‌ର କ୍ଷେତ୍ରରେ ଘଟିଥିଲା, ସେସମୟରେ ଏକାବେଳେକେ ପୃଥକ୍ ଧରଣର କଥା ହୋଇଯାଏ ।

ଶିଷ୍ୟ : ଏମିତି ବି ହୁଏ, ବାସ୍ତବ ଦୃଷ୍ଟିରୁ ପୁରାଣ ବର୍ଣ୍ଣିତ ଦେବାସୁର ସଂଗ୍ରାମ ଆମର ଅଧୁନାତନ କାଳ ପାଇଁ ବି ବେଶ୍ ପ୍ରଯୁଜ୍ୟ ବୋଲି ମନେ ହେଉଛି । କାରଣ, ସାଧାରଣତଃ ଦୈବଶକ୍ତି ଆସୁରୀଶକ୍ତିଠୁ ପ୍ରହାର ଖାଇ ମହାକାଳୀ, କିଂବା ରୁଦ୍ର କିଂବା ବିଷ୍ଣୁଙ୍କ ଆଶ୍ରୟରେ ଆସି ଉପନୀତ ହୁଅନ୍ତି ।

ଶ୍ରୀଅରବିନ୍ଦ : ଭାଗବତ ହସ୍ତକ୍ଷେପହିଁ ଏ କ୍ଷେତ୍ରରେ ସଫଳଭାବେ କାର୍ଯ୍ୟକାରୀ ହୋଇପାରେ, କାହିଁକି ନା ସେ ସ୍ଥାନରେ ଅର୍ଥାତ୍ ହିଟ୍ଲର୍ ବା ଷ୍ଟାଲିନ୍‌ଙ୍କ କ୍ଷେତ୍ରରେ ଯାହା ଘଟିଛି, ସେମାନଙ୍କ ସହିତ ସମୁଦାୟ ପ୍ରାଣିକ ଜଗତର ସତ୍ତାସବୁ ଏଇ ପୃଥିବୀପୃଷ୍ଠକୁ ଓହ୍ଲାଇ ଆସିଛନ୍ତି । ସେଇ ଜିନିଷଟାହିଁ ଅଧିକାଂଶ ଲୋକଙ୍କୁ, ବିଶେଷ କରି ବୁଦ୍ଧିସର୍ବସ୍ୱ ବ୍ୟକ୍ତିଙ୍କୁ ବିଭ୍ରାନ୍ତ କରିପକାଇଛି, ସେଇମାନେ, ଯେଉଁମାନେ, ଆଦର୍ଶବାଦର ଭାବନାରେ ଉଦ୍‌ବୁଦ୍ଧ । ସେଇମାନେ ଏପରି ଜିନିଷ ଘଟିପାରେ ବୋଲି ଆଶା କରି ନଥା'ନ୍ତି ଅଥଚ ଯେବେ ଏହିଭଳି ଜିନିଷ ଘଟିଲା, ସେମାନେ ଏକଥା କେମିତି ହୋଇପାରିଲା ଓ ଏହାକୁ ରୋକିବାକୁ କ'ଣ କରାଯାଇପାରିବ – ସେକଥା ବୁଝିବାକୁ ଅସମର୍ଥ ହୋଇ ପଡ଼ନ୍ତି । ଏଇ ଭୌତିକ ଜଗତର ବାହାରେ ଅନ୍ୟାନ୍ୟ ଜଗତ୍ ଯେ ରହିଛି, ସେମାନେ ସେକଥା ମାନିବାକୁ ନାରାଜ, ସେଥିପାଇଁ ବ୍ୟତିବ୍ୟସ୍ତ ଓ ହତବାକ୍ ହୋଇପଡ଼ିବା ଛଡ଼ା ସେମାନଙ୍କର ଅନ୍ୟ ଉପାୟ ନ ଥାଏ ।

**ସାନ୍ଧ୍ୟ ବୈଠକ :**
**ତା ୨୨.୫.୧୯୪୦**

ଶିଷ୍ୟ : ଯଦି ହିଟଲର୍ ମଧ୍ୟରେ ଓ ସେଭଳି ବ୍ୟକ୍ତିଗଣଙ୍କଠାରେ ଆସୁରିକ ଶକ୍ତି ଅବତରଣ କରିଛି ବୋଲି ଆମେ ଜାଣୁଛେ, ତେବେ ମିଳିତ-ରାଷ୍ଟ୍ରଶକ୍ତିର ପକ୍ଷରେ କେହି କ'ଣ ଏପରି ବ୍ୟକ୍ତି ନାହିଁ ଯାହାଙ୍କ ମଧ୍ୟରେ ଭାଗବତ ଶକ୍ତି ଓହ୍ଲାଇ ଆସିପାରନ୍ତା ?

ଶ୍ରୀଅରବିନ୍ଦ : ନା, ଦୁର୍ଭାଗ୍ୟବଶତଃ ଏପରି କେହି ନାହିଁ, ଯିଏ ଦିବ୍ୟ ଭାଗବତଶକ୍ତିକୁ ଧାରଣ କରିପାରିବ । ସେମାନେ ସମସ୍ତେ ସାଧାରଣ ପ୍ରାଣୀ । ମା' ମଧ୍ୟ ଏପରି କାହାକୁ ଦେଖିପାରି ନାହାନ୍ତି ଯିଏ ଗ୍ରହଣ କରିବାକୁ ସକ୍ଷମ । ସମ୍ଭବତଃ ମାର୍ଶାଲ୍ ପେଟାଁ (Marshal Petain) ପାଇ ପାରିଥା'ନ୍ତେ, ମାତ୍ର ସେ ଅତିଶୟ ବୃଦ୍ଧ । ମିତ୍ରଶକ୍ତିଙ୍କ ମଧ୍ୟରେ ସେତେବେଳଯାଏଁ ଚର୍ଚ୍ଚିଲଙ୍କ ଭଳି ବ୍ୟକ୍ତିତ୍ୱ ପ୍ରବେଶ କରି ନଥିଲେ । ଚର୍ଚ୍ଚିଲ୍‌ଙ୍କ ଆସିବା ପରେ ଯୁଦ୍ଧର ଗତି ବଦଳିବାର ସମ୍ଭାବନା ଦେଖାଦେଲା, କାରଣ ସେ ଊର୍ଦ୍ଧ୍ୱସ୍ଥ ଶକ୍ତିକୁ ଧାରଣ କରିବାକୁ ସମର୍ଥ ହେଲେ ।

ଶିଷ୍ୟ : Weygand କ'ଣ ଗ୍ରହଣ କରିପାରିବେ ?

ଶ୍ରୀଅରବିନ୍ଦ : ତାଙ୍କ ବିଷୟରେ ମୁଁ କିଛି ଜାଣେ ନାହିଁ । ଏଇଭଳି ସମୟରେ ତୁମ ନିକଟରେ ଯଦି ଏ ଧରଣର ଲୋକ ଥା'ନ୍ତି ଯିଏ ବିଜ୍ଞାନଗତ ପଦ୍ଧତି ବା ନିୟମକୁ ଅନୁମୋଦନ କରୁ ନଥିବେ, ତେବେ ଜିନିଷଟି କାର୍ଯ୍ୟକାରୀ ହେବ । ଏଭଳି ଲୋକ ଗ୍ରହଣଶୀଳ ହୁଅନ୍ତି, ହିଟଲର୍ ସହିତ କିଛି ବି କରାଯାଇପାରିବ ନାହିଁ । ଆମର ଏ ଧରଣର ଲୋକ ଦରକାର ଯାହାର ନାନାଦି ଚିନ୍ତା, କଳ୍ପନା(ideas)ର ଶକ୍ତି ଥିବ, ତା' ସହିତ ବିପଦକୁ ଅତିକ୍ରମ କରିବାର ସାହସିକତା ଥିବ । Hore-Belisha ଥିଲେ ଏ ଜାଗାରେ, ଖୁବ୍ ଭଲ ହୋଇଥା'ନ୍ତା । ଯଦି ଲର୍ଡ଼ ହାଲିଫ୍ୟାକ୍ସ (Lord Halifax)ଙ୍କୁ ଭାରତବର୍ଷ ସଂକ୍ରାନ୍ତରେ ନିଯୁକ୍ତ

କରାଯାଇଥା'ନ୍ତା, ତା'ହେଲେ କଂଗ୍ରେସ ସହିତ ବୁଝାମଣାରେ ପହଞ୍ଚିବା ସହଜ ହୋଇଥା'ନ୍ତା ।

ଶିଷ୍ୟ : Jean Herbert ଯେଉଁ ସମୟରେ ଏଠାରେ ଥିଲେ, ସେ ଖୁବ୍ ଆଶାନ୍ୱିତ ଥିଲେ ଯେ ମହାଯୁଦ୍ଧ କେବେ ବି ସଂଘଟିତ ହେବ ନାହିଁ । ଏହା ଆଶ୍ଚର୍ଯ୍ୟର କଥା ବୋଲି କହିବାକୁ ହେବ, ଯେହେତୁ ତାଙ୍କର ବିଶ୍ୱାସ ଥିଲା ଯେ ସାର୍ବଭୌମ କ୍ଷମତା ରଖୁଥିବା ବା ଦାବି କରୁଥିବା ଲୋକ ଯାହା ମାଗିବ ତାହା ତାକୁ ମିଳିଯିବ, ଯଦି ସେ ଚାହିଁବା ବେଶ୍ ଜୋରଦାର୍ ହୋଇଥିବ ।

ଶ୍ରୀଅରବିନ୍ଦ : ତା'ହେଲେ କ'ଣ ଜୋରରେ ଦାବି କଲେ ଫରାସୀଦେଶ ତାଙ୍କ ହାତକୁ ଆସିଯିବ ? ନିବେଦିତା (ଫରାସୀ ସାଧିକା ଜଣେ) କହୁଥିଲେ, ଯେଉଁ ଫରାସୀଲୋକ ଯୁଦ୍ଧରେ ଯୋଗ ଦେଇଛନ୍ତି, ସେମାନଙ୍କର ନା ଅଛି ନିଜର ଆଦର୍ଶବାଦ ନା ଅଛି ଉତ୍ସାହ । ସେମାନଙ୍କର ମନୋଭାବ ପ୍ରକୃତରେ ଯଦି ସେପରି ହୋଇଥାଏ, ସେମାନଙ୍କ ପକ୍ଷରେ ପରାଜିତ ହେବା ସ୍ୱାଭାବିକ – ଏହା ଏକପ୍ରକାର ମୂର୍ଖତା ଓ ତାମସିକ ଭାବଗ୍ରସ୍ତ ସାତ୍ତ୍ୱିକତା ।

ଶିଷ୍ୟ : ଆପଣ କ'ଣ ସାର୍ ଆର୍ଥର୍ ହେଣ୍ଡରସନଙ୍କର ସେ ବହିଟି ପଢ଼ିଛନ୍ତି ଯାହାର ନାମ *The Failure of My Mission in Germany* ।

ଶ୍ରୀଅରବିନ୍ଦ : ନା, ତା' ଉପରେ ଏକ ସମାଲୋଚନା ମୂଳକ ରଚନା ମୁଁ New Statesmanରେ ଦେଖିଛି ।

ଶିଷ୍ୟ : Jwalanti ମୋତେ କହିଛନ୍ତି ଯେ ହେଣ୍ଡରସନ୍‌ଙ୍କ ମତରେ ହିଟଲର୍ ଅନ୍ୟ କିଛି ଦ୍ୱାରା ଆବିଷ୍ଟ ହୋଇଥିବା ଭଳି ଜଣେ ବ୍ୟକ୍ତି-ବିଶେଷ ।

ଶ୍ରୀଅରବିନ୍ଦ : ଏଭଳି କଥା ସେ କହୁଛନ୍ତି କି ?

ଶିଷ୍ୟ : ସିଏ (She, ସମ୍ଭବତଃ Jwalanti) ତାଙ୍କ ବାନ୍ଧବୀଙ୍କର ଯୁବକ ପୁଅ ସମ୍ବନ୍ଧରେ କହିଲେ ଯିଏ ଜର୍ମାନୀର ବର୍ଲିନରେ କୂଟନୀତିକ (Diplomat) ଭାବେ କାମ କରୁଥିଲା; ଯେତେବେଳେ ସେ ଜର୍ମାନୀରୁ ଫେରିଲା, ତା'ର ଆପଣା ଲୋକେ ତାକୁ ଚିହ୍ନିପାରିଲେ ନାହିଁ । ସେମାନଙ୍କୁ ସେ କହିଲା ଜର୍ମାନୀରେ ଯେତେଦିନ ସେ ରହିଥିଲା, ବୋଧ କରୁଥିଲା ଯେମିତି ତାକୁ କେହି ଧାତୁନିର୍ମିତ ବୋମା ଭିତରେ ଭର୍ତ୍ତି କରିଦେଇଛି ଏବଂ ପ୍ରତି ମିନିଟରେ କେହି ତା' ଉପରେ ଅଧିକରୁ ଅଧିକ ଚାପ ପ୍ରୟୋଗ କରୁଛି, ଯାହାଫଳରେ ସ୍ୱଚ୍ଛନ୍ଦରେ ସେ ଶ୍ୱାସପ୍ରଶ୍ୱାସ ନେଇପାରୁ ନାହିଁ – ଅର୍ଥାତ୍ ନିଃଶ୍ୱାସ ରୁଦ୍ଧି ହୋଇଯାଉଥିଲା ତା'ର ।

ଶ୍ରୀଅରବିନ୍ଦ : ହଁ, ଜର୍ମାନୀରେ, ବାସ୍ତବରେ ଏବେ ସମୁଦାୟ ବାୟୁମଣ୍ଡଳ ଏଇସବୁ କ୍ଷତିକାରକ ପ୍ରବଳଶକ୍ତିର କବଳରେ ପ୍ରଦୂଷିତ; ଯୁବକମାନଙ୍କୁ ସଇତାନ ହୋଇଉଠିବା ପାଇଁ ପ୍ରଶିକ୍ଷଣ ଦିଆଯାଉଛି । ପୋଲାଣ୍ଡରେ ଯେତେବେଳେ ସେ ଦେଶର ଲୋକେ ଜର୍ମାନ ସେନାବାହିନୀଙ୍କ ନିର୍ଦ୍ଦୟତା ବିଷୟରେ ଅଭିଯୋଗ କଲେ, ସେତେବେଳେ ସେଠିକାର ଲୋକେ କହିଲେ : ''ଅଭିଯୋଗ କର ନାହିଁ, ଏ ଅତ୍ୟାଚାର କିଛି ବି ନୁହେଁ, ଅପେକ୍ଷା କର, ନାଜୀମାନେ ଏଠାରେ କ୍ଷମତାକୁ ଆସିଯା'ନ୍ତୁ, ଜାଣିଯିବ ନିର୍ଦ୍ଦୟତା ଜିନିଷଟା କ'ଣ, ସେକଥା ବୁଝିପାରିବ ସେତିକିବେଳେ ।''

(ସାନ୍ଧ୍ୟ ବୈଠକ, ୩ୟ ଭାଗ)

ଅନୁବାଦ : କୃଷ୍ଣା ଦେବୀ ✤

ନିଷ୍ପାପର ହୁଅ, ସର୍ବଦା ନିଷ୍ପାପର, ଅଧିକରୁ ଅଧିକ ନିଷ୍ପାପର ।

ନିଷ୍ପାପରତା ପ୍ରତ୍ୟେକଙ୍କଠାରୁ ଦାବି କରେ ଯେ ପ୍ରତ୍ୟେକେ ତାଙ୍କର ସମସ୍ତ ଚିନ୍ତା, ସମସ୍ତ ଅନୁଭୂତି, ସମସ୍ତ ଭାବାବେଗ ଓ ସମସ୍ତ କର୍ମରେ ନିଜ ସତ୍ତାର କେନ୍ଦ୍ରୀୟ ସତ୍ୟ ବ୍ୟତୀତ ଅନ୍ୟ କିଛିକୁ ପ୍ରକାଶ କରିବେ ନାହିଁ ।

୪. ୪. ୧୯୫୦ — ଶ୍ରୀମା

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### କଲିକତା କଂଗ୍ରେସର ଫଳାଫଳ

ଏତେଗୁଡ଼ିଏ ଆଶା ଆଉ ଆଶଙ୍କାର କେନ୍ଦ୍ରବିନ୍ଦୁ ହୋଇଥିବା ମହାନ୍ କଲିକତା କଂଗ୍ରେସର ପରିସମାପ୍ତି ଘଟିଛି । ସତେଅବା ବିଖ୍ୟାତ ଗ୍ରୀକ୍ କୁହୁକିନୀ ମେଡ଼ିୟାର (Medea's cauldron) ବିଶାଳ ଉତ୍ତପ୍ତ କଡ଼ାଇରେ, ବିଭ୍ରାନ୍ତିକର ତଥା ବେଳକୁ ବେଳ ଅତି ଉତ୍କଟ ଆକାର ଧାରଣ କରୁଥିବା ସଂଘର୍ଷର ସେ କଡ଼ାଇରେ, ସଜୋରେ ନିକ୍ଷିପ୍ତ ହେଉଥିବା ପରସ୍ପର ବିରୋଧୀ ଓ ବିବଦମାନ ବିଭିନ୍ନ ଶକ୍ତି ତହିଁରେ ଏବେ ଆଉଟି ହୋଇଯାଉଛନ୍ତି ଏକାବେଳେକେ, ଯାହା ଭିତରୁ ଜାଗ୍ରତ୍ ହୋଇଉଠିବ ମୁକ୍ତ ଏବଂ ପୁନରୁଜ୍ଜୀବିତ ଭାରତବର୍ଷ । ପ୍ରତ୍ୟେକଟି ଶକ୍ତି ଚାହିଁ ରହିଛନ୍ତି ନିଜର ପ୍ରବଳ ଶଙ୍କା ଓ ଉତ୍କଣ୍ଠିତ ଆଶାରେ, ଏ ବର୍ଷର କଂଗ୍ରେସର ଫଳାଫଳକୁ । ଚରମପନ୍ଥୀମାନେ କାଳେ ସମ୍ମିଳନୀକୁ ଦଖଲ କରିନେବେ ସେଥିପାଇଁ ଆଙ୍ଗ୍ଲୋ-ଭାରତ (Anglo India) ଆଉ ଟୋରି ଶାସିତ ଇଂଲଣ୍ଡ (Tory England)ର ଶଙ୍କା ଉପୁଜିଥିଲା, ଫାଟଟିଏ ସୃଷ୍ଟିହେବ ବୋଲି ସେମାନେ ଆଶା କରିଥିଲେ ଏବଂ ପରିଣାମସ୍ୱରୂପ କଂଗ୍ରେସ ହୁଏତ ନିଃଶେଷ ହୋଇଯିବ ନହେଲେ ବିସ୍ମୃତ ଓ ନିଷ୍ଫଳ ବସ୍ତୁର ଗୌରବ ଭିତରେ ସ୍ୱୟଂ ଆସି ଅବତରଣ କରିବ କିଂବା, ତା' ନହେଲେ ନିଜ ଭିତରେ ଥିବା ନୂତନ ଜୀବନ ଓ ନୂତନ ଉନ୍ମାଦନାକୁ ନିଷ୍କାସିତ କରିଦେବା ଦ୍ୱାରା ସରକାରଙ୍କ ସହିତ ସାମିଲ ହୋଇ ମୃତକଳ୍ପ ନିରର୍ଥକ ଜିଅନ୍ତା ପିଣ୍ଡଟି ପରି ଏକ ଦୁରବସ୍ଥା ଭିତରେ ବୁଡ଼ିଯିବ ଓ କେତେବେଳେ କେମିତି ସେ ଖାଲି ସରକାରଙ୍କୁ ନାମକୁ ମାତ୍ର ବିରୋଧ କରୁଥିବ ନିଜକୁ ବଞ୍ଚେଇ ରଖିବା ପାଇଁ । କଟନ୍‌ସ୍ (Cottons) ଆଉ ଓ୍ୱେଡ୍ଡରବର୍ଣ୍ଣସ୍ (Wedderburns)ଙ୍କ ପ୍ରତିନିଧିତ୍ୱ ସମୟରେ ଉଦାରବାଦୀ ଇଂଲଣ୍ଡ ଆଶା କରିଥିଲା ଯେ ମିଃ. ମୋର୍ଲେ ନରମପନ୍ଥୀ ନେତୃବୃନ୍ଦଙ୍କ ସମ୍ମୁଖରେ ସାମୟିକ ଓ ଫାଙ୍କା ସୁବିଧାଗୁଡ଼ିକର ଯେଉଁ ପ୍ରଲୋଭନକୁ ଦୋଳାୟିତ କରୁଛନ୍ତି ତାହା କଂଗ୍ରେସକୁ ଫେରାଇ ଆଣିପାରିବ ତା'ର ଚିରାଚରିତ ମାର୍ଗକୁ ଆଉ ଏଇ ଅନୁକମ୍ପାର ପ୍ରହସନରେ ନୂତନ ଉନ୍ମାଦନାଟି ଶେଷକୁ ଲୋପ ପାଇଯିବ । ଏହାର ଭୟ ଥିଲା ଯେ ସେଇ ପ୍ରତାରଣା ମାଧ୍ୟମରେ ଜାତୀୟ ସମ୍ମିଳନୀ (National Assembly) ହୁଏତ ଲକ୍ଷ୍ୟ କରିପାରେ ଆଉ ପ୍ରକାଶ୍ୟରେ ଦାବି ମଧ୍ୟ କରିପାରେ ଯେ ଯେଉଁ ସୁବିଧାଗୁଡ଼ିକ ପ୍ରଦାନ କରାଯାଉଛି ତାହା ସେମିତି ମହତ୍ତ୍ୱପୂର୍ଣ୍ଣ ହୋଇଥିବା ଆବଶ୍ୟକ ଅଥବା ତାହା ଆଦୌ ଲୋଡ଼ା ନାହିଁ । ଖୋଦ୍ ଭାରତବର୍ଷରେ ନରମପନ୍ଥୀମାନେ ଆଶଙ୍କା କରୁଥିଲେ ଯେ ବଙ୍ଗଳାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଦଳଟି ବର୍ଜନ ଆନ୍ଦୋଳନ ଓ ଅନ୍ୟାନ୍ୟ ଜରୁରୀ ପ୍ରସଙ୍ଗଗୁଡ଼ିକୁ ନେଇ କଂଗ୍ରେସ ମାଧ୍ୟମରେ ଅଧିବେଶନ ଭିତରକୁ ଓଜନଦାର୍ ପ୍ରସ୍ତାବମାନ ଠେଲି ଦେଇପାରନ୍ତି, ନଚେତ୍ ସ୍ୱୟଂ କଂଗ୍ରେସର ବିନାଶ ସାଧନ କରି ନିଜ ନିଷ୍ଫଳତାର ପ୍ରତିଶୋଧ ନେଇପାରନ୍ତି କିନ୍ତୁ ସେମାନଙ୍କର ଆଶା ଥିଲା ଯେ ଭୂତପୂର୍ବ ସଭାପତିମାନଙ୍କର ମଞ୍ଚାସୀନ ସମାବେଶର ଏକ ଦୃଶ୍ୟରେ ସମସ୍ତଙ୍କୁ ପ୍ରଭାବିତ କରେଇ ଦାଦାଭାଇ ନାରୋଜୀଙ୍କ ବୟସ ଓ କାର୍ଯ୍ୟାବଳୀ ପ୍ରତି ଧ୍ୟାନ ଦେଇ ତାଙ୍କୁ ଗଭୀର ଶ୍ରଦ୍ଧା ବଳରେ, ବମ୍ବେ କର୍ପୋରେଶନ୍‌ର ସିଂହସମ ପ୍ରଚଣ୍ଡ ପ୍ରତାପୀ ବ୍ୟକ୍ତିତ୍ୱଙ୍କ ଜରିଆରେ, ଗୁଜୁରାଟ ଆଉ ନୂତନ ବିଚାରଧାରାର ସମାର୍ଜନୀରେ ମାର୍ଜିତ ହୋଇନଥିବା ଅନ୍ୟାନ୍ୟ ରାଜ୍ୟଗୁଡ଼ିକରୁ ଲଢୁଆ ଫଉଜ ଆଣି ନାନାବିଧ କୌଶଳ ଅବଲମ୍ବନ ପୂର୍ବକ, ଏକ ଅନିର୍ଦ୍ଦିଷ୍ଟ ଓ ଦୁର୍ବୋଧ ସମ୍ବିଧାନ ଆଳରେ ସେମାନଙ୍କୁ ସୁହାଇଲା ଭଳି ସବୁ ରକମର ସୁବିଧା ସୁଯୋଗକୁ ଟାଣିଓଟାରି ସେମାନେ ଚରମପନ୍ଥୀମାନଙ୍କୁ ଦମନ କରିବେ, ବର୍ଜନ ଆନ୍ଦୋଳନକୁ ଆଉ ଆଗକୁ ବଢ଼ିବାକୁ ଦେବେ ନାହିଁ ଏବଂ କଂଗ୍ରେସକୁ ସମ୍ପୂର୍ଣ୍ଣ ନିଜ ନିୟନ୍ତ୍ରଣ ଭିତରେ ରଖିବେ । ଅଗ୍ରଗାମୀ ଦଳଟି ୧୯୦୬ ମସିହାର କଂଗ୍ରେସ ଉପରେ ନୂତନ ଚିନ୍ତା ଓ ଜୀବନର ପ୍ରଭାବ ରଖିଯିବାକୁ ଆଶା କରିଥିଲା, ଚାହିଁଥିଲା କଂଗ୍ରେସର ଆଦର୍ଶ ରୂପେ ସମଗ୍ର ସ୍ୱାୟତ୍ତ-ଶାସନ ସ୍ୱୀକୃତ ହେବାକୁ ଏବଂ ଏକମାତ୍ର ମାଧ୍ୟମଭାବେ ସ୍ୱଦେଶୀ ଓ ବର୍ଜନ ଆନ୍ଦୋଳନକୁ ହାସଲ କରିବାକୁ, ସଭାପତିଙ୍କ ଅଭିଭାଷଣ ଭିତରେ ନୂଆ ନୂଆ ଭାବଧାରାଗୁଡ଼ିକ ପ୍ରତି ସର୍ବସାଧାରଣଙ୍କ ସ୍ୱୀକୃତି ଲାଭ କରିବାକୁ, କିନ୍ତୁ ସେମାନଙ୍କର ଆଶଙ୍କା ଥିଲା ଯେ ଗୋଟିଏ ବର୍ଷରେ ସକଳ ଅସାଧାରଣ ଫଳାଫଳଗୁଡ଼ିକ ଉପଲବ୍ଧ ହେବାର ଏଇ ଆଶା ଏତେ ଅଧିକ ଯେ ଏହା ପୂରଣ ହେବା ଅସମ୍ଭବ ଆଉ ଏକ

ରକ୍ଷଣଶୀଳତା, କ୍ଷୁଦ୍ରାଶୟତା, ଆତ୍ମପ୍ରତ୍ୟୟହୀନତା ଓ ସ୍ୱାର୍ଥପରତାର ସମ୍ମିଳିତ ଶକ୍ତି ଯାହା ସରକାରଙ୍କ ଅନୁରକ୍ତ ନରମପନ୍ଥୀ ଦଳ ଭିତରେ ଏକାଧାରରେ ସନ୍ନିବେଶିତ ହୋଇଛି, ତାହାକୁ ପ୍ରତିହତ କରିବା ପାଇଁ ଲୋଡ଼ା ହେବ ଏକ ଦାରୁଣ ଓ ସୁଦୀର୍ଘ ଲଢ଼େଇ । ପରସ୍ପର ବିରୋଧୀ ଦଳଗୁଡ଼ିକର ଏହାହିଁ ଥିଲା ମାନସିକ ଅବସ୍ଥା ଯେତେବେଳେ ୨୬ ତାରିଖରେ କଲିକତା କଂଗ୍ରେସ ଉଦ୍‌ଘାଟିତ ହୋଇଥିଲା ।

ଆଜି ୩୦ ତାରିଖରେ, ଆମେ ପଛକୁ ଫେରି ଚାହିଁବା ଆଉ ଆମ ଲାଭ କ୍ଷତିର ହିସାବ କରିବା । ଆଙ୍ଗ୍ଲୋ-ଭାରତର ଆଶାଗୁଡ଼ିକ ମିଥ୍ୟା ବୋଲି ପ୍ରମାଣିତ ହୋଇଯାଇଛି ଏବଂ ଆଙ୍ଗ୍ଲୋ-ଭାରତୀୟ ପତ୍ରିକାଗୁଡ଼ିକ ସେମାନଙ୍କର କ୍ରୋଧ ଓ ହତାଶାକୁ ଲୁଚାଇ ରଖି ପାରିବେ ନାହିଁ । କ୍ରୋଧଜନିତ ଉତ୍ତେଜନାକୁ ସବୁଠୁ ବେଶୀ ଉଚ୍ଚ ସ୍ୱରରେ ପ୍ରକାଶ କରିଛି ଆମର ପ୍ରିୟ ପୁରାତନ ପତ୍ରିକା ''ଦି ଇଂଲିଶମ୍ୟାନ୍'' ଉଦ୍‌ଗ୍ରୀବ ହୋଇ, ଭୀତ ପ୍ରଦର୍ଶନର ଫମ୍ପା ଆଓ୍ୱାଜରେ କହି ଚାଲିଛି ଯଦି କଂଗ୍ରେସ ବର୍ଜନ ଆନ୍ଦୋଳନକୁ ବରଦାସ୍ତ କରିନିଏ ତା'ହେଲେ ଖୋଦ୍ କଂଗ୍ରେସକୁ କେବେ ବି ବରଦାସ୍ତ କରାଯିବନି । ଉଦାରବାଦୀ ଇଂଲଣ୍ଡର ଆଶା ଓ ଆଶଙ୍କାଗୁଡ଼ିକ ଆଂଶିକଭାବେ ପୂରଣ ହୋଇଛି ଆଉ ମିଥ୍ୟା ବୋଲି ମଧ୍ୟ ପ୍ରମାଣିତ ହୋଇଛି । କଂଗ୍ରେସ ନିର୍ବିବାଦରେ ଔପନିବେଶିକ ସ୍ୱାୟତ୍ତ ଶାସନ (Colonial Self Government) ପାଇଁ ଦାବି କରିଛି ଓ ହ୍ରାସ କରାଯାଇ ପାରୁ ନ ଥିବା ସେଇ ଦାବି ଅଭିମୁଖେ କେବଳ କେତୋଟି ପଦକ୍ଷେପସ୍ୱରୂପ ମିଃ. ମୋର୍ଲେଙ୍କ ପ୍ରଦତ୍ତ ସୁବିଧାଗୁଡ଼ିକୁ ଗ୍ରହଣ କରିନେଇଛି । ନୂତନ ଉନ୍ମାଦନାଟି ଦୟାଭାବ ଲାଭ କରି ବିନାଶ ହେବା ପରିବର୍ତ୍ତେ ଉଦ୍‌ଜୀବିତ ହୋଇ ରହିବା ପାଇଁ ଯେଉଁ କଠୋର ଶପଥର ଧ୍ୱନି ତୋଳିଛି ତାହା ଆଉ ଏପଟ ସେପଟ ହେବାର ନୁହେଁ । ନରମପନ୍ଥୀମାନଙ୍କର ଆଶଙ୍କାଗୁଡ଼ିକ ମିଥ୍ୟାଭାବେ ସାବ୍ୟସ୍ତ ହୋଇଛି; କୌଣସି କଠିନ ଶବ୍ଦ ସମ୍ବଳିତ ପ୍ରସ୍ତାବ ଗୃହୀତ ହୋଇ ନାହିଁ । ଆମମାନଙ୍କ ମଧ୍ୟରେ ଥିବା ବିବଦମାନ ଦଳଗୁଡ଼ିକର ଦ୍ରୁତ ବିକାଶ ଫଳରେ କଂଗ୍ରେସର ମଧ୍ୟ ସର୍ବନାଶ ଘଟିନି । ସେମାନଙ୍କ ଆଶାଗୁଡ଼ିକ ମଧ୍ୟ ମିଥ୍ୟା ବୋଲି ସାବ୍ୟସ୍ତ ହୋଇଛି । ସ୍ୱେଚ୍ଛାଚାରୀ ଶାସନ ବିରୋଧୀ ମନୋଭାବ ଓ ଖ୍ୟାତନାମା ନେତାମାନଙ୍କ କର୍ତ୍ତୃତ୍ୱରେ ଉଠବସ ହେବା ପାଇଁ କୌଣସି ପ୍ରକାରର ଉଦ୍ୟମକୁ ଆଗ୍ନେୟ ଶକ୍ତିର ଉଚ୍ଛ୍ୱାସରେ ପ୍ରତ୍ୟାଖ୍ୟାନ କରିବା ବ୍ୟତୀତ ସେମିତି ଅନ୍ୟ କିଛି ଉଲ୍ଲେଖନୀୟ ଘଟଣା ଅଧୁନା କଂଗ୍ରେସରେ ଘଟିନି । ଭକ୍ତି-ସମ୍ମାନର ଘୋର ଅଭାବ ଆଉ ଖାଲି ଗୁଣ୍ଡାଗିରି ଚାଲିଛି ବୋଲି ଏ ବର୍ଷର କଂଗ୍ରେସ ବିରୋଧରେ ଏଇ ସମସ୍ତ ହେଲା ମନଇଚ୍ଛା ଅଭିଯୋଗ । ପ୍ରଥମ ଅଭିଯୋଗଟିର ଉତ୍ତର ହେଉଛି ଯେ ଆମର ଭକ୍ତି-ସମ୍ମାନ ବ୍ୟକ୍ତିବିଶେଷଙ୍କଠାରୁ ସ୍ଥାନାନ୍ତରିତ ହୋଇ ଚାଲିଯାଇଛି ମାତୃଭୂମିର ଆଦର୍ଶ ନିକଟକୁ । ଏଠାରେ ଆଉ କୌଣସି ଫିରୋଜ ଶାହା ମେହେଟା ବା ଏପରିକି ଦାଦା ଭାଇ ନାରୋଜୀ ନାହାନ୍ତି ଯେଉଁମାନେ କି ସେମାନଙ୍କ କ୍ଷମତା ଜାହିର କରି ରାଷ୍ଟ୍ରର ପ୍ରତିନିଧିମାନଙ୍କୁ ଚୁପ୍ କରିଦେବେ କିଂବା ସେମାନଙ୍କୁ ମଉନରେ ରାଜି କରେଇନେବେ, କାରଣ ପ୍ରତିନିଧିମାନେ ଅନୁଭବ କରୁଛନ୍ତି ଯେ ସେମାନଙ୍କ ଭାଗ୍ୟ ଉପରେ ନିଜ ଦେଶ ପ୍ରତି ଏକ ପ୍ରଗାଢ଼ତର ଭକ୍ତି ଆଉ ମହତ୍ତର କର୍ତ୍ତବ୍ୟର ଋଣ ଭାର ରହିଛି । ଏଣିକି ନିଜ ମାତୃଭୂମିର ମୁଖ୍ୟ ସେବକ ହେବାର ମନୋବୃତ୍ତିରେ କାର୍ଯ୍ୟ କରିବା ଦ୍ୱାରା ନେତାମାନେ କେବଳ ଭକ୍ତି-ଶ୍ରଦ୍ଧାର ଯୋଗ୍ୟପାତ୍ର ରୂପେ ବିବେଚିତ ହୋଇପାରିବେ କିନ୍ତୁ ମାଲିକ କିଂବା ନିରଙ୍କୁଶ କ୍ଷମତାସମ୍ପନ୍ନ ଶାସକର ମନୋଭାବ ଦ୍ୱାରା ନୁହେଁ । ଏଇ ପରିବର୍ତ୍ତନ ହେଉଛି ରାଜନୈତିକ ପ୍ରଗତିର ସବୁଠାରୁ ଖାଣ୍ଟି ନିଦର୍ଶନଗୁଡ଼ିକ ମଧ୍ୟରୁ ଗୋଟିଏ ଯାହାକୁ ଆମମାନଙ୍କ ଭିତରେ ଆମେ ଲକ୍ଷ୍ୟ କରିସାରିଛୁ । ଗୁଣ୍ଡାମିର ଅଭିଯୋଗକୁ କେବଳ ଏଇ ମର୍ମରେ ବୁଝିବାକୁ ହେବ ଯେ ଏକ ନିଷ୍ପ୍ରାଣ ସହମତି ଏବଂ ଯାନ୍ତ୍ରିକ କରତାଳି ପରିବର୍ତ୍ତେ କଂଗ୍ରେସ ଏଇ ଥରକହିଁ ପ୍ରକୃତ ମନୋଯୋଗ ଆଉ ନିଛକ୍ ଅନୁଭୂତିର ଜୀବନ୍ତ ସଂକେତଗୁଡ଼ିକୁ ତୋଳି ଧରିଛି । ଏକ ଜାତୀୟସ୍ତରର ସମାବେଶରେ ସଭ୍ୟମାନେ ଯେ ନିଜକୁ ଖାଲି ସମର୍ଥନ ସୂଚକ ଧ୍ୱନି ଭିତରେ ଆବଦ୍ଧ କରି ରଖିବେ ଓ ନିଜର ଅସମ୍ମତିକୁ ମନ ଭିତରେ ରଖିବେ, ଏ ଧରଣର ବିତର୍କ ହେଉଛି ହାସ୍ୟାସ୍ପଦ । ଏକ ରାଜନୈତିକ ବିଶେଷତ୍ୱ ଥାଇ ପୃଥିବୀର କୌଣସି ସର୍ବସାଧାରଣ ସମାବେଶରେ ଏପ୍ରକାର ନିୟମ ଅନୁସୃତ ହୁଏନି । ଆଉ ଏବର୍ଷର କଂଗ୍ରେସରେ ଯେତିକି ଜୋର୍‌ରେ ପ୍ରତିବାଦ ସୂଚକ ଧ୍ୱନି ଉଠିଥିଲା ତା' ଅପେକ୍ଷା ଆହୁରି ଅଧିକ ତୀବ୍ରତାର ସହିତ ନିଜ ନାମଞ୍ଜୁରୀକୁ ସ୍ୱୟଂ ପାର୍ଲାମେଣ୍ଟର ଜନ୍ମଦାତ୍ରୀ (mother of Parliaments) ବରାବର ପ୍ରକାଶ କରିବାରେ ଅଭ୍ୟସ୍ତ । ଯେଉଁ ସମ୍ମୋହନ ମନ୍ତ୍ର ଉପରେ ନରମପନ୍ଥୀ ନେତାମାନେ ନିର୍ଭର କରିଆସିଥିଲେ, ଏଇ ଗଭୀରତର ଅନୁଭୂତି ଆଉ

ସ୍ୱାଧୀନଚେତା ମନୋବୃତ୍ତିର ଅଭିବୃଦ୍ଧି ଯୋଗୁଁ ସେଗୁଡ଼ିକର ବଶୀକରଣ ସାମର୍ଥ୍ୟ ବ୍ୟର୍ଥ ହୋଇଗଲା । ବମ୍ବେ କର୍ପୋରେଶନ୍‌ର ପୁରୁଷ ସିଂହ ଦେଖିପାରିଲେ ଯେ ନିଜଠାରୁ ଆହୁରି ଦୁର୍ଜେୟ ଶକ୍ତିସମ୍ପନ୍ନ ଜନତା ରୂପଧାରୀ ସିଂହକୁ ବେଙ୍ଗଲରେ ଜାଗ୍ରତ୍ କରାଯାଇଥିଲା ।

ଆମ ନିଜ ପାଇଁ ଲାଭକ୍ଷତି ଭାବେ ବିବେଚନା କରିବାକୁ ଆମର କ'ଣ ଅଛି ? କଠିନ ଶବ୍ଦାବଳୀର ସଂଯୋଜନାରେ କୌଣସି ପ୍ରସ୍ତାବ ଗୃହୀତ ହୋଇନି ଏବଂ ଆମେ ଖୁସି ଯେ ସେମିତି କିଛି ପ୍ରସ୍ତାବ ଗୃହୀତ ହୋଇନି, କାରଣ କେବଳ କଠିନ କାର୍ଯ୍ୟରେହିଁ ଆମର ବିଶ୍ୱାସ ଆଉ କଠିନ ଶବ୍ଦରେ ନୁହେଁ । କିନ୍ତୁ ଆମର ଯାହା ଆଶା ଥିଲା ତା'ର ଉପଲବ୍ଧି ହୋଇସାରିଛି, ଆମର ଯୁକ୍ତିଗୁଡ଼ିକ ସ୍ୱୀକୃତିଲାଭ କରିଛି ଯଦିଓ ଆମେ ସର୍ବଦା ଯେଉଁଳି ପୂରା ଠିକ୍‌ଭାବେ ଚାହିଁଥିଲୁ କିଂବା ଆମେ ନିଜେ ଯେତିକି ଶୁଦ୍ଧତା ଓ ସୁସ୍ପଷ୍ଟଭାବେ ସେସବୁର ଉପଯୋଗ କରି ପାରିଥାଆନ୍ତୁ ସେତିକି ଯଥାର୍ଥତାର ସହିତ ନହେଲେ ମଧ୍ୟ ସମସ୍ତ ବାସ୍ତବ ଲକ୍ଷ୍ୟ ପୂରଣ ନିମନ୍ତେ ଯାହା ହୋଇଛି, ତାହା ତଥାପି ଯଥେଷ୍ଟ । କଂଗ୍ରେସ ବ୍ରିଟିଶ ସରକାରଠାରୁ ଔପନିବେଶିକ ଢାଞ୍ଚାରେ ସ୍ୱୟଂକ୍ରିୟ ଶାସନର ଦାବି କରିବ ବୋଲି ଘୋଷଣା କରିଛି ଆଉ ଏହା କେବଳ ସ୍ୱାୟତ୍ତଶାସନ କିଂବା ସମ୍ପୂର୍ଣ୍ଣ ସ୍ୱରାଜର ନିରର୍ଥକ ବ୍ୟାଖ୍ୟାନୁବାଦ (Paraphrase) ମାତ୍ର । ବଙ୍ଗଳାରେ ବର୍ଜନ ଆନ୍ଦୋଳନର ଯୁକ୍ତିଯୁକ୍ତତା ବାସ୍ତବ ବୋଲି କଂଗ୍ରେସ ସ୍ୱୀକାର କରିଛି ମୁକ୍ତ କଣ୍ଠରେ କୌଣସି ସୀମା କିଂବା ସଂକୋଚ ନ ରଖି ଆଉ ଏପରି ଭାଷାରେ କରିଛି ଯେ ଅନ୍ୟ ଯେକୌଣସି ପ୍ରଦେଶ ନିଜ ଅଧିକାର ଜାହିର କରିବା ସକାଶେ ଆନ୍ଦୋଳନକୁ ଖୋଦ୍ ଏକ ଆୟୁଧରୂପେ ପ୍ରୟୋଗ କରିବାକୁ ମନ ବଳାଇଲେ ଏହାର ଉତ୍ତୋଳନ ପାଇଁ କିଛି ଦ୍ୱିଧାବୋଧର ପ୍ରୟୋଜନ ନାହିଁ । ସ୍ୱଦେଶୀ ଆନ୍ଦୋଳନକୁ କଂଗ୍ରେସ ସର୍ବତୋଭାବେ ସ୍ୱୀକାର କରି ନେଇଛି ଆଉ ତା' ସହିତ ଜନସାଧାରଣଙ୍କ ଦ୍ୱାରା ନିଆହୋଇଥିବା ଆତ୍ମରକ୍ଷାର ଉପାୟଗୁଡ଼ିକୁ ମଧ୍ୟ ଆଦରି ନେଇଛି । ଗୃହୀତ ପ୍ରସ୍ତାବର ପରିସର ଭିତରେ ଏହା ଆତ୍ମନିର୍ଭରତା(self-help)ର ଚିନ୍ତାଧାରା ପାଇଁ, ଆତ୍ମୋତ୍ସର୍ଗର ନିୟମ ଓ ବିଦେଶୀ ଦ୍ରବ୍ୟଗୁଡ଼ିକର କ୍ରମାଗତ ବର୍ଜନର ନୀତି ପାଇଁ ସୁଯୋଗ ଖୋଜି ପାଇଛି । ଜାତୀୟ ଶିକ୍ଷାର ଆବଶ୍ୟକତାକୁ କଂଗ୍ରେସ ଗ୍ରହଣ କରିଛି । ଏକ ସମ୍ବିଧାନର ପ୍ରୟୋଜନୀୟତାକୁ କଂଗ୍ରେସ ସ୍ୱୀକାର କରିଛି ଆଉ ବର୍ଷକ ସକାଶେ ପରୀକ୍ଷାମୂଳକ ପଦକ୍ଷେପ ସ୍ୱରୂପ ଏମିତି ଏକ ସମ୍ବିଧାନକୁ ବାଛି ନେଇଛି ଯାହା ଅପରିପକ୍ୱ, ସ୍ୱଳ୍ପମାନର ଆଉ ଅସମ୍ପୂର୍ଣ୍ଣ ହୋଇଥିବାରୁ କିପରି ଜାତୀୟ ମହାସଭା ପାଇଁ କ୍ରମେ ଯୋଗ୍ୟ ହୋଇଉଠିବା ସଙ୍ଗେ ସଙ୍ଗେ ଏକ କାର୍ଯ୍ୟବାହୀ ସମ୍ବିଧାନରେ ପରିଣତ ହୋଇପାରିବ, ତାହା ଆମରି ପ୍ରଚେଷ୍ଟା ଉପରେହିଁ ନିର୍ଭର କରୁଛି । ପ୍ରଗତିଶୀଳ ଦଳ (Forward Party) ଯେଉଁସବୁ ପାଇଁ ସଂଘର୍ଷ କରିଛି ସେସବୁକୁ ଅନୁମୋଦନ ମିଳିଛି କେବଳ କିଛି ପ୍ରତିକାର ବିଧାନର କାର୍ଯ୍ୟଟିକୁ ବାଦ୍‌ଦେଇ, ଯାହାକୁ ହାସଲ କରିବା ସରକାରଙ୍କ ଉପରେ ନିର୍ଭର କରେ; କିନ୍ତୁ ଏହା ସେଇ ସଂସ୍କାର ନୁହେଁ ଯାହା ଉପରେ ଆମେ କିଛି ଗୁରୁତ୍ୱ ଦେଇଥିଲୁ ଏହି ବିଶେଷ ଅଧିବେଶନ ନିମନ୍ତେ । ଆମେ ପ୍ରସ୍ତୁତ ରହିଥିଲୁ ପର୍ଯ୍ୟାପ୍ତ ସମୟ ଦେବା ପାଇଁ ଯେମିତିକି କଂଗ୍ରେସର ପୁରାତନ ଦୁର୍ବଳତା ଚାଲିଯିବ ଯଦି ଆମକୁ ବାସ୍ତବତାଗୁଡ଼ିକ ପ୍ରତି ସମସ୍ତଙ୍କୁ ଅବଗତ କରିବାକୁ ପଡୁଥାଏ । ଆମେ କେବଳ ନିର୍ଦ୍ଦିଷ୍ଟ ଗୋଟିଏ କଥାରେ ବଡ଼ ହତାଶ ହୋଇ ପଡ଼ିଥିଲୁ ଏବଂ ତାହା ହେଲା ସଭାପତିଙ୍କ ଅଭିଭାଷଣ । କିନ୍ତୁ ଏମିତିକି ଯେଉଁ ଉଦ୍‌ଯାପନୀ ଭାଷଣରେ ମିଃ. ନାରୋଜୀ ମହାଧିବେଶନକୁ ସମାପ୍ତ କଲେ ତାହା ତାଙ୍କ ଉଦ୍‌ଘାଟନୀ ଭାଷଣରେ ଥିବା କିଛି ତ୍ରୁଟି ସଂଶୋଧନ କରିଛି । ସେ ଆଉଥରେ ଘୋଷଣା କରିଥିଲେ ଯେ ସ୍ୱାୟତ୍ତ ଶାସନ, ସ୍ୱରାଜହିଁ ଆମର ଏକମାତ୍ର ଆଦର୍ଶ ହେବ – ଯେମିତିକି ମୁହୂର୍ତ୍ତକ ପ୍ରେରଣାର ବଶବର୍ତ୍ତୀ ହୋଇ ସେ ଏପରି ଶବ୍ଦଗୁଡ଼ିକୁ ଉଚ୍ଚାରଣ କରିଥିଲେ ଏବଂ ଏହାକୁ ହାସଲ କରିବା ସକାଶେ ତରୁଣ ଗୋଷ୍ଠୀକୁ ଆହ୍ୱାନ କରିଥିଲେ । ଅଭିଜ୍ଞ ବ୍ୟକ୍ତିମାନଙ୍କ କାର୍ଯ୍ୟ ସମ୍ପନ୍ନ ହୋଇଯାଇଥିଲା ପରବର୍ତ୍ତୀ ପିଢ଼ିକୁ ପ୍ରସ୍ତୁତ କରିବା ପାଇଁ ଯେଉଁମାନେ କୃତସଂକଳ୍ପ ହୋଇଥିଲେ । ଏଇ ମହାନ୍ ଆଦର୍ଶକୁ ଉପଲବ୍ଧି କରିବା ପାଇଁ କିନ୍ତୁ ଆଉ କିଛି ନ୍ୟୂନ ଉଦ୍ଦେଶ୍ୟ ପାଇଁ ନୁହେଁ; ଏହି ଆଦର୍ଶର ବାସ୍ତବ ରୂପାୟଣ ଆମରି ହାତରେହିଁ ରହିଛି । ଆମେମାନେ ମିଃ. ନାରୋଜୀଙ୍କ ଆହ୍ୱାନକୁ ଗ୍ରହଣ କରୁଛୁ ଆଉ ତାଙ୍କର ଅନ୍ତିମ ଉପଦେଶଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମନ୍ତେ ଆମେ ନିୟୋଜିତ କରିବା ଆମର ସମଗ୍ର ଜୀବନକୁ ଆଉ ଯଦି ଆବଶ୍ୟକ ପଡ଼େ ସେ ଜୀବନକୁ ମଧ୍ୟ ଉତ୍ସର୍ଗ କରିଦେବା ।

[ବନ୍ଦେ ମାତରଂ, ଡିସେମ୍ବର ୩୧, ୧୯୦୬]

(କ୍ରମଶଃ)

ଅନୁବାଦକ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ

# ବାସ୍ତବ ଓ ଭବିତବ୍ୟ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ଭବିଷ୍ୟତ୍ ବର୍ତ୍ତମାନର ଭିତ୍ତି ଉପରେ ଗଢ଼ା ହୁଏ – ଏହା ଅତି ପୁରୁଣା କଥା, ଯାହା ସମସ୍ତେ ଜାଣିଛନ୍ତି ଓ ମାନିଥା'ନ୍ତି । କିନ୍ତୁ ଗୋଳମାଳ ଉପସ୍ଥିତ ହୁଏ ଯେତେବେଳେ ଏଇ କଥାଟିର ପ୍ରଥମ ଦୁଇଟି ଶବ୍ଦ ମଧ୍ୟରୁ କେଉଁଟିକୁ ଅଧିକ ଜୋରଦେଇ କହିବାକୁ ହେବ ତାହାକୁ ନେଇ । କେହି ଜୋର ଦିଅନ୍ତି ଭବିଷ୍ୟତ୍ ଉପରେ ତ ଅନ୍ୟ କେହି ଜୋର ଦିଅନ୍ତି ବର୍ତ୍ତମାନ ଉପରେ ଏବଂ ଏଇ ଜୋର ଦେବାର ପାର୍ଥକ୍ୟକୁ କେନ୍ଦ୍ରକରି ଦୁଇଟି ଯାକର ପଛରେ ଥିବା ଦୃଷ୍ଟିଭଙ୍ଗୀ, କର୍ମପଦ୍ଧତି, ଏପରିକି ଲକ୍ଷ୍ୟ ପର୍ଯ୍ୟନ୍ତ ପୃଥକ୍ ହୋଇପଡ଼େ । ଅର୍ଥାତ୍ 'ଯାହା ଘଟିବ' ତାହାର ପ୍ରତିଷ୍ଠା ହେଉଛି 'ଯାହା ଅଛି' – ଏହାରି ଭିତ୍ତି ଉପରେ । ସୁତରାଂ ଦଳେ କହୁଛନ୍ତି : 'ଯାହା ଅଛି', ତାହାହିଁ ଅସଲ ଜିନିଷ, ଆଉ ଦଳେ କହିଥା'ନ୍ତି : 'ଯାହା ଭାବୀକାଳରେ ଘଟିବାକୁ ଯାଉଛି – ସେଇ ଜିନିଷଟିକୁ ଭାବିଚିନ୍ତି ବର୍ତ୍ତମାନଟିକୁ ଗଢ଼ ।' ବର୍ତ୍ତମାନ ଉପରେ ଯେଉଁମାନଙ୍କର ଆସ୍ଥା ସେମାନଙ୍କର କହିବାର ଉଦ୍ଦେଶ୍ୟ, ଯାହା ରହିଛି ତାକୁ ଭଲ କରି ଚାହିଁ ଦେଖ ଭବିଷ୍ୟତ୍ ପାଇଁ ତହିଁରେ କ'ଣ ସମ୍ଭାବନା ରହିଛି, ନହେଲେ ଶେଷରେ ଅବଶୋଷ ରହିଯିବ । କହିବ : 'ମୁଁ ଖାଲି ସପନ ବୁଣିଛି ବତାସେ ବତାସେ' । ତୁମ ହାତ ପାଖରେ ଯେଉଁ ଉପକରଣ ଅଛି, ତାହାହିଁ ତୁମର ଆଦର୍ଶକୁ ନିୟନ୍ତ୍ରିତ କରିବ, ଆକାର ଦେବ । 'ଯେତିକି ଅଛି' ସେ ବିଷୟରେ ଯେଉଁମାନଙ୍କର ସମ୍ୟକ୍ ଧାରଣା ନାହିଁ, ସେଇମାନଙ୍କୁହିଁ ତ କୁହାଯାଏ 'କାଣ୍ଡଜ୍ଞାନହୀନ' । ବସ୍ତୁ ଜ୍ଞାନ ବା ଫ୍ୟାକ୍ଟ ସହିତ ଘନିଷ୍ଠ ପରିଚୟ ହେଉଛି କୁଶଳୀ କର୍ମୀର ଜଗତ୍ । ଇଉରୋପ ଆଡ଼କୁ ଦୃଷ୍ଟି ଦିଅ, ସେ ଦେଶ କାହିଁକି ଏତେ ବଡ଼ ? ସେ ଦେଶ ବଡ଼ ତା'ର Scienceର ଜୋରରେ ଆଉ Science (ବିଜ୍ଞାନ) ହେଉଛି ଏକ ଚରମ ବସ୍ତୁଜ୍ଞାନ । ଇଉରୋପ ଜାଣେ ସେ କି ପ୍ରକାର ଜିନିଷ ନେଇ କାରବାର କରୁଛି; ସେସବୁ ଜିନିଷର ଧର୍ମ କ'ଣ, କର୍ମ କ'ଣ ଏବଂ ସେଇ ମାର୍ଗ ଦେଇ ସେ ଅଗ୍ରସର ହେଉଛି । ଯାହା ଦେଇ ଯାହା ଗଢ଼ାଯାଇପାରେ ସେ ତାହା ଦେଇ ଉକ୍ତ ଜିନିଷଟି ଗଢୁଛି, ଯାହା ଦେଇ ଯାହା ଗଢ଼ା ଯାଏ ନାହିଁ, ସେଦିଗରେ ସେ ଦୃକ୍ପାତ ବି କରେ ନାହିଁ । କାଣ୍ଡରେ ଯାହା ନାହିଁ, ସେଥିସକାଶେ ଚେଷ୍ଟା କରିବା – 'ଅକାଣ୍ଡ ପ୍ରତ୍ୟାଶା' । ଭାବୁକମାନଙ୍କର ଭୁଲ୍‌ଟି ଏଇଠାରେ : ସେମାନେ ବର୍ତ୍ତମାନକୁ ଚିହ୍ନି ନାହାନ୍ତି, ଭବିଷ୍ୟତ୍ ଉପରେ ଏତେ ଭକ୍ତି ଯେ ବର୍ତ୍ତମାନ ସହିତ ସମ୍ବନ୍ଧ କରିବା, ତାହାର ପରିଚୟ ପାଇବା ଲାଗି ପ୍ରୟାସ କରିବାକୁ ବି ସେମାନେ ଭୟ କରନ୍ତି !!

ଭାବୁକଗଣ କହିବାକୁ ଚାହାନ୍ତି ଯେ ଭବିଷ୍ୟତ୍‌କୁ ଯଦିଓ ଠିଆ ହେବାକୁ ପଡ଼େ ବର୍ତ୍ତମାନର ଭିତ୍ତି ଉପରେ, ସେକଥା ମନାକରୁ ନାହୁଁ । ତେବେ, ବର୍ତ୍ତମାନ ହେଉଛି କେବଳ ଆଶ୍ରୟ ଓ ଅବଲମ୍ବନ । ଭବିଷ୍ୟତ୍ ହେଉଛି ମୂଳ ଓ ଅସଲ ଜିନିଷ । କାହିଁକି ନା, ତୁମ ମନରେ ଯେଉଁ ଆଦର୍ଶ ଫୁଟିଉଠିଛି, ଯେଉଁ ଲକ୍ଷ୍ୟ ଜାଗିଛି – ସେଇ ଅନୁସାରେ ତୁମକୁ ପଥ ଠିକ୍ କରିବାକୁ ହେବ; ସେଇ ଅନୁସାରେହିଁ ବର୍ତ୍ତମାନକୁ ରୂପଦେବାକୁ ପଡ଼ିବ; ସେଇ ଅନୁସାରେ ବର୍ତ୍ତମାନକୁ ଚାପ ଦେବାକୁ ଓ ସେଇ ଛାଞ୍ଚରେ ଢାଳିଦେବାକୁ ହେବ । ବସ୍ତୁର ବା ଫାକ୍ଟର ନିଜସ୍ୱ ନିତ୍ୟଧର୍ମ କିଛି ନାହିଁ, ତୁମେ ତା' ଭିତରେ ଯେଉଁ ଧର୍ମକୁ ପ୍ରବେଶ କରାଇଦେବ, ସେଇ ଧର୍ମରେ ସେ ଗଢ଼ିଉଠିବ । କାଣ୍ଡଜ୍ଞାନର ପରିବର୍ତ୍ତନ ତ ସେଇପ୍ରକାରେହିଁ ହୋଇଥାଏ । ଶିଳ୍ପୀ ତା'ର କାଣ୍ଡଜ୍ଞାନକୁ ନେଇ ଯଦି ପ୍ରସ୍ତରରେ ନ ଖୁନ୍ଦି ରାସାୟନିକ ବିଶ୍ଳେଷଣରେ ଦୀର୍ଘକାଳ ଧରି ନିଯୁକ୍ତ ରହିବ, ସେଇ ଜ୍ଞାନ ଦେଇ ପ୍ରସ୍ତରର ଧର୍ମ ଓ କର୍ମ ନିର୍ଦ୍ଦେଶ କରିବାରେ ଲାଗି ରହିବ – ତା'ହେଲେ ଅପରୂପ ଶିଳ୍ପ ମୂର୍ତ୍ତିଟିଏ ଗଢ଼ିତୋଳିବାରେ ସେ କେବେହେଲେ ବି ସମର୍ଥ ହେବ ନାହିଁ, ମୂର୍ତ୍ତିଟିଏ ତା' ହାତରୁ ଫୁଟି ବାହାରିବ ନାହିଁ । ଶବ୍ଦକୁ କେବଳ ବତାସର ତରଙ୍ଗ ବୋଲି, ସେଇପରି ଯଦି ଜାଣିଥାଏ କେହି, ତା'ପାଖରୁ ସଙ୍ଗୀତର ମୂର୍ଚ୍ଛନା ଶୁଣିବାକୁ ପାଇବା ନାହିଁ । ଏସବୁ କ୍ଷେତ୍ରରେ ବସ୍ତୁ ସମ୍ପର୍କରେ ଜାଣିଥିବା ଧର୍ମକୁ ଅନୁସରଣ କରି ଆମେ ଆଗେଇ ଯାଉ ନାହୁଁ ବରଂ ଗୋଟିଏ ଅଜଣା ଲୋକର ଧର୍ମକୁ ଟାଣିଆଣି ବସ୍ତୁ ଉପରେ ଚପାଇ ଦେଉଛୁ, ଫଳରେ ତାହା ବସ୍ତୁର ସ୍ୱଭାବ ସ୍ୱରୂପ ମଧ୍ୟ ବଦଳାଇ ଦେଉଛି । ଯାବତୀୟ ସୃଷ୍ଟି କ୍ଷେତ୍ରରେ ଏପରି ହୋଇଥିବାର ଦେଖିଥାଉ । ମାଟ୍‌ସିନି ଯେଉଁ ଉପକରଣ, ଯେଉଁ ଲୋକବଳ ଓ ଅସ୍ତ୍ରବଳ ନେଇ ଇଟାଲୀର ସ୍ୱାଧୀନତା

ନିମନ୍ତେ ଲାଗି ପଡ଼ିଥିଲେ, ସେଇସବୁ ଉପକରଣର ଭାବୀ ସମ୍ଭାବନା ସମ୍ବନ୍ଧରେ ଯଦି ବିଚାର କରିବାକୁ ବସିଥା'ନ୍ତେ, ତେବେ ଦେଖିଥା'ନ୍ତେ ଯେ ସେ ଧରଣର ଭଙ୍ଗାରୁଜା ଓ ପଚି ଯାଇଥିବା ଜିନିଷପତ୍ର ଦେଇ କେବେ ବି କିଛି କରାଯାଇ ପାରି ନଥା'ନ୍ତା । ବର୍ତ୍ତମାନଠାରୁ ଭବିଷ୍ୟତ୍ ଦିଗରେ ଚାଲିବା – ଏହା ଅସଲ ପଦ୍ଧତି ନୁହେଁ, ବରଂ ଠିକ୍ ବାଟଟି ହେଉଛି – ଭବିଷ୍ୟତରୁ ବାହାରି ବର୍ତ୍ତମାନ ଦିଗରେ ଚାଲି ଆସିବା ।

ଏଇ ଯେଉଁ ଦୁଇଟି ଦଳ, ଦୁଇଟି ପଦ୍ଧତି – ଏ ଦୁଇଟି ଭିତରେ ଆମେ ସମନ୍ୱୟ ଆଣିବାକୁ ଚେଷ୍ଟା କରିବା । ଉଭୟ ଦୃଷ୍ଟିକୋଣରୁ କିଛି କିଛି ସତ୍ୟ ରହିଛି – ବିପରୀତ ଦିଗର ଦୁଇଟି ଚୂଡ଼ାନ୍ତ ସୀମାରେଖା ଯେଉଁଠାରେ ଆସି ମିଶୁଛନ୍ତି, ସେଇ ବିନ୍ଦୁଟିରେ ରହିଛି ପୂରା ସତ, ସେଇଠାରେହିଁ ପୂରା ସମାଧାନ ରହିଛି । ବସ୍ତୁବାଦୀ ଯେବେ କହନ୍ତି ପୂରା ବସ୍ତୁକୁ ଜାଣିବାକୁ ହେବ, ଯାହା ଅଛି ତାହାର ଧର୍ମକର୍ମର ପରିଚୟ ନେବାକୁ ହେବ, ବର୍ତ୍ତମାନର ସମ୍ଭାବନା କ'ଣ ରହିଛି, ତାହାର ସନ୍ଧାନ ନେବାକୁ ହେବ, ସେତେବେଳେ ସେମାନେ କିଛି ଅନ୍ୟାୟ କଥା କହନ୍ତି ନାହିଁ । କିନ୍ତୁ କଥା ହେଲା – ଏଇ ଅନୁସନ୍ଧାନ ସେମାନେ କେତେ ଦୂର ପର୍ଯ୍ୟନ୍ତ ଆଗେଇ ନେଇଛନ୍ତି ? ଫାକ୍ଟର ଗଭୀରତର, ଗଭୀରତମ ପ୍ରଦେଶରେ ଥିବା ନିବିଡ଼ତମ ଅନ୍ତଃସ୍ଥଳରେ ପହଞ୍ଚିବାକୁ ହେବ । ତା' ନହେଲେ ଆମକୁ ମିଳିବ ଖାଲି ଉପରେ ଉପରେ ଭାସୁଥିବା କ୍ଷଣିକ ଧର୍ମ । ବର୍ତ୍ତମାନର ସବୁ ସମ୍ଭାବନାକୁ ଧରିବାକୁ ହେଲେ ଆମର ବର୍ତ୍ତମାନର ବ୍ୟକ୍ତରୂପର ପଛରେ ଯେଉଁ ବ୍ୟକ୍ତ ଶକ୍ତି ଏବଂ ବ୍ୟକ୍ତଶକ୍ତିର ପଛରେ ଯେଉଁ ଶକ୍ତି-ଗର୍ଭ ସତ୍ତା ରହିଛି, ଆମକୁ ତାହାରହିଁ ଗୁଣର ସନ୍ଧାନ ନେବାକୁ ହେବ । ଏବଂ ଏଇ କାମଟି ଖାଲି ବସ୍ତୁବାଦୀର ବିଶ୍ଳେଷଣମୁଖୀ ଦୃଷ୍ଟି ଦ୍ୱାରା ହୋଇପାରେ ନାହିଁ, ଏଥିରେ ସାହାଯ୍ୟ ଦରକାର ଭାବୁକର କଳ୍ପନା, ସୂକ୍ଷ୍ମ ଅନୁଭବ ତଥା ଦିବ୍ୟଦୃଷ୍ଟି । ତେବେ ଭାବୁକଙ୍କ ଭୁଲ୍ ହୁଏ ସେତିକିବେଳେ, ଯେତେବେଳେ ସେ ଭାବାବେଶରେ ଭାସିଯା'ନ୍ତି, ଆପଣା ବାସନା ବା ଆକାଙ୍କ୍ଷାର ସ୍ରୋତରେ ବହିଯାଆନ୍ତି । ଚିତ୍ତାବେଗ ଯେଉଁ ରଙ୍ଗୀନ ସ୍ୱପ୍ନ ଗଢ଼ିତୋଳେ, ହୃଦୟର ଉଚ୍ଛ୍ୱାସ ମନର ଚାହିଁବା ଭଳି ଯେଉଁ ରୂପ ଆଙ୍କି ଦିଏ, ପ୍ରକୃତରେ ସେ ଜିନିଷଟି ସଫଳ ହେବ ନାହିଁ, ଜୀବନ୍ତ ହେବ ନାହିଁ ଯଦି ବାସ୍ତବର ଗଭୀରତମ ସତ୍ତା ସହିତ ତାହାର ଅବ୍ୟର୍ଥ ମେଳ ଅତୁଟ ସଂଯୋଗରେ ବନ୍ଧା ନହୁଏ । ସ୍ୱପ୍ନ ଦେଖିବା ଦରକାର, ମାତ୍ର ସେ ସ୍ୱପ୍ନ ହେବା ଦରକାର ସତ୍ୟସନ୍ଧ । ମନର ଖିଆଲ ଦେଖିଥାଏ ସ୍ୱପ୍ନଟିଏ, ତେବେ ଯେଉଁ ସ୍ୱପ୍ନ ଶେଷରେ ଫଳବତୀ ହୁଏ ସେଇଟି ହେଉଛି ଭବିଷ୍ୟତ୍ ଦୃଷ୍ଟିର ସ୍ୱପ୍ନ, ଅପରୋକ୍ଷ ଅନୁଭୂତିର ସ୍ୱପ୍ନ । କେବଳ ବାସ୍ତବର ଅନ୍ୟ ରୂପ ନୁହେଁ ।

ବିଚାର-ବୁଦ୍ଧି ବଳରେ ବର୍ତ୍ତମାନର ସ୍ୱରୂପକୁ ବାନ୍ଧି ଦିଆଯାଇ ପାରିବ ନାହିଁ । ବିଚାର-ବୁଦ୍ଧି ଦେଖିପାରେ ଓ ଆଣି ଦେଇପାରେ ବର୍ତ୍ତମାନର ରୂପ ଓ ଯେଉଁ ଶକ୍ତି ସେଇ ରୂପଦେଇଛି, ତାହାର କିଛି କିଛି ଝଲକ – ହୁଏତ ତାହାରି ଚାପରେ ଆସନ୍ତାକାଲିର କିଛି ଶକ୍ତି ଓ ଆଗାମୀକାଲିର କିଛି ରୂପ ଦେଖାଦେବ । ପରନ୍ତୁ ତା'ପରଦିନର ରୂପରେଖ ସମ୍ବନ୍ଧରେ ସେ ଭୟଜଡ଼ିତ କଣ୍ଠରେ ସାମାନ୍ୟ କିଛି କହିବ । ଅନ୍ୟପକ୍ଷରେ ଯେ ପରବର୍ତ୍ତୀ ଦିନର ଖବର ଦେଇପାରିବ, ଓ ସେ ଜିନିଷଟା ଯେ ବରାବର ଠିକ୍ ହେବ – ଏପରି ବି କୌଣସି ନିଶ୍ଚୟତା ନାହିଁ । କାହିଁକି ନା, ଭାବପ୍ରବଣତା ଭବିଷ୍ୟତର ଚିତ୍ର ଗଢ଼ିତୋଳେ ଅବଶ୍ୟ, ତେବେ ସେ ଚିତ୍ର ଭବିଷ୍ୟତର ଭାବଦେଇ ଯେତେ ଗଢ଼ା ନୁହେଁ, ବର୍ତ୍ତମାନର ଅଭାବ ଦେଇ ତା'ଠାରୁ ଅଧିକା ଗଢ଼ା । ମୋର ପ୍ରାଣର ଯେଉଁ ଆକାଙ୍କ୍ଷା ବର୍ତ୍ତମାନ ପୂରଣ ହୋଇପାରୁ ନାହିଁ, ତାହା ଯେଉଁ ପ୍ରକାରେ ପୂରଣ ହେବ ବୋଲି ମୋର ବିଶ୍ୱାସ, ଉକ୍ତ ବିଶ୍ୱାସ ଉପରେହିଁ ଆସ୍ଥା ରଖି, ସେଇଟିର ଗଠନ ଅନୁଯାୟୀ ମୁଁ ଭବିଷ୍ୟତର ରଚନା କରିଥାଏ । ଏ ବିଶ୍ୱାସର ବି ନାନାବିଧ ରୂପ ରହିଛି; ଯାବତୀୟ ବିଶ୍ୱାସ ଯେ ପର୍ବତ ଟଳାଇପାରେ – ଏପରି କିଛି କଥା ନାହିଁ । ମାତ୍ସିନିନଙ୍କର ଗୋଟିଏ ବିଶ୍ୱାସ – ଇଟାଲୀକୁ ସ୍ୱାଧୀନ କରିବା, ସେଇଟି ସଫଳ ହୋଇଛି । କିନ୍ତୁ ଆଉ ଗୋଟିଏ ବିଶ୍ୱାସ ଥିଲା – ଇଟାଲୀ ହେବ ନୂତନ ଯୁଗର, ନୂତନ ମାନବ-ଜାତିର ଦୀକ୍ଷାଗୁରୁ – ତାହା କାର୍ଯ୍ୟତଃ ସଫଳ ହୋଇ ନାହିଁ ।

ସବୁକିଛି ହେଉଛି ସତ୍ୟର ଓ ଶକ୍ତିର କଥା । ବାସ୍ତବବାଦୀ ଏକ ଧରଣର ସତ୍ୟ ଓ ଶକ୍ତି ନେଇ ଚାଲୁଛନ୍ତି – ଅର୍ଥାତ୍ ଯାହା ବ୍ୟକ୍ତ, ଯାହା ଅଛି, ତାହାରହିଁ ଶକ୍ତି ଓ ସତ୍ୟକୁ ହାତରେ ନେଇ; ଆଉ ଭାବବାଦୀ ଚାଲୁଛନ୍ତି ଆଉ ଏକ ଧରଣର ସତ୍ୟ ଓ ଶକ୍ତିକୁ ହାତରେ ଧରି । ବାସ୍ତବବାଦୀ ଠିଆ ହୋଇଛନ୍ତି ବୁଦ୍ଧି-ବିଦ୍ୟାର ଜୋରରେ, ଭାବବାଦୀ ଆଶ୍ରୟ ନେଇଛନ୍ତି ଚିତ୍ତାବେଗର ପ୍ରବାହର ତାଡ଼ନାରେ । ଏହି ଭାବୀ କାଳକୁ ଦୁଇ ପ୍ରକାରେ ଗଢ଼ା ଯାଇପାରେ, ଏହାର ଗତି ହେତୁରୁ କିନ୍ତୁ ଖାଲି କିଛିଦୂର ପର୍ଯ୍ୟନ୍ତ – ମାତ୍ର ଆମେ ଦେଖୁ ଯେ ବାସ୍ତବିକ ଭବିଷ୍ୟତ୍

ଯେତେବେଳେ ଗଢ଼ି ଉଠିଲା, ସେତେବେଳେ ତାହା ରୂପ ନିଏ – ତୃତୀୟ ଧରଣର । ବସ୍ତୁବାଦୀ ବା ଭାବବାଦୀ କେହି ତାହା ଦେଖିପାରି ନାହାନ୍ତି, ଯାହା ବା ଦେଖିଛନ୍ତି, ତାହା ସେଇଟିର ଭଙ୍ଗା ଭଙ୍ଗା ରୂପ । ସେଇ ତୃତୀୟ ରୂପଟିକୁ ଫଳବତୀ କରିବାରେ ବସ୍ତୁବାଦୀର ବୁଦ୍ଧିବଳ କିଛି ପରିମାଣରେ କାମ କରିଛି, ଭାବବାଦୀର ଆବେଗ ପ୍ରବଣତା ବରଂ ତା'ଠାରୁ ଅଧିକ କାମ କରିଛି । ତେବେ ଅସଲ ଶକ୍ତିଟି ଆସିଛି ଏଇ ଦୁଇ ପକ୍ଷର ସୀମାର ବାହାରୁ – ଏଇ ଦୁଇଟିକୁ ଛୁଇଁଛି, ଅଥଚ ଏଇ ଦୁଇଟିଠାରୁ ଭିନ୍ନ ଏକ ବସ୍ତୁ ।

ସେଇ ନୂଆ ଶକ୍ତିଟିର ରୂପରେଖ କ'ଣ ? କେଉଁଠିକାର ସତ୍ୟରେ ତାହାର ପ୍ରତିଷ୍ଠା । ସେଇ ସତ୍ୟ ଫୁଟିଛି ଋଷି ଦୃଷ୍ଟିରେ, ସେଇ ଶକ୍ତି ମଧ୍ୟ ଉତ୍ସାରିତ ହୋଇଛି ତପୋବଳରେ । ଆମର ସ୍ଥୂଳ ଚକ୍ଷୁରେ ଯାହା ବସ୍ତୁ ବା କାଣ୍ଡ ଅର୍ଥାତ୍ ଯାହା ଫାକଟ୍ ବୋଲି ଦେଖାଦିଏ, ତାହା ସେଇ ସତ୍ୟ ଓ ଶକ୍ତିର କ୍ରମପରିଣାମ ଧାରାର ଗୋଟିଏ ବିଶେଷ ସାମ୍ୟାବସ୍ଥା (poise ବା equilibrium) ହେତୁ । କିନ୍ତୁ ଏଇ ସାମ୍ୟାବସ୍ଥା ଭଙ୍ଗାଯାଇ ପାରିବ ନାହିଁ ବା ଏହା ଚିରନ୍ତନ ନିତ୍ୟ ଜିନିଷ ଭଳି ନୁହେଁ; ସେଇ ସାମ୍ୟାବସ୍ଥା ଆପେକ୍ଷିକ (relative), ଯାହା ଢଳି ଯାଇଛି ଅନ୍ୟ ଏକ ସାମ୍ୟାବସ୍ଥା ଦିଗରେ, ତାହା ନୂଆ ବସ୍ତୁ ବା କାଣ୍ଡ ବା ଫାକ୍ଟ୍ ସୃଜନ କରିବା ଦିଗରେ ମୋଡ଼ ନେଇଛି – ବୈଜ୍ଞାନିକଗଣ ଯେମିତି କହିଥା'ନ୍ତି : ଏକ ବୈଦ୍ୟୁତିକ ଶକ୍ତିଧାରା ସ୍ତର ପରେ ସ୍ତର ଦେଇ କେନ୍ଦ୍ରଗତ ହୋଇ ଏକ ଏକ ସ୍ଥିର ସାମ୍ୟାବସ୍ଥା ପାଇ ଗୋଟିଏ ଗୋଟିଏ ମୂଳ ଭୌତିକ ଦ୍ରବ୍ୟ ବା ଉପାଦାନ (element) ସୃଜନ କରୁଥାଏ – ଇଉରେନିୟମ୍ ଏଇଭଳି ଏକ ସ୍ଥିର ସାମ୍ୟାବସ୍ଥା; ତାହା ଭାଙ୍ଗିଗଲେ ହୋଇଉଠୁଛି ଆଉ ଗୋଟିଏ ସାମ୍ୟାବସ୍ଥା, ଯାହାର ନାମ ଥୋରିୟମ୍; ଥୋରିୟମ୍ ଭାଙ୍ଗିଯାଇ ହୋଇ ଉଠୁଛି ରେଡ଼ିୟମ୍ – ଏହା ମଧ୍ୟ ଏକ ସାମ୍ୟାବସ୍ଥା ଏବଂ ଏଇପରି ଭାବେ ସୀସା, ପାରା ଓ ସୁନାର ଉତ୍ପତ୍ତି ହୋଇଥାଏ । ସେଇପରି ଘଟନାର ଜଗତରେ ମଧ୍ୟ ଏକ ଶକ୍ତିର କ୍ରମପରିଣାମ ଧାରାରେ ଫାକ୍ଟ ବି ପରିବର୍ତ୍ତିତ ହୋଇଚାଲିଛି । ଅତୀତର ବାସ୍ତବ ବର୍ତ୍ତମାନର ବାସ୍ତବକୁ ଜନ୍ମ ଦେଉଛି, ବର୍ତ୍ତମାନର ବାସ୍ତବ ଭବିଷ୍ୟତ୍‌ର ବାସ୍ତବକୁ ଜନ୍ମଦିଏ । ବସ୍ତୁବାଦୀର ଭୁଲ୍ ହୁଏ – ଏଇ କାରଣରୁ ଯେ ସିଏ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଫାକ୍ଟକୁ – ଏଗୁଡ଼ିକୁ ଗୋଟିଏ ବନ୍ଧନୀ ଭିତରେ ରଖି ପରଖିବାକୁ ଚାହାନ୍ତି ଅର୍ଥାତ୍ ସୀସାକୁ ସେ ସୀସା ଭାବରେ ଦେଖନ୍ତି, ତାହାର ସହଜ ସ୍ୱାଭାବିକ ପରିଣାମ ଯେ ସୁନା ହୋଇପାରେ, ଏ କଥା ସିଏ ବିଶ୍ୱାସ କରିବାକୁ ଚାହାନ୍ତି ନାହିଁ । ଅଥଚ ଭାବବାଦୀ ବିଶ୍ୱାସ କରନ୍ତି ଆଜିକାର କଳିଯୁଗ କାଲିକାର ସତ୍ୟଯୁଗରେ ପରିଣତ ହୋଇପାରେ ଅର୍ଥାତ୍ ସୀସା ସୁନାରେ ପରିଣତ ହୋଇପାରେ – ମାତ୍ର ଆରମ୍ଭରେ ତାଙ୍କର ବିଶ୍ୱାସ ଜିନିଷଟିର ଅଭାବ – ଜ୍ଞାନର ଦୃଷ୍ଟିଭଙ୍ଗୀ ହେତୁ । ସେ ଯେଉଁ କାମଟି କରିବାକୁ ଚାହାନ୍ତି, ତାହା ଯାଦୁବିଦ୍ୟାର (alchemy) ବଳରେ । ଭାବବାଦୀଙ୍କର ସୁନାର ଯେତେ ସ୍ୱପ୍ନ ସେଗୁଡ଼ିକ ବିଫଳ ହୁଏ ଓ ହେବ ଯଦି ସେ ଯାଦୁବିଦ୍ୟାର ପଥ ଛାଡ଼ିଦେଇ ବୈଜ୍ଞାନିକର ଜ୍ଞାନ ଓ ଦୃଷ୍ଟିର ପଥକୁ ଆପଣାର ନ କରନ୍ତି । ସେ ଯେଉଁଦିନ ଶକ୍ତିର ମୂଳକେନ୍ଦ୍ର ଓ ମୂଳଧାରାଟିର ସନ୍ଧାନ ପାଇଯିବେ, ତାହାର କ୍ରମପରିଣାମର ରହସ୍ୟ ଉଦ୍‌ଘାଟନ କରିବେ, ସେଇଦିନହିଁ ସେ ବସ୍ତୁ ତଥା ବାସ୍ତବକୁ ଯଥେଚ୍ଛା ସତ୍ୟସନ୍ଧ କରି ବଦଳାଇ ପାରିବେ, ସେଇଦିନ ବସ୍ତୁବାଦୀ ଓ ଭାବବାଦୀ ଏକ ସାମ୍ୟାବସ୍ଥାରେ ପହଞ୍ଚି ସେଠାରୁ ଯାତ୍ରା କରିବେ ଏକହିଁ ସତ୍ୟ ଦିଗରେ ।

(ରଚନାବଳୀ ୬ଷ୍ଠ ଖଣ୍ଡ 'ଭାବୀ ସମାଜ' ପୁସ୍ତିକାରୁ ଗୃହୀତ)

ଅନୁବାଦ : କୃଷ୍ଣାଦେବୀ ✥

ମା'ଙ୍କ ବିଜୟ ମୂଳତଃ ହେଲା ପ୍ରତ୍ୟେକ ସାଧକର ନିଜ ଉପରେ ବିଜୟ । କେବଳ ସେତେବେଳେହିଁ କୌଣସି ବାହ୍ୟିକ କର୍ମରେ ସୁସଙ୍ଗତ ପୂର୍ଣ୍ଣତା ଅଣାଯାଇପାରେ ।

୪. ୪. ୧୯୬୪ — ଶ୍ରୀଅରବିନ୍ଦ

## ବେଦରହସ୍ୟ - (ଦ୍ୱିତୀୟଭାଗ) : ନିର୍ବାଚିତ ସୂକ୍ତାବଳୀ – ୧

# ଇନ୍ଦ୍ର-ଅଗସ୍ତ୍ୟ ସମ୍ବାଦ

## (ଋଗ୍‌ବେଦ : ୧/୧୭୦)

## ଶ୍ରୀଅରବିନ୍ଦ

**ନ ନୂନମସ୍ତି ନୋ ଶ୍ୱଃ କସ୍ତଦ୍ୱେଦ ଯଦଦ୍‌ଭୁତମ୍**
**ଅନ୍ୟସ୍ୟ ଚିତ୍ତମଭି ସଂଚରେଣ୍ୟମୁତାଧୀତଂ**
**ବି ନଶ୍ୟତି ।।୧।।**

**ଇନ୍ଦ୍ର :**

ଅର୍ଥ (ଅନ୍ୱୟ ସହ): ଏହା ବର୍ତ୍ତମାନ ନୁହେଁ [ନ ନୂନମ୍ ଅସ୍ତି], ଏହା ଆଗାମିକାଲି ମଧ୍ୟ ନୁହେଁ [ନୋ ଶ୍ୱଃ]; ଯାହା ପରମ ତଥା ଅଦ୍ଭୁତ ଏଭଳି ସେହି ସତ୍‌କୁ କିଏ ବା ଜାଣେ [ତଦ୍ କଃ ବେଦ ଯଦ୍ ଅଦ୍ଭୁତମ୍]? ଅନ୍ୟର ଚେତନା ମଧ୍ୟରେ ଏହାଙ୍କର ଗତି ଓ କ୍ରିୟା ରହିଛି [ଅନ୍ୟସ୍ୟ ଚିତ୍ତମ୍ ଅଭି ସଞ୍ଚରେଣ୍ୟମ୍], କିନ୍ତୁ ଚିତ୍ତ ମାଧ୍ୟମରେ ତାହାଙ୍କୁ ଜାଣିବାକୁ ଚେଷ୍ଟାକଲେ [ଉତ ଆଧୀତମ୍] ସେ ବିଲୁପ୍ତ ହୋଇଯାଆନ୍ତି [ବି ନଶ୍ୟତି] ।୧।

**କିଂ ନ ଇନ୍ଦ୍ର ଜିଘାଂସସି ଭ୍ରାତରୋ ମରୁତସ୍ତବ ।**
**ତେଭିଃ କଲ୍ପସ୍ୱ ସାଧୁୟା ମା ନଃ ସମରଣେ ବଧୀଃ ।।୨।।**

**ଅଗସ୍ତ୍ୟ :**

ଅର୍ଥ (ଅନ୍ୱୟ ସହ) : ହେ ଇନ୍ଦ୍ର, ତୁମେ ଆମକୁ ଆଘାତ କରିବାକୁ କାହିଁକି ଇଚ୍ଛା କରୁଛ [ଇନ୍ଦ୍ର, କିଂ ନଃ ଜିଘାଂସସି] ? ମରୁଦ୍‌ଗଣ ତୁମର ଭାଇ [ମରୁତଃ ତବ ଭ୍ରାତରଃ] । ସେମାନଙ୍କ ମାଧ୍ୟମରେ ତୁମେ ପୂର୍ଣ୍ଣତା ସମ୍ପାଦନ କର [ତେଭିଃ ସାଧୁୟା କଳ୍ପସ୍ୱ]; ଆମର ସଂଘର୍ଷ ମଧ୍ୟରେ ଆମକୁ ବଧ କର ନାହିଁ [ସମରଣେ ନଃ ମା ବଧୀଃ] ।୨।

**କିଂ ନୋ ଭ୍ରାତରଗସ୍ତ୍ୟ ସଖା ସନ୍ନତି ମନ୍ୟସେ ।**
**ବିଦ୍ମା ହି ତେ ଯଥା ମନୋଽସ୍ମଭ୍ୟମିନ୍ନ ଦିତ୍ସସି ।।୩।।**
**ଅରଂ କୃଣ୍ୱନ୍ତୁ ବେଦିଂ ସମଗ୍ନିମିନ୍ଧତାଂ ପୁରଃ ।**
**ତତ୍ରାମୃତସ୍ୟ ଚେତନଂ ଯଜ୍ଞଂ ତେ ତନବାବହୈ ।।୪।।**

**ଇନ୍ଦ୍ର :**

ଅର୍ଥ (ଅନ୍ୱୟ ସହ) : ହେ ମୋର ଭାଇ ଅଗସ୍ତ୍ୟ ! [ଭ୍ରାତଃ ଅଗସ୍ତ୍ୟ] ତୁମେ ମୋର ସଖା ହୋଇ ମଧ୍ୟ ତୁମ ଭାବନାକୁ ମୋଠାରୁ ଉଚ୍ଚ କରି ରଖୁଛ [ସଖା ସନ୍ ନଃ ଅତିମନ୍ୟସେ, କିମ୍] ? କାରଣ [ଇତ୍], ଆମଠାରେ ତୁମ ମନକୁ ସମର୍ପଣ ନ କରିବାକୁ ତୁମେ ଯେପରି ଇଚ୍ଛା କରୁଛ [ଯଥା ତେ ମନଃ ଅସ୍ମଭ୍ୟଂ ନ ଦିତ୍ସସି] ତାହା ମୁଁ ଭଲଭାବେ ଜାଣେ [ବିଦ୍ମ ହି] ।୩। ସେମାନେ ବେଦିକୁ ପ୍ରସ୍ତୁତ କରନ୍ତୁ [ବେଦିମ୍ ଅରଂ କୁର୍ବନ୍ତୁ], ଅଗ୍ନିଙ୍କୁ ସେମାନେ ସମ୍ମୁଖରେ ସମିଦ୍ଧ କରି ରଖନ୍ତୁ [ପୁରଃ ଅଗ୍ନିଂ ସମିନ୍ଧତାମ୍] । ଅମୃତତ୍ୱ ଦିଗରେ ଜାଗ୍ରତ୍ ଚେତନା ସେଠାରେ ରହିଛି [ତତ୍ର ଅମୃତସ୍ୟ ଚେତନମ୍] । ଆମେ ଦୁହେଁ ମିଳିତଭାବେ ତୁମ ନିମନ୍ତେ ତୁମର ଫଳପ୍ରସୂ ଯଜ୍ଞ ବିସ୍ତାର କରିବା ଆସ [ତେ ଯଜ୍ଞଂ ତନବାବହୈ] ।୪।

**ତ୍ୱମୀଶିଷେ ବସୁପତେ ବସୂନାଂ**
**ତ୍ୱଂ ମିତ୍ରାଣାଂ ମିତ୍ରପତେ ଧେଷ୍ଠଃ ।**
**ଇନ୍ଦ୍ର ତ୍ୱଂ ମରୁଦ୍ଭିଃ ସଂ ବଦସ୍ୱାଧ**
**ପ୍ରାଶାନ ଋତୁଧା ହବୀଂଷି ।।୫।।**

**ଅଗସ୍ତ୍ୟ :**

ଅର୍ଥ (ଅନ୍ୱୟ ସହ) : ସକଳ ବସୁ (ମୂଳବସ୍ତୁ)ମାନଙ୍କର ମୂଳ ଉପାଦାନ ହେ ଇନ୍ଦ୍ର ! [ବସୂନାଂ ବସୁପତେ ଇନ୍ଦ୍ର] ତୁମେ ଶକ୍ତିମାନ୍ ପ୍ରଭୁ [ତ୍ୱମ୍ ଈଶିଷେ] । ମିତ୍ରଶକ୍ତିମାନଙ୍କର ହେ ମିତ୍ରପତି ! [ମିତ୍ରାଣାଂ ମିତ୍ରପତେ] ନିଜ ଧାମକୁ ଅଧିକାର ମଧ୍ୟରେ ରଖିବାରେ ତୁମେ ସର୍ବୋତ୍ତମ ବଳଶାଳୀ [ତ୍ୱଂ ଧେଷ୍ଠଃ] । ତୁମେ ମରୁଦ୍‌ଗଣଙ୍କ ସହ ସମ୍ମତ ହୁଅ [ତ୍ୱଂ ମରୁଦ୍ଭିଃ ସଂବଦସ୍ୱ] ଏବଂ ତା'ପରେ [ଅଧ] ସତ୍ୟର ବିଧାନରେ ଅବଧାରିତ [ଋତୁଧାଃ] ସମର୍ପଣଗୁଡ଼ିକୁ ଭୋଗକର [ହବୀଂଷି ପ୍ରାଶାନ] ।୫।

**ଭାଷ୍ୟ**

ଉକ୍ତ ସୂକ୍ତର ମୂଳ ତତ୍ତ୍ୱଟି ଆଧ୍ୟାତ୍ମିକ ଅଗ୍ରଗତିର ସେଇ ଅବସ୍ଥାର ଅନ୍ତର୍ଗତ ଯେତେବେଳେ ମାନବ ବ୍ୟକ୍ତି 'ଧୀ'ର ଦ୍ରଷ୍ଟୃ ଚେତନା ସାହାଯ୍ୟରେ ଉନ୍ନତ ସ୍ତରକୁ ଦ୍ରୁତ ଅତିକ୍ରମ କରିଯିବା

ପାଇଁ ଇଚ୍ଛା କରେ ଏଇ ଉଦ୍ଦେଶ୍ୟରେ ଯେ ସିଏ ସଚେତନଭାବେ କରୁଥିବା ଗୋଟିଏ ପରେ ଗୋଟିଏ କର୍ମ – ଏହିପରି ପ୍ରଗତିଶୀଳ ପୂର୍ଣ୍ଣବିକାଶ ନକରି ମଧ ଅପରିପକ୍ୱ ସ୍ଥିତିରେହିଁ ସକଳ ବସ୍ତୁର ମୂଳ-ଉତ୍ସରେ ସତେ ଯେପରି ଉପନୀତ ହୋଇଯାଇଛି । ତା'ର ଏଇ ପ୍ରୟାସକୁ ଦେବତାଗଣ, ଯେଉଁମାନେ ମାନବୀୟ ବିଶ୍ୱ ତଥା ଜାଗତିକ ବିଶ୍ୱ ଉପରେ ଆଧିପତ୍ୟ କରୁଛନ୍ତି ସେଇମାନେ ବିରୋଧ କରିଛନ୍ତି ଏବଂ ଫଳରେ ଏକ ଭୟଙ୍କର ସଂଘର୍ଷ ମାନୁଷୀ ଚେତନା ମଧ୍ୟରେ ଦେଖାଦେଇଛି ଯେଉଁଥିରେ ଗୋଟିଏ ପକ୍ଷରେ ଏକ ଅହଂଭାବ ପ୍ରଣୋଦିତ ବ୍ୟଗ୍ରତାଯୁକ୍ତ ବ୍ୟକ୍ତି-ଆତ୍ମା ଏବଂ ଅପର ପକ୍ଷରେ ବିଶ୍ୱଗତ ଭଗବତ୍ ଅଭିପ୍ରାୟକୁ ସିଦ୍ଧ କରିବାକୁ ଚାହୁଁଥିବା ବିଶ୍ୱଶକ୍ତିମାନେ ।

ଏହିପରି ଏକ ସଂଘର୍ଷର ସନ୍ଧିକ୍ଷଣରେ ଋଷି ଅଗସ୍ତ୍ୟ ତାଙ୍କ ଆନ୍ତର ଉପଲବ୍ଧିର କ୍ଷେତ୍ରରେ ଇନ୍ଦ୍ରଙ୍କର ସମ୍ମୁଖୀନ ହୋଇଛନ୍ତି – ଯେଉଁ ଇନ୍ଦ୍ର ହେଉଛନ୍ତି ବିଶୁଦ୍ଧ ଧୀଷଣାର ଲୋକର ଅର୍ଥାତ୍ ସ୍ୱର୍ଲୋକର ଅଧିପତି, ଏହି ଧୀଷଣାର ଭିତର ଦେଇ ଉଦ୍‌ବର୍ତ୍ତନଶୀଳ ବ୍ୟକ୍ତି-ଆତ୍ମା ଦିବ୍ୟସତ୍ୟ ମଧକୁ ଉନ୍ନୀତ ହୁଏ ।

ଇନ୍ଦ୍ର ସର୍ବପ୍ରଥମେ ସର୍ବବସ୍ତୁର ଉତ୍ସ ଉକ୍ତ ଅଜ୍ଞେୟ 'ଆଦିମୂଳ'ଙ୍କ ବିଷୟରେ କହୁଛନ୍ତି : ''ଯାହାଙ୍କ ଅଭିମୁଖରେ ତୁମେ, ଅଗସ୍ତ୍ୟ ଖୁବ୍ ଅଧୀର ହୋଇ ଆଗେଇ ଯିବାକୁ ଉଦ୍ୟମ କରୁଛ ସେ ବସ୍ତୁ 'କାଳ'ର ଅଧୀନ ଜଗତ୍ ମଧରେ ଲଭ୍ୟ ନୁହନ୍ତି । ବର୍ତ୍ତମାନର ବାସ୍ତବ ଘଟଣାବହୁଳତା ଭିତରେ ନତୁବା ଭାବୀକାଳର ସମ୍ଭାବ୍ୟ ପରିଣାମଗୁଡ଼ିକ ଭିତରେ ବି ସେ ରହି ନଥା'ନ୍ତି । ସେ ବର୍ତ୍ତମାନ କାଳରେ ନାହାନ୍ତି କିଂବା ପରେ ବି ଏହାଙ୍କର ଆବିର୍ଭାବ ନାହିଁ । ଏହାଙ୍କର ସ୍ଥିତି ଦେଶ ଓ କାଳର ପରପାରରେ, ସୁତରାଂ, ଯାହା ଦେଶକାଳରେ ସୀମିତ, ସେସବୁ ଦ୍ୱାରା ସ୍ୱୟଂ ସେ ବୋଧଗମ୍ୟ ହେବେ ନାହିଁ, ସେ ଯେଉଁ ଚେତନାର ଆକାର ତଥା କ୍ରିୟା ମଧରେ ନିଜକୁ ଅଭିବ୍ୟକ୍ତ କରନ୍ତି, ତାହା ତାଙ୍କର ନିଜସ୍ୱ ନୁହେଁ; ଆହୁରି ମଧ ତାଙ୍କର ସେଇ ସମସ୍ତ କ୍ରିୟାବଳୀ ଭିତର ଦେଇ ଏକଥା ବୁଝାଯାଏ ଯେ ସେହି 'ତତ୍'ହିଁ ଆମର ଉପଲବ୍ଧିର ବିଷୟ ହେବା ବିଧେୟ । ପରନ୍ତୁ କେହି ଯଦି ଇଚ୍ଛାକୃତଭାବେ ତାଙ୍କ ନିକଟରେ ଉପନୀତ ହେବାକୁ ଏବଂ ତାଙ୍କ ନିଜର ଗୋଚରକୁ ଆଣିବାକୁ ମାନସିକ ଭାବରେ ପ୍ରୟାସ କରେ, ତେବେ ସେହି ତତ୍‌ସ୍ୱରୂପ ତା'ର ଚିନ୍ତା ମଧରୁ ଅପସୃତ ହୋଇଯା'ନ୍ତି – ଏମିତି ଭାବରେ ଅଦୃଶ୍ୟ ହୋଇ ଯାଆନ୍ତି ଯେପରି ସେହି ତତ୍‌ସ୍ୱରୂପ ମୂଳରୁହିଁ ସେଠାରେ ନ ଥିଲେ । (୧)

ଅଗସ୍ତ୍ୟ ତା' ସତ୍ତ୍ୱେ ବି ବୁଝିପାରୁ ନାହାନ୍ତି ଯେ ଯିଏ ସର୍ବଭୂତର ସର୍ବୋତ୍ତମ ଲକ୍ଷ୍ୟ ଏବଂ ତାଙ୍କର ସମସ୍ତ ଚିନ୍ତା ଓ ଅନୁଭବ ଯାହାଙ୍କୁ ଲାଭ କରିବାକୁ ଅତିଶୟ ବ୍ୟଗ୍ର ଭାବେ ଦାବି କରୁଛି, ସେଥିରୁ ତାଙ୍କୁ କାହିଁକି, କେଉଁଥିପାଇଁ ପ୍ରବଳଭାବେ ବିରୋଧ କରାଯାଉଛି । ମରୁଦ୍‌ଗଣ ହେଉଛନ୍ତି 'ଧୀ'ଶକ୍ତି, ଯାହାଙ୍କର ପ୍ରଭାବଶାଳୀ ସାମର୍ଥ୍ୟ, ସେମାନଙ୍କର ଅଗ୍ରଗତିରେ ଦୃଢ଼ ଓ ଆପାତ ବିଧ୍ୱଂସକ ମନେ ହେଉଥିବା ସଂବେଗମାନ ପୂର୍ବପ୍ରତିଷ୍ଠିତ ଚିନ୍ତାରାଜିକୁ ଭାଙ୍ଗି ନଷ୍ଟ କରିଦିଏ ଅଥଚ ନୂତନ ଭାବରେ ରଚିତ ହେବାକୁ ଯାଉଥିବା ସିଦ୍ଧିର ଗଠନଗୁଡ଼ିକୁ ଲାଭ କରିବାରେ ସେଗୁଡ଼ିକ ସାହାଯ୍ୟ କରେ । ଇନ୍ଦ୍ର, ଯିଏ କି ଅବିମିଶ୍ର ପ୍ରଜ୍ଞାର ଶକ୍ତି, ସିଏ ସେମାନଙ୍କର ଭାଇ,– ସତ୍ତା ଦୃଷ୍ଟିରୁ ଦେଖିଲେ ସିଏ ଜ୍ୟେଷ୍ଠ, ତଥାପି ସ୍ୱଭାବ ଦୃଷ୍ଟିରୁ ସେ ସେମାନଙ୍କର ଆତ୍ମୀୟ । ସେମାନଙ୍କର (ମରୁଦ୍‌ଗଣଙ୍କର) ସହାୟକ ବସ୍ତୁମାନଦେଇ ଇନ୍ଦ୍ର ସେହି ପୂର୍ଣ୍ଣତାର ସମ୍ପାଦନ କରିବା ଉଚିତ ସେଇ ଦିଗରେ, ଯେଉଁ ଦୁଷ୍କର କର୍ମରେ ଅଗସ୍ତ୍ୟ ପ୍ରଯତ୍ନଶୀଳ – ଯେଉଁଥିରେ ସିଏ ଭୀଷଣ ସଂଘର୍ଷରେ ଲାଗିଛନ୍ତି ଇନ୍ଦ୍ର ସେଥିରେ ବୈରୀର ଭୂମିକା ନିର୍ବାହ ନ କରନ୍ତୁ ସେଥିରେ ମିତ୍ରକୁ ବଧ ନ କରି ବରଂ ସହାୟତା କରନ୍ତୁ । (୨)

ଇନ୍ଦ୍ରଦେବ, ଉତ୍ତରରେ କହୁଛନ୍ତି ଯେ ଅଗସ୍ତ୍ୟ ତାଙ୍କର ସଖା ଓ ଭ୍ରାତା – ଏଇ ଦୃଷ୍ଟିରୁ ସେ ଭ୍ରାତା ଯେହେତୁ ଆତ୍ମିକ ସ୍ତରରେ ସେ ଦୁହେଁ ପରମ ପ୍ରଭୁଙ୍କର ସନ୍ତାନ; ଏବଂ ମିତ୍ର ଏଥିଯୋଗୁଁ ଯେ ଏକହିଁ ପ୍ରୟାସରେ ସେ ଦୁହେଁ କର୍ମ କରିବାକୁ ଅଙ୍ଗୀକୃତ ଏବଂ ଯେଉଁ ଦିବ୍ୟପ୍ରେମ ଦେବତା ଓ ମାନବକୁ ବାନ୍ଧି ରଖେ ସେଥିପାଇଁ ସେଦୁହେଁ ଏକ (one), ଅଧିକନ୍ତୁ ଏଇ ବନ୍ଧୁତା ଓ ସହଯୋଗିତା ଫଳରେ ଆପଣା କ୍ରମପ୍ରଗତିରେ ପୂର୍ଣ୍ଣତା ଆଣିବାକୁ ବର୍ତ୍ତମାନ ଯାତ୍ରାପଥରେ ଯେଉଁ ଅବସ୍ଥାରେ ଆସି ଉପନୀତ ହୋଇଛନ୍ତି, ସେଇଟି ତାଙ୍କରି (ଇନ୍ଦ୍ରଙ୍କର) ସହାୟତା ହୋଇଥିଲେହେଁ ଅଗସ୍ତ୍ୟ ତାଙ୍କ ପ୍ରତି ନିମ୍ନତର ଶକ୍ତି ଭଳି ହେୟ ଆଚରଣ କରୁଛନ୍ତି; ଏତଦ୍‌ବ୍ୟତୀତ ଦେବତାଙ୍କ ଲୋକର ସର୍ତ୍ତମାନ ନିଜ ଭିତରେ ପୂରା ସଂସିଦ୍ଧ କରିବା ବିନା ସେଇ ଲୋକକୁ ଅତିକ୍ରମି ଯିବାକୁ ସେ ଚେଷ୍ଟିତ । ତାଙ୍କର ବର୍ଦ୍ଧିତ ଧୀ-ଶକ୍ତିକୁ ସେ ସ୍ୱକୀୟ ଲକ୍ଷ୍ୟ ଅଭିମୁଖରେ ନେଇ ଚାଲିଛନ୍ତି, ଯେଉଁ ଜାଗାରେ କି ଅଗସ୍ତ୍ୟଙ୍କୁ ମାଧ୍ୟମ କରି ଏଇ ଧୀ-ସମ୍ପଦମାନ

ବିଶ୍ୱଗତ ବିପୁଳ ଧୀମତ୍ତା ନିକଟରେ ସମର୍ପି ଦେବା ପ୍ରୟୋଜନ ଥିଲା ଯଦ୍ୱାରା ତାଙ୍କର ପ୍ରଜ୍ଞା ମାନବଜାତିର ଉପଲବ୍ଧିରେ ସମୃଦ୍ଧି ଆଣିଦେଇଥା'ନ୍ତା ତଥା ଅଗସ୍ତ୍ୟଙ୍କୁ ସତ୍ୟର ମାର୍ଗରେ ଅଗ୍ରସର କରାଇ ନେଇଥା'ନ୍ତା । ଏଇଠାରେ, ଇନ୍ଦ୍ର ପୁଣି କହୁଛନ୍ତି (ଅଗସ୍ତ୍ୟଙ୍କ ଉଦ୍ଦେଶ୍ୟରେ) : ''ଏବେ ଋଷିଙ୍କର ଅହଂ-ପ୍ରଣୋଦିତ ପ୍ରଚେଷ୍ଟାର ପରିସମାପ୍ତି ଘଟୁ ଓ ଉକ୍ତ ମହାଯଜ୍ଞର ପୁନରାରମ୍ଭ ହେଉ; ଯଜ୍ଞର ପୁରୋହିତ ରୂପେ ତଥା ଏଇ ଅଭିଯାତ୍ରାର ପ୍ରଥମ ଭୂମିକା ଓ ଯାତ୍ରାର ପଥନିର୍ଦ୍ଦେଶ ରୂପେ ଅଗ୍ନିଦେବଙ୍କୁ ଯିଏକି ଏ ଯଜ୍ଞର ପୁରୋଧା, ଦିବ୍ୟଶକ୍ତିର ବହ୍ନି – ତାଙ୍କୁ ଜଳିବାକୁ ଦିଆଯାଉ ।'' ଇନ୍ଦ୍ର ଓ ଅଗସ୍ତ୍ୟ – ଜଣେ ବିଶ୍ୱାତ୍ମକ ଶକ୍ତି ଓ ଅନ୍ୟ ଜଣକ ମାନବ ବ୍ୟକ୍ତି-ଆତ୍ମା, ଉଭୟେ ସମନ୍ୱିତ ଓ ମିଳିତ ଭାବରେ ଫଳପ୍ରଦ ଆନ୍ତର କ୍ରିୟାଶୀଳତାକୁ ବିଶୁଦ୍ଧ ବୁଦ୍ଧିମତ୍ତାର ସ୍ତରକୁ ଉଠାଇ ନେବେ, ଯଦ୍ୱାରା ପରିଣାମରେ ସେହି ସ୍ତରରେ ତାହାକୁ ସମୃଦ୍ଧ କରିବେ ଏବଂ ତାହାର ଊର୍ଦ୍ଧ୍ୱକୁ ମଧ୍ୟ ନେଇ ଚାଲିବେ, କାହିଁକି ନା, ଏକଥା ନିଶ୍ଚିତ ଯେ ଭାଗବତ କ୍ରିୟାନ୍ୱୟନରେ ନିମ୍ନତର ସତ୍ତା କ୍ରମଶଃ ଯେତେ ଅଧିକ ଉତ୍ତରୋତ୍ତର ସମର୍ପିତ ହୋଇଚାଲିବ, ତା'ର ସୀମିତ ଓ ଅହଂଗ୍ରସ୍ତ ଚେତନା ଅସୀମ ଓ ଅମୃତମୟ ସ୍ଥିତି ପ୍ରତି ସେତେ ଜାଗରୂକ ହେବ – ଯାହା ତା'ର ଲକ୍ଷ୍ୟ । (୩-୪)

ଇନ୍ଦ୍ରଦେବଙ୍କର ଏଇ ଇଚ୍ଛା ଋଷି ଅଗସ୍ତ୍ୟ ମାନି ନେଇଛନ୍ତି ଏବଂ ତାଙ୍କ ନିକଟରେ ନିଜକୁ ସମର୍ପିତ କରୁଛନ୍ତି । ଇନ୍ଦ୍ରଙ୍କର କ୍ରିୟାଧାରା ମଧ୍ୟରେ ପରମପ୍ରଭୁଙ୍କୁ ପ୍ରତ୍ୟକ୍ଷ କରିବାକୁ ଓ ତାଙ୍କର ଅଭିଳାଷକୁ ପରିପୂର୍ଣ୍ଣ କରିବାକୁ ସେ ସ୍ୱୀକୃତ ହୋଇଛନ୍ତି । ଇନ୍ଦ୍ର ତାଙ୍କର ନିଜ ଲୋକରେ ଥାଇ, ସତ୍ତାର ମୂଳତତ୍ତ୍ୱସବୁର (ବସୁମାନଙ୍କର) ସର୍ବମୟ ପ୍ରଭୁ, ବସୁ – ଯାହାସବୁ ମନ, ପ୍ରାଣ ଓ ଦେହରୂପୀ ତ୍ରିଧାଜଗତରେ ଅଭିବ୍ୟକ୍ତ; ଏବଂ ଏହି କାରଣରୁହିଁ ତାଙ୍କ ଭିତରେ ଏଭଳି ଶକ୍ତି ରହିଛି ଯାହାଦ୍ୱାରା ଏ ବିଶ୍ୱ ଜଗତରେ ନିଜକୁ ବ୍ୟକ୍ତ କରୁଥିବା ଦିବ୍ୟସତ୍ୟକୁ ପ୍ରକୃତିର କ୍ରିୟାଧାରା ମଧ୍ୟରେ ପରିପୂର୍ଣ୍ଣ କରିବା ନିମନ୍ତେ, ଏଇ ତ୍ରିବିଧ ଲୋକରେ ବସ୍ତୁରୂପଗୁଡ଼ିକୁ ଉପଯୋଗ କରିପାରନ୍ତି; ସେହିପରି ପ୍ରେମ ଓ ଆନନ୍ଦର ସର୍ବୋଚ୍ଚ ପ୍ରଭୁରୂପେ ଇନ୍ଦ୍ରଙ୍କର ଏଭଳି ଶକ୍ତି ରହିଛି ଯାହା ଉକ୍ତ ସଂରଚନାର ବସ୍ତୁରୂପଗୁଡ଼ିକୁ ପ୍ରକୃତିର ପଦସ୍ଥିତିରେ ଉକ୍ତ ସମାନ ତ୍ରିବିଧ (ଯଥା : ମନ, ପ୍ରାଣ ଓ ଶରୀରର) ଲୋକରେ ଯଥାସ୍ଥାନରେ ସଂସ୍ଥାପିତ କରିପାରନ୍ତି । ଅଗସ୍ତ୍ୟଙ୍କଠାରେ ଯାହାକିଛି ଉପଲବ୍ଧି ଘଟିଥିଲା, ସେସବୁକୁ ସେ ଯଜ୍ଞର ହବିଃ ରୂପେ ଇନ୍ଦ୍ରଙ୍କ ହସ୍ତରେ ସମର୍ପି ଦେଲେ ଯାହାଫଳରେ କି ତାଙ୍କରି ଦ୍ୱାରା ଅଗସ୍ତ୍ୟଙ୍କ ଚେତନାର ନିର୍ଦ୍ଦିଷ୍ଟ ଅଙ୍ଗରେ ଏବଂ ସଦ୍ୟ ରଚନା ଦିଗରେ ସେସବୁକୁ ପ୍ରବର୍ତ୍ତିତ କରାଯାଇ ପାରିବ । ଇନ୍ଦ୍ର ପୁନରାୟ ଅଗସ୍ତ୍ୟଙ୍କ ସତ୍ତାର ଊର୍ଦ୍ଧ୍ୱମୁଖୀ ଅଭୀପ୍ସୁ ଶକ୍ତିମାନଙ୍କ (ମରୁଦ୍‌ଗଣଙ୍କ) ସହ ସୁହୃଦ୍ ଭଳି ଆଳାପ ଆରମ୍ଭ କରିଛନ୍ତି; ଋଷିଙ୍କର ଚିନ୍ତାବଳି ଏବଂ ଭାସ୍ୱର ଜ୍ଞାନର ମାଧ୍ୟମରେ ଯେପରି ଆମ ପାଖକୁ ଅବିମିଶ୍ର ପ୍ରଜ୍ଞା ଆସି ଏକ ସହମତିତା ପ୍ରତିଷ୍ଠା କରେ । ସେତେବେଳେ ଯାଇ ଉକ୍ତ ଶକ୍ତି (ଇନ୍ଦ୍ରଶକ୍ତି) ଉତ୍ତର ଲୋକର ସତ୍ୟର ବିଧାନକୁ (ଋତଧାଃ) ଆଶ୍ରୟ କରି ରୂପାୟିତ ଓ ପରିଚାଳିତ ବସ୍ତୁନିଚୟର ଯଥାର୍ଥ ସ୍ଥିତିକୁ ଅନୁସରଣ କରି ଯଜ୍ଞାହୁତିଗୁଡ଼ିକୁ ଅଗସ୍ତ୍ୟଙ୍କ ମଧ୍ୟରେ ଉପଯୋଗ କରିବେ । (୫)

[ଶ୍ରୀଅରବିନ୍ଦଙ୍କ 'The Secret of the Veda' ଗ୍ରନ୍ଥର ଦ୍ୱିତୀୟ ଭାଗ ''*Selected Hymns*''ର ଓଡ଼ିଆ ଅନୁବାଦ ।

ଅନୁବାଦ : କୃଷ୍ଣାଦେବୀ ଓ ମଧୁସୂଦନ ମହାପାତ୍ର] ✥

ପୃଥିବୀ ଉପରେ ସ୍ଥୂଳ ଓ ଜଡ଼ରେ ଆନନ୍ଦର ବିଶୁଦ୍ଧତମ ଉତ୍ସ ହେଲା କୃତଜ୍ଞତା ।
୪. ୪. ୧୯୬୨ — ଶ୍ରୀମା

# ଜନ୍ମାନ୍ତର ପ୍ରହେଳିକା

## (ଶ୍ରୀ ମନୋଜ ଦାସଙ୍କ ସହ ପ୍ରଶ୍ନୋତ୍ତର)

- ମଣିଷ ପଶୁ ରୂପେ ପୁନର୍ଜନ୍ମ ଗ୍ରହଣ କରିପାରେ କି ?
- ମୃତ୍ୟୁ ଅନିବାର୍ଯ୍ୟ ବୋଲି ଜ୍ଞାନ ଥିବା ସତ୍ତ୍ୱେ ମଣିଷ କାହିଁକି କରେ ଅଜ୍ଞାନ ଆଚରଣ ?

*ପ୍ରଥମ ଜିଜ୍ଞାସୁ* : ଆପଣ ପୁନର୍ଜନ୍ମରେ ବିଶ୍ୱାସ କରନ୍ତି ବୋଲି ଆମେ ଜାଣୁ । ମୁଁ ମଧ୍ୟ ବିଶ୍ୱାସ କରେ । କିନ୍ତୁ ସତକଥା କହିଲେ ମୋ ବିଶ୍ୱାସ ମଧ୍ୟେ ମଧ୍ୟେ ଉଭେଇଯାଏ । ପୁନର୍ଜନ୍ମ ଅଛି ବୋଲି କିଛି ପ୍ରମାଣ ମିଳନ୍ତା ନାହିଁ ?

**ଉତ୍ତର** : ଯାହା ପ୍ରକୃତ ବିଶ୍ୱାସ ତାହା ପ୍ରମାଣ-ସାପେକ୍ଷ ନୁହେଁ । ଯେଉଁ ବିଶ୍ୱାସ ମଧ୍ୟେ ମଧ୍ୟେ ଉଭେଇ ଯାଇପାରେ ତାହା ହାଲୁକା, ମାନସିକ ବିଶ୍ୱାସ ।...

*ଉପ ପ୍ରଶ୍ନ* : ବିଶ୍ୱାସର ବି ପ୍ରକାର ଭେଦ ଅଛି ?

**ଉତ୍ତର** : ଅବଶ୍ୟ ଅଛି । ବିଶ୍ୱାସର ବହୁସ୍ତର ରହିଛି; ସବୁ ବିଶ୍ୱାସର ଭିତ୍ତି ମଧ୍ୟ ସମାନ ନୁହେଁ । ତାହା ଏକ ଭିନ୍ନ ଏବଂ ବ୍ୟାପକ ବିଷୟ । ଆପଣ ପୁନର୍ଜନ୍ମ ପ୍ରସଙ୍ଗର ଅବତାରଣା କରିଛନ୍ତି । ସେହି ପରିପ୍ରେକ୍ଷୀରେ ମୁଁ ମାତ୍ର ଦୁଇ ପ୍ରକାର ବିଶ୍ୱାସ କଥା କହୁଛି : ପ୍ରକୃତ ବା ଆତ୍ମିକ ବିଶ୍ୱାସ ଏବଂ ଅସ୍ଥାୟୀ ମାନସିକ ବିଶ୍ୱାସ ।

ଅସ୍ଥାୟୀ ମାନସିକ ବିଶ୍ୱାସ ଏକ ସାଧାରଣ ଅଭିଜ୍ଞତା । ବର୍ଷକ ତଳେ ଜଣକୁ ଆପଣ ସାଧୁ, ସଜ୍ଜନ ଭାବରେ ବିଶ୍ୱାସ କରୁଥିବେ; ଆଜି ଦେଖିବେ ସେ ସଇତାନ ଗୋଷ୍ଠୀର ସଦସ୍ୟଟିଏ । ଆପଣଙ୍କ ବିଶ୍ୱାସ ବଦଳିଯିବ । ମନ, ବୁଦ୍ଧି, ଆବେଗ, ଏପରିକି ଗଭୀର ଅନୁସନ୍ଧାନ ମାଧ୍ୟମରେ ମଧ୍ୟ ଆପଣ ଯେଉଁ ବିଶ୍ୱାସରେ ଉପନୀତ ହୋଇଥିବେ, ତାହା ଭୁଲ୍ ବୋଲି ମୁହୂର୍ତ୍ତକ ଭିତରେ ପ୍ରମାଣିତ ହୋଇଯାଇପାରେ ।

କିନ୍ତୁ ପ୍ରକୃତ ବା ଆତ୍ମିକ ବିଶ୍ୱାସର ଚରିତ୍ର ଭିନ୍ନ । ତାହା ସ୍ୱୟଂସିଦ୍ଧ । ଶିଶୁର ଚେତନାରେ ନିଜ ମାଆ ଉପରେ ବିଧିଦତ୍ତ ଯେଉଁ ପରିପୂର୍ଣ୍ଣ ଆସ୍ଥା, ତାହାରି ସମତୁଲ ବିଶ୍ୱାସ ହେଲା ଆତ୍ମିକ ବିଶ୍ୱାସ । ମାଆ ଉପରେ ଶିଶୁର ବିଶ୍ୱାସ ସହଜାତ ପ୍ରବୃତ୍ତି; ତା'ର ସର୍ବନିମ୍ନ ବିକାଶ ନିମନ୍ତେ ସେ ବିଶ୍ୱାସ ଅପରିହାର୍ଯ୍ୟ । କନ୍ତୁ ସେହି ପର୍ଯ୍ୟାୟର ବିଶ୍ୱାସ ପୂର୍ବଜନ୍ମାର୍ଜିତ ଅଭିଜ୍ଞତାର ଫଳ ହୋଇଥାଇପାରେ । ଆପଣ ଭଗବାନ୍ କୁହନ୍ତୁ, ଈଶ୍ୱର କୁହନ୍ତୁ ବା ଅନ୍ୟ ଯେକୌଣସି ଶବ୍ଦ ବ୍ୟବହାର କରନ୍ତୁ, ଏକ ସଚେତନ ମହାଶକ୍ତି, ଏକ ଅମାପ, ଅନିର୍ବଚନୀୟ ଚେତନା ଏ ସମଗ୍ର ସୃଷ୍ଟି ପଶ୍ଚାତରେ ବିଦ୍ୟମାନ, ପୁଣି ଓତପ୍ରୋତଭାବେ ସୃଷ୍ଟି ଭିତରେ ନିହିତ — ଯଦି ଏହି ବିଶ୍ୱାସ ଆପଣଙ୍କର ଅଛି ବୋଲି ଆପଣ ଜାଣନ୍ତି, ତେବେ ତାହା ପୂର୍ବଜନ୍ମ ସମୂହର ଅଭିଜ୍ଞତାର ନିର୍ଯାସ ହୋଇପାରେ ।

ବର୍ତ୍ତମାନ ଆପଣଙ୍କ ମୂଳ ପ୍ରଶ୍ନକୁ ଆସିବା । ପୁନର୍ଜନ୍ମରେ ବିଶ୍ୱାସ ସେହିଭଳି ଏକ ସ୍ୱତଃସ୍ଫୂର୍ତ୍ତ, ପୂର୍ବାର୍ଜିତ ବିଶ୍ୱାସ । ତାହା ପ୍ରମାଣ ଉପରେ ବା ଯୁକ୍ତି ଉପରେ ନିର୍ଭର କରେନା । ଯୁକ୍ତି ଅବଶ୍ୟ ଅଛି; ମୋର ବୁଦ୍ଧି ଆପଣଙ୍କଠାରୁ କମ୍ କାହିଁକି, କିନ୍ତୁ ମୋର ଅନୁଭବ ଶକ୍ତି ଆପଣଙ୍କଠାରୁ ଅଧିକ ପ୍ରଖର କାହିଁକି ? ଆପଣ କାହିଁକି ସାହସୀ, ମୁଁ କାହିଁକି ନୁହେଁ ? ପୂର୍ବଜନ୍ମ ବା ଜନ୍ମଜନ୍ମାନ୍ତର ବ୍ୟାପୀ ଅବ୍ୟାହତ ଭିନ୍ନ ଭିନ୍ନ ବିକାଶଧାରାର ଭୂମିକା ବିନା ଏହା ବୁଝାଇ ହେବ ନାହିଁ । କିନ୍ତୁ ଜଣେ ଯଦି ଯୁକ୍ତି ପାଇଁ ଯୁକ୍ତି କରିବ, ତେବେ ସେ ଏହି ସାଧାରଣ ଜ୍ଞାନସମ୍ମତ ତତ୍ତ୍ୱକୁ ମଧ୍ୟ ଖଣ୍ଡନ କରିପାରେ ।

*ଦ୍ୱିତୀୟ ଜିଜ୍ଞାସୁ* : ମନେ ପଡୁଛି, ଆମ ମୁଲକରେ ଜଣେ ଧନୀ ଅଥଚ ଭୀଷଣ କୃପଣ ବ୍ୟକ୍ତି ଥିଲା । ଶୁଣିଥିଲି, ସେ ଯେଉଁଦିନ ମଲା, ସେହିଦିନ ତା' କୁକୁରୀର ଛୁଆ ହେଲା । ଟିକିଏ ବଡ଼ ହେବା ପରେ ସେ କୁକୁର ଛୁଆ ଘରର ଗୋଟିଏ କୋଣରେ ଯାଇ ଶୋଇ ରହେ । ଯେତେ ତଡ଼ିଲେ ମଧ୍ୟ ସେ ବାରଂବାର ସେହି ସ୍ଥାନକୁ ପଳେଇବ । ସେଇଠି କୁଆଡ଼େ କୃପଣଟି ବହୁ ଟଙ୍କା ପୋତି ରଖିଥିଲା । କୁକୁର ରୂପେ ଜନ୍ମ ହୋଇ ସେ ସେହି ଟଙ୍କା ଜଗିବାକୁ ଉତ୍ସୁକ ଥାଏ । ଏହା ସତ ହୋଇପାରେ ?

**ଉତ୍ତର** : ଆପଣ ଗୋଟାଏ ଜନପ୍ରିୟ ଲୋକକଥାର ଅପଭ୍ରଂଶ ଶୁଣିଛନ୍ତି ବୋଲି ମୋର ମନେହୁଏ । ସଂକ୍ଷେପରେ : ଜଣେ ଗୁରୁଙ୍କ ପାଖରେ ରହୁଥିଲେ କେତେଜଣ ଯୋଗ-ଶିକ୍ଷାର୍ଥୀ । ଜଣକର ନାମ ଧରନ୍ତୁ ସୁଜନ । ଗୁରୁ ତା' ଭିତରେ ବେଶ୍ ପ୍ରତିଶ୍ରୁତି ନିହିତ ଥିବାର ଲକ୍ଷ୍ୟ କରୁଥିଲେ । ସେ ଯୁବକ

ମଧ୍ୟ ତା’ ଜୀବନକୁ ସାଧନାରେ ଉତ୍ସର୍ଗ କରି ଗୁରୁଙ୍କ ଆଶ୍ରମରେହିଁ ରହିବ ବୋଲି ସିଦ୍ଧାନ୍ତ ନେଇଥାଏ ।

ହଠାତ୍ ଖବର ମିଳିଲା ତା’ ମାଆ ମୃତ୍ୟୁଶଯ୍ୟାରେ । ସୁଜନ ଘରକୁ ଗଲା କିନ୍ତୁ କେଇମାସ ପରେ ଖବର ପଠାଇଲା କି ମାଆର ଶେଷ ଇଚ୍ଛା ପୂରଣ ଦିଗରେ ତା’ର କର୍ତ୍ତବ୍ୟ ଦୃଷ୍ଟିରୁ ସେ ବିଭା ହେବାକୁ ବାଧ୍ୟ ହୋଇଛି । ମାଆ କିନ୍ତୁ ରୋଗଶଯ୍ୟାରୁ ଉତ୍ତୀର୍ଣ୍ଣ ହେଲେ । ନାତି ମୁହଁ ଦେଖି ତପ୍ପରେ ଆଖି ବୁଜିବେ ବୋଲି ନୂତନ ଇଚ୍ଛା ବ୍ୟକ୍ତ କଲେ । ଅଗତ୍ୟା ସୁଜନ ଗୁରୁଙ୍କ ପାଖକୁ ସନ୍ଦେଶ ପଠାଇଲା : ମାଆ ଶେଷ-ନିଃଶ୍ୱାସ ତ୍ୟାଗ କରିବା ମାତ୍ରେ ସେ ସ୍ତ୍ରୀ ହାତରେ ଘର ସମର୍ପି ଦେଇ ଆଶ୍ରମ ଚାଲିଯିବ । ବିତିଗଲା ଆଉ ଛଅମାସ । ଗୁରୁ ତାଙ୍କ ପଟ୍ଟଶିଷ୍ୟ ଆନନ୍ଦାନନ୍ଦଙ୍କୁ ପଠାଇଲେ ତାକୁ ନେଇଯିବା ପାଇଁ । କିନ୍ତୁ ସେତେବେଳକୁ ତା’ ସ୍ତ୍ରୀ ଅନ୍ତଃସତ୍ତ୍ୱା । ସେ ଜବାବ ଦେଲା ସନ୍ତାନଟି ନିରାପଦରେ ଜନ୍ମ ହେବା ମାତ୍ରେ ସେ ଚାଲିଯିବ । ପରେ ପରେ ତା’ ମାଆ ଏବଂ ତେଣେ ଗୁରୁ ଉଭୟେ ପରଲୋକ ଗଲେ । କିନ୍ତୁ ଗୁରୁ ଆନନ୍ଦାନନ୍ଦଙ୍କୁ କହିଗଲେ, ‘‘ବାବା, ସୁଜନର ଚେତନା ଗୋଟାଏ ଦିଗରୁ ଖୁବ୍ ବିକଶିତ । ତାକୁ ପାସୋରି ଦେବୁ ନାହିଁ । ଦିନେ ନା ଦିନେ ସେ ମୋହମୁକ୍ତ ହେବା ଚାହି ।’’

ଦୁଇ ବର୍ଷ ପରେ ତୀର୍ଥରୁ ଫେରିବା ପଥରେ ଆନନ୍ଦାନନ୍ଦ ସୁଜନ ଘରେ ଅଟକିଲେ । ସୁଜନର ଆନନ୍ଦର ସୀମା ନାହିଁ କି ଗ୍ଲାନିବୋଧର ସୀମା ନାହିଁ । ଆନନ୍ଦର ଦୁଇଟି ହେତୁ : ତା’ର ଏକ ପୁତ୍ର ସନ୍ତାନ ହୋଇଛି, ତାହା ପ୍ରଥମ ହେତୁ । ସନ୍ନ୍ୟାସୀ ଆନନ୍ଦାନନ୍ଦ ତାକୁ ଆଶୀର୍ବାଦ କରିବେ, ତାହା ଦ୍ୱିତୀୟ ହେତୁ । ଗୁରୁଭାଇଙ୍କ ସହ ଦେଖା ହେବାର ଆନନ୍ଦ ଅବଶ୍ୟ ଥିଲା, କିନ୍ତୁ ସେ ଆନନ୍ଦକୁ ମ୍ଳାନ କରି ଦେଉଥିଲା ଗ୍ଲାନିବୋଧ — ସେ ନିଜେ ସନ୍ନ୍ୟାସ ଜୀବନରୁ ଓହରି ଆସିଥିବା ଯୋଗୁଁ ଏବଂ ଗୁରୁଙ୍କୁ ଦେଇଥିବା ପ୍ରତିଶ୍ରୁତି ଭଙ୍ଗ କରିଥିବା ଯୋଗୁଁ ।

‘‘ଭାଇ ଆନନ୍ଦାନନ୍ଦ, ମୋତେ ଆଉ କିଛି ସମୟ ଦିଅ । ପୁଅକୁ ଯେତେବେଳେ ସଂସାରକୁ ଆଣିଛି, ସେ ଟିକିଏ ବଡ଼ ନହେଲେ ତାକୁ ଛାଡ଼ିଯିବା ଅନ୍ୟାୟ ହେବ !’’ ଯୁକ୍ତି ଦେଲା ସୁଜନ ।

ଆନନ୍ଦାନନ୍ଦ ଦୀର୍ଘଶ୍ୱାସ ଛାଡ଼ି ବିଦାୟ ନେଲେ । ଦଶବର୍ଷ ପରେ ସେ ଜଣେ ଦୂତ ପଠାଇଲେ । ସୁଜନ ସେତେବେଳକୁ ଏକ କନ୍ୟାର ପିତା ମଧ୍ୟ ।

‘‘ଆନନ୍ଦାନନ୍ଦଙ୍କୁ ଜଣାଇବ, କନ୍ୟା ଜନ୍ମ ଯେତେବେଳେ ଦେଇଛି, ସେତେବେଳେ ତାକୁ ବିଭା ନଦେଇ ଚାଲିଯିବା ଘୋର ଅଧର୍ମ ହେବ ।’’ ସେ ନମ୍ର ଭାବରେ ଜଣାଇଲା । ସେତେବେଳକୁ ସେ ବ୍ୟବସାୟ କରି ବଡ଼ କୋଠା ମଧ୍ୟ ତୋଳି ସାରିଲାଣି ।

ବିତିଗଲା ଆଉ ଏକ ଦଶନ୍ଧି । ପୁନର୍ବାର ତୀର୍ଥ-ପ୍ରତ୍ୟାବର୍ତ୍ତନ ପଥରେ ସ୍ୱୟଂ ଆନନ୍ଦାନନ୍ଦ ଆସି ସୁଜନ ଘରେ ପହଞ୍ଚିଲେ । କିନ୍ତୁ ସେତେବେଳକୁ ସୁଜନ ପର ପାରିକୁ ଗଲାଣି । ପୁଅ ଯୁବକ ଏବଂ ସମୃଦ୍ଧ । ବାପାଙ୍କଠାରୁ ତାଙ୍କ ପ୍ରାକ୍-ବୈବାହିକ ଜୀବନର ବୃତ୍ତାନ୍ତ ତଥା ବାପା ଯଥା ଶୀଘ୍ର ଆଶ୍ରମକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ବାରଂବାର କହୁଥିବାର ମଧ୍ୟ ସେ ଶୁଣିଛି । ସେ ଆନନ୍ଦାନନ୍ଦଙ୍କୁ ବିପୁଳ ସମ୍ମାନ ସହକାରେ ଅଭ୍ୟର୍ଥନା କଲା ।

ଆନନ୍ଦାନନ୍ଦ ବିମର୍ଷ ଅନୁଭବ କରୁଥା’ନ୍ତି — ଯେହେତୁ ସେ ଗୁରୁଙ୍କ ଇଚ୍ଛା ପୂରଣ କରିପାରିଲେ ନାହିଁ — ସୁଜନକୁ ଆଶ୍ରମକୁ ଫେରାଇ ନେଇ ପାରିଲେ ନାହିଁ ! କିନ୍ତୁ ସେ ଲକ୍ଷ୍ୟ କଲେ, ସେ ପହଞ୍ଚିବା ମାତ୍ରେ କୁକୁରଟିଏ ଭାରି ସରାଗରେ ଉଦ୍ଦାମ ରୀତିରେ ଲାଞ୍ଜ ଆନ୍ଦୋଳନ କରି ତାଙ୍କ ସାନ୍ନିଧ୍ୟ ଲୋଡୁଥାଏ । ଗୃହସ୍ଥ ତାକୁ ତଡ଼ିଲେ ମଧ୍ୟ ସେ ଯାଉ ନଥାଏ ! ଜଣେ ସନ୍ନ୍ୟାସୀ ଗୃହସ୍ଥର ଘର ଭିତରେ ଶୋଇବା ପରଂପରା-ବିରୋଧୀ ବୋଲି ଆନନ୍ଦାନନ୍ଦଙ୍କ ପାଇଁ ବାରନ୍ଦାରେ ଖଟ ପକାଇ ବିଶ୍ରାମର ବ୍ୟବସ୍ଥା କରାଗଲା । କୁକୁର ମଧ୍ୟ ଖଟ ତଳେ ଶୋଇଲା ।

ଧ୍ୟାନ-ନିଦ୍ରାରେ ଆନନ୍ଦାନନ୍ଦ ସେ କୁକୁରର ପରିଚୟ ପାଇଲେ । ସୁଜନହିଁ ମୃତ୍ୟୁ ପରେ କୁକୁର ଜନ୍ମ ନେଇ ତା’ ସମୃଦ୍ଧ ପୁତ୍ରର ସମ୍ପତ୍ତି ଜଗିଛି !

କେଇ ବର୍ଷ ଉତ୍ତାରୁ ଆନନ୍ଦାନନ୍ଦ ତୀର୍ଥାଟନ ଅନ୍ତେ ପୁଣି ସେହି ରାସ୍ତାରେ ଫେରୁଥା’ନ୍ତି । ପରଲୋକଗତ ଗୁରୁଭାଇ ଘରକୁ ଯିବାର ଆଗ୍ରହ ତାଙ୍କର ନଥିଲା । ତେବେ ବାଟରେ ସୁଜନ-ପୁତ୍ର ସହ ସାକ୍ଷାତ୍ ହୋଇଗଲା ଏବଂ ଯୁବକର ଅନୁରୋଧ ଏଡ଼ାଇ ନପାରି ସେ ତାହା ଘରେ ରାତ୍ରିଯାପନ କଲେ । ଶୁଣିଲେ, କୁକୁରଟି ମରିଗଲାଣି ।

ତାଙ୍କର କୌତୂହଳ ହେଲା ଅଦମ୍ୟ । କୁକୁର ଜନ୍ମ ଅନ୍ତେ ସୁଜନର ସତ୍ତାର ହେଲା କ’ଣ ? ସେ ଧ୍ୟାନସ୍ଥ ହେଲେ । ଜାଣିଲେ, ଗୋଟାଏ ବିଷାକ୍ତ ଗୋଖର ରୂପେ ଜନ୍ମ ନେଇ ସେ

ପୁଅର ସିନ୍ଦୁକ ଭିତରେ ରହିଛି – ତହିଁ ସ୍ଥାନୀତ ବିତ୍ତକୁ ସମ୍ଭାବ୍ୟ ଚୋର କବଳରୁ ରକ୍ଷା କରିବା ନିମନ୍ତେ ।

ପ୍ରଭାତ ହୁଅନ୍ତେ ଆନନ୍ଦାନନ୍ଦ ସୁଜନ-ପୁତ୍ରକୁ କହି ଦେଲେ – ଘର ସିନ୍ଦୁକ ଭିତରେ ରହିଛି ଭୟାବହ ବିପଦ । ଯୁବକ ଲୋକବାକ ଠୁଳ କରି ସତର୍କ ଭାବେ ସିନ୍ଦୁକ ଖୋଲି ଗୋଖରଟିକୁ ନିଧନ କରୁଥା'ନ୍ତି, ଏଣେ ଆନନ୍ଦାନନ୍ଦ ଧ୍ୟାନରେ ବସି ତା'ର ସଦ୍‌ଗତିର ବ୍ୟବସ୍ଥା କରୁଥା'ନ୍ତି – ଯେମିତିକି ପୁନର୍ବାର ମନୁଷ୍ୟ ଜନ୍ମ ପାଇ ସେ ତା'ର ଅପୂର୍ଣ୍ଣ ଆଧ୍ୟାତ୍ମିକ ଅଭୀପ୍ସା ଅନୁସରଣ କରିବ !

କାହାଣୀଟିର ଦୁଇ, ତିନୋଟି କିଞ୍ଚିତ୍ ଭିନ୍ନ ରୂପ ରହିଛି – କିନ୍ତୁ ମର୍ମ ଅଭିନ୍ନ ।

*ଜିଜ୍ଞାସୁମାନେ* : ଆପଣଙ୍କଠାରୁ କାହାଣୀଟିଏ ଆଦାୟ କରିନେଲୁ । ଆମେ କୃତଜ୍ଞ । ତେବେ ଏହା ସମ୍ଭବ ?

**ଉତ୍ତର** : କେଉଁ ସମ୍ଭାବନା କଥା କହୁଛନ୍ତି ?

*ପ୍ରଥମ ଜିଜ୍ଞାସୁ* : ମାନେ - ଯାହା ଘଟିଲା – ସୁଜନ କୁକୁର ଏବଂ ପରେ ଗୋଖର ରୂପେ ଜନ୍ମ ଗ୍ରହଣ କଲା ! ଏହା ସମ୍ଭବ ?

*ଅନ୍ୟ ଜଣେ ଜିଜ୍ଞାସୁ* : ମୋର ପ୍ରଶ୍ନ ଭିନ୍ନ । ସୁଜନ ଭିତରେ ଆଧ୍ୟାତ୍ମିକ ଚେତନା ଥିଲା ବୋଲି ଗୁରୁ ତାକୁ ଆଦର କରୁଥିଲେ – ତା' ପ୍ରତି ତାଙ୍କର ଦାୟିତ୍ୱ ଅଛି ବୋଲି ମନେ କରୁଥିଲେ । ସେମିତି ଚେତନା ଥାଇ ଜଣେ ପଛକୁ ଫେରି ମାମୁଲି ଜୀବନ ଆଦରି ନେଲା; ଏହା ସମ୍ଭବ ?

**ଉତ୍ତର** : ପ୍ରଥମ ପ୍ରଶ୍ନର ଉତ୍ତର ହେଲା – ନା, ସମ୍ଭବ ନୁହେଁ । ଦ୍ୱିତୀୟ ପ୍ରଶ୍ନର ଉତ୍ତର – ଅବଶ୍ୟ ସମ୍ଭବ ।

ଥରେ ମଣିଷ ଜନ୍ମ ପାଇବା ପରେ ଜଣକର ପ୍ରକୃତ ସତ୍ତା ପଶୁଜନ୍ମ ଗ୍ରହଣ କରିବା ଅସମ୍ଭବ । ତେବେ – ନିଜକୁ ସଂଶୋଧନ କରି ନେଉଛି – ଏ ବ୍ୟାପକ ଅଜଣା ଜଗତରେ ଅସମ୍ଭବ ବୋଲି ବୋଧହୁଏ କିଛି ନାହିଁ । ଭୌତିକ ସୃଷ୍ଟି ସମ୍ପର୍କରେ ଆମେ ସାମାନ୍ୟ କିଛି ଜ୍ଞାନ ଆହରଣ କରିଥାଇପାରୁ, କିନ୍ତୁ ଅତିଭୌତିକ, ଆଧିଭୌତିକ ଏବଂ ଅତୀନ୍ଦ୍ରିୟ ଜଗତ୍ ସମ୍ପର୍କରେ ଆମେ କେତେ କ'ଣ ଜାଣୁ ?

ସେ ଯାହାହେଉ, ପ୍ରଥମ ପ୍ରଶ୍ନର ଉତ୍ତରରେ ଶ୍ରୀଅରବିନ୍ଦଙ୍କ ଲିଖିତ ଚିଠିପତ୍ରରୁ ଯାହା ଜାଣିଛି ତାହା କହୁଛି । ମଣିଷଟିଏ ପଶୁ ରୂପେ ପୁନର୍ଜନ୍ମ ନେବାର ସମ୍ଭାବନା ନାହିଁ । ଅନ୍ୟପ୍ରକାରେ କହିଲେ, ବିକଶିତ ମାନବାତ୍ମା ପୁଣି ପଶୁ କଳେବର ଗ୍ରହଣ କରିବ ନାହିଁ । କିନ୍ତୁ ଆପଣମାନଙ୍କୁ ତ ଅଜଣା ନଥିବ – ଆମ ସମଗ୍ର ଚେତନାର ଏକ ଅଂଶ ବା ଉପାଦାନ ହେଲା ଆତ୍ମା । ତାହାହିଁ ଆମ ଚେତନାରେ ସଚେତନ ଦିବ୍ୟସତ୍ତା । ହଁ, ସଚେତନ ଦିବ୍ୟସତ୍ତା । ସବୁକିଛିହିଁ ଦିବ୍ୟ, କିନ୍ତୁ ସବୁକିଛି ସଚେତନ ନୁହନ୍ତି । ଆତ୍ମାହିଁ ଆମର ପ୍ରକୃତ ସତ୍ତା । ଯାହା ବୁଝାଇବାକୁ ଚାହୁଁଥିଲି, ଆତ୍ମା ବ୍ୟତୀତ ମଧ୍ୟ ଚେତନାରେ ସନ୍ନିବିଷ୍ଟ ମୁଖ୍ୟତଃ ପ୍ରାଣ ଏବଂ ମନ । ମୃତ୍ୟୁ ପରେ ପ୍ରାଣ ସତ୍ତାଟି କିଛିକାଳ ତା'ର ପରିଚିତ, ଅନ୍ତରଙ୍ଗ ବାତାବରଣରେ ରହେ । ଯେଉଁ ପ୍ରାଣସତ୍ତା ଅତ୍ୟନ୍ତ ଅବିକଶିତ, ଲୋଭ ଏବଂ ଆସକ୍ତି-ଜର୍ଜରିତ, ସେ ପ୍ରାଣସତ୍ତା ଅବସ୍ଥା ବିଶେଷରେ କୌଣସି ପଶୁର ଚେତନାରେ ପ୍ରବିଷ୍ଟ ହୋଇ ନିଜର ପଶୁସୁଲଭ ବାସନା ଚରିତାର୍ଥ ଦିଗରେ ପ୍ରୟାସୀ ହୋଇପାରେ । ତେବେ ଖୁବ୍ ବେଶୀଦିନ ପାଇଁ ନୁହେଁ ।

ପ୍ରଚଣ୍ଡ ଲୋଭୀ ଲୋକଟିଏ ମୃତ୍ୟୁ ପରେ ସାପ ହୋଇ ଜନ୍ମଗ୍ରହଣ କରେ ବୋଲି ଗୋଟାଏ ବିଶ୍ୱାସ ପ୍ରଚଳିତ ଅଛି । ତାହା ଅନ୍ଧବିଶ୍ୱାସ ବୋଲି ଶ୍ରୀଅରବିନ୍ଦ ଜଣେ ସନ୍ଧିତ୍ସୁର ପତ୍ରର ଉତ୍ତରରେ ସ୍ୱଷ୍ଟଭାବରେ ଲେଖିଛନ୍ତି । ସାଧୁ ସନ୍ଥ କଥିତ ଅନେକ କାହାଣୀ ଭଳି ଏ କାହାଣୀଟି ମଧ୍ୟ ପ୍ରତୀକାତ୍ମକ ।

*ଦ୍ୱିତୀୟ ଜିଜ୍ଞାସୁ* : ମଣିଷ ଏତେ ବିଷୟରେ ଏତେ ଜ୍ଞାନ ଅର୍ଜନ କଲାଣି, କିନ୍ତୁ ଠିକ୍ କେତେବେଳେ ଜଣକର ମୃତ୍ୟୁ ହେବ, ସେତିକି ଜ୍ଞାନ ଅର୍ଜନ ସମ୍ଭବପର ହୋଇ ନାହିଁ କିପରି ?

**ଉତ୍ତର** : ମଣିଷ କ'ଣ ପ୍ରକୃତରେ ବହୁତ ଜ୍ଞାନ ଅର୍ଜନ କରିସାରିଲାଣି ? ଜାଣେ ନା । ଏହି ତୁଚ୍ଛା, ଭୌତିକ ପୃଥିବୀର କୋଟିଏ ରହସ୍ୟରୁ ଗୋଟିଏ ମଧ୍ୟ ମଣିଷ ଠିକ୍ ଭାବେ ଜାଣି ସାରିଲାଣି କି ବୋଲି ମୋ ମନରେ ପ୍ରଶ୍ନ ଉଠେ । ଜୁଲିଆନ୍ ଏବଂ ଆଲଡାସ୍ ହାକ୍‌ସ୍‌ଲେଙ୍କ ଜେଜେବାପା ଥୋମାସ୍ ହାକ୍‌ସ୍‌ଲେ – ବୋଧହୁଏ ସେ – ମୋର ସ୍ମୃତି ବିଭ୍ରମ ହୋଇପାରେ – କହିଥିଲେ, ଅଳ୍ପ ଜ୍ଞାନ ଯଦି ବିପଜ୍ଜନକ, ତେବେ କେଉଁ ମଣିଷ ବିପଦବଳୟର ବାହାରେ ? If a little knowledge is dangerous, where is the man who is out of danger ? ମୁଁ ବି ପିଲାବେଳୁ ଶୁଣି ଆସିଛି : ଅଳ୍ପ ବିଦ୍ୟା ଭୟଙ୍କରୀ !

*ପ୍ରଥମ ଜିଜ୍ଞାସୁ* : ଯେକୌଣସି ମୁହୂର୍ତ୍ତରେ ମୃତ୍ୟୁ ଆସି ପହଞ୍ଚି ଯାଇପାରେ; ତେବେ ଜାଣିବାର ଉପାୟ ନାହିଁ !

**ଉତ୍ତର** : ଆପଣ ପରା ନିଜେ ଜାଣିଛନ୍ତି ଯେକୌଣସି

ମୁହୂର୍ତ୍ତରେ ମୃତ୍ୟୁ ଆସିପାରେ ? ତେବେ ଜାଣିନାହାନ୍ତି ବୋଲି ପୁଣି କେମିତି କହୁଛନ୍ତି ? ଆମେ ସେତିକି ଜାଣିବାରେ ସନ୍ତୁଷ୍ଟ ରହିବା ଭଲ । ସେ ଜାଣିବାକୁ କିନ୍ତୁ ଆମେ କାର୍ଯ୍ୟକାରୀ କରୁନା । କରିପାରିଲେ ଅନେକ କିସମର ବୃଥା କର୍ମ ଏବଂ ଅକର୍ମରୁ ଆମେ କ୍ଷାନ୍ତ ରହନ୍ତୁ । ବିଡ଼ମ୍ବନା ହେଲା, କେତେ ସହସ୍ର ବର୍ଷ ତଳେ ଯକ୍ଷ ପ୍ରଶ୍ନର ଉତ୍ତରରେ ଯୁଧିଷ୍ଠିର ଯାହା କହିଥିଲେ, ଆଜି ମଧ୍ୟ ଆମ ସମସ୍ତଙ୍କ ପାଇଁ ସେ ମନସ୍ତାତ୍ତ୍ୱିକ ଅଜ୍ଞାନତା ପ୍ରଯୁଜ୍ୟ : ନିୟତ ଆମେ ଦେଖୁଛୁ ଅନ୍ୟମାନେ ଟଳି ପଡୁଛନ୍ତି, କିନ୍ତୁ ଆମେ ଏମିତି ଆଚରଣ କରି ଚାଲିଥାଉ ସତେ ଯେପରି ଆମ ପାଇଁ ସେ ନିୟମଟି ପ୍ରଯୁଜ୍ୟ ନୁହେଁ ! ନିୟମଟି ପ୍ରଯୁଜ୍ୟ ବୋଲି ମନେ ରଖିଲେ ଅନ୍ତତଃ ଅନେକ କ୍ଷୋଭ, ମାନ ଅଭିମାନ, ହିଂସା ପ୍ରତିହିଂସାର ଆବେଗ ଆମ ଭିତରେ ଆପଣା ଛାଏଁ ପ୍ରଶମିତ ହୋଇଯାଆନ୍ତା ।

*ଦ୍ୱିତୀୟ ଜିଜ୍ଞାସୁ* : ବାସ୍ତବିକ ! କିନ୍ତୁ ଆମେ କାହିଁକି ମନେ ରଖି ପାରୁନା ?

**ଉତ୍ତର** : ପ୍ରକୃତି ମନେ ରଖାଇ ଦିଏ ନାହିଁ ।

*ଦ୍ୱିତୀୟ ଜିଜ୍ଞାସୁ* : ପ୍ରକୃତିର ସେମିତି ଦୁର୍ବୁଦ୍ଧିର ହେତୁ ?

**ଉତ୍ତର** : ଯଦି ଏହା ପ୍ରକୃତିର ଦୁର୍ବୁଦ୍ଧି ବୋଲି ଆପଣ ବୁଝିପାରୁଛନ୍ତି, ତେବେ ପ୍ରକୃତି ଲଜ୍ଜିତ ହେବ ଏବଂ ଆପଣଙ୍କ ପ୍ରତି ସୁବୁଦ୍ଧି-ସୁଲଭ ଆଚରଣ କରିବ । କଥା ହେଲା, ପ୍ରକୃତିର ରହିଛି ଏକାଧିକ ପର୍ଯ୍ୟାୟ : ହାରାହାରି ପ୍ରକୃତି, ନିମ୍ନ ପ୍ରକୃତି ଏବଂ ଉଚ୍ଚ ପ୍ରକୃତି । ନିମ୍ନ ପ୍ରକୃତି ଭିତରୁ ଆସେ ଆମର ଯେତେ ଦୁର୍ବଳତା; ଯେତେବେଳେ ଆମ ଭିତରେ ମହତ୍ତର ଜୀବନ ନିମନ୍ତେ ଆଗ୍ରହ ଜନ୍ମେ, ସେତେବେଳେ ଉଚ୍ଚ ପ୍ରକୃତି ଆମ ଚେତନାରେ, ଆମ ଦୃଷ୍ଟି ଆଗରେ ଉନ୍ମୋଚନ କରେ ତା'ର କେତେ ବିଭୂତି ! ହାରାହାରି ପ୍ରକୃତି ଚାହେଁ – ଆମର ଗତାନୁଗତିକ ପ୍ରାଣ ପ୍ରବାହ ଯେମିତି ଚାଲିଛି ସେମିତି ଚାଲିଥିବ ! ତେଣୁ ମୃତ୍ୟୁ ଯେକୌଣସି ମୁହୂର୍ତ୍ତରେ ଆମ ଜୀବନ-ଦୀପ ଗୋଟାଏ ଫୁତ୍କାରରେ ଲିଭାଇ ଦେଇପାରେ – ଏ ସତ୍ୟ ଯଦି ଚେତନାରେ ସର୍ବଦା ସଜୀବ ଓ ସଚଳ ହୋଇ ରହିଥିବ, ତେବେ ଆମେ – ହାରିହାରି ଚେତନାରେ ଥିବା ସ୍ତରର ଲୋକେ – ନିଷ୍କ୍ରିୟ ହୋଇଯିବୁ । କିଛି ଉତ୍ତମ ଏବଂ ସମୟ-ସାପେକ୍ଷ ଯୋଜନା ହାତକୁ ନେବା ଭଳି ଉତ୍ସାହ ତୁଟିଯିବ । ସାଧାରଣ ମଣିଷଟିଏ ଉଦାସୀନ ହୋଇ ପ୍ରତିଦିନ ମୃତ୍ୟୁକୁ ଅପେକ୍ଷା କରୁଥିବ ଏବଂ ଅଥର୍ବ-ପ୍ରାୟ ବନିଯିବ ।

*ପ୍ରଥମ ଜିଜ୍ଞାସୁ* : ତା'ହେଲେ ତ ଜ୍ଞାନ ବିପଜ୍ଜନକ !

**ଉତ୍ତର** : ଜ୍ଞାନ ବିପଜ୍ଜନକ ନୁହେଁ, ଅଳ୍ପ ଜ୍ଞାନ ବା ବିକଳାଙ୍ଗ ଜ୍ଞାନ ବିପଜ୍ଜନକ । ଜ୍ଞାନୀ ଆମେ ତାଙ୍କୁ କହିବା – ଯିଏ ମୃତ୍ୟୁ ଅବଧାରିତ ଏବଂ ତାହା ଯେକୌଣସି ମୁହୂର୍ତ୍ତରେ, ଯେକୌଣସି ଆଳରେ ଉପନୀତ ହୋଇପାରେ ବୋଲି ଜାଣି ମଧ୍ୟ ଉଦାସୀନ ବା ନିରୁତ୍ସାହ ଅନୁଭବ କରିବେ ନାହିଁ, ଯେଉଁମାନଙ୍କ ପାଇଁ ମୃତ୍ୟୁ ଗୋଟିଏ ପରିସ୍ଥିତିରୁ ଅନ୍ୟ ଏକ ପରିସ୍ଥିତିକୁ ପ୍ରସ୍ଥାନ-ମାର୍ଗ ମାତ୍ର, ଯେଉଁମାନଙ୍କ ଚିତ୍ତରେ ଏହି ବିଶ୍ୱାସ ଦୃଢ଼ ଯେ ଯେଉଁ ଶକ୍ତିର ବ୍ୟବସ୍ଥା ଅନୁସାରେ ଜଣେ ଜନ୍ମଲାଭ କରିଥାଏ, ସେହି ଶକ୍ତିହିଁ ତା'ର ମୃତ୍ୟୁଲାଭର ତାତ୍ପର୍ଯ୍ୟ ଜାଣେ, ସେହି ଶକ୍ତି ପାଖରେ ସେ ସମର୍ପିତ ଥାଏ ।

ମୃତ୍ୟୁର ମୁହୂର୍ତ୍ତ ସମାଗତ ଜାଣି ମଧ୍ୟ ଯଥାବିଧି ନିଜର ଗତାନୁଗତିକ କ୍ରିୟା ଅବ୍ୟାହତ ରଖୁଥିବା ଯୋଗୀ ଓ ଋଷିଙ୍କ ଦୃଷ୍ଟାନ୍ତ କମ୍ ନୁହେଁ । କିନ୍ତୁ ଆମ ଗହଣରେ ଥିବା ଆପାତ ଦୃଷ୍ଟିରେ ସାଧାରଣ ମଣିଷଙ୍କ ଭିତରେ ମଧ୍ୟ ଜ୍ଞାନୀ ଓ ସ୍ଥିତଧୀ ବ୍ୟକ୍ତି ଥା'ନ୍ତି । ମୁଁ ମହାରାଜା ନନ୍ଦକୁମାରଙ୍କ ଜୀବନର ଶେଷଦିନର ବିବରଣୀ କୌଣସି ଏକ ନିବନ୍ଧରେ ଲିପିବଦ୍ଧ କରିଛି । ଇଷ୍ଟଇଣ୍ଡିଆ କମ୍ପାନୀ ଦ୍ୱାରା ନିଯୁକ୍ତ ଗଭର୍ଣ୍ଣର ଜେନେରାଲ ୱାରେନ୍ ହେଷ୍ଟିଂସ୍‌ଙ୍କ ବିରୋଧରେ କମ୍ପାନୀର କର୍ତ୍ତୃପକ୍ଷଙ୍କ ପାଖରେ ଦୁର୍ନୀତି ଅଭିଯୋଗ ଉପସ୍ଥାପନ କରିଥିବା ଯୋଗୁଁ ପ୍ରତିହିଂସା ପ୍ରମତ୍ତ ହେଷ୍ଟିଂସ୍ ତାଙ୍କ ବନ୍ଧୁ ହାଇକୋର୍ଟର ପ୍ରଧାନ ବିଚାରପତି ଏଲିଜା ଇଂପେଙ୍କ ସହାୟତାରେ ନନ୍ଦକୁମାରଙ୍କୁ ଗିରଫ କରି ସେ ଗୋଟିଏ ଦସ୍ତଖତ ଜାଲ କରିଛନ୍ତି – ଏହି ଉଦ୍ଭଟ ଅଭିଯୋଗର ତୁରନ୍ତ ବିଚାର କରିପକାଇ ତାଙ୍କୁ ଫାଶୀଦଣ୍ଡ ଦେଲେ । ତାଙ୍କୁ ଫାଶୀ ଦେବା ଦାୟିତ୍ୱରେ ଥିଲେ ମାକ୍ରାବି ନାମକ ଇଂରେଜ । ବନ୍ଦିଶାଳାରେ ଥାଇ ନନ୍ଦକୁମାର ଯଥାବିଧି ପ୍ରତ୍ୟହ ସକାଳେ ଗୀତା ପଢୁଥା'ନ୍ତି, ପରେ ପରେ ତାଙ୍କ ଜାମାତା ତାଙ୍କ ବ୍ୟବସାୟର ଖାତାପତ୍ର ଧରି ଆସିଲେ ସେସବୁ ଦେଖୁଥା'ନ୍ତି, ଇତ୍ୟାଦି ।

ଫାଶୀ ନେବାର ନିର୍ଦ୍ଦିଷ୍ଟ ଦିନ ସକାଳେ ମଧ୍ୟ ସେ ନିଜ କାର୍ଯ୍ୟକ୍ରମରେ ତିଳେମାତ୍ର ବ୍ୟତିକ୍ରମ କରିବାର ଦେଖାଗଲା ନାହିଁ । ମାକ୍ରାବି ସାହେବ ତାଙ୍କୁ ତାଙ୍କ ଅଦୂର ଭବିତବ୍ୟ କଥା ମନେ ପକାଇ ଦିଅନ୍ତେ ସେ ଯାହା କହିଲେ ତା'ର ମର୍ମ – ବ୍ୟସ୍ତ ହେବାର ବା ଉତ୍ତେଜିତ ହେବାର କ'ଣ ଅଛି ? ଆହୁରି ଦୁଇ ଘଣ୍ଟା ସମୟ ତ ବାକି ଅଛି ।

ସେ ଫାଶୀ ଖୁଣ୍ଟ ଆଡ଼େ ଯେମିତି ଅବିଚଳ ପଦକ୍ଷେପରେ, ସ୍ୱାଭାବିକ ମନୋଭାବ ଫୁଟାଇ ଯାଉଥା'ନ୍ତି, ସେଥିରେ ମାକ୍ରାବିଙ୍କୁ ଛାନିଆ ଲାଗିଲା । ନନ୍ଦକୁମାର ତାଙ୍କ ପିଠି ଥାପୁଡ଼େଇ ଦେଇ କହିଲେ, ''ଶାନ୍ତ ରୁହ, ସାହେବ ! ଭଗବାନଙ୍କ ଇଚ୍ଛାହିଁ କାର୍ଯ୍ୟକାରୀ ହେଉ ।''

ନିର୍ବିକାରରେ ସେ ଫାଶୀଦଣ୍ଡ ଗ୍ରହଣ କଲେ । ଆପଣ କହିପାରନ୍ତି, ସେମିତି ନିର୍ବିକାରରେ ଆମ ସ୍ୱାଧୀନତା ସଂଗ୍ରାମର ପ୍ରଥମ ଯୁଗର ଅନେକ ବିପ୍ଳବୀ ମଧ୍ୟ ସହିଦ ହେବାର ଦୃଷ୍ଟାନ୍ତ ରହିଛି । ପାର୍ଥକ୍ୟ ହେଲା, ସେମାନଙ୍କୁ ଅନୁପ୍ରାଣିତ କରୁଥିଲା ଏକ ମହନୀୟ ଆଦର୍ଶ, ଭାରତମାତାଙ୍କୁ ଶୃଙ୍ଖଳମୁକ୍ତ କରିବାର ସଂକଳ୍ପପ୍ରସୂତ ଉନ୍ମାଦନା । କିନ୍ତୁ ନନ୍ଦକୁମାରଙ୍କ ଆଚରଣ ଭାଗବତ-ବିଶ୍ୱାସ ଏବଂ ପରିପକ୍ୱ ଚେତନାରହିଁ ଉଜ୍ଜ୍ୱଳ ଦୃଷ୍ଟାନ୍ତ ।

ହେଲା, ଏତିକି ।

*ଜିଜ୍ଞାସୁମାନେ* : କ୍ଷମା କରିବେ । ଆଉ ଗୋଟାଏ ମାତ୍ର ପ୍ରଶ୍ନ । ଆପଣ ପ୍ରଥମେ ଯେଉଁ କାହାଣୀଟି କହିଲେ, ତା'ର ରଚୟିତା ନିଶ୍ଚୟ ଜଣେ ଜ୍ଞାନୀ; କଦାପି ଜଣେ ସାଧାରଣ କାହାଣୀକାର ନୁହେଁ । ସୁଜନର ଆତ୍ମା କୁକୁର ଏବଂ ଗୋଖର ରୂପେ ଜନ୍ମଗ୍ରହଣ କଲାଭଳି ଭୁଲ୍ ତଥ୍ୟ ସେ କିପରି ପରିବେଷଣ କରିଥାଇ ପାରନ୍ତି ?

**ଉତ୍ତର** : ସେଭଳି କାହାଣୀ ସବୁ ତଥ୍ୟ -ଭିତ୍ତିକ ନୁହନ୍ତି, ସେସବୁ ତତ୍ତ୍ୱ-ଭିତ୍ତିକ । କାହାଣୀକାରଙ୍କ ଉଦ୍ଦେଶ୍ୟ ଆମକୁ ଆସକ୍ତିର ମୋହ ସମ୍ପର୍କରେ ଚେତାଇ ଦେବା । କାହାଣୀଟି ଯିଏ ଶୁଣିବ, ସିଏ ଏକାନ୍ତ ମୂଢ଼ ହୋଇ ନଥିଲେ ଅନ୍ତତଃ କ୍ଷଣକ ପାଇଁ ସେ ବ୍ୟଙ୍ଗର ତାତ୍ପର୍ଯ୍ୟ ଅନୁଭବ କରିବ । ବୋଧହୁଏ ଆଗରୁ କହିଛି, ଏସବୁ କାହାଣୀ ତଥ୍ୟାଶ୍ରୟୀ ନୁହେଁ, ତତ୍ତ୍ୱାଶ୍ରୟୀ ।

*ପ୍ରଥମ ଜିଜ୍ଞାସୁ* : ପୁଣି କ୍ଷମା ଭିକ୍ଷା କରୁଛି । ଗୋଟାଏ ରହସ୍ୟ କିନ୍ତୁ ଆପଣଙ୍କୁ ଉଦ୍‌ଘାଟନ କରିଦେବାକୁ ହେବ । ଯେଉଁ ସୁଜନ ଦିନେ ନିଜକୁ ଯୋଗାଶ୍ରମରେ ଜୀବନ ବିତାଇବା ଭଳି ଯୋଗ୍ୟ କରିପାରି ଥିଲେ, ସେ କେମିତି ସେ ବିପୁଳ ଆସକ୍ତିର କବଳରେ ପଡ଼ି ଏମିତି ହିନସ୍ତା ହେଲେ ? ଏହା ସମ୍ଭବ ବୋଲି ଆପଣ କହିଛନ୍ତି; କିନ୍ତୁ କେମିତି ସମ୍ଭବ ?

ଉତ୍ତର : ସମ୍ଭବ । କେମିତି, ସେ ପ୍ରଶ୍ନର ଉତ୍ତର ସମୟ-ସାପେକ୍ଷ ।

ଜିଜ୍ଞାସୁମାନେ : ନା, ନା, ଆଜି ଆପଣଙ୍କ ସମୟ ନେବୁ ନାହିଁ । ଅନେକ ସମୟ ଆପଣଙ୍କର ନଷ୍ଟ କଲୁଣି । କିନ୍ତୁ ଆଉ ଥରୁଟିଏ...

ଉତ୍ତର : ଆମେ କେହି କାହାରି ସମୟ ନେଇପାରିବା ନାହିଁ । ସମୟହିଁ ଆମ ସମସ୍ତଙ୍କୁ ନେଇଯିବ । ଆପଣ କାହାରି ସମୟ ନଷ୍ଟ କରିପାରିବେ ନାହିଁ । ସମୟ ସମସ୍ତଙ୍କ ଜୀବନରେ ତା'ର ଭୂମିକା ଠିକ୍ ନିର୍ବାହ କରି ଚାଲିଥାଏ ! ❖

*ପ୍ର : ଆତ୍ମାର ସୁଖ ନିମନ୍ତେ ଆମେ କ'ଣ କରିବା ଉଚିତ, ଯାହା ଫଳରେ ଏହା ଉତ୍ତମ ଅବସ୍ଥା ମଧ୍ୟରେ ଅର୍ଥାତ୍ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପୁନର୍ଜନ୍ମ ଗ୍ରହଣ କରିପାରିବ ?*

ଉ : ତା' ଲାଗି ଆଦୌ ଦୁଃଖ କରନା, ଖୁବ୍ ଶାନ୍ତ ଓ ସ୍ଥିର ରୁହ ଏବଂ ତା' ସହ ପରଲୋକଗତ ବ୍ୟକ୍ତି ସମ୍ପର୍କରେ ଏକ ସ୍ନେହ, ସଦିଚ୍ଛାପୂର୍ଣ୍ଣ ସ୍ମରଣକୁ ନିଜ ମଧ୍ୟରେ ଧାରଣ କର ।

— ଶ୍ରୀମା

# ଶରୀରର ଜୀବକୋଷରେ ଯୋଗ

## ମମତା ଦାଶ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

ପ୍ରଗାଢ଼ ଯୋଗସାଧନା ଦ୍ୱାରା ଶ୍ରୀମା ନିଜ ଶରୀରର ଜୀବକୋଷମାନଙ୍କୁ ମାନସିକ ଆବରଣରୁ ମୁକ୍ତ କରିଥିଲେ । ଶେଷରେ, ସବୁଠାରୁ ଅବାଧ ଭୌତିକ-ମାନସ (physical mind)କୁ ରୂପାନ୍ତରିତ କରିବା ନିମିତ୍ତ ଗୋଟିଏ ମନ୍ତ୍ରକୁ ବାରଂବାର, ସଦାସର୍ବଦା ଆବୃତ୍ତି କରିବାର ଆବଶ୍ୟକତା ରହିଛି ବୋଲି ଆବିଷ୍କାର କଲେ ଏବଂ ତାଙ୍କର ନିଜସ୍ୱ ମନ୍ତ୍ରଟି ଥିଲା, ''ଓଁ ନମୋ ଭଗବତେ'' । ଏହି ମନ୍ତ୍ରଟିକୁ ଜପ କରିବା ଫଳରେ ତାଙ୍କ ଜୀବକୋଷର ଭୌତିକ ମାନସ ଭିତରୁ ଭୟ, ଆତଙ୍କ, ହତାଶାବାଦ, ଜଡ଼ତା, ଆଳସ୍ୟ ପୁନରାବୃତ୍ତି କରିବାର ଅଭ୍ୟାସ ଧୀରେ ଧୀରେ ଦୂର ହେବାକୁ ଲାଗିଲା । ମା'ଙ୍କର ସେଇ ମନ୍ତ୍ରଟିର ଆଲୋକିତ ସ୍ପନ୍ଦନ ତାଙ୍କର କେତୋଟି ଜୀବକୋଷ ମଧ୍ୟରେ ପ୍ରତିଷ୍ଠିତ ହୋଇଗଲା । ସେହି ଜୀବକୋଷମାନଙ୍କ ଦୃଷ୍ଟିର ପରିସର ଭିତରେ ପ୍ରତିଭାତ ହେଲା ଏକ ନୂତନ ଜଡ଼ ଜଗତ୍ – ଯେଉଁଠାରେ ଅତିମାନସିକ ପ୍ରଜାତି, ଭୌତିକ ଶରୀର ମଧ୍ୟଦେଇ ବିଚରଣ କରିପାରିବ । କିନ୍ତୁ ପୁରାତନ ଜଗତ୍ ଓ ନୂତନ ଜଗତ୍ ଭିତରେ ଜାଲ ଭଳି ଗୋଟିଏ ଆବରଣ ରହୁଥିଲା । ତାହା ଥିଲା ମିଥ୍ୟାର ଆବରଣ ଯାହା ସତ୍ୟଚେତନାକୁ ପ୍ରତିଷ୍ଠିତ କରାଇ ଦେଉ ନଥିଲା । ଶ୍ରୀମା ଯେତେବେଳେ ସେହି ସତ୍ୟର ଜଗତରେ ବାସ କରୁଥିଲେ, ଦେଖୁଥିଲେ ଯେ ପୁରାତନ ଜଗତରେ ଆମେମାନେ ଅନୁଭବ କରୁଥିବା ଦୁଃଖ, ଯନ୍ତ୍ରଣା, ମୃତ୍ୟୁ, ଭାଗ୍ୟର ପରାଭବ, ସବୁକିଛି ମିଥ୍ୟା ଏବଂ ଅବାସ୍ତବ – ମିଥ୍ୟା-ଚେତନା ରହିଥିବାରୁହିଁ ସେସବୁ ରହିଥିଲା । ଚେତନା ବଦଳିବାକ୍ଷଣି ସେସବୁ ମଧ୍ୟ ଦୂର ହୋଇଯିବ । କିନ୍ତୁ, ମା'ଙ୍କୁ ଏକାଧାରରେ ଦୁଇଟିଯାକ ଜଗତକୁ ଧାରଣ କରିବାକୁ ହେଉଥିବାରୁ ବେଳେବେଳେ ଖୁବ୍ ଯନ୍ତ୍ରଣାଦାୟକ ପରିସ୍ଥିତି ଭିତରଦେଇ ଯିବାକୁ ହେଉଥିଲା ।

ମା' ଏକଥା ମଧ୍ୟ ଆବିଷ୍କାର କଲେ ଯେ ମୃତ୍ୟୁ ଜୀବନର ବିପରୀତ ନୁହେଁ । ବର୍ତ୍ତମାନ ରହିଥିବା ଜୀବକୋଷଗୁଡ଼ିକର ଗତିବିଧି ଓ ସଙ୍ଗଠନରେ ଅନ୍ୟ ଏକ ନୂତନ ସ୍ପନ୍ଦନକୁ ପ୍ରତିଷ୍ଠିତ କରିପାରିଲେ ଆମର ସମସ୍ତ ଭୌତିକ ସୀମାବଦ୍ଧତା ଭାଙ୍ଗିଯିବ । ଆମର ବର୍ତ୍ତମାନର ଜୀବନ ଏକ ବିଭାଜନର ଜୀବନ । ଏଠାରେ ଭଲ ଓ ମନ୍ଦ, ଉଚିତ-ଅନୁଚିତ, ଜୀବନ ଓ ମୃତ୍ୟୁ, ଆଲୋକ-ଅନ୍ଧାର – ଏହିଭଳି ବିଭାଜନ ରହିଛି । କିନ୍ତୁ ନୂତନ ପ୍ରଜାତିର ଜୀବନରେ ଅନ୍ୟ ଏକ ଆୟତନ ରହିବ ଯେଉଁଠାରେ ଏସମସ୍ତ ବିଭାଜନ ସଙ୍ଗତିପୂର୍ଣ୍ଣ ହୋଇଯିବ ।

ବିବର୍ତ୍ତନବାଦ ଅନୁସାରେ ଜୈବ ବିଜ୍ଞାନୀମାନେ ଆବିଷ୍କାର କରିଥିଲେ ଯେ ଗୋଟିଏ ନୂତନ ପ୍ରଜାତିର ଜୀବକୋଷର ସଙ୍ଗଠନ ତା' ପୂର୍ବ ପ୍ରଜାତିର ଜୀବକୋଷର ସଙ୍ଗଠନଠାରୁ ଭିନ୍ନ । ଗୋଟିଏ ସରୀସୃପ, ଯେବେ ଏକ ପକ୍ଷୀରେ ପରିଣତ ହୋଇଛି, ତାହା କିପରି ସମ୍ଭବ ହେଲା ? ମାଙ୍କଡ଼ର ପ୍ରଜାତି କିପରି ଭାବରେ ମନୁଷ୍ୟରେ ପରିଣତ ହେଲା ? ସେସବୁ କଥା ତ ସରୀସୃପଟିଏ ଜାଣି ନ ଥିବ କିଂବା ମାଙ୍କଡ଼ ବି ଜାଣି ନ ଥିବ । ଦିନେ ହୁଏତ ପୁରାତନ ପଦ୍ଧତି ଭିତରେ ରହିଥିବା ମାଙ୍କଡ଼ଟିଏ ହଠାତ୍ ଦେଖିଥିବ ମନୁଷ୍ୟକୁ – କିନ୍ତୁ ବୁଝିପାରି ନଥିବ ଯେ ପ୍ରକୃତି-ଚାଳିତ ବିବର୍ତ୍ତନ ହେତୁ ଅନ୍ୟ ଗୋଟିଏ ପ୍ରଜାତି ପୃଥିବୀପୃଷ୍ଠରେ ଆବିର୍ଭୂତ ହୋଇଛି, ଯାହା ତା'ଠାରୁ ଉନ୍ନତତର, ତା'ଠାରୁ ଶକ୍ତିଶାଳୀ ମଧ୍ୟ । କିନ୍ତୁ, ଏହି ମଣିଷଜାତି ଯଦି ସଚେତନଭାବେ ଏହି ବିବର୍ତ୍ତନକୁ ଅନୁସରଣ କରେ ତେବେ ସେ ସଚେତନଭାବେ ଅନ୍ୟ ଗୋଟିଏ ପ୍ରଜାତିରେ ପରିଣତ ହେବାର ଆନନ୍ଦ ଲାଭକରିବ ଏବଂ ତାହାର ଏହି ସହଯୋଗ ଈଶ୍ୱରଙ୍କ ଯୋଜନାର ସହାୟକ ହେବ ।

କିଛିବର୍ଷ ତଳେ, ''ଆଲଫି କ୍ଲାମ୍ପ'' ନାମରେ ଗୋଟିଏ ଶିଶୁ ଇଂଲଣ୍ଡରେ ଜନ୍ମ ନେଇଛି, ଯାହାର D. N. A.ରେ ସପ୍ତମ କ୍ରୋମୋଜମ୍‌ରେ ତିନିଟି ତନ୍ତୁ (Strand) ରହିଛି, ଯାହା ଏଯାବତ୍ ବିଶ୍ୱରେ କେବେ ବି ଦେଖାଯାଇ ନ ଥିଲା । ସେହିପରି ଜେନେଟିକ୍ ବିଜ୍ଞାନୀମାନେ ଏହା ମଧ୍ୟ ଆବିଷ୍କାର କରିଛନ୍ତି ଯେ ବହୁବର୍ଷ ତଳେ ମଣିଷର D. N. A.ରେ ୧୨ଟି ତନ୍ତୁ (Strand) ରହିଥିଲା । କିନ୍ତୁ ବର୍ତ୍ତମାନ ଦଶଟି Strand ଆଉ କାମରେ ଲାଗୁ ନାହିଁ । ତାହାକୁ ସେମାନେ Junk D. N. A.

ବୋଲି ନାମ ଦେଇଛନ୍ତି । ଯଦି ମଣିଷର D. N. A.ରେ ଏହି ଦଶଟି ତନ୍ତୁ (Strand) ପୁନର୍ବାର କ୍ରିୟାଶୀଳ ହୁଏ ତେବେ ହୁଏତ ତାହାର ମନସ୍ତତ୍ତ୍ୱରେ, ଚେତନାରେ ନିଶ୍ଚିତ ପରିବର୍ତ୍ତନ ଘଟିବ । ଆହୁରି ମଧ୍ୟ କେତେକ ରୁଷୀୟ ବୈଜ୍ଞାନିକଙ୍କର ଗବେଷଣାଲବ୍ଧ ଆବିଷ୍କାର ଏହା ଯେ ମଣିଷର D. N. A.ରେ ପରିବର୍ତ୍ତନ ହେଉଛି । ମଣିଷ ଏକ ନୂତନ ବିବର୍ତ୍ତନ ପ୍ରକ୍ରିୟାରେ ଧୀରେ ଧୀରେ ସାମିଲ ହେଉଛି ।

ଆଧୁନିକ ଯୁଗର ବୈଜ୍ଞାନିକମାନଙ୍କର ଏହି ଆବିଷ୍କାର ଆମକୁ ମା'ଙ୍କର ଲକ୍ଷ୍ୟ ଏବଂ ଜୀବକୋଷର ସାଧନା ସମ୍ବନ୍ଧରେ ଥିବା ବିଶ୍ୱାସକୁ ଦୃଢ଼ୀଭୂତ କରୁଛି । ବୈଜ୍ଞାନିକମାନେ ବର୍ତ୍ତମାନ ଜାଣିଗଲେଣି ଯେ ସେମାନେ ଏପରି ଜିନ୍ ପ୍ରସ୍ତୁତ କରିପାରିବେ ଯେଉଁଥିରେ ପଶୁପକ୍ଷୀଙ୍କର ଜିନ୍‌ର ବିଶେଷ କ୍ଷମତାକୁ ପ୍ରତିଷ୍ଠିତ କରିହେବ । ଉଦାହରଣ ସ୍ୱରୂପ, ମାଛଟିଏ ପାଣିରେ ଅକ୍ସିଜେନ୍‌ର ସାହାଯ୍ୟ ନ ନେଇ ପହଁରିପାରେ । କେତେକ ପକ୍ଷୀ ଅନ୍ଧାର ରାତିରେ ଦେଖିପାରନ୍ତି ବା ମାଧ୍ୟାକର୍ଷଣ ଶକ୍ତିର ଆକର୍ଷଣ ଭିତରେ ରହି ନ ଥା'ନ୍ତି । ଯଦି ସେମାନଙ୍କର ଏହିସବୁ ବିଶେଷ କ୍ଷମତା ପ୍ରଦାନ କରୁଥିବା ଜିନ୍‌କୁ ମଣିଷର D. N. A.ରେ ରୋପଣ କରାଯାଏ ଏବଂ ଅନ୍ୟ ଗୋଟିଏ ବିଚିତ୍ର ମଣିଷ ସୃଷ୍ଟି କରାଯାଏ ତେବେ ଏହା ପ୍ରକୃତିର ନିୟମ ବିରୋଧରେ ଯିବ ଏବଂ ନୈତିକତା ଦୃଷ୍ଟିରୁ ଏହା ଯଥାର୍ଥ ହେବ ନାହିଁ ବୋଲି ସେମାନେ ଏ ପ୍ରଚେଷ୍ଟାର ସଫଳତା ସକାଶେ ପରୀକ୍ଷା କରୁ ନାହାନ୍ତି ।

ମା' ଶ୍ରୀଅରବିନ୍ଦ ଯେଉଁ ଅତିମାନସିକ ସତ୍ତା ସମ୍ବନ୍ଧରେ କହିଛନ୍ତି ଏବଂ ସେଥିପାଇଁ ଏହି ଦୁରୂହ ସାଧନା ପଥକୁ ତିଆରି କରିଛନ୍ତି, ଆମେ ତାହାକୁ ଅନୁସରଣ କରୁଛେ । ତାହା ମନୁଷ୍ୟର ଏକ ଉନ୍ନତତର ସଂସ୍କରଣ ନୁହେଁ ବରଂ ତାହାର ଚେତନା, ମନୁଷ୍ୟଠାରୁ ସମ୍ପୂର୍ଣ୍ଣ ଭିନ୍ନ ହେବ । ସେହି ନୂତନ ଜୀବସତ୍ତା, ତାହା ନିଜର ଅନ୍ତଃସ୍ଥ ମୂଳସ୍ୱରୂପ ସହିତ ସଂଯୁକ୍ତ ହୋଇ ଭିନ୍ନ ଶରୀର ଧାରଣ କରି ଏହି ଜଡ଼ଜଗତରେ ଜୀବନ ନିର୍ବାହ କରିବ ।

ଆମେ ଏହି ସମଗ୍ର ଆଲୋଚନାରୁ ଶ୍ରୀମା'ଙ୍କ ଜୀବକୋଷର ସାଧନା ସମ୍ବନ୍ଧରେ କିଛି ଜାଣିପାରିଲେ । ମା'ଙ୍କର ପାର୍ଥିବ ଜୀବନର ଶେଷ ପର୍ଯ୍ୟାୟରେ ତାଙ୍କ ଜୀବକୋଷମାନେ ରୂପାନ୍ତରିତ ହୋଇଯାଇଥିଲେ । ସେମାନେ ନୂତନ ପୃଥିବୀରେ ଉପସ୍ଥିତ ରହିଥିବାରୁ ଆମେମାନେ ତାହାକୁ ବୁଝିପାରୁ ନଥିଲୁ । ଯେତେବେଳେ ଶଁବାଳୁଆଟିଏ କୋଷ ଭିତରେ ରହି ପ୍ରଜାପତି ବା ମଥିର ରୂପାନ୍ତର ପ୍ରକ୍ରିୟାରେ ଭାଗ ନିଏ ଓ ଯେତେବେଳେ ପ୍ରଜାପତିଟି କୋଷ ଭିତରୁ ମୁକୁଳି ଉଡ଼ିଯାଏ, ସେ କୋଷ ଭିତରେ କ'ଣ ବାକୀ ରହେ ? ଶଁବାଳୁଆ ଦେହର ଶୁଷ୍କ ଆବରଣ ନା ଶଁବାଳୁଆର ମୃତ୍ୟୁ ? କ'ଣ ଚାଲିଯାଏ ଓ କ'ଣ କିପରି ରୂପାନ୍ତରିତ ହୁଏ ଜଣାପଡ଼େ ନାହିଁ କାରଣ ଏହାହିଁ ହେଉଛି ପ୍ରକୃତିର ଏକ ଗୂଢ଼ ରହସ୍ୟ ।

କିନ୍ତୁ ଶରୀରର ବିବର୍ତ୍ତନ ଏକ ସାମୂହିକ ପ୍ରକ୍ରିୟା । ଅନ୍ତତଃ ଗୋଟିଏ ସଚେତନ ଗୋଷ୍ଠୀ ରୂପାନ୍ତରିତ ନହେଲେ ପୃଥିବୀରେ ନୂତନ ପ୍ରଜାତିର ସ୍ଥିତି ସମ୍ଭବ ହେବ ନାହିଁ । ମା' ଆମକୁ ସେଥିପାଇଁ ପ୍ରସ୍ତୁତ କରୁଥିଲେ ଓ କରୁଛନ୍ତି ମଧ୍ୟ । ଶେଷ ସମୟରେ ମା' ନିଜର ସମସ୍ତ ସିଦ୍ଧିକୁ ପ୍ରତ୍ୟାହାର କରି ନେଇ କିଛିବର୍ଷ ଧରି ଗୋଟିଏ କୋଷ ଭିତରେ ରହିବାର କଳ୍ପନା ମଧ୍ୟ କରିଥିଲେ । ତାହା ହୋଇଥିଲେ ହୁଏତ ଆମେମାନେ ମା'ଙ୍କର ରୂପାନ୍ତରିତ ଶରୀରକୁ ପ୍ରତ୍ୟକ୍ଷ କରିପାରିବାର ସୁଯୋଗ ଓ ଆନନ୍ଦ ଲାଭ କରିଥା'ନ୍ତେ । କିନ୍ତୁ, ପୃଥିବୀରେ କେହି ମଧ୍ୟ ଏଥିପାଇଁ ପ୍ରସ୍ତୁତ ହୋଇ ନଥିଲେ କି ଏବେ ବି ନୁହନ୍ତି ।

ଧୀରେ ଧୀରେ ମା' ଆଉ ମୃତ୍ୟୁ ଓ ଜୀବନ ଭିତରେ କୌଣସି ପାର୍ଥକ୍ୟ ଜାଣିପାରିଲେ ନାହିଁ ।

"It has come to the point where if I had no regard for people's peace of mind, I would say, 'I don't know whether I am alive or dead !'... "

(*The Mind of the Cells*, page. 194)

''ଏହା ଏପରି ନିର୍ଦ୍ଧାରିତ ବିଷୟକୁ ଆସିଲାଣି ଯେ ଲୋକମାନଙ୍କର ଶାନ୍ତି ପ୍ରତି ମୋର ଯଦି ଶ୍ରଦ୍ଧା ନ ଥା'ନ୍ତା, ତେବେ ମୁଁ କହିବି, 'ମୁଁ ଜୀବିତ କି ମୃତ ଜାଣେ ନାହିଁ !'...''

ପୁନର୍ବାର ସେ କହିଥିଲେ :

''I have the impression that I am becoming another person. No, it's not just that : I am in contact with another world, another way of being, which might be called a dangerous way of being.... Dangerous but marvellous. The impression that the relation between what we call "life" and what we call

"death" is becoming increasingly different – totally different.''

(*The Mind of the Cells,* page. 197)

''ମୋର ଧାରଣା ହେଉଛି ଯେ ମୁଁ ଅନ୍ୟ ଗୋଟିଏ ବ୍ୟକ୍ତିରେ ପରିଣତ ହୋଇଯାଉଛି । ନା, ଏକଥା ଠିକ୍ ତାହା ନୁହେଁ : ମୁଁ ଅନ୍ୟ ଏକ ପୃଥିବୀ ସଂସ୍ପର୍ଶରେ ଅଛି, ବଞ୍ଚିବାର ଅନ୍ୟ ଏକ ଉପାୟ ସଂଯୋଗରେ ଅଛି ଯାହାକୁ କୁହାଯାଇପାରେ ବଞ୍ଚିବାର ଏକ ବିପଜ୍ଜନକ ଉପାୟ ।... ତାହା ବିପଜ୍ଜନକ କିନ୍ତୁ ଚମତ୍କାର । ସେ ଧାରଣାଟି ଏପରି ଯେ ଯାହାକୁ ଆମେ କହୁ 'ଜୀବନ' ଏବଂ ଯାହାକୁ କହୁ 'ମୃତ୍ୟୁ' ତାହା କ୍ରମବର୍ଦ୍ଧିଷ୍ଣୁଭାବେ ଭିନ୍ନ ହୋଇଯାଉଛି – ସମ୍ପୂର୍ଣ୍ଣଭାବେ ଭିନ୍ନ ।''

ବର୍ତ୍ତମାନ ଆମେ ଯେଉଁମାନେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କର ଯୋଗ ସାଧନା କରୁଛେ, ଆମମାନଙ୍କୁ ''ପୂର୍ଣ୍ଣଯୋଗ''ର ଶେଷ ପର୍ଯ୍ୟାୟ ସମ୍ବନ୍ଧରେ ସଚେତନ ହେବା ନିହାତି ଆବଶ୍ୟକ ହୋଇଯିବ । କେବଳ ମା'ଙ୍କୁ ଭକ୍ତି କରିବା, ପୂଜା କରିବା, ବିଶ୍ୱାସ କରିବା ଆମର ଲକ୍ଷ୍ୟ ନୁହେଁ, ମା'ଙ୍କ ଦର୍ଶନକୁ ପ୍ରଚାର କରିବା, କିଂବା ଆମର କର୍ମକୁ ସମର୍ପଣ କରିବା ମଧ୍ୟ ନୁହେଁ । ମନେ ରଖିବାକୁ ପଡ଼ିବ ଯେ ଆମେ ଏହି ଜଡ଼ଜଗତରେ ଏକ ନୂତନ ଜୀବସତ୍ତାକୁ ସୃଷ୍ଟି କରିବାରେ ମା'ଙ୍କୁ ସହଯୋଗ କରିବା ନିମିତ୍ତ ନିର୍ବାଚିତ ହୋଇଛେ । ଏହି ଆଲୋଚନାଟିକୁ ଶେଷ କରିବା ପୂର୍ବରୁ ମୁଁ ମା'ଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବାଣୀକୁ ଉଦ୍ଧାର କରୁଛି :

''I think this will happen the moment there is a sufficient number of consciousness which feel absolutely that it cannot be otherwise. All that has been, and all that still is, must appear like an absurdity which cannot last – at that moment it can take place, but not before. In spite of everything, there will be a moment when it will happen, there will be a time when the movement will tilt over into a new reality. There was a MOMENT. There was a moment when the mental being was able to manifest on earth. There will come a time when the human consciousness is in the required state for a supramental consciousness to be able to enter this human consciousness and manifest. It does not stretch out like a rubber band, you see : there is a time when it happens – it can be done in a flash.''

(*The Mind of the Cells,* page. 230)

''ମୁଁ ଭାବୁଛି ଏହା ଘଟିବ ସେହି ମୁହୂର୍ତ୍ତରେ ଯେତେବେଳେ ଯଥେଷ୍ଟ ସଂଖ୍ୟକ ଚେତନା ସମ୍ପୂର୍ଣ୍ଣଭାବେ ଅନୁଭବ କରିବେ ଯେ ଏହା ବ୍ୟତୀତ ଆଉ ଅନ୍ୟପ୍ରକାରେ ତାହା ହୋଇପାରିବ ନାହିଁ । ଯାହାସବୁ କରାହୋଇ ସାରିଛି ଏବଂ ଯାହାସବୁ ତଥାପି କରାହେବାକୁ ଅଛି, ସେସବୁ ଏକ ଉଦ୍ଭଟତା ପରି ନିଶ୍ଚୟ ମନେ ହେବ ଯାହା ଆଉ ତିଷ୍ଠି ପାରିବ ନାହିଁ – ସେହି ମୁହୂର୍ତ୍ତରେହିଁ ଏହା ସଂଘଟିତ ହେବ, କିନ୍ତୁ ତା' ପୂର୍ବରୁ ନୁହେଁ । ସବୁକିଛି ସତ୍ତ୍ୱେ, ଏକ ମୁହୂର୍ତ୍ତ ଆସିବ ଯେତେବେଳେ ଏକଥା ଘଟିବ, ଏକ ସମୟ ଆସିବ ଯେତେବେଳେ ସେଇ ଗତିବୃତ୍ତିଟି ଏକ ନୂତନ ବାସ୍ତବତା ମଧ୍ୟକୁ ଢଳି ପଡ଼ିବ । ଏକ ଦିବ୍ୟମୁହୂର୍ତ୍ତ ଥିଲା – ଏକ ମୁହୂର୍ତ୍ତ ଯେତେବେଳେ ମାନସ-ସତ୍ତା ପୃଥିବୀପୃଷ୍ଠରେ ଅଭିବ୍ୟକ୍ତ ହେବାକୁ ସକ୍ଷମ ହୋଇଥିଲା । ଏକ ସମୟ ଆସିବ ଯେତେବେଳେ ମାନବ ଚେତନା ଅତ୍ୟନ୍ତ ଅପେକ୍ଷିତ ଅବସ୍ଥାରେ ରହିବ ଏକ ଅତିମାନସ ଚେତନା ସକାଶେ ଯେମିତିକି ତାହା ଏହି ମାନବୀୟ ଚେତନା ମଧ୍ୟରେ ପ୍ରବେଶ କରି ଅଭିବ୍ୟକ୍ତ ହେବାକୁ ସକ୍ଷମ ହୋଇପାରିବ । ଏହା ରବର ବ୍ୟାଣ୍ଡ ଭଳି ପ୍ରସାରିତ ହୁଏ ନାହିଁ, ତୁମେ ଦେଖ : ଗୋଟିଏ ସମୟ ଥାଏ ଯେତେବେଳେ ଏହା ଘଟେ – ଏହା ଏକ ଝଲକରେ ବି କରାଯାଇ ପାରିବ ।''

(ସମାପ୍ତ) ✥

পূর্ণযোগর ଭିତ୍ତି, ପ୍ରସ୍ତୁତି ଓ ପରିଣତି (୩୩)

# ମାନବଜୀବନ ଓ ସମାଜରେ ପୂର୍ଣ୍ଣଯୋଗର ପୂର୍ଣ୍ଣାଙ୍ଗ ପ୍ରୟୋଗ (୯)

## ଶ୍ରୀପତି ଦାସ

''ପୂର୍ଣ୍ଣଯୋଗର ଭିତ୍ତି, ପ୍ରସ୍ତୁତି ଓ ପରିଣତି'' ଶୀର୍ଷକ ୩୩ଟି ପ୍ରବନ୍ଧ ଓ ତନ୍ମଧ୍ୟରେ ''ମାନବଜୀବନ ଓ ସମାଜରେ ପୂର୍ଣ୍ଣଯୋଗର ପୂର୍ଣ୍ଣାଙ୍ଗ ପ୍ରୟୋଗ'' ଶୀର୍ଷକ ୯ଟି ପ୍ରବନ୍ଧ ପ୍ରକାଶ-କରି ଏଠାରେ ଏହି ପ୍ରବନ୍ଧଗୁଡ଼ିକୁ ଆମେ ସମାପ୍ତ କରିବାକୁ ଯାଉଛୁ ।

ଉପରୋକ୍ତ ପ୍ରବନ୍ଧଗୁଡ଼ିକରେ ପୂର୍ଣ୍ଣଯୋଗ ଓ ପୂର୍ଣ୍ଣାଙ୍ଗଶିକ୍ଷା ସମ୍ବନ୍ଧେ ଆଲୋଚନା କରି ନିମ୍ନରେ ଏହି ଶେଷ ପ୍ରବନ୍ଧଟିରେ ପୂର୍ଣ୍ଣଯୋଗ ଓ ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରଥମ ପାଠ ଶ୍ରୀଅରବିନ୍ଦ ଆଶ୍ରମ ଓ ତନ୍ମଧ୍ୟସ୍ଥ ଆନ୍ତର୍ଜାତିକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସମ୍ବନ୍ଧେ କିଛି ସୂଚନା ଦେଉଛୁ ।

ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ଲିଖିତ 'ଶିକ୍ଷା' ପୁସ୍ତକର ଶେଷ ତିନୋଟି ପ୍ରବନ୍ଧ ଯାହା ଶ୍ରୀମା'ଙ୍କ ଦ୍ୱାରା ଲିଖିତ, ଏଠାରେ ସେଗୁଡ଼ିକର ଉଦ୍ଧୃତି ପ୍ରକାଶ କରାଯାଉଛି ।

### ଏକ ଅନ୍ତର୍ରାଷ୍ଟ୍ରୀୟ ଶିକ୍ଷାକେନ୍ଦ୍ର

ପୃଥିବୀପୃଷ୍ଠରେ ମନୁଷ୍ୟ ଯେଉଁ ଅବସ୍ଥାରେ ବାସ କରୁଛି, ତାହାହିଁ ତାହାର ଅନ୍ତଶ୍ଚେତନାର ସ୍ଥିତିର ପରିଣାମ । ଚେତନାର ରୂପାନ୍ତର ନକରି ପୃଥିବୀର ପରିବର୍ତ୍ତନ କରିବାକୁ ଉଦ୍ୟମ କରିବା ଏକ ସ୍ୱପ୍ନବିଳାସ ମାତ୍ର । ଯେଉଁ ବ୍ୟକ୍ତିଗଣ ମାନବଜୀବନର ବିଭିନ୍ନ କ୍ଷେତ୍ରରେ ଅର୍ଥନୀତିକ, ରାଷ୍ଟ୍ରନୀତିକ, ସାମାଜିକ, ଆର୍ଥିକ, ଶିକ୍ଷାଗତ, ସ୍ୱାସ୍ଥ୍ୟମୂଳକ ଅବସ୍ଥାର ଉନ୍ନତି ନିମିତ୍ତ କ'ଣ କରାଯାଇପାରେ ଏବଂ କ'ଣ କରିବା ଉଚିତ ବୋଲି ଉପଲବ୍ଧି କରିଥିଲେ, ଠିକ୍ ସେହି ବ୍ୟକ୍ତିଗଣ ନିଜର ଚେତନାକୁ ଅଳ୍ପ-ବହୁତ ଗୋଟାଏ ଅସାଧାରଣ ଅବସ୍ଥାକୁ ଉନ୍ନୀତ କରିଥିଲେ ଏବଂ ଚେତନାର ଉଚ୍ଚତର ଭୂମିସକଳ ସହିତ ନିଜକୁ ସଂଯୁକ୍ତ କରିଥିଲେ । କିନ୍ତୁ ସେମାନଙ୍କର ଧାରଣାରାଜି ମୂଳତଃ ତତ୍ତ୍ୱରୂପେ ରହିଗଲା, ଅଥବା ସେହି ଧାରଣାଗୁଡ଼ିକୁ ଯେତେବେଳେ କାର୍ଯ୍ୟରେ ପରିଣତ କରିବାକୁ ଚେଷ୍ଟା କରାଯାଇଥିଲା, ତାହା ସର୍ବଦାହିଁ ଦୟନୀୟଭାବେ, କରୁଣଭାବେ ଅଳ୍ପ ବା ବହୁତ କାଳ ପରେ ବିଫଳ ହୋଇଗଲା । କାରଣ ମାନବ-ଚେତନା ସ୍ୱୟଂ ରୂପାନ୍ତରିତ ନହେଲେ, କୌଣସି ମାନବିକ ସଂସ୍ଥା ସମଗ୍ରରୂପେ ପରିବର୍ତ୍ତିତ ହୋଇପାରିବ ନାହିଁ । ନୂତନ ସମାଜର ଦିଶାରୀଗଣ ଜଣକ ପରେ ଜଣେ ଆସିଛନ୍ତି, ଆଧ୍ୟାତ୍ମିକ ବା ସାମାଜିକ ବହୁ ବିଭିନ୍ନ ଧର୍ମ ସୃଷ୍ଟି କରାଯାଇଛି ଏବଂ ସେସବୁର ଅୟମାରମ୍ଭ ଖୁବ୍ ସମ୍ଭାବନାଯୁକ୍ତ ବୋଲି ମନେ ହେଉଥିଲା, – ଏବଂ ଯେହେତୁ ମାନବଜାତି ନିଜ ଅନ୍ତରରେ ରୂପାନ୍ତରିତ ହୋଇ ନଥିଲା, କ୍ରମଶଃ ମାନବପ୍ରକୃତିଗତ ପୁରାତନ ଦୁର୍ଗୁଣରାଜି ଧୀରେ ଧୀରେ ପୁନର୍ବାର ପ୍ରକାଶିତ ହେଲା ଏବଂ କିଛି ସମୟ ପରେ ଦେଖାଗଲା ଯେ ମନୁଷ୍ୟ ଯେଉଁଠାରୁ ଯାତ୍ରାରମ୍ଭ କରିଥିଲା, ଏତେ ଆଶା ଓ ଉତ୍ସାହ ପରେ ବି ଠିକ୍ ସେହି ସ୍ଥାନରେହିଁ ପଡ଼ିରହିଛି ।

ଏହି ପ୍ରକାର ଉଦ୍ୟମରେ ସାଧାରଣତଃ ମନୁଷ୍ୟ-ସମାଜର ଉନ୍ନତି ସକାଶେ ଦୁଇଟି ଗତିଧାରା ଦେଖାଦେଇଛି : ଯାହା ଆପାତତଃ ଦୁଇଟି ପରସ୍ପର-ବିରୋଧୀ ଗତିଧାରା ବୋଲି ମନେହେଲେ ମଧ୍ୟ ଅଗ୍ରଗତି ନିମିତ୍ତ ପରସ୍ପର ପରିପୂରକ ଓ ସହାୟକ । ଗୋଟିଏ ଧାରା ଚାହେଁ ସମଷ୍ଟିଗତ ପୁନର୍ଗଠନ ଯାହା ମାନବସମାଜର ଐକ୍ୟ ଦିଗରେ ସଫଳତା ସହ କାର୍ଯ୍ୟକାରୀ ହେବ, ଅନ୍ୟଟି ଘୋଷଣା କରେ ଯେ ସକଳ ଅଗ୍ରଗତି ସର୍ବପ୍ରଥମେ ବ୍ୟକ୍ତି ଦ୍ୱାରାହିଁ ସାଧିତ ହୁଏ ଏବଂ ଜୋର୍ ଦେଇ କହେ ଯେ ବ୍ୟକ୍ତିକୁ ଏପରି ପରିବେଶ ବା ବ୍ୟବସ୍ଥା ମଧ୍ୟରେ ରଖିବାକୁ ହେବ ଯେଉଁଥିରେ ସେ ଅବାଧରେ ଅଗ୍ରଗତି କରିପାରିବ । ଉଭୟ ଗତିଧାରା ସମାନଭାବେ ସତ୍ୟ ଓ ସମାନଭାବେ ଆବଶ୍ୟକ ଏବଂ ଆମ୍ଭମାନଙ୍କର ଉଦ୍ୟମ ଉଭୟ ଦିଗରେ ପରିଚାଳିତ ହେବା ବାଞ୍ଛନୀୟ । ସମଷ୍ଟିଗତ ଅଗ୍ରଗତି ଏବଂ ବ୍ୟଷ୍ଟିଗତ ଉନ୍ନତି ଉଭୟ ପରସ୍ପର ନିର୍ଭରଶୀଳ । ବ୍ୟଷ୍ଟି ଏକ ଅଗ୍ରଗାମୀ ପଦକ୍ଷେପ ନେବା ପୂର୍ବରୁ ସମଷ୍ଟିଗତ ଜୀବନଧାରାରେ କିଛି ପରିମାଣରେ ଏକ ଆନୁଷଙ୍ଗିକ ଅଗ୍ରଗତି ହୋଇଥିବା ଆବଶ୍ୟକ । ତେଣୁ ଏପରି ଏକ ମାର୍ଗ ଆବିଷ୍କାର

କରିବାକୁ ହେବ ଯଦ୍ଦ୍ୱାରା ଉଭୟ ଅଗ୍ରଗତି ଏକ ସଙ୍ଗେ ସାଧିତ ହୋଇପାରିବ ।

ଏହି ଆବଶ୍ୟକତାର ସମାଧାନ ନିମିତ୍ତ ଶ୍ରୀଅରବିନ୍ଦ ଏକ ଅନ୍ତର୍ରାଷ୍ଟ୍ରୀୟ ଶିକ୍ଷାକେନ୍ଦ୍ରର ପରିକଳ୍ପନା କରିଥିଲେ । ଏହା ଫଳରେ ମାନବସମାଜର ଶ୍ରେଷ୍ଠ ବ୍ୟକ୍ତିମାନଙ୍କୁ ମାନବଜାତିର କ୍ରମବର୍ଦ୍ଧମାନ କ୍ରମିକ ଐକ୍ୟ ନିମିତ୍ତ କାର୍ଯ୍ୟକରିବା ସକାଶେ ପ୍ରସ୍ତୁତହେବାକୁ ହେବ ଏବଂ ପରିଶେଷରେ ମାନବଜାତି ପୃଥିବୀପୃଷ୍ଠରେ ଅବତରି ଆସୁଥିବା ନୂତନ ଶକ୍ତିକୁ ଗ୍ରହଣ କରି ନିଜକୁ ରୂପାନ୍ତରିତ କରିବାକୁ ସକ୍ଷମ ହେବ । ଏହି ଶିକ୍ଷାକେନ୍ଦ୍ରର ସଙ୍ଗଠନ ନିମିତ୍ତ ଓ ବିବିଧ ପାଠ୍ୟକ୍ରମର ନିୟାମକରୂପେ ଏହି କେତେକ ଉଦାର ଭାବରାଜି ବିଶେଷ ସହାୟକ ହେବ । ଏହିସବୁ ଉଦାର ଭାବରାଜି ଶ୍ରୀଅରବିନ୍ଦଙ୍କ ବିଭିନ୍ନ ରଚନାବଳିରେ ଏବଂ ଶାରୀରିକ ଶିକ୍ଷଣ ପତ୍ରିକାରେ ତାଙ୍କର କେତେକ ଧାରାବାହିକ ଲେଖାରେ ବିଶେଷଭାବେ ଆଲୋଚିତ ହୋଇଛି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଏହି ଯେ ମାନବଜାତିର ଐକ୍ୟ କୌଣସି ବାହ୍ୟ ଏକରୂପତ୍ୱ (uniformity) କିଂବା ବଶତା ଦ୍ୱାରା କରାଯାଇପାରିବ ନାହିଁ । ଯେଉଁଥିରେ ପ୍ରତ୍ୟେକ ଜାତି ନିଜସ୍ୱ ପ୍ରତିଭା ପ୍ରକାଶ କରିବାର ସୁଯୋଗ ପାଇବ ଏବଂ ନିଜର ଯଥାର୍ଥ ସ୍ଥାନ ଅଧିକାର କରିବ,– ଏପରି ଏକ ସମନ୍ୱୟମୂଳକ ବିଶ୍ୱ-ରାଷ୍ଟ୍ରସଂଘ ଗଠନ କରିବାକୁ ହେବ ଏବଂ ଏହା ଦ୍ୱାରାହିଁ ମାନବଜାତିର ଏକ ବ୍ୟାପକ ଏବଂ କ୍ରମବର୍ଦ୍ଧିଷ୍ଣୁ ଐକ୍ୟ ସ୍ଥାୟୀ ହେବାର କିଛି ଆଶା ରହିବ । ଯଦି ଏହି ସମନ୍ୱୟମୂଳକ ସଙ୍ଗଠନକୁ ଜୀବନ୍ତ କରିବାକୁ ହୁଏ, ତେବେ ଏହି ବର୍ଗୀକରଣ ଏକ କେନ୍ଦ୍ରୀୟ ଉଚ୍ଚ ବିଶାଳ ଆଦର୍ଶ ଅନୁଯାୟୀ ସମ୍ପାଦିତ ହେବ । ଏହି ଆଦର୍ଶ ମଧ୍ୟରେ ସକଳ ଗତିଧାରା, ଏପରିକି ସମ୍ପୂର୍ଣ୍ଣ ପରସ୍ପର-ବିରୋଧୀ ଭାବଧାରା ତାହାର ଯଥାଯଥ ସ୍ଥାନ ଅଧିକାର କରିବ । ଏହି ଆଦର୍ଶହିଁ ଏପରି ଏକ ନୂତନ ଆଦର୍ଶ ସୃଷ୍ଟି କରିବ ଯାହା ଆଗାମୀ ମନୁଷ୍ୟଜାତିର ସୃଷ୍ଟିକାରିଣୀ ଏକ ନୂତନ ଶକ୍ତିର ଅଭିବ୍ୟକ୍ତି ସକାଶେ ପଥ ସୁଗମ କରିବ ।

ସକଳ ପ୍ରତିଦ୍ୱନ୍ଦ୍ୱିତାର ପ୍ରେରଣା, ଅଧିକାରବୋଧ ଏବଂ ନିଜେ ସର୍ବପ୍ରଥମ ହେବାପାଇଁ ଯେଉଁ ସଂଘର୍ଷ, ତାହା ସମ୍ପୂର୍ଣ୍ଣଭାବେ ଅନ୍ତର୍ହିତ ହେବ ଏବଂ ତାହା ସ୍ଥାନରେ ଦେଖାଦେବ ଏକ ସମନ୍ୱୟମୂଳକ ସଂସ୍ଥା ନିମିତ୍ତ ସଂକଳ୍ପ ଏବଂ ସୁସ୍ପଷ୍ଟ ଓ ଫଳପ୍ରଦ ସହଯୋଗ ନିମିତ୍ତ ଆଗ୍ରହ ।

ଏହାକୁ ସମ୍ଭବପର କରିବାକୁ, ଶିଶୁମାନେ ଖୁବ୍ ଅଳ୍ପ ବୟସରୁ, କେବଳ ଏହି ଧାରଣା ପ୍ରତି ନୁହେଁ, କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବା ସକାଶେ ଅଭ୍ୟସ୍ତ ହେବା ଉଚିତ । ତେଣୁ ଏହି ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରଟି କେବଳ ସକଳ ଦେଶରୁ ଛାତ୍ରମାନଙ୍କୁ ଗ୍ରହଣ କରିବା ଦୃଷ୍ଟିରୁ କିଂବା ସେମାନଙ୍କର ନିଜ ମାତୃଭାଷାରେ ଶିକ୍ଷା ଦିଆଯିବା ଦୃଷ୍ଟିରୁ ଆନ୍ତର୍ଜାତିକ ନୁହେଁ, କିନ୍ତୁ ନିର୍ଦ୍ଦିଷ୍ଟ ଭାବରେ ଯେହେତୁ ପୃଥିବୀର ବିଭିନ୍ନ ପ୍ରାନ୍ତର ସଂସ୍କୃତିକୁ ସକଳଙ୍କ ନିମିତ୍ତ ଗ୍ରହଣୋପଯୋଗୀ ପନ୍ଥାରେ ଉପସ୍ଥାପିତ କରାଯିବ, ଏବଂ ତାହା କେବଳ ବୁଦ୍ଧିଗତ, ଧାରଣାଗତ, କଳ୍ପନାଗତ, ସିଦ୍ଧାନ୍ତଗତ, ତତ୍ତ୍ୱଗତ ଏବଂ ଭାଷାଗତ ନୁହେଁ, କିନ୍ତୁ ଜୀବନ୍ତଭାବେ ଅଭ୍ୟାସ, ପ୍ରଥା ଓ କଳାର ସକଳ ରୂପରେ – ଚିତ୍ରବିଦ୍ୟା, ଭାସ୍କର୍ଯ୍ୟ, ସଙ୍ଗୀତ, ସ୍ଥାପତ୍ୟ, ସାଜସଜ୍ଜା – ଏବଂ ସ୍ଥୂଳଭାବରେ ପ୍ରାକୃତିକ ଦୃଶ୍ୟ, ପୋଷାକ-ପରିଚ୍ଛଦ, ଖେଳ-କସରତ, ଶିଳ୍ପ ଓ ଖାଦ୍ୟ ପ୍ରଭୃତିରେ ମଧ୍ୟ । ଏକପ୍ରକାର ବିଶ୍ୱ-ପ୍ରଦର୍ଶନୀ (World-Exhibition)ର ବ୍ୟବସ୍ଥା କରିବାକୁ ହେବ ଯହିଁରେ ସବୁଦେଶ ବାସ୍ତବରେ ଯଥାର୍ଥ ଓ ଜୀବନ୍ତ ଭାବରେ ପ୍ରତିନିଧିତ୍ୱ କରିପାରିବେ । ଏହି ଆଦର୍ଶଟି ଏହା ଯେ ପ୍ରତ୍ୟେକ ଦେଶ ନିମିତ୍ତ ତାହାର ନିର୍ଦ୍ଦିଷ୍ଟ ସଂସ୍କୃତିକୁ ପ୍ରତିନିଧିତ୍ୱ କରିବା ପାଇଁ କ୍ଷେତ୍ର ରହିବ ଏବଂ ତାହା ଏପରି ଛାଞ୍ଚରେ ଗଢ଼ାଯିବ ଯାହା ସେହି ଦେଶର ପ୍ରକୃତି ଓ ସ୍ୱଭାବକୁ ପରିବେଷଣ କରିପାରିବ : ଏହା ଦେଶର ବିଶେଷ ପ୍ରତିନିଧିମୂଳକ ଉତ୍ପାଦନକୁ ପ୍ରଦର୍ଶନ କରିବ ଯାହା ପ୍ରାକୃତିକ ତଥା ମାନବନିର୍ମିତ ଏବଂ ଯାହା ବୌଦ୍ଧିକ ପ୍ରତିଭା, ଶିଳ୍ପପ୍ରତିଭା ତଥା ଆଧ୍ୟାତ୍ମିକ ପ୍ରବୃତ୍ତିର ପ୍ରକାଶକ ହୋଇଉଠିବ । ଏହି ଭାବରେ ପ୍ରତ୍ୟେକ ଦେଶର ଏହି ସାଂସ୍କୃତିକ ସମନ୍ୱୟରେ ଏକ କାର୍ଯ୍ୟକାରୀ ଏବଂ ବାସ୍ତବ ଆଗ୍ରହ ଜନ୍ମିବ ଏବଂ ସେ ତା' ନିଜ ଦେଶର ପ୍ରତିନିଧିତ୍ୱ କରୁଥିବା ପ୍ରଦର୍ଶନୀ-ମଣ୍ଡପର ଦାୟିତ୍ୱ ଗ୍ରହଣ କରି ଅନ୍ୟମାନଙ୍କ ସହିତ ସହଯୋଗ କରିବ । ପୁନଶ୍ଚ ଆବଶ୍ୟକତା ଅନୁଯାୟୀ ଛୋଟ ବା ବଡ଼ ଏକ ଛାତ୍ରାବାସ ତାହା ସଙ୍ଗରେ ରଖାଯିବ ଯେଉଁଠାରେ ଗୋଟିଏ ଦେଶ ବା ଜାତିର ଛାତ୍ରମାନଙ୍କର ଏକତ୍ର ରହିବାର ବ୍ୟବସ୍ଥା କରାଯିବ । ଏହା ଦ୍ୱାରା ସେମାନେ ନିଜ ମାତୃଭୂମିର ସ୍ୱକୀୟ ସଂସ୍କୃତିକୁ ଉପଭୋଗ କରିପାରିବା ସଙ୍ଗେ ସଙ୍ଗେ ଶିକ୍ଷାକେନ୍ଦ୍ରରେ ଏପରି ଶିକ୍ଷା ପାଇବେ ଯାହା ପୃଥିବୀରେ ପ୍ରତିଷ୍ଠିତ ଅନ୍ୟାନ୍ୟ ସଂସ୍କୃତି ସହିତ ସେମାନଙ୍କୁ ପରିଚିତ କରାଇବ । ଏହି ଭାବରେ ଆନ୍ତର୍ଜାତିକ ଶିକ୍ଷା କେବଳ ସ୍କୁଲ ବେଞ୍ଚ ଉପରେ ଏକ ତାତ୍ତ୍ୱିକ ବ୍ୟାଖ୍ୟା

ହେବ ନାହିଁ, ବରଂ ତାହାର ପ୍ରତ୍ୟେକ ଦିଗରେ ଟିକିନିଖି ଭାବରେ କାର୍ଯ୍ୟକାରୀ ହେବ ।

ସଙ୍ଗଠନର ଏକ ସ୍ଥୂଳ ଧାରଣା ଏଠାରେ ଦିଆଯାଇଛି । ଏହାକୁ କିପରି ପ୍ରୟୋଗ କରିବାକୁ ହେବ, କାର୍ଯ୍ୟରେ ପରିଣତ କରିବାକୁ ହେବ, ତାହା ପରେ 'ବୁଲେଟିନ୍'ରେ ଆଲୋଚିତ ହେବ ।

ତତ୍ପରେ ପ୍ରଥମ ଲକ୍ଷ୍ୟ ହେବ ବ୍ୟକ୍ତିଗତଭାବେ ପ୍ରତ୍ୟେକଙ୍କୁ ସାହାଯ୍ୟ କରିବା ଯଦ୍ଦ୍ୱାରା ସେମାନେ ସ୍ୱଦେଶର ମୌଳିକ ପ୍ରତିଭା ସମ୍ବନ୍ଧେ ସଚେତ ହେବେ ଏବଂ ତତ୍‌ସଙ୍ଗେ ଅନ୍ୟ ଦେଶର ଜୀବନଯାପନ ପ୍ରଣାଳୀର ସଂସ୍ପର୍ଶରେ ଆସିବା ଦ୍ୱାରା ପୃଥିବୀପୃଷ୍ଠର ସକଳ ଦେଶର ବାସ୍ତବ ତାତ୍ପର୍ଯ୍ୟ (Spirit)କୁ ଜାଣିପାରିବେ ଏବଂ ସମ୍ମାନ କରିବାକୁ ଶିଖିବେ । କାରଣ ସମସ୍ତ ବିଶ୍ୱସଂଘ ଯଥାର୍ଥଭାବେ ଗଠିତ ହେବାର ଏବଂ ବଞ୍ଚି ରହିବାର ସାମର୍ଥ୍ୟ ଲାଭ କରିବାର ମୂଳଭିତ୍ତି ନିର୍ଭର କରେ ଦେଶ ଦେଶ ମଧ୍ୟରେ ପରସ୍ପର ବୁଝାମଣା ଓ ସମ୍ମାନର ଆଦାନ-ପ୍ରଦାନ ଉପରେ, ଠିକ୍ ଯେପରି ବ୍ୟକ୍ତି-ବ୍ୟକ୍ତି ମଧ୍ୟରେ । ବର୍ତ୍ତମାନ ମାନବ ଯେଉଁ ଦୁଃଖଯାତନାପୂର୍ଣ୍ଣ ଅଜ୍ଞାନ-ଅନ୍ଧକାର ମଧ୍ୟରେ ରହିଛି, ତହିଁରୁ ଉଚ୍ଚସ୍ତରକୁ ଉଠିବାର ସମ୍ଭାବନା କେବଳ ପରସ୍ପର ସଦ୍ଭାବ ସୂତ୍ରରେ ସାମୂହିକ ଶୃଙ୍ଖଳା, ସଂସ୍ଥା ଓ ସହଯୋଗ ମଧ୍ୟରେ ନିହିତ । ଏଠାରେ ଏହି ଶିକ୍ଷାକେନ୍ଦ୍ରରେ କେବଳ ଏହି ଲକ୍ଷ୍ୟ ଓ ପ୍ରେରଣାକୁ ନେଇ ସକଳ ମାନବ-ସମସ୍ୟାର ବିଚାର କରାଯିବ ଏବଂ ସେସବୁର ସମାଧାନ କରାଯିବ ଶ୍ରୀଅରବିନ୍ଦଙ୍କ ଲେଖାରେ ପ୍ରକାଶିତ ଅତିମାନସ ଜ୍ଞାନର ଆଲୋକରେ ।

## ଆଶ୍ରମର ଛାତ୍ର-ଛାତ୍ରୀମାନଙ୍କ ପ୍ରତି

ପ୍ରକୃତିର ଏକ ଊର୍ଦ୍ଧ୍ୱମୁଖୀ କ୍ରମଗତି ଅଛି; ତାହା ପ୍ରସ୍ତରରୁ ଉଦ୍ଭିଦ, ଉଦ୍ଭିଦରୁ ପଶୁ ଓ ପଶୁରୁ ମନୁଷ୍ୟ ଆଡ଼କୁ ଚାଲୁଛି । ଆପାତତଃ ଏହି ସୋପାନର ଶେଷ ପାହାଚରେ ମନୁଷ୍ୟ ରହିଛି ବୋଲି ନିଜକୁ ସେ ଏହି ଉନ୍ନତିର ଚରମ ପରିଣାମ ବୋଲି ମନେକରୁଛି; ଏବଂ ମନେକରୁଛି ପୃଥିବୀରେ ତା'ଠାରୁ ଶ୍ରେଷ୍ଠ ଅନ୍ୟ କିଛି ନାହିଁ । ଏହା ତା'ର ଭ୍ରମ । ବାହ୍ୟ ପ୍ରକୃତିରେ ବର୍ତ୍ତମାନ ସେ ପ୍ରାୟ ସମ୍ପୂର୍ଣ୍ଣ ପଶୁ, ଚିନ୍ତା କରୁଥିବା, କଥା କହୁଥିବା ଏକ ପଶୁ; କିନ୍ତୁ ତଥାପି ସେ ପଶୁ – ଶାରୀରିକ ଅଭ୍ୟାସରେ ଏବଂ ପ୍ରବୃତ୍ତିରେ । ନିଃସନ୍ଦେହରେ ପ୍ରକୃତି ଏହି ଅପୂର୍ଣ୍ଣ ପରିଣାମରେ କୌଣସିମତେ ସନ୍ତୁଷ୍ଟ ରହିପାରିବ ନାହିଁ । ତାହାର ପ୍ରୟାସ ଏପରି ଏକ ସତ୍ତା ଗଢ଼ିବା ପାଇଁ, ଯାହା ସହିତ ମନୁଷ୍ୟର ପାର୍ଥକ୍ୟ ହେବ ମନୁଷ୍ୟ ଓ ପଶୁ ମଧ୍ୟରେ ଥିବା ପାର୍ଥକ୍ୟ ପରି; ସେହି ସତ୍ତା କେବଳ ଆକାରରେ ରହିବ ମନୁଷ୍ୟ ପରି, କିନ୍ତୁ ତାହାର ଚେତନା ମନକୁ ଅତିକ୍ରମ କରି ଅଜ୍ଞାନର ଦାସତ୍ୱରୁ ମୁକ୍ତ ହୋଇ ବହୁ ଊର୍ଦ୍ଧ୍ୱକୁ ଉଠିଯିବ ।

ମନୁଷ୍ୟ ନିକଟରେ ଏହି ସତ୍ୟ ଉଦ୍‌ଘାଟନ କରିବା ସକାଶେହିଁ ଶ୍ରୀଅରବିନ୍ଦ ପୃଥିବୀରେ ଅବତୀର୍ଣ୍ଣ ହୋଇଥିଲେ । ସେ କହନ୍ତି ଯେ ମନୁଷ୍ୟ ଏକ ମଧ୍ୟବର୍ତ୍ତିକାଳୀନ ଜୀବ – ବର୍ତ୍ତମାନ ସେ ମାନସ ଚେତନାରେ ରହିଛି; ତେବେ ସେ ଲାଭ କରିପାରେ ଏକ ନୂତନ ଚେତନା, ସତ୍ୟ-ଚେତନା, ଏବଂ ସେ ଏକ ସମ୍ପୂର୍ଣ୍ଣ ସୁସମଞ୍ଜସ, ମଙ୍ଗଳମୟ, ସୁନ୍ଦର, ଆନନ୍ଦମୟ ଏବଂ ପୂର୍ଣ୍ଣ ଜ୍ଞାନୋଦ୍ଭାସିତ ଜୀବନଯାପନ କରିବାକୁ ସକ୍ଷମ ହୋଇପାରେ । ପୃଥିବୀରେ ତାଙ୍କର ସମଗ୍ର ଜୀବନକାଳ ମଧ୍ୟରେ ଏହି ଚେତନାକୁ – ଯାହାର ନାମ ସେ ଦେଇଛନ୍ତି ଅତିମାନସ – ନିଜ ମଧ୍ୟରେ ପ୍ରତିଷ୍ଠିତ କରିବାରେ ଏବଂ ତାଙ୍କର ଅନୁଗତମାନଙ୍କୁ ଏହାର ଉପଲବ୍ଧି ନିମିତ୍ତ ସାହାଯ୍ୟ କରିବାରେ ସେ ସର୍ବଦା ବ୍ୟାପୃତ ଥିଲେ ।

ତୁମ୍ଭେମାନେ ଅଳ୍ପ ବୟସରେ ଆଶ୍ରମକୁ ଆସି ଏକ ମସ୍ତବଡ଼ ସୁଯୋଗ ପାଇଛ; ଅର୍ଥାତ୍ ତୁମ୍ଭେମାନେ ବର୍ତ୍ତମାନ, ଏହି ନୂତନ ଆଦର୍ଶ ଅନୁଯାୟୀ ଗଢ଼ିହେବା ସକାଶେ ଏବଂ ଏହିପରି ଏକ ନୂତନ ମାନବଜାତିର ପ୍ରତିନିଧିହେବା ସକାଶେ ଏକ ପରିବର୍ତ୍ତନକ୍ଷମ ଏବଂ ନମନୀୟ ଅବସ୍ଥାରେ ରହିଛ । ପାରିପାର୍ଶ୍ୱିକ ଅବସ୍ଥା ଓ ପ୍ରଭାବ, ଆଦର୍ଶ, ଶିକ୍ଷା ଓ ଦୃଷ୍ଟାନ୍ତ ଦିଗରୁ ତୁମ୍ଭେମାନେ ଏହି ଆଶ୍ରମରେ ସବୁଠାରୁ ଅନୁକୂଳ ଏକ ବାତାବରଣ ମଧ୍ୟରେ ରହିଛ, ଯାହାଦ୍ୱାରା ତୁମ୍ଭମାନଙ୍କ ଭିତରେ ଏହି ଅତିମାନସ ଚେତନା ଜାଗ୍ରତ୍ ହୋଇପାରେ ଏବଂ ତୁମ୍ଭେମାନେ ଏହାର ବିଧାନାନୁସାରେ ଗଢ଼ିହୋଇପାର ।

ବର୍ତ୍ତମାନ ସବୁକିଛି ନିର୍ଭର କରୁଛି ତୁମ୍ଭମାନଙ୍କ ସଂକଳ୍ପ ଏବଂ ନିଷ୍ଠା ଉପରେ । ଏବଂ ଯଦି ସାଧାରଣ ମନୁଷ୍ୟ, ଅର୍ଥାତ୍ କେବଳ ଉନ୍ନତ ପଶୁ ହୋଇ ନରହିବାକୁ ତୁମ୍ଭମାନଙ୍କର ସଂକଳ୍ପ ଥାଏ; ତୁମ୍ଭମାନଙ୍କର ସଂକଳ୍ପ ଯଦି ହୁଏ ଶ୍ରୀଅରବିନ୍ଦଙ୍କର ଅତିମାନସ ଆଦର୍ଶସିଦ୍ଧ ସେହି ନୂତନ ଜାତିର ନୂତନ ମନୁଷ୍ୟ ହେବାକୁ, ନୂତନ ପୃଥିବୀରେ ଏକ ନୂତନ ଏବଂ ଉନ୍ନତତର ଜୀବନ ପ୍ରାପ୍ତହେବାକୁ, ତେବେ ତୁମ୍ଭମାନଙ୍କ ଉଦ୍ଦେଶ୍ୟ-ସାଧନର ସକଳ ପ୍ରୟୋଜନୀୟ ସାହାଯ୍ୟ ତୁମ୍ଭେମାନେ ଏଠାରେ ପାଇବ; ଆଶ୍ରମରେ ରହିବାର ପୂର୍ଣ୍ଣ ସାର୍ଥକତା ବି ଲାଭକରିବ ଏବଂ

ସେତେବେଳେ ପୃଥିବୀରେ ତୁମ୍ଭେମାନେହିଁ ହେବ ଗୋଟିଏ ଗୋଟିଏ ଜୀବନ୍ତ ଦୃଷ୍ଟାନ୍ତ ।

## ଆଶ୍ରମ-ଶିକ୍ଷାକେନ୍ଦ୍ରର ଶିକ୍ଷାର୍ଥୀମାନଙ୍କୁ ଡିପ୍ଲୋମା ଓ ସାର୍ଟିଫିକେଟ୍ ଦିଆଯାଏ ନାହିଁ କାହିଁକି ?

ପ୍ରାୟ ଏକ ଶତାବ୍ଦୀ ଧରି ମନୁଷ୍ୟସମାଜକୁ ଏକ ବ୍ୟାଧି ଗ୍ରାସକରିଛି ଯାହା ଅଧିକରୁ ଅଧିକ ପ୍ରସାରିତ ହେବାକୁ ଲାଗିଛି; ଏବଂ ଆମ୍ଭମାନଙ୍କ ଯୁଗରେ ଏହା ସବୁଠାରୁ ଅଧିକ ତୀବ୍ର ଆକାର ଧାରଣ କରିଛି; ଏହାକୁ ଆମେ ବ୍ୟବହାରୋପଯୋଗିତା ବୋଲି କହିପାରୁ । ଅନ୍ୟ କୌଣସି କିଛି ବିଚାରକୁ ନିଆ ନଯାଇ ସବୁ ବସ୍ତୁକୁ ଓ ବ୍ୟକ୍ତିମାନଙ୍କୁ ପରିସ୍ଥିତି ଓ କ୍ରିୟାକଳାପସବୁକୁ କେବଳ ଏହି ଦୃଷ୍ଟିକୋଣରୁ ଦେଖାଯାଉଛି ଓ ସେଗୁଡ଼ିକର ଭଲ-ମନ୍ଦ ନିର୍ଣ୍ଣୟ କରାଯାଉଛି । ବ୍ୟବହାରୋପଯୋଗୀ ନହେଲେ କୌଣସି ଜିନିଷର ଆଦୌ କିଛି ମୂଲ୍ୟ ନାହିଁ । ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯାହା ବ୍ୟବହାରୋପଯୋଗୀ, ତାହା ବ୍ୟାବହାରିକ ମୂଲ୍ୟ ନଥିବା ଜିନିଷଠାରୁ ଅଧିକ ଉତ୍ତମ । କିନ୍ତୁ ସର୍ବପ୍ରଥମେ ଆମକୁ ଜାଣିବାକୁ ହେବ, ଆମେ କାହାକୁ ବ୍ୟବହାରୋପଯୋଗୀ ବୋଲି କହୁଛୁ – କାହା ପାଇଁ, କେଉଁଥିପାଇଁ ଓ କ'ଣ ପାଇଁ ତାହା ବ୍ୟବହାରୋପଯୋଗୀ ?

ଅବଶ୍ୟ ଯେଉଁ ଜାତିଗୁଡ଼ିକ ନିଜକୁ ସଭ୍ୟ ବୋଲି ମନେ କରନ୍ତି, ସେମାନେ ତାହାକୁହିଁ ଅଧିକରୁ ଅଧିକ ବ୍ୟବହାରୋପଯୋଗୀ ବୋଲି କହି ଆସୁଛନ୍ତି, ଯାହା ଅଧିକ ଅର୍ଥ ଆଣି ଦେଇପାରେ, ଉପାର୍ଜନ କରିବାରେ ବା ଉତ୍ପାଦନ କରିବାରେ ସାହାଯ୍ୟ କରେ । ସବୁକିଛିକୁହିଁ ଏହି ଆର୍ଥିକ ଦୃଷ୍ଟିକୋଣରୁ ବିଚାର କରାଯାଏ । ତାହାକୁହିଁ ମୁଁ କହେ ବ୍ୟବହାରୋପଯୋଗିତାର ମନୋଭାବ । ଏବଂ ଏହି ରୋଗ ଅତ୍ୟନ୍ତ ସଂକ୍ରାମକ, କାରଣ ପିଲାମାନେ ମଧ୍ୟ ଏଥିରୁ ନିସ୍ତାର ପାଆନ୍ତି ନାହିଁ । ଯେଉଁ ବୟସରେ ଜଣେ ସୌନ୍ଦର୍ଯ୍ୟ, ମହାନତା ଏବଂ ପୂର୍ଣ୍ଣତାର ସ୍ୱପ୍ନ ଦେଖିବା ଉଚିତ – ବୋଧହୁଏ ଇତର ସାଧାରଣ ବୁଦ୍ଧି ପାଇଁ ଏହା ଟିକିଏ ଅତ୍ୟଧିକ ସୂକ୍ଷ୍ମ ଓ ମହତ୍ତର, କିନ୍ତୁ ନିଶ୍ଚିତ ଭାବରେ ଏହା ମାନ୍ଦା, ମାମୁଲି ବିଚାର-ବୁଦ୍ଧିଠାରୁ ଅଧିକ ଉନ୍ନତ – ସେମାନେ ଅର୍ଥର ସ୍ୱପ୍ନ ଦେଖନ୍ତି ଏବଂ ଚିନ୍ତିତ ହୁଅନ୍ତି ତାହା କିପରି ଉପାର୍ଜନ କରିବାକୁ ହେବ ।

ତେଣୁ ସେମାନେ ଯେତେବେଳେ ନିଜର ଅଧ୍ୟୟନ କଥା ଭାବନ୍ତି, ସର୍ବୋପରି ସେମାନେ ଭାବନ୍ତି କ'ଣ ସେମାନଙ୍କର ବ୍ୟବହାରୋପଯୋଗୀ ହୋଇପାରେ, ଯାହାଫଳରେ ପରବର୍ତ୍ତୀ କାଳରେ ସେମାନେ ଯେତେବେଳେ ବୟଃପ୍ରାପ୍ତ ହେବେ, ସେମାନେ ଯେପରି ପ୍ରଚୁର ଅର୍ଥ ଉପାର୍ଜନ କରିପାରିବେ ।

ତେଣୁ ସେମାନଙ୍କ ପାଇଁ ଯାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଉଠେ, ତାହା ହେଉଛି ପରୀକ୍ଷାରେ ସାଫଲ୍ୟ ସହିତ ଉତ୍ତୀର୍ଣ୍ଣ ହେବାପାଇଁ ପ୍ରସ୍ତୁତି – କାରଣ ଡିପ୍ଲୋମା, ସାର୍ଟିଫିକେଟ୍ ଓ ଉପାଧିଗୁଡ଼ିକ ସହ ସେମାନେ ଉତ୍ତମ ଆସନ ଓ ପଦପଦବୀ ପାଇପାରିବେ ଏବଂ ଅନେକ ଅର୍ଥ ଉପାର୍ଜନ କରିପାରିବେ ।

ସେମାନଙ୍କ ପାଇଁ ପାଠପଢ଼ାର ଅନ୍ୟ କୌଣସି ଉଦ୍ଦେଶ୍ୟ ନାହିଁ, ଅନ୍ୟ କୌଣସି ସ୍ୱାର୍ଥ ନାହିଁ ।

ଜ୍ଞାନ ପାଇଁ ଶିକ୍ଷା କରିବା, ବିଶ୍ୱପ୍ରକୃତି ଓ ଜୀବନର ଗୋପନ ରହସ୍ୟ ସମ୍ପର୍କରେ ଜ୍ଞାନଲାଭ ପାଇଁ ଅଧ୍ୟୟନ କରିବା, ନିଜ ଚେତନାର ଅଭିବୃଦ୍ଧି ପାଇଁ ନିଜକୁ ଶିକ୍ଷିତ କରାଇବା, ନିଜ ଉପରେ ପୂର୍ଣ୍ଣ କର୍ତ୍ତୃତ୍ୱ ହାସଲ ପାଇଁ ଏକ ସଂଯମ ଓ ଶୃଙ୍ଖଳାର ଜୀବନଯାପନ କରିବା, ନିଜର ସମସ୍ତ ଦୁର୍ବଳତା, ଅସାମର୍ଥ୍ୟ ଓ ଅଜ୍ଞାନତା ଉପରେ ବିଜୟ ହାସଲ କରିବା, ଏକ ମହତ୍ତର ଓ ବ୍ୟାପକତର, ଅଧିକ ଉଦାର ଓ ସତ୍ୟତର ଏକ ଲକ୍ଷ୍ୟକୁ ଆଖି ଆଗରେ ରଖି ସେହି ଦିଗରେ ଜୀବନର ଅଗ୍ରଗତି ପାଇଁ ନିଜକୁ ପ୍ରସ୍ତୁତ କରିବା – ସେମାନେ ସେ ବିଷୟରେ କ୍ୱଚିତ୍ ଭାବନ୍ତି ଏବଂ ସେଗୁଡ଼ିକୁ କେବଳ ଏକ ଅଳୀକ କଳ୍ପନା ବୋଲି ବିଚାରକରନ୍ତି । ସେମାନଙ୍କ ପାଇଁ ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ବ୍ୟବହାରୋପଯୋଗିତା, କିପରି ଅଧିକ ଅର୍ଥ ଉପାର୍ଜନ କରାଯାଇ ପାରିବ, ତାହା ଶିଖିବା ଏବଂ ସେଥିପାଇଁ ନିଜକୁ ପ୍ରସ୍ତୁତକରିବା ।

ଯେଉଁ ପିଲାମାନେ ଏ ରୋଗରେ ଆକ୍ରାନ୍ତ ହୋଇଛନ୍ତି, ଆଶ୍ରମର ଶିକ୍ଷାକେନ୍ଦ୍ର ସେମାନଙ୍କର ସ୍ଥାନ ନୁହେଁ । ଏବଂ ସେମାନଙ୍କୁ ଏହା ଦର୍ଶାଇ ଦେବା ପାଇଁ ଆମେ ସେମାନଙ୍କୁ କୌଣସି ଆନୁଷ୍ଠାନିକ ପରୀକ୍ଷା କିଂବା ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରୁ ନାହୁଁ । ଏବଂ କୌଣସି ଡିପ୍ଲୋମା, ଉପାଧି ଆଦି ଦେଉ ନାହୁଁ ଯାହାକି ବାହ୍ୟ ଜଗତରେ ସେମାନଙ୍କ କାମରେ ଲାଗିପାରନ୍ତା ।

ଆମେ ଏଠାରେ କେବଳ ସେହିମାନଙ୍କୁ ଗ୍ରହଣ କରୁ ଯେଉଁମାନେ ଏକ ଉଚ୍ଚତର ଓ ଉନ୍ନତତର ଜୀବନ ପାଇଁ ଅଭୀପ୍ସା କରନ୍ତି । ଜ୍ଞାନ ଓ ପୂର୍ଣ୍ଣତା ପାଇଁ ଯେଉଁମାନଙ୍କ ମଧ୍ୟରେ ବ୍ୟଗ୍ରତା ରହିଛି ଓ ଯେଉଁମାନେ ଏକ ପୂର୍ଣ୍ଣତର, ସମଗ୍ରତର ଭବିଷ୍ୟତ୍ ପାଇଁ ନିବିଡ଼ ଆଗ୍ରହ ନେଇ ଚାହିଁରହିଛନ୍ତି ।

(ସମାପ୍ତ) ✤

# ସବୁଠୁ ମଧୁର ମା’

## ଶ୍ରୀ ବିମଳ ପ୍ରସନ୍ନ ଦାସ

ସୃଷ୍ଟିର ଅପରିବର୍ତ୍ତନୀୟ ନିୟମ ହେଉଛି ଅବଶ୍ୟ ପରିବର୍ତ୍ତନ । ସେହି ନୀତି ଓ ନିୟମର ଅନିବାର୍ଯ୍ୟତା ମଧ୍ୟରେ ସମୟ ଗଡ଼ି ଚାଲିଛି । ଆଉ ସମୟ ସହିତ ମଣିଷର ରୁଚି ଓ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ହେବା ସ୍ୱାଭାବିକ । ଏଇ ପରିପ୍ରେକ୍ଷୀରେ ବ୍ୟକ୍ତି, ପରିବାର, ସମାଜରେ ମଣିଷର ଆଚରଣ, ଉଚ୍ଚାରଣ କେତେ ଯେ ନୂଆ ଶୈଳୀରେ ଆବର୍ତ୍ତିତ ହେଉଛି ତା’ ଯେତେ ବିସ୍ମୟକର ଓ ଅପ୍ରତ୍ୟାଶିତ ହେଲେ ମଧ୍ୟ, ସବୁକୁ ଏକ ଅପ୍ରତିହତ ଧାରା ଭାବରେ ସ୍ୱୀକାର କରିବାକୁ ପଡୁଛି । ବିଶେଷତଃ ନିଜର ପିଲାଙ୍କଠାରୁ ମା’, ବାପା ଡାକ ପରିବର୍ତ୍ତେ ଡାଡ଼ି, ମାମି ଶୁଣିବାରେ ଆଗ୍ରହ ଓ ଆହ୍ଲାଦ ତଥାକଥିତ ଆଧୁନିକତାର ଉଦ୍‌ବେଳନ ସୃଷ୍ଟି କରିଥିଲେ ମଧ୍ୟ, ସାରା ଦୁନିଆ ଯେଉଁ ଗୋଟିଏ ଶବ୍ଦ ନିକଟରେ ଅଟକି ଯାଇଛି – ସେଇଟି ହେଲା ‘‘ମା’’, ସେ ଓଡ଼ିଆ ଭାଷାରେ ‘‘ମା’’ ବା ଇଂରାଜୀ ଭାଷାରେ ‘‘ମଦର’’– ସେ ଶବ୍ଦରେ କେଉଁ ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟ ରହିଛି ଯେ, ସେ ଶବ୍ଦଟି ଉଚ୍ଚାରଣ କଲା ମାତ୍ରେ ଧୈର୍ଯ୍ୟ, ଆନନ୍ଦ, ପ୍ରେମ, ସହିଷ୍ଣୁତା ଏବଂ ସହନଶୀଳତାର ଏକ ପ୍ରତିମୂର୍ତ୍ତି ଆଖି ଆଗରେ ଭାସି ଉଠେ ।

ଏହା କେବଳ କବିର ଭାଷା ବା ଅନୁଭବୀର ଅନୁଭବରେ ନୁହେଁ – ନିକଟରେ ବିଶ୍ୱବ୍ୟାପୀ କରାଯାଇଥିବା ଏକ ସର୍ବେକ୍ଷଣ ବିବରଣୀରୁ ଏହା ପ୍ରମାଣିତ ହୋଇଛି । ବିଶ୍ୱବ୍ୟାପୀ ବ୍ରିଟିଶ ସଂସ୍କୃତିର ପ୍ରଚାର ଓ ପ୍ରସାର କରୁଥିବା ବ୍ରିଟେନ ସରକାରଙ୍କ ସଂସ୍ଥା ବ୍ରିଟିଶ କାଉନସିଲ ପକ୍ଷରୁ ପ୍ରାୟ ୧୦୨ (ଏକଶହ ଦୁଇ) ଅଣ ଇଂରାଜୀ ରାଷ୍ଟ୍ରର ୪୦,୦୦୦ (ଚାଳିଶ ହଜାର) ଲୋକଙ୍କୁ ପ୍ରଶ୍ନ ପଚାରି ଜାଣିବାକୁ ପାଇଛନ୍ତି ଯେ ଆଜି ମଧ୍ୟ ‘‘ମା’’ ଶବ୍ଦ ସବୁଠାରୁ ପ୍ରିୟ, ନିବିଡ଼, ନିକଟତର ଓ ଅନନ୍ୟ । ତା’ର ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ, ମହତ୍ତ୍ୱ ଓ ଶାଶ୍ୱତ ଆକର୍ଷଣ କାଳଜୟୀ । ତା’ର ଅନାହତ ଏବଂ ଅପ୍ରତିହତ ମହନୀୟତା ସମ୍ପର୍କରେ ମତାମତ ଦେଇ ବ୍ରିଟିଶ କାଉନସିଲ୍‌ର ପ୍ରବକ୍ତା ‘‘ପ୍ରେସ ସେଲଭି’’ କହିଛନ୍ତି ଯେ ‘ମା’ ଓ ଜନ-ସାଧାରଣଙ୍କ ମଧ୍ୟରେ ସିଧାସଳଖ ଏକ ଅଫୁରନ୍ତ ଭାବାବେଗ ରହିଛି ଯାହା ବାପା ଶବ୍ଦରେ ପ୍ରତିବିମ୍ବିତ ହୋଇ ନାହିଁ । ସୁତରାଂ ବୈଷୟିକ ପାଶ୍ଚାତ୍ୟ ସଭ୍ୟତା ‘ମା’ର ମହିମମୟ ଅନନ୍ୟତାକୁ ମଥାପାତି ସମ୍ମାନ କରିଛି । ଆଶିଷମୟୀ, କଲ୍ୟାଣମୟୀ ମା’ର ପାଦତଳେ ପ୍ରଣତ ହୋଇଛି । ସାରା ବିଶ୍ୱ ପକ୍ଷାନ୍ତରେ ଭାରତୀୟ ସଂସ୍କୃତିର ମା’ର ଅନନ୍ୟତାକୁ ଅକୁଣ୍ଠ ସ୍ୱୀକୃତି ଓ ସମ୍ମାନ ଦେଇଛି ।

ସୃଷ୍ଟିର ସର୍ଜନାରେ ବିଧାତାଙ୍କର ଜଗତ୍‌ଜନନୀ ପରିକଳ୍ପନା ଯଥାର୍ଥରେ ଅନୁପମ ଓ ଅନବଦ୍ୟ । ଅନ୍ୟଥା ମଣିଷ ଈଶ୍ୱରଙ୍କଠାରୁ କୌଣସି ପ୍ରତିଦାନ ଆଶା କରି ନପାରେ । ଈଶ୍ୱରଙ୍କଠାରୁ ପ୍ରତ୍ୟୁତ୍ତରର ପ୍ରତ୍ୟାଶା ପାଇଁ ମାତୃସତ୍ତା ଏକାନ୍ତ ଅପରିହାର୍ଯ୍ୟ । ଆର୍ଯ୍ୟ ସଂସ୍କୃତି ଓ ପରମ୍ପରା ମାତୃଶକ୍ତିର ମହିମାରେ ଯୁଗେ ଯୁଗେ ମହିମାନ୍ୱିତ । ଆର୍ଯ୍ୟଋଷି ‘‘ମା’’– ଏହି ଗୋଟିଏ ଅକ୍ଷର ମଧ୍ୟରେ ସୃଷ୍ଟିର ସକଳ ସୁଷମା, ସୌନ୍ଦର୍ଯ୍ୟ, ଶକ୍ତି, ସଂହତି ଓ ସମ୍ବେଦନା ଦେଖିଛି । ପ୍ରେମ, କରୁଣା, ଦୟା ଓ ଅନୁରାଗର ମା’ ବାସ୍ତବରେ ଏକ ଆଦର୍ଶ ମାନବାୟନ । ମାୟା, ମମତା, ଶ୍ରଦ୍ଧା ଓ ସମ୍ବେଦନାର ସେ ଅବର୍ଣ୍ଣନୀୟ ଅଭିବ୍ୟକ୍ତି । ତା’ର ସ୍ନେହାଭିଷିକ୍ତ ପ୍ରୀତି, କ୍ଷମା ଓ ମାତୃତ୍ୱ ଆମ ପରଂପରାକୁ ଅମୃତମୟ କରିଛି । ବିଧାତା ମଣିଷକୁ ଯେତେସବୁ ମାନବୀୟ ବନ୍ଧନ ଦାନ କରିଛନ୍ତି ତା’ ମଧ୍ୟରେ ମାତୃସ୍ନେହ ସବୁଠାରୁ ନିଃସ୍ୱାର୍ଥପର, ନିବିଡ଼ ଓ ହୃଦୟସ୍ପର୍ଶୀ । ମା’ର ହୃଦୟ ସାଗର ପରି ଗଭୀର, ଆକାଶ ପରି ଉଦାର, ଧରିତ୍ରୀ ପରି ସହନଶୀଳ ଏବଂ ମହାସାଗର ପରି ସ୍ନେହାଶିଷରେ ରତ୍ନଗର୍ଭା । ସୃଷ୍ଟିକୁ, ଛନ୍ଦମୟ, ରସମୟ ଓ ମଧୁମୟ କରିଛି ମା’ର ମଧୁମୟୀ ସ୍ପର୍ଶ ଓ ସାନ୍ନିଧ୍ୟ । ତା’ ବ୍ୟତିରେକେ ସବୁକିଛି ହୋଇଥା’ନ୍ତା ନିରସ, ଶୁଷ୍କ, ଯାନ୍ତ୍ରିକ ଓ ନିଷ୍ପ୍ରାଣ ।

ସୃଷ୍ଟିର ସୁରକ୍ଷା, ନ୍ୟାୟ, ନୀତି ଓ ଧର୍ମର ସଂସ୍ଥାପନା ଉଦ୍ଦେଶ୍ୟରେ ଅପଶକ୍ତିର ସଂହାର ପାଇଁ ଅଜେୟ ମାତୃଶକ୍ତିର ଆବାହନ ଓ ଅବତରଣ ଆର୍ଯ୍ୟ ସଂସ୍କୃତିର ଏକ ଅନାହତ ଧାରା । ଏହି ପରିପ୍ରେକ୍ଷୀରେ ମହାଯୋଗୀ ଶ୍ରୀଅରବିନ୍ଦ ପୂର୍ଣ୍ଣଯୋଗର ସାଧନା ଓ ସିଦ୍ଧି ନିମନ୍ତେ ମା’ଙ୍କର ଆବାହନ କରିଛନ୍ତି । ତାଙ୍କ ଅନୁପମ ଦିବ୍ୟଦୃଷ୍ଟିରେ ମା’ ହେଉଛନ୍ତି ବିଭୁ କୃପାର ସର୍ବୋତ୍ତମ ଅଭିବ୍ୟକ୍ତି । ‘‘The Supreme revelation of Divine Grace’’ । ମାନବ ଆଧାର ଓ ଦିବ୍ୟପ୍ରକୃତି ମଧ୍ୟରେ ସେ

ଶାଶ୍ୱତ ସେତୁବନ୍ଧ । ସୃଷ୍ଟି ତଥା ଜୀବଜଗତକୁ ଚିନ୍ମୟୀ ଶକ୍ତି ଭାବରେ ଧାରଣ କରିଛନ୍ତି । ପ୍ରଥମତଃ ସେ ବିଶ୍ୱାତୀତା ଆଦ୍ୟା ପରାଶକ୍ତି, ସକଳ ଭୁବନର ଊର୍ଦ୍ଧ୍ୱରୁ ପରଂବ୍ରହ୍ମଙ୍କର ଚିର ଅବ୍ୟକ୍ତ ରହସ୍ୟ ସହିତ ସୃଷ୍ଟିର ସଂଯୋଗ ସ୍ଥାପନ କରନ୍ତି । ଦ୍ୱିତୀୟତଃ ସେ ବିଶ୍ୱବ୍ୟାପିନୀ, ବିଶ୍ୱରୂପିଣୀ-ମହାଶକ୍ତି ଭାବରେ ସକଳ ସତ୍ତା ସୃଷ୍ଟି କରିଛନ୍ତି । ଅନନ୍ତ କ୍ରିୟା, ପ୍ରକ୍ରିୟା ଓ ଶକ୍ତିକୁ ନିଜ ଭିତରେ ଧାରଣ କରିଛନ୍ତି, ସେ ସବୁରି ମଧ୍ୟରେ ସ୍ୱୟଂ ପ୍ରବେଶ କରିଛନ୍ତି, ସେ ସବୁକୁ ପୋଷଣ କରୁଛନ୍ତି ଓ ପରିଚାଳନା କରୁଛନ୍ତି । ତୃତୀୟତଃ ସେ ବ୍ୟଷ୍ଟିରୂପା; ତାଙ୍କର ଏହି ରୂପ ବିଶ୍ୱାତୀତ ଓ ବିଶ୍ୱଗତ, ଏହି ଦୁଇ ବୃହତ୍ତର ଭାବକୁ ସଶରୀରରେ ଆମ ପାଖରେ ଜୀବନ୍ତ ଓ ଗୋଚର କରି ଧରିଛି ।

ଋଷିକବି ତାଙ୍କ ମହାକାବ୍ୟ ''ସାବିତ୍ରୀ''ରେ ୩୧୪ ପୃଷ୍ଠାରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି ଯେ ସମଗ୍ର ବିଶ୍ୱପ୍ରକୃତି ମା'ଙ୍କ ଅବତରଣ ପାଇଁ ଆକୁଳ ଆବାହନ କରିଛି । ତାଙ୍କ ଅନୁପମ ଭାଷାରେ –

''All Nature dumbly calls to her alone
To heal with her feet the aching
throb of life''

ଅର୍ଥାତ୍

''ସମଗ୍ର ପ୍ରକୃତି ଆଜି କରେ ତା'ରେ ଆବାହନ
ବିମୌନ ଭାଷାରେ, ଚରଣ ପରଶେ ତାଙ୍କ କରିବାକୁ
ନିରାମୟ ଜୀବନ ବ୍ୟଥାରେ''

କରୁଣାମୟୀ ଶ୍ରୀମା ଓ ଗଭୀର ମାନବବାଦୀ ଶ୍ରୀଅରବିନ୍ଦ ସମଗ୍ର ସୃଷ୍ଟି ଓ ମାନବ ଜାତି ପାଇଁ ଯେଉଁ ମହାନ୍ ଭରସା, ପରମ ଆଶ୍ୱାସନା ତଥା ବିପୁଳ ସମ୍ଭାବନାର ପ୍ରତିଶ୍ରୁତି ଦେଇଛନ୍ତି, ଭବିଷ୍ୟତର ମହାକାବ୍ୟରେ ତାହା ଅଭିବ୍ୟକ୍ତ ହୋଇଛି ମହାକାବ୍ୟ 'ସାବିତ୍ରୀ'ର ୬୯୨ ପୃଷ୍ଠାରେ ।

''To raise the world to God in deathless Light,
To bring God down to the world on earth
we came,
To change the earthly life to life divine.''

ଅର୍ଥାତ୍

''ତୋଳିବାକୁ ଏ ଧରଣୀ ଦିବ୍ୟଭୂମି ଅମର ଆଲୋକେ
ଆଣିବାରେ ଦେବତାରେ ଏ ଧରଣୀ ପରେ
ଆଗମନ ଆମ ।
କରିବାକୁ ରୂପାନ୍ତର ମର୍ତ୍ତ୍ୟପ୍ରାଣ ଦିବ୍ୟ ଜୀବନରେ ।''

ସୃଷ୍ଟିକୁ ନିରାମୟ ଓ ବିଶ୍ୱପ୍ରାଣକୁ ମୃତ୍ୟୁଞ୍ଜୟୀ କରିବା ପାଇଁ କଲ୍ୟାଣମୟୀ ମା' ଅନନ୍ତ କାଳ ପର୍ଯ୍ୟନ୍ତ ଶ୍ରମ ସ୍ୱୀକାର କରିଛନ୍ତି । ମରଣମୁଖୀ ମଣିଷକୁ ଦିବ୍ୟଜୀବନ ଦେବା ଉଦ୍ଦେଶ୍ୟରେ ନିଜ ହାତରେ ତାକୁ ଗଢୁଛନ୍ତି । ତା'ର ସମସ୍ତ ତ୍ରୁଟି ବିଚ୍ୟୁତିକୁ ସେ ଅଧିକ ଧୈର୍ଯ୍ୟ ଓ ଆନନ୍ଦ ସହ ସହ୍ୟ କରି ଆସିଛନ୍ତି । ସହଜରେ ସେ ବିମୁଖ ବା ନିରାଶ ହୁଅନ୍ତି ନାହିଁ । ସକଳ ବ୍ୟର୍ଥତା ସତ୍ତ୍ୱେ କ୍ଷମାମୟୀ ମା' ମଣିଷକୁ ଉତ୍ସାହ ଓ ଉଦ୍ଦୀପନା ଦିଅନ୍ତି । ଜୀବନର ପ୍ରତିପଦରେ ଓ ପର୍ବରେ ହାତଧରି ତାକୁ ସାଧନାର ଶହ ଶହ ପାହାଚ ଉଠାଇ ଦିଅନ୍ତି । ତାଙ୍କର ପ୍ରେମ ଓ କରୁଣାର ସ୍ପର୍ଶରେ ବିଷାଦ ଓ ଅବସାଦର ମେଘ ଅପସରି ଯାଏ । ମଣିଷର ଅଭୀପ୍ସା ଯେତିକି ସରଳ, ସଂକଳ୍ପବଦ୍ଧ ଓ ଏକନିଷ୍ଠ ହୋଇ ମା'ଙ୍କ ପାଦ ପଦ୍ମରେ ବିଶ୍ୱାସକୁ ଅବିଭକ୍ତ ରଖେ, ମା'ଙ୍କ ଶକ୍ତି ସେତିକି କ୍ରିୟାଶୀଳ ହୋଇଉଠେ ।

ମଣିଷର ଅସମ୍ପୂର୍ଣ୍ଣତା ତଥା ଅସହାୟତାକୁ ଲକ୍ଷ୍ୟ କରି ତାକୁ ପରିପୂର୍ଣ୍ଣତା ଦିଗରେ ନେଇଯିବା ପାଇଁ କରୁଣାସିକ୍ତ ମାତୃହୃଦୟ କିପରି ପ୍ରେମ ଓ ଅନୁକମ୍ପାରେ ବିଗଳିତ ହୋଇ ବିଶ୍ୱସ୍ରଷ୍ଟାଙ୍କୁ ବ୍ୟାକୁଳ ପ୍ରାର୍ଥନା କରିଛି, ତାହା ତାଙ୍କର ଅନୁପମ ଭାଷାରେ ଅଭିବ୍ୟକ୍ତ ହୋଇଛି ଧ୍ୟାନ ଓ ପ୍ରାର୍ଥନାର ପୃଷ୍ଠା ୨୧-୨୨ରେ ।

''କାହିଁକି ଏହି କୋଳାହଳ, ଏଇ ଆନ୍ଦୋଳନ, ଏହି ବିକ୍ଷୋଭ ? କାହିଁକି ଏହି ଘୂର୍ଣ୍ଣିବାତ୍ୟା ମଣିଷକୁ ନେଇ ଛୁଟି ଚାଲିଛି ଝଡ଼ ଭିତରେ ପଡ଼ିଯାଇଥିବା ଦଳେ ମାଛି ପରି ? କି କରୁଣ ଦୃଶ୍ୟ, ଶକ୍ତିର କି ଅପଚୟ, ଏତେ ପରିଶ୍ରମ କେବଳ ନଷ୍ଟ । ସ୍ୱଭାବରେ ଟଣା ହୋଇ କଣ୍ଢେଇ ପରି ସେମାନଙ୍କର ଏଇ ଯେଉଁ ନୃତ୍ୟ ଚାଲିଛି ତା' କେବେ ବନ୍ଦ ହେବ । କ'ଣ ବା କାହା ଦ୍ୱାରା ଏଇ ସୂତା ଧରା ହୋଇଛି ସେମାନେ ତା' ବି ଜାଣନ୍ତି ନାହିଁ । କେବେ ସମୟ କରି ସେମାନେ ଟିକେ ସ୍ଥିର ହୋଇ ବସିବେ, ନିଜ ଭିତର ଆଡ଼କୁ ଦୃଷ୍ଟି ଦେବେ ଓ ଆତ୍ମସ୍ଥ ହୋଇ ଅନ୍ତରର ଦ୍ୱାରକୁ ଖୋଲି ଧରିବେ, ଯାହାକି ଆଢୁଆଳ କରି ରଖିଛି ତୁମର ଅମୂଲ୍ୟ ସମ୍ପଦସବୁକୁ, ଅସୀମ କଲ୍ୟାଣ ସବୁକୁ ।

''ଲୋକମାନଙ୍କର ଅଜ୍ଞାନ ଓ ଅନ୍ଧକାର ଜୀବନ, ସେମାନଙ୍କ ନିର୍ବୋଧ ଉତ୍ତେଜନା ଓ ବ୍ୟର୍ଥ ବିକ୍ଷିପ୍ତତାର ଜୀବନ – ମୋର ମନେହୁଏ କି ଦୀନ-ହୀନ, କି ବେଦନାକ୍ଲିଷ୍ଟ । ଅଥଚ

ତୋ' ପରମ ଜ୍ୟୋତିଃର କଣିକାଏ, ତୋର ଦିବ୍ୟପ୍ରେମର ବିନ୍ଦୁଏ ଏହି ବେଦନାକୁ ଆନନ୍ଦର ମହାସାଗରରେ ପରିଣତ କରିପାରେ ।

''ଭଗବାନ୍ ମୋର ପ୍ରାର୍ଥନା ତୋ ଆଡ଼କୁ ଉଠିଚାଲିଛି । ସେମାନେ ଲାଭ କରନ୍ତୁ ତୋର ଶାନ୍ତି, ଆଉ ସେହି ସ୍ଥିର ଅଦମ୍ୟ ଶକ୍ତି, ଯାହାର ଉତ୍ସ ହେଲା ଅଟଳ ପ୍ରସନ୍ନତା – ଏ ବସ୍ତୁ ସେଇମାନଙ୍କର ଯେଉଁମାନଙ୍କର ଆଖି ଖୋଲିଛି ଓ ଯେଉଁମାନେ ସେମାନଙ୍କ ସତ୍ତାର ଆଲୋକିତ ଗଭୀର ପ୍ରକୋଷ୍ଠରେ ତୋତେ ଉପଲବ୍ଧି କରନ୍ତି ।'' (ପୃଷ୍ଠା ୨୧-୨୨)

ଯେଉଁମାନେ ସରଳ, ଏକନିଷ୍ଠ ଓ ଅଖଣ୍ଡ ବିଶ୍ୱାସ ପରିବର୍ତ୍ତେ ମନ ଓ ବୁଦ୍ଧିର ବ୍ୟୂହରେ ବନ୍ଦୀ, ସେମାନଙ୍କ ସମ୍ପର୍କରେ ମା' କହନ୍ତି ''ଏହି ଯେଉଁମାନଙ୍କର ବୁଦ୍ଧିଗତ ଜ୍ଞାନ ଯଥେଷ୍ଟ ଥାଏ, କର୍ମର ପ୍ରୟୋଜନରେ ନିଜକୁ ସେମାନେ ମନ ଦ୍ୱାରା ଶ୍ରେଷ୍ଠ ବିବେଚିତ କୌଣସି ରଚନା ଭିତରେ ବାନ୍ଧି ରଖିଥା'ନ୍ତି, ଏହିପରି ବ୍ୟକ୍ତିଙ୍କର ଚିତ୍ତ ପରିବର୍ତ୍ତନ ସବୁଠୁ ଦୁରୂହ । ସଦିଚ୍ଛାସମ୍ପନ୍ନ ଯେ କୌଣସି ବ୍ୟକ୍ତି ଅପେକ୍ଷା ଏମାନଙ୍କ ଅନ୍ତରରେ ଭଗବତ୍‌ବୋଧ ଜାଗ୍ରତ୍ କରିବା ବିଶେଷ ଆୟାସସାଧ୍ୟ । କେବଳ ପ୍ରେମହିଁ ଏହା ସମ୍ଭବ କରାଇପାରେ, କାରଣ ପ୍ରେମ ସକଳ ଦରଜା ଖୋଲିଦିଏ, ସକଳ ପ୍ରକାର ପ୍ରାଚୀର ଭେଦ କରିଯାଏ, ସକଳ ପ୍ରତିବନ୍ଧକ ଅତିକ୍ରମ କରିପାରେ । ଯଥାର୍ଥ ପ୍ରେମରୁ ସାମାନ୍ୟ ଟିକିଏ ଶ୍ରେଷ୍ଠତମ ବକ୍ତୃତା ଅପେକ୍ଷା ଅନେକ ବେଶୀ କାମ କରେ ।''

(ଧ୍ୟାନ ଓ ପ୍ରାର୍ଥନା, ପୃଷ୍ଠା. ୨୩)

ମା' ମଙ୍ଗଳମୟଙ୍କୁ ପ୍ରାର୍ଥନା ନିବେଦନ କରି କହିଛନ୍ତି ''ହେ ପ୍ରଭୁ ପ୍ରେମର ଏଇ ବିଶୁଦ୍ଧ ଫୁଲଟି ମୋ ଭିତରେ ଫୁଟି ଉଠୁ । ଯେଉଁମାନେ ମୋ ନିକଟକୁ ଆସନ୍ତି, ସେମାନେ ଯେପରି ତା'ର ସୌରଭରେ ସୁରଭିତ ହୋଇଉଠନ୍ତି ଓ ହୋଇପାରନ୍ତି ଆହୁରି ବିଶୁଦ୍ଧ । ଏହି ପ୍ରେମ ଭିତରେହିଁ ରହିଛି ଶାନ୍ତି ଓ ଆନନ୍ଦ, ଏଇଠିହିଁ ସକଳ ଶକ୍ତି, ସକଳ ସିଦ୍ଧିର ଉତ୍ସ । ଏହି ପ୍ରେମହିଁ ଅବ୍ୟର୍ଥ ଚିକିତ୍ସକ, ପରମ ସାନ୍ତ୍ୱନାଦାତା – ଏହି ପ୍ରେମହିଁ ସର୍ବଜୟୀ, ସାର୍ବଭୌମ ଶିକ୍ଷାଦାତା ।

''ହେ ମଧୁମୟ ଦେବତା, ତୁମକୁ ମୁଁ ନୀରବରେ ପୂଜା କରେ । ତୁମ ନିକଟରେ ମୁଁ ସର୍ବତୋଭାବେ ନିବେଦିତ ମୋ ଜୀବନକୁ ତୁମେହିଁ ଚଳାଇ ନେଉଛ । ତୁମ ପ୍ରେମର ବହ୍ନିରେ ମୋର ହୃଦୟକୁ ପ୍ରଜ୍ୱଳକର, ସେ ହୋଇଉଠୁ ଏକ ଜ୍ୱଳନ୍ତ ହୋମକୁଣ୍ଡ । ସମସ୍ତ ତ୍ରୁଟିକୁ ଦହନ କରୁ ଏବଂ ଅହଂକାରର ଶୁଷ୍କ କାଷ୍ଠ ଓ ଅଜ୍ଞାନର କୃଷ୍ଣ ଅଙ୍ଗାର ଭିତରୁ ଆଣି ଦେଉ ସ୍ୱସ୍ତିର ଉଷ୍ଣତା ଓ ଆଲୋକର ଛଟା । ତୁମର ପ୍ରେମ ବ୍ୟକ୍ତ ହେଉ । ତୁମର ରାଜତ୍ୱ ଆରମ୍ଭ ହେଉ । ତୁମର ଶାନ୍ତି ସୃଷ୍ଟିକୁ ଆଚ୍ଛାଦିତ କରୁ ।'' (ଧ୍ୟାନ ଓ ପ୍ରାର୍ଥନା, ୨୩-୨୪ ପୃଷ୍ଠା)

ମା'ଙ୍କ ପ୍ରେମ ଓ କରୁଣାର ଜାହ୍ନବୀଧାରା ବିଶ୍ୱ ଜୀବନକୁ ଅମୃତାୟିତ କରି ସାଂପ୍ରତିକ ଅମାନୁଷିକତାରୁ ଅତିମାନସିକତାକୁ ଘେନିଯାଉ – ଏତିକି ପ୍ରାର୍ଥନା ।

ଶେଷରେ ଗୀତିକବି ଶ୍ରୀ ଭଗବାନ୍ ନାୟକ ବର୍ମାଙ୍କ ରଚନାରୁ କେଇପଦ ଏଠାରେ ଉଦ୍ଧାର କରି ଏ ଆଲେଖ୍ୟର ଉପସଂହାର କରୁଛି । ତାହାହିଁ ଆମକୁ ନିରନ୍ତର ସ୍ପନ୍ଦିତ କରୁ – ''ସବୁଠୁ ମଧୁର ମା'' ।

''ମଧୁମୟି ! ସବୁ ମଧୁମୟ ତୋର
ମା' ନାମ ତୋର ସବୁଠୁ ମଧୁର
ତୁଳନା କି ଅଛି ତା'ର ।
(ମଧୁମୟି ! ସବୁ ମଧୁମୟ ତୋର)

ରୂପ ତୋ ମଧୁର – ଶୋଭା ତୋ ମଧୁର
ମଧୁର ତୋ ଆଖି ଦୁଇ
ଯେତେ ଦେଖିଲେ ବି ମନ ଚାହୁଁଥାଏ
ଆହୁରି ଦେଖିବା ପାଇଁ ।

ହସ ତୋ ମଧୁର  ବେଶ ତୋ ମଧୁର
ମଧୁର ତୋ ଦୁଇପାଦ
ଆହୁରି ମଧୁର ତୋ ଆଶିଷ ଫୁଲ
ତୋ ତୁଳସୀ-ପରସାଦ ।

ମଧୁର ତୋ ଇଚ୍ଛା, ମଧୁର ତୋ ଯୋଗ
ମଧୁର ସାଧନା ତୋର
ତୋ ପ୍ରେମ ମଧୁରେ ମଧୁମୟ ହେଉ
ଏ ସାରା ଜୀବନ ମୋର ।'' ❖

# ରାଗାନୁଗାଭକ୍ତି ଓ ଶ୍ରୀଚୈତନ୍ୟ

## (୧୧)

ସେଦିନ ଗୋଦାବରୀ ତଟରେ ଯାହା ଘଟିଲା ରାୟ ରାମାନନ୍ଦ ଓ ଶ୍ରୀଚୈତନ୍ୟଙ୍କ ମଧ୍ୟରେ, ତାହା ଅତି ଅଦ୍ଭୁତ । ଏ ଦୁହିଙ୍କ ବ୍ୟତୀତ ଆଉ ଯେଉଁମାନେ ସେଠି ଉପସ୍ଥିତ ଥିଲେ, ସେମାନେ ଏ ରହସ୍ୟ ବୁଝିପାରିଲେ ନାହିଁ : ବ୍ରହ୍ମ ସମ ତେଜସ୍ୱୀ ଏଇ ସନ୍ନ୍ୟାସୀ, ଶୂଦ୍ର ଆଲିଙ୍ଗନ କରି କ୍ରନ୍ଦନ କରୁଛନ୍ତି, ଅଶ୍ରୁବେଗ ଚାପି ରଖିପାରୁ ନାହାନ୍ତି, ତା' ଅପେକ୍ଷା ଆହୁରି ଆଶ୍ଚର୍ଯ୍ୟର କଥା – ଏଇ ମହାରାଜା (ରାମାନନ୍ଦ ରାୟ) ମର୍ଯ୍ୟାଦାସମ୍ପନ୍ନ ହେବା ସଙ୍ଗେ ସଙ୍ଗେ ଭକ୍ତିଶାସ୍ତ୍ରରେ ସୁପଣ୍ଡିତ, ସେ ବା କାହିଁକି ଶୁଷ୍କ, ଗୈରିକବସନ ସନ୍ନ୍ୟାସୀର ପଦତଳେ ଭୂଲୁଣ୍ଠିତ ହେବେ ? ଯା'ହେଉ, ପରସ୍ପରର ମର୍ମ ବୁଝୁଥିବା ବ୍ୟକ୍ତି ଦୁହେଁ ନିର୍ଦ୍ଦିଷ୍ଟ ସମୟରେ ନିର୍ଦ୍ଦିଷ୍ଟ ସ୍ଥାନରେ ମିଳିତ ହୋଇ ଯାହା ଆଲୋଚନା କଲେ ତାହା ଧର୍ମ ଇତିହାସରେ ଚିରକାଳ ଅମଳିନ ହୋଇ ରହିଥିବ । ଏଠାରେ ପ୍ରଶ୍ନକର୍ତ୍ତା ସନ୍ନ୍ୟାସୀ, ଉତ୍ତର ଦେଉଥିବା ବ୍ୟକ୍ତି ଜଣକ ଗୃହୀ – ଜଣେ ସର୍ବତ୍ୟାଗୀ, ଜଣେ ରାଜେନ୍ଦ୍ରାସନ ଯୋଗ୍ୟ ସୁଶାସକ କ୍ଷତ୍ରିୟ । ଏଇ ବାକ୍ୟାଳାପକୁ ସାଧ୍ୟ-ସାଧନ-ତତ୍ତ୍ୱ କୁହାଯାଏ, ଯେଉଁଥିରେ ଅଧିକାରୀ ଭେଦରେ ଭକ୍ତି-ଉପଲବ୍ଧି ସୋପାନ ପରେ ସୋପାନ ଉତ୍ତରଣ କରିଛି । ଏଇ ଯାତ୍ରା ବହିଃରଙ୍ଗାରୁ ଅନ୍ତରଙ୍ଗା ଆଡ଼କୁ, ସ୍ଥୂଳରୁ ସୂକ୍ଷ୍ମ ଆଡ଼କୁ । ଯାହାର ଆରମ୍ଭ ହେଉଛି ଏଇପରିଭାବେ ଅନୁସନ୍ଧିତ୍ସା ଓ ଆଦେଶ ଛଳରେ; ପ୍ରଭୁ କହେ ପଢ଼ ଶ୍ଳୋକ, ସାଧ୍ୟେର ନିର୍ଣ୍ଣୟ । ରାୟ କହେ, ''ପଢ଼ ସ୍ୱଧର୍ମାଚରଣେ ବିଷ୍ଣୁଭକ୍ତି ହୟ'' – ଏଇପରି ସାଧନ 'ଏହୋ ବାହ୍ୟ, ଆଗେ କହ ଆର' କହୁଛନ୍ତି ଶ୍ରୀଚୈତନ୍ୟ ଏବଂ ଉତ୍ତରରେ ନିଷ୍ପାପର ଭକ୍ତ ରାମାନନ୍ଦ ଗୋଟିଏ ପରେ ଗୋଟିଏ ସାଧନର ପ୍ରଣାଳୀ ଓ ତା'ର ଫଳପ୍ରାପ୍ତିର କଥା କହୁଛନ୍ତି । ସମସ୍ତ ସାଧନ-ପ୍ରଣାଳୀକୁ ପ୍ରଭୁ : 'ଏହୋ ହୟ' ତଥା 'ଏହୋତ୍ତମ', ତା' ଉପରକୁ, ତା'ର ଗଭୀରକୁ ଆଉ କ'ଣ ରହିଛି ଜାଣିବାକୁ ଉତ୍ସାହ ପ୍ରକାଶ କରୁଛନ୍ତି । ଶେଷବେଳକୁ ସଖ୍ୟପ୍ରେମ, ଦାସ୍ୟ-ପ୍ରେମ, ବାତ୍ସଲ୍ୟ-ପ୍ରେମ ଆଦିର ଉଲ୍ଲେଖପରେ, ଚୈତନ୍ୟଦେବ କହିଲେ, ''ଏହୋତ୍ତମ, ଆଗେ କହ ଆର ।'' ତହୁଁ ରାୟ କହିଲେ, ''କାନ୍ତାଭାବ ସର୍ବସାଧ୍ୟ ସାର ।'' ଏଇ କଥାଟି ଭକ୍ତପ୍ରବର ରାମାନନ୍ଦଙ୍କ ମୁହଁରୁ ଶୁଣିବା ଯାଏଁ ପ୍ରଭୁଙ୍କର ଉତ୍ସାହର ଅନ୍ତ ନଥିଲା ।

ସ୍ଥୂଳ ଉପଚାର ସହ ଭକ୍ତି, କର୍ତ୍ତବ୍ୟପାଳନ ସହ ଭକ୍ତି, ଜ୍ଞାନ-ମିଶ୍ରା ଭକ୍ତି, ଜ୍ଞାନ-ଶୂନ୍ୟା ଭକ୍ତି, ସ୍ୱଧର୍ମତ୍ୟାଗ ଭକ୍ତି ଇତ୍ୟାଦିର ସାଧନ ପ୍ରଣାଳୀ – କେହି କାହାଠାରୁ ନ୍ୟୂନ ନୁହେଁ, ଅଧିକାର ଭେଦରେ ସବୁ ଉତ୍ତମ, କିନ୍ତୁ କ୍ରମ ଆଚରଣ କରୁ କରୁ ଭକ୍ତ ଭିତରେ ଭଗବାନଙ୍କ ପ୍ରତି ମମତ୍ୱବୋଧ ଜାଗେ; ଶୁଦ୍ଧାଭକ୍ତିର ଜାଗରଣ ହେତୁ ଅନ୍ତରରୁ ଐଶ୍ୱର୍ଯ୍ୟବୋଧ ବି ହ୍ରାସ ପାଏ । ସେ ଯେ ସର୍ବପ୍ରେମର ଆସ୍ପଦ ଓ ମାଧୁର୍ଯ୍ୟ-ସ୍ୱରୂପ ଏବଂ ଭକ୍ତିଭାବ ସହିତ ଅନ୍ତରରେ ମଧୁର-ରସର ସମ୍ପର୍କ ପାଇଁ ଅତ୍ୟାଗ୍ରହ ସୃଷ୍ଟି ହୁଏ । ସେଥିପାଇଁ ମହର୍ଷି ଶାଣ୍ଡିଲ୍ୟ କହିଛନ୍ତି ଭକ୍ତି ହେଉଛି 'ପରାନୁରକ୍ତି' – ଅନୁରକ୍ତି ବ୍ୟତୀତ ଭକ୍ତିବୋଧଟି ଶୁଷ୍କ, କେବଳ ଏକ ଶୁଷ୍କ କର୍ତ୍ତବ୍ୟବୋଧ ତୁଲ୍ୟ ।

ରାୟ ରାମାନନ୍ଦ ଓ ଶ୍ରୀଚୈତନ୍ୟଙ୍କର କଥୋପକଥନ ନିମ୍ନରେ ଦିଆଗଲା ।

ରାୟ ରାମାନନ୍ଦ କାନ୍ତାଭାବର ବିଷୟ ଉତ୍ଥାପନ କରିବା ପରେ, ଶ୍ରୀକୃଷ୍ଣଙ୍କୁ ପ୍ରେମାସ୍ପଦ ଭାବରେ ଅର୍ଚ୍ଚନା, ଉପାସନାର ଉଦାହରଣ ଦେଇଥିବେ ରୁକ୍ମିଣୀ ପ୍ରଭୃତି ଅଷ୍ଟପାଟବଂଶୀଙ୍କର, ତତ୍ପରେ ବ୍ରଜବାସିନୀ ସରଳା ଗୋପାଳୁଣୀମାନଙ୍କର, ତତ୍ପରେ କାନ୍ତା ଶିରୋମଣି ଶ୍ରୀରାଧାଙ୍କର ମହାଭାବର କଥା ଉଲ୍ଲେଖ କଲେ ଯାହାଙ୍କର ସତ୍ତାର ସକଳ ଅଙ୍ଗ କୃଷ୍ଣପ୍ରେମରେ ବିଜଡ଼ିତ । ସେ ପ୍ରେମକୁ ମାନବୀୟ ଭାଷାରେ ବ୍ୟକ୍ତ କରିହେବ ନାହିଁ, ଚିନ୍ତା ତା'ର ପାର ପାଇବ ନାହିଁ । ବିରଳ ବିଦଗ୍ଧଜନହିଁ କିଛିମାତ୍ର ଅନୁଭବ କରିପାରେ ସେଥିରୁ । ସେଇ କାରଣରୁ ତାକୁ କୁହାଯାଏ 'ଅପ୍ରାକୃତ' ।

'ଇହାର ମଧ୍ୟେ ରାଧାର ପ୍ରେମ ସାଧ୍ୟ ଶିରୋମଣି ।
ଯାହାର ମହିମା ସର୍ବଶାସ୍ତ୍ରେତେ ବଖାଣି ।।' (ଚୈ. ଚ)

ଏକଥାରେ ଶ୍ରୀଚୈତନ୍ୟଙ୍କର ବିହ୍ୱଳିତ ଅବସ୍ଥା ଦେଖାଦେଲା । ସେ ପଚାରିଲେ : କେଉଁ ଭାବରେ ମାଧୁର୍ଯ୍ୟ ରସର ସର୍ବାପେକ୍ଷା ଅଧିକ ଆସ୍ୱାଦନ ହୋଇପାରେ ? ରାମାନନ୍ଦ ଉତ୍ତରରେ କହିଲେ : କାନ୍ତାଭାବରେ କାନ୍ତଶିରୋମଣି ଶ୍ରୀକୃଷ୍ଣଙ୍କଠାରେ

ମଧୁର ରସସହ ଯୁକ୍ତ ହେବା ପାଇଁ ଭକ୍ତି ଉପାସନା କଲେ ସବୁଠାରୁ ଅଧିକ ରସ ଅନୁଭୂତ ହୁଏ – ନିଜର ସୁଖଲାଭର ସାମାନ୍ୟତମ ଇଚ୍ଛା ନଥାଇ ଯିଏ ପରମାରାଧ ବ୍ରଜେନ୍ଦ୍ରନନ୍ଦନଙ୍କର ସୁଖ ହେଉ ବୋଲି ତଦୁପଯୁକ୍ତ ଅନୁରକ୍ତି ପୋଷଣ କରେ, ସେଇ କେବଳ ସର୍ବାଧିକ ମାଧୁର୍ଯ୍ୟ ତାଙ୍କୁ ଅର୍ପଣ କରେ । କାରଣ କୃଷ୍ଣହିଁ ଆହ୍ଲାଦ ସ୍ୱରୂପ, ଯିଏ ତାଙ୍କୁ ପରମାହ୍ଲାଦ ଦେଇପାରେ, ତା'ର ତୁଳନା କାହିଁ ? କବିରାଜ କୃଷ୍ଣଦାସ କହୁଛନ୍ତି :

'ସୁଖରୂପ କୃଷ୍ଣ କରେ ସୁଖ ଆସ୍ୱାଦନ ।
ଭକ୍ତଗଣ ସୁଖଦିତେ ହ୍ଲାଦିନୀ କାରଣ ।।
ହ୍ଲାଦିନୀ ସାର ଅଂଶ ଧରେ ପ୍ରେମନାମ ।
ଆନନ୍ଦ ଚିନ୍ମୟ ରସ ପ୍ରେମେର ଆଖ୍ୟାନ ।।'

ଆଗକୁ ଯାଇ ସେ ପୁଣି କହିଛନ୍ତି :

'ରାଧା ପୂର୍ଣ୍ଣ ଶକ୍ତି, କୃଷ୍ଣ ପୂର୍ଣ୍ଣ ଶକ୍ତିମାନ୍ ।
ଦୁଇ ବସ୍ତୁ ଭେଦ ନାହିଁ ଶାସ୍ତ୍ର ପରମାଣ ।।'

ଶ୍ରୀଚୈତନ୍ୟଙ୍କର ଜିଜ୍ଞାସା ସେତିକିରେ ସରି ନାହିଁ, ଭକ୍ତି-ତତ୍ତ୍ୱର ଚରମ ରହସ୍ୟ ପର୍ଯ୍ୟନ୍ତ ସେ ଯିବେ ରାମାନନ୍ଦଙ୍କ ବକ୍ତବ୍ୟର ସାଥେ ସାଥେ । ତେଣୁ ସେ ରାଧା-କୃଷ୍ଣଙ୍କର ସ୍ୱରୂପ ଓ ଏ ଜଗତରେ ସେମାନଙ୍କର ଲୀଳାର ଅନ୍ତିମ ରହସ୍ୟ ଜାଣିବାକୁ ପ୍ରଶ୍ନ କଲେ । ରାମାନନ୍ଦ କହିଲେ – ଶାସ୍ତ୍ରବାକ୍ୟ ଉଦ୍ଧାର କରି । କୃଷ୍ଣଙ୍କ ସ୍ୱରୂପ :

'ଈଶ୍ୱରଃ ପରମଃ କୃଷ୍ଣ ସଚ୍ଚିଦାନନ୍ଦ ବିଗ୍ରହଃ ।
ଅନାଦିରାଦି ଗୋବିନ୍ଦଃ ସର୍ବକାରଣ କାରଣଃ ।।'

(ବ୍ରହ୍ମ ସଂହିତା)

ଅର୍ଥାତ୍ : ଶ୍ରୀକୃଷ୍ଣ ସର୍ବଜଗତର ଆଶ୍ରୟ ତଥା ମୂଳସତ୍ତା, ପରମାତ୍ମା, ପରବ୍ରହ୍ମ, ସତ୍-ଚିତ୍-ଆନନ୍ଦ ମୂର୍ତ୍ତି; ସୃଷ୍ଟି-ସ୍ଥିତି-ପ୍ରଳୟର ଆଦି କାରଣ, ତାଙ୍କର ଆଦି-ଅନ୍ତ କେହି ଜାଣନ୍ତି ନାହିଁ; ସର୍ବପ୍ରପଞ୍ଚର କାରଣୀଭୂତା ମାୟାର ମଧ ଯିଏ କାରଣ – ସେଇ ମାୟାଧୀଶ ଗୋବିନ୍ଦହିଁ ଶ୍ରୀକୃଷ୍ଣ ।

ଶ୍ରୀରାଧାଙ୍କ ସ୍ୱରୂପ :

'ଦେବୀ କୃଷ୍ଣମୟୀ ପ୍ରୋକ୍ତା ରାଧିକା ପରଦେବତା ।
ସର୍ବଲକ୍ଷ୍ମୀମୟୀ ସର୍ବକାନ୍ତିଃ ସମ୍ମୋହିନୀ ପରା ।।'

(ବୃହତ୍ ଗୌତମୀ ତନ୍ତ୍ର)

ଅର୍ଥାତ୍ ନିଖିଳ ସୌନ୍ଦର୍ଯ୍ୟ ଓ ନିଖିଳ ଐଶ୍ୱର୍ଯ୍ୟର ଆଧାରଭୂତା ତ୍ରୈଲୋକ୍ୟ ବିମୋହିନୀ, ସର୍ବାତୀତା, ସର୍ବପାଳିକା ଶ୍ରୀରାଧା ପରମାତ୍ମା ଶ୍ରୀକୃଷ୍ଣଙ୍କ ସହ ଅଭିନ୍ନା; ସେ ସ୍ୱୟଂ କୃଷ୍ଣ ବ୍ୟତିରେକ ଆଉ କିଛି ନୁହନ୍ତି, ସତତ କୃଷ୍ଣାରାଧନାରେ ରତ – ସେଥିପାଇଁ ସକଳ ଶାସ୍ତ୍ର ତାଙ୍କର ଗୁଣକୀର୍ତ୍ତନ କରୁଛନ୍ତି ।

ଏଇପରି ଭାବରେ ଶ୍ରୀରାଧାକୃଷ୍ଣ ଓ ଭକ୍ତିର ସୋପାନସବୁ, କୃଷ୍ଣପ୍ରାପ୍ତିର ତାରତମ୍ୟ ବିଷୟାଦି ନେଇ ବହୁ ସମୟ ବ୍ୟତୀତ କଲେ । ଶେଷରେ ଅଧିକାରୀ ଭେଦରେ ସର୍ବଭାବହିଁ ଭକ୍ତ ପାଇଁ ସର୍ବୋତ୍ତମ ଯଦି ସେଇ ଭାବରେ ସେ ଆନ୍ତରିକ ଥାଏ – ରାମାନନ୍ଦ ଏପ୍ରକାର ମତ ଦେଲେ ।

ଶ୍ରୀଚୈତନ୍ୟ ଜାଣିବାକୁ ଚାହିଁଲେ ପ୍ରେମଭକ୍ତିର ସାଧନାରେ ଯଦି ଶ୍ରୀରାଧାଙ୍କ ଭାବହିଁ ଶ୍ରେଷ୍ଠ, ତେବେ କାହିଁକି କୁହାଯାଏ ଶ୍ରୀମତୀଙ୍କର ଜଣେ ସଖୀ ହୋଇ ଏ ସାଧନା କଲେ ଯାଇଁ ଏ ତତ୍ତ୍ୱର ମହିମା ବୁଝିହୁଏ ଓ ନିଜର ପ୍ରୀତି ଓ ଅନୁରାଗର ଅନୁଭବ ସ୍ଫୁରିତ ହୁଏ । 'କାନ୍ତାଭାବ-ଉପାସନା' ପକ୍ଷରେ ଏଇ ସଖୀଭାବର ପ୍ରୟୋଜନ କ'ଣ ? ରାୟ ରାମାନନ୍ଦ ନିଜର ଭକ୍ତି-ସାଧନାର ଅନୁଭବରୁ ଯାହା କହିଲେ ତାହା ସାଧନା ଦୃଷ୍ଟିରୁ ଉପାଦେୟ । ଶ୍ରୀରାଧାଙ୍କର ଭାବ ଏତେ ଊର୍ଦ୍ଧ୍ୱର ବସ୍ତୁ, ତାହାର ଆଚରଣ ପ୍ରାୟ ସାଧ୍ୟାତୀତ, ସାଧନ-ପଥ ବଡ଼ ପିଚ୍ଛିଳ । ତେଣୁ ରାଗାନୁଗା-ଭକ୍ତିର ସ୍ୱରୂପ ସଖୀଭାବର ସାଧନା-ଲକ୍ଷ ବୋଲି କବିରାଜ ମହାଶୟ କହୁଛନ୍ତି :

'ରାଗାନୁଗାମାର୍ଗେ ତା'ରେ ଭଜେ ଯେଇଜନ ।
ସେଇଜନ ପାଏ ବ୍ରଜେ ବ୍ରଜେନ୍ଦ୍ରନନ୍ଦନ ।।'

ରାୟ କହିଲେ, ''ଭକ୍ତ ନିଜ ସୁଖଭୋଗର ଆକାଙ୍କ୍ଷା ନେଇ ପ୍ରେମମୟ ଭଗବାନଙ୍କୁ ଭଜନ କରେ ନାହିଁ କି ତାଙ୍କର ଉପାସନା ପଶ୍ଚାତରେ ନିଜର ମୁକ୍ତି କାମନା ବି ରହେ ନାହିଁ । ଯେହେତୁ କୃଷ୍ଣ ଆନନ୍ଦମୟ, ତାଙ୍କର ଆନନ୍ଦବର୍ଦ୍ଧନ କରିବା ପାଇଁ ସେ ଆନନ୍ଦସ୍ୱରୂପିଣୀ ଶ୍ରୀରାଧାଙ୍କ ସହ ତାଙ୍କର ମିଳନ ଘଟାଇବାର ସାଧନା କରେ । ସେଇ ମିଳନର ସୁଖ ନିଜ ପାଇଁ ନୁହେଁ । ରାଧାରାଣୀଙ୍କ ପ୍ରେମରେ ନନ୍ଦ-ନନ୍ଦନଙ୍କର ଉଲ୍ଲାସ ଅଧିକ ଏବଂ ଶ୍ରୀକୃଷ୍ଣଙ୍କୁ ଉଲ୍ଲସିତ କରିବାରେହିଁ ରାଧାରାଣୀଙ୍କ ସକଳ ପ୍ରେମ ଉତ୍ସର୍ଗୀକୃତ; ଶ୍ରୀରାଧାଙ୍କ ସ୍ୱରୂପରେ ଏଇ ସର୍ବଭାବର ସମର୍ପଣ ଓ ଉତ୍ସର୍ଗ ଓତପ୍ରୋତ ଭାବେ ଜଡ଼ିତ ଏକଥା ଗୋପୀସକଳ ଜାଣିଥା'ନ୍ତି ବୋଲି ସେମାନଙ୍କର ସବୁ ପ୍ରଚେଷ୍ଟା, ସବୁ ସେବା ସେଇଥିରେହିଁ ନିୟୋଜିତ । ଏଇ ଗୋପୀପ୍ରେମ, ଏଇ ସଖୀଭାବ ନିଷ୍କାମ । ସାଧକ ବା ସାଧିକା କାମଗନ୍ଧ-ମୁକ୍ତ ସେ ଭାବରେ ନିଜ ସକାଶେ କିଛିହିଁ ଆଶା ନ ରଖିବା ସାଧନାର ଏକମାତ୍ର ଉଦ୍ଦେଶ୍ୟ : ସଖୀଭାବର ବ୍ୟାଖ୍ୟା

କରି କବିରାଜ ମହାଶୟ କହୁଛନ୍ତି :

'ସଖୀ ବିନୁ ଏଇ ଲୀଳାୟେ ନାହିଁ ଅନ୍ୟେର ଗତି ।
ସଖୀଭାବେ ତାହା ଯେଇ କରେ ଗତାଗତି ॥'

ମହାଭାବର ସାମାନ୍ୟ ସ୍ପର୍ଶ ପାଇବା ଲାଗି ଏଇ ସଖୀଭାବର ଉପାଦେୟତା ବୁଝିଥିଲେ ବୋଲି ଗୋସ୍ୱାମିଗଣ ବୈଷ୍ଣବ-ସାଧନାରେ ଏହାର ପ୍ରଚଳନ କରିଥିଲେ – ନିଜସ୍ୱ ସାଧନାର କୌଣସି ପ୍ରତ୍ୟାଶା ରଖିଥିବା ଯାଏଁ ତାକୁ ପ୍ରେମ କୁହାଯିବ ନାହିଁ, ଏକମାତ୍ର ସୁଖ ହେଉଛି ପରମ ପ୍ରେମିକଙ୍କ ସୁଖ – ଶ୍ରୀମତୀଙ୍କର ସେବା ପରିଚର୍ଯ୍ୟା କରି ତାଙ୍କୁ ଶ୍ରୀକୃଷ୍ଣଙ୍କ ସନ୍ନିଧାନକୁ ନେବା, ସେମାନଙ୍କ ମିଳନର ପୂର୍ଣ୍ଣତାରେ ନିଜର ପୂର୍ଣ୍ଣତା ଅନୁଭବ କରିବା – ଏହାହିଁ ସଖୀଭାବ, ଯାହାକୁ ସଂକ୍ଷେପରେ ଗୋସ୍ୱାମୀ କୃଷ୍ଣଦାସ କହୁଛନ୍ତି :

'ରାଧାର ସ୍ୱରୂପ କୃଷ୍ଣ ପ୍ରେମ କଳ୍ପଲତା ।
ସଖୀଗଣ ହୟ ତା'ର ପଲ୍ଲବ ପୁଷ୍ପଲତା ॥
କୃଷ୍ଣଲୀଳାମୃତେ ଯଦି ଲତାରେ ସିଞ୍ଚୟ ।
ନିଜ ସୁଖ ହୈତେ ପଲ୍ଲବାଦ୍ୟେର କୋଟି ସୁଖ ହୟ ।'

ଅର୍ଥାତ୍ ଶ୍ରୀରାଧା ପ୍ରେମ କଳ୍ପଲତା ହେଲେ, ତହିଁରେ ଗୋପୀଗଣ ନିଜର ଆନ୍ତରିକ ସେବାରୂପକ ବାରି ସେଚନ କରନ୍ତି, ଯାହାର ପରିପୁଷ୍ଟିରେ ସେମାନେ ନିଜର କୃଷ୍ଣପ୍ରେମର ସାର୍ଥକତା ଲାଭ କରନ୍ତି । ମହାଭାବ ସ୍ୱରୂପିଣୀ ଶ୍ରୀରାଧାଙ୍କୁ ସମ୍ୟକ୍ ବୁଝିବାକୁ ହେଲେ ସଖୀଭାବହିଁ ସର୍ବଶ୍ରେଷ୍ଠ ଉପାୟ-ସାଧନ, ସେ ସାଧନାରେ ସିଦ୍ଧ ନହେଲେ କେହି ସ୍ୱୀୟ ସାଧନାବଳରେ କୃଷ୍ଣପ୍ରେମରସ ଆସ୍ୱାଦନ କରିପାରିବ ନାହିଁ – ଏଇ କାରଣରୁ ଶ୍ରୀରାଧାଙ୍କ ମହାଭାବର ଅନୁଭବ ତାଦାତ୍ମ୍ୟ ବ୍ୟତୀତ ସମ୍ଭବ ନୁହେଁ । ପ୍ରାକୃତ ଭୂମିରେ ଏହା ସାଧ୍ୟ ନୁହେଁ ବୋଲି ବୈଷ୍ଣବମାନଙ୍କର ମତ । ସେ ସ୍ତରକୁ ଯିବାକୁ ହେଲେ 'ଶ୍ରୀଚୈତନ୍ୟ ଚରିତାମୃତ' କହୁଛନ୍ତି : ସାଧନାର ଏ କ୍ଷେତ୍ରରେ ନାରୀ ହେଉ କି ପୁରୁଷ ହେଉ, ତାକୁ ନିଜ ଉପରେ ସଖୀଭାବର ଆରୋପ କରିବାକୁ ହେବ ।

'ରାଧାକୃଷ୍ଣ କୁଞ୍ଜ-ସେବା' ସାଧ୍ୟ ଯେଇ ପାୟ ।
ସେଇ ସାଧ୍ୟ ପାଇତେ ଆର ନାହିକ ଉପାୟ ॥

ସବୁ ପ୍ରକାର ସାଧନା ଭକ୍ତର ଭାବ ଅନୁରୂପ ହେବା ଉଚିତ, ନହେଲେ ବୃଥାଶ୍ରମରେ ବିଳମ୍ବ ହୁଏ । କେହି ଶାନ୍ତ, କେହି ଦାସ୍ୟ, କେହି ସଖ୍ୟ, ବାତ୍ସଲ୍ୟ ଭାବଦେଇ, କେହି ନିର୍ଲିପ୍ତ ଭାବେ କର୍ମ କରି ସକଳ କର୍ମ ଓ କର୍ମର ପରିଣାମ ଭଗବାନଙ୍କୁ ଅର୍ପଣ କରି ତାଙ୍କ ସମୀପକୁ ଯିବାକୁ ଯତ୍ନ କରନ୍ତି । କେହି ବର୍ଣ୍ଣାଶ୍ରମରେ ବିଶ୍ୱାସ କରି, ତହିଁରେ ରହି ଶାନ୍ତ ଭାବରେ ଦେବ-ଦ୍ୱିଜରେ ଭକ୍ତି ଓ ଭାଗବତ ଭାବରେ ନିଷ୍ଠାର ସହ ବଞ୍ଚିବାକୁହିଁ ଶ୍ରେୟଃ ବୋଧ କରନ୍ତି ଭଗବାନ୍ ନାମଗୁଣ ନିଜର ସାଧ୍ୟମତ କୀର୍ତ୍ତନ କରି, ମନନ କରି । ''ଏ ସମସ୍ତହିଁ ଉତ୍ତମ, ମାତ୍ର, ମହୋତ୍ତମ ସର୍ବଗୂଢ଼, ସର୍ବଶ୍ରେଷ୍ଠ କ'ଣ ସାଧ୍ୟ ଅନ୍ତରତମ ଶ୍ରୀକୃଷ୍ଣଙ୍କୁ ଲାଭ କରିବାରେ, ମୋତେ ତା'ର ରହସ୍ୟ କହିଦିଅ''– ଶ୍ରୀଚୈତନ୍ୟଙ୍କର ଏ ପ୍ରଶ୍ନର ଉତ୍ତରରେ ରାୟ ରାମାନନ୍ଦ ଯାହା ବଖାଣିଲେ, ତହିଁରେ ସେ ବିମୁଗ୍ଧ ଓ ବିଦଗ୍ଧ ହୋଇଗଲେ, ଶ୍ରୋତା ଓ ବକ୍ତା ଉଭୟେ ସେ 'ଅଭେଦ ତତ୍ତ୍ୱ'ରେ ସ୍ଥଗିତ-ଚିତ୍ତ ହୋଇଗଲେ । ତାହା ଏଇପରି :

ରାଧା ଓ କୃଷ୍ଣଙ୍କର ଅଭେଦ ତତ୍ତ୍ୱ ବୁଝାଇବାକୁ ରାମାନନ୍ଦ ମୃଗମଦ ଓ ଅଗ୍ନିର ଉଦାହରଣ ଦେଲେ । ଯେପରି ମୃଗମଦ କସ୍ତୁରୀଠାରୁ ତା'ର ଗନ୍ଧ ଅବିଚ୍ଛିନ୍ନ, ଅଗ୍ନିଠାରୁ ତା'ର ଜ୍ୱାଳା ଅପୃଥକ୍, ସେଇପରି ରାଧା ଓ କୃଷ୍ଣ ସ୍ୱରୂପତଃ ଏକ, କେବଳ ଲୀଳାରସ ଆସ୍ୱାଦନ ପାଇଁ ଦୁଇ ଭାବରେ, ଦୁଇ ରୂପରେ ବିଭକ୍ତ । ସେଇ ଦୁଇ ତତ୍ତ୍ୱକୁ ଏକତ୍ର ଧାରଣ କରିବା ମାନବ ପକ୍ଷରେ ଏକପ୍ରକାର ଅସମ୍ଭବ ହେଲେ ବି ସମ୍ଭବ ଯାହାକୁ ଭକ୍ତିଶାସ୍ତ୍ର ପ୍ରେମର 'ବିଳାସ-ବିବର୍ତ୍ତ' ବୋଲି କହେ, ସେଠାରେ ରାଧାକାନ୍ତ ଓ କୃଷ୍ଣବଲ୍ଲଭା ଏକତ୍ର ହୋଇଯା'ନ୍ତି, କାହାରି ସ୍ୱତନ୍ତ୍ର ଅସ୍ତିତ୍ୱ ରହେ ନାହିଁ । ପ୍ରଭୁ ଶ୍ରୀଚୈତନ୍ୟ ନିଜ ଅନୁଭୂତିରେ ଏହା ଆଣିବା ସମ୍ଭବ ବୋଲି ଜାଣି କହିଲେ, ''ପ୍ରେମରେ ସାଧ୍ୟବସ୍ତୁର ଅବଧି ଏଇ ପର୍ଯ୍ୟନ୍ତ; ତୁମ କୃପାରୁ ହେ ରାମାନନ୍ଦ ନିଶ୍ଚିତ ଜାଣିଲି ।'' ଏକଥା କହି ସେ ଭକ୍ତପ୍ରବର ରାୟଙ୍କର ମୁହଁ ନିଜ ହସ୍ତରେ ମୁଦି ଦେଲେ : ''ପ୍ରେମେ ପ୍ରଭୁ ସ୍ୱହସ୍ତେ ତାହାର ମୁଖ ଆଚ୍ଛାଦିଲ ।''

(କ୍ରମଶଃ)

ସଂଗ୍ରହ ଓ ଉପସ୍ଥାପନା : କୃଷ୍ଣାଦେବୀ

# ମୃତ୍ୟୁର ଦେବତା ଓ ମୃତ୍ୟୁ ଦୂତମାନେ

## (ଶ୍ରୀମାଙ୍କ ସଙ୍ଗେ ଏକ କଥୋପକଥନ)

*ପ୍ରଶ୍ନ : କୁହାଯାଇଥାଏ ଯେ ମୃତ୍ୟୁର ଏକ ଦେବତା ଅଛନ୍ତି । ଏହା କେତେଦୂର ସତ୍ୟ ?*

ଶ୍ରୀମା : ହଁ, ମୁଁ ଏହାକୁ ମୃତ୍ୟୁର ସୂକ୍ଷ୍ମସତ୍ତା ବୋଲି କୁହେ । ମୁଁ ଏହାକୁ ଭଲଭାବେ ଜାଣେ । ଏବଂ ତାହା ଏକ ଅସାଧାରଣ ସଙ୍ଗଠନ । ଏହା କେତେଦୂର ସଙ୍ଗଠିତ ତୁମେ ତାହା ଧାରଣା କରିପାରିବ ନାହିଁ ।

ମୋର ବିଶ୍ୱାସ ମୃତ୍ୟୁର ଏହି ସୂକ୍ଷ୍ମସତ୍ତା ବହୁ ସଂଖ୍ୟାରେ ରହିଛନ୍ତି । ଶହ ଶହ ସଂଖ୍ୟାରେ ରହିଛନ୍ତି । ମୁଁ ଏମାନଙ୍କ ଭିତରୁ ଅନ୍ତତଃ ଦୁଇଟିକୁ ଭେଟିଛି । ଗୋଟିକୁ ଫ୍ରାନ୍ସରେ ଓ ଅନ୍ୟଟିକୁ ଜାପାନରେ ଏବଂ ଏମାନେ ପରସ୍ପରଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲେ । ଏଥିରୁ ଏହି ବିଶ୍ୱାସ ଉପୁଜେ ଯେ ବୋଧହୁଏ ମାନସିକ କୃଷ୍ଟି, ଶିକ୍ଷା, ଦେଶ ଓ ବିଶ୍ୱାସ ଅନୁସାରେ ଭିନ୍ନ ଭିନ୍ନ ସୂକ୍ଷ୍ମସତ୍ତାମାନେ ରହିଥାଆନ୍ତି । ବିଶ୍ୱ ପ୍ରକୃତିର ସମସ୍ତ ଅଭିବ୍ୟକ୍ତିରେ ଏହିପରି ସୂକ୍ଷ୍ମସତ୍ତାମାନେ ଥାଆନ୍ତି : ଅଗ୍ନିର ସୂକ୍ଷ୍ମସତ୍ତା, ବାୟୁର ସୂକ୍ଷ୍ମସତ୍ତା, ଜଳର, ବର୍ଷାର, ପବନର ସୂକ୍ଷ୍ମସତ୍ତା ସବୁ ଅଛନ୍ତି ଏବଂ ମୃତ୍ୟୁର ସୂକ୍ଷ୍ମସତ୍ତା ମଧ୍ୟ ରହିଛି ।

ମୃତ୍ୟୁର ପ୍ରତ୍ୟେକଟି ସୂକ୍ଷ୍ମସତ୍ତା, ସେ ଯାହା ବି ହେଉନା କାହିଁକି, ଗୋଟିଏ ଦିନ ପାଇଁ ନିର୍ଦ୍ଦିଷ୍ଟ ଏତେ ସଂଖ୍ୟାର ମୃତ୍ୟୁ ଉପରେ ତାହାର ଦାବି ରହିଛି । ବାସ୍ତବରେ ଏହା ଏକ ବିସ୍ମୟକର ସଙ୍ଗଠନ । ପ୍ରାଣିକ ଶକ୍ତି ଓ ବିଶ୍ୱ ପ୍ରକୃତିର ଶକ୍ତି ଭିତରେ ଏହା ଏକ ସହଯୋଗର ମେଣ୍ଟ ପରି । ଯଦି ମୃତ୍ୟୁର ସୂକ୍ଷ୍ମସତ୍ତା ନିଷ୍ପତ୍ତି ନେଲା, "ମୁଁ ଏତେ ସଂଖ୍ୟକ ଲୋକଙ୍କର ମୃତ୍ୟୁ ପାଇଁ ହକଦାର, ଧର ଚାରିଜଣ ବା ପାଞ୍ଚଜଣ ବା ଛଅଜଣଙ୍କର ବା ଜଣେ ବା ଦୁଇଜଣଙ୍କ ମୃତ୍ୟୁ ଘଟାଇବାର ହକ ମୋର ରହିଛି;" ଏହା ନିର୍ଭର କରେ ସେହି ଦିନଟି ଉପରେ, ଏହା ନିଷ୍ପତ୍ତି ନେଲା ଏତେ ସଂଖ୍ୟାର ଲୋକଙ୍କର ମୃତ୍ୟୁ ଘଟିବ, ତେବେ ସେ ସିଧା ଯାଇ ମରିବାକୁ ଯାଉଥିବା ଲୋକ ପାଖରେ ପହଞ୍ଚି ସେଠାରେ ରହିବ । କିନ୍ତୁ ତୁମେ ଯଦି ସଚେତ ହୋଇଥିବ (ସେହି ଲୋକ ନୁହେଁ), ତୁମେ ଯଦି ଦେଖିପାରିବ ମୃତ୍ୟୁର ସୂକ୍ଷ୍ମସତ୍ତା ଅମୁକ ଲୋକ ପାଖରେ ପହଞ୍ଚିଛି ଓ ତୁମେ ଚାହଁ ଯେ ସେ ଲୋକର ମୃତ୍ୟୁ ନ ହେଉ ବୋଲି ତେବେ ତୁମର ଯଦି ସେହିପରି ଗୂଢ଼କ୍ରିୟାର ଶକ୍ତି ଥାଏ ତା'ହେଲେ ତୁମେ ମୃତ୍ୟୁର ସେହି ସତ୍ତାକୁ କହିପାର, "ନା, ତାହାକୁ ନେବା ପାଇଁ ମୁଁ ତୁମକୁ ବାରଣ କରୁଛି" । ଏପରି ଘଟଣା ଘଟିଛି, ଥରେ ନୁହେଁ ଅନେକ ବାର ଘଟିଛି, ଜାପାନରେ ଏବଂ ଏଠାରେ ମଧ୍ୟ । ମୃତ୍ୟୁର ସେହି ସତ୍ତା ଏକ ପ୍ରକାରର ବା ସମାନ ନୁହେଁ । ସେଇଥିପାଇଁ ମୁଁ କହିଥାଏ ଅନେକଗୁଡ଼ିଏ ମୃତ୍ୟୁ ସତ୍ତା ରହିଛନ୍ତି ।

— ମୁଁ ଚାହେଁ ନାହିଁ ତା'ର ମୃତ୍ୟୁ ହେଉ ।

— କିନ୍ତୁ ମୋର ଗୋଟିଏ ମୃତ୍ୟୁ ପାଇଁ ଦାବି ରହିଛି ।

— ଯାଅ, ଏବଂ ମରିବାକୁ ପ୍ରସ୍ତୁତ ଥିବା କୌଣସି ଲୋକକୁ ଖୋଜି ବାହାର କର ।

ଏହିପରି ଭାବରେ ମୁଁ ଅନେକ ଘଟଣା ଦେଖିଛି : କେତେକ ସମୟରେ ଜଣକ ସ୍ଥାନରେ ପାଖ ପଡ଼ୋଶୀ ଘରର (ବା ଅନ୍ୟ କେଉଁଠାରେ) କେହି ହଠାତ୍ ମୃତ୍ୟୁବରଣ କରେ, ଆଉ କେତେକ ସମୟରେ ପରିଚିତ କେହି ବା ଶତ୍ରୁତା ଆଚରଣ କରୁଥିବା କୌଣସି ବ୍ୟକ୍ତିର ମୃତ୍ୟୁ ହୁଏ । ବାହାରକୁ ଏହା ମନେହୁଏ ଆକସ୍ମିକ ବୋଲି । କିନ୍ତୁ ମୃତ୍ୟୁ ସତ୍ତା ତା'ର ହକ୍ ପାଇଯାଏ, ଗୋଟିଏ ମୃତ୍ୟୁ ପାଇଁ ତା'ର ହକ୍ ଥିଲା ଓ ସେ ଗୋଟିଏ ମୃତ୍ୟୁ ଘଟାଇବ । କିନ୍ତୁ ତୁମେ ତାକୁ କହିପାର, "ମୁଁ ବାରଣ କରୁଛି ଅମୁକ ବ୍ୟକ୍ତିଙ୍କୁ ନେବା ପାଇଁ ।" ଏବଂ ସେହି ମୃତ୍ୟୁସତ୍ତାକୁ ଫେରାଇ ଦେବାର କ୍ଷମତା ତୁମର ରହିଛି, ଏବଂ ସେ କ୍ଷେତ୍ରରେ ତାହାର ଫେରିଯିବା ଛଡ଼ା ଅନ୍ୟ କିଛି ବାଟ ରହିବ ନାହିଁ । କିନ୍ତୁ ସେ ନିଜର ହକ୍ ବା ଦାବି ଛାଡ଼ିଦେବ ନାହିଁ, ଅନ୍ୟ ସ୍ଥାନକୁ ଯାଇ ଅନ୍ୟ କାହାର ମୃତ୍ୟୁ ଘଟାଇବ ।

ନିଆଁ ଲାଗିବା ସମ୍ପର୍କରେ ମଧ୍ୟ ଏହାହିଁ ଘଟେ । ମୁଁ ଅଗ୍ନିର ସୂକ୍ଷ୍ମସତ୍ତାକୁ ଦେଖିଛି, ବିଶେଷ କରି ଜାପାନରେ, କାରଣ ସେଠାରେ ନିଆଁ ଲାଗିବା ଏକ ଅସାଧାରଣ ଘଟଣା ପରି ଘଟେ । ଯେତେବେଳେ ନିଆଁ ଲାଗେ ପାଖାପାଖି ଅଶୀ, ନବେ ପର୍ଯ୍ୟନ୍ତ ଘର, ପୂରା ଗୋଟିଏ ମହଲା ପୋଡ଼ିଯାଏ । ଏହା ଅଦ୍ଭୁତ ଧରଣର କିଛି । ଘରଗୁଡ଼ିକ ତିଆରି ହୋଇଥାଏ କାଠରେ, ଏବଂ ଦିଆଶିଲି

ଖୋଳ ପରି ସେଗୁଡ଼ିକ ଜଳି ଯାଆନ୍ତି, ତୁମେ ଦେଖ ନିଆଁ ଲାଗିଲା ଏବଂ ହଠାତ୍ ମୁହୂର୍ତ୍ତକରେ ସବୁକିଛି ହୁତ୍ କରି ଜଳିଯିବ । ତୁମେ ଦିଆଶିଲି ଖୋଳ ଜଳିଯିବା ଦେଖିଥିବ, ସେହିପରି ହୁତ୍ କରି ଘରଗୁଡ଼ିକ ଜଳିଯାଏ, ମୋ ଆଖି ଆଗରେ ଗୋଟିଏ, ଦୁଇଟି, ତିନୋଟି, ଦଶ, କୋଡ଼ିଏଟି ଘର ଏହିପରି ଜଳି ଯିବାର ମୁଁ ଦେଖିଛି ।... ଅଗ୍ନିର ସୂକ୍ଷ୍ମସତ୍ତାମାନେ ଅଛନ୍ତି । ଥରେ ମୁଁ ମୋ ବିଛଣାରେ ଶୋଇଥିଲି । ଏକାଗ୍ର ରହିଥିଲି ଓ ଲୋକମାନଙ୍କୁ ଦେଖୁଥିଲି । ହଠାତ୍ ଦେଖିଲି ଅଗ୍ନିଶିଖାର ବାଦଲ ପରି କିଛି ଆସି ମୋ ଘର ପାଖରେ ପହଞ୍ଚିଲା, ମୁଁ ଚାହିଁ ଦେଖିଲି ଏହା ଗୋଟିଏ ସଚେତ ସତ୍ତା ।

— ତୁମେ ଏଠାକୁ କାହିଁକି ଆସିଛ ?

— ଏହି ଘରଟିକୁ ଜାଳି ଦେବାର ଏକ ହକ୍ ମୋର ଅଛି ।

— ତାହା ହୋଇପାରେ, କିନ୍ତୁ ଏହି ଘରଟି ନୁହେଁ । ଏବଂ ସେ ସେହି ଆଦେଶକୁ ପ୍ରତିରୋଧ କରିପାରିଲା ନାହିଁ ।

ଏହା ନିର୍ଭର କରେ କାହାର ଶକ୍ତି କେତେ ଅଧିକ । ମୁଁ କହିଲି, ''ନା, ତୁମେ ଏଠାରେ ନିଆଁ ଲଗାଇ ପାରିବ ନାହିଁ, ବାସ୍ ସେତିକି ।'' ପାଞ୍ଚ ମିନିଟ୍ ପରେ ମୁଁ କିଛି ଚିତ୍କାର ଓ କୋଳାହଳ ଶୁଣିବାକୁ ପାଇଲି । ଦୁଇ, ତିନିଟି ଘର ଛାଡ଼ି ଆଉ ଗୋଟିଏ ଘରେ ନିଆଁ ଲାଗିଛି । ଯେହେତୁ ମୋ ଘରେ ନିଆଁ ଲଗାଇବା ପାଇଁ ମୁଁ ତାକୁ ବାରଣ କଲି ସେ ଅନ୍ୟ ଏକ ଘରେ ନିଆଁ ଲଗାଇଲା । ତା'ର ହକ୍ ବା ଦାବି ହେଲା ଗୋଟିଏ ଘର ଜଳାଇବା, ବାସ୍ ସେ ତାହା ପୂରଣ କରିଦେଲା ।

## ମୃତ୍ୟୁସତ୍ତାକୁ ବାରଣ କରି ଫେରାଇ ଦେବା

*ପ୍ରଶ୍ନ : ସମୟ ସମୟରେ ଲୋକମାନେ ମୃତ୍ୟୁଶଯ୍ୟାରେ ଥାଇ ଜାଣି ପାରନ୍ତି ଯେ ଅଳ୍ପ ସମୟ ଭିତରେ ସେମାନଙ୍କ ମୃତ୍ୟୁ ଘଟିବାକୁ ଯାଉଛି । ସେମାନେ କାହିଁକି ସେମାନଙ୍କୁ ନେବାକୁ ଆସିଥିବା ମୃତ୍ୟୁର ସୂକ୍ଷ୍ମସତ୍ତାକୁ ବାରଣ କରି ଫେରାଇ ଦିଅନ୍ତି ନାହିଁ ?*

**ଶ୍ରୀମା** : ଆଃ ତାହା ନିର୍ଭର କରେ ସେହି ଲୋକମାନଙ୍କ ଉପରେ । ଦୁଇଟି ଜିନିଷ ଆବଶ୍ୟକ । ପ୍ରଥମେ ତୁମ ସତ୍ତାର କୌଣସି ଅଂଶ, ସାମାନ୍ୟ କିଛି ମଧ୍ୟ ଯେପରି ମରିବାକୁ ଚାହୁଁ ନଥାଏ । କିନ୍ତୁ ବେଶୀ ଭାଗ କ୍ଷେତ୍ରରେ ଏହା ଘଟେ ନାହିଁ । ତୁମ ଭିତରେ ବରାବର ଏକ ପରାଜୟବାଦୀ ମନୋଭାବ ରହିଥାଏ; ଏପରି କିଛି ରହିଥାଏ, ଯାହା କ୍ଳାନ୍ତ, ଯାହାର ଜୀବନ ପ୍ରତି ଏକ ପ୍ରକାର ବିରକ୍ତି ଓ ବିତୃଷ୍ଣାର ଭାବ ରହିଥାଏ, ଏପରି କିଛି ଭାବ ରହିଥାଏ ଯେ ଯଥେଷ୍ଟ ହୋଇଗଲାଣି, ଆଉ ନୁହେଁ, ଏକ ପ୍ରକାର ଆଳସ୍ୟର ଭାବ ରହିଥାଏ, ଏପରି କିଛି ରହିଥାଏ ଯାହା ଆଉ ସଂଗ୍ରାମ କରିବାକୁ ଚାହେଁ ନାହିଁ ଏବଂ କୁହେ, ''ବାସ୍, ସବୁ ଶେଷ ହୋଇଯାଉ, ତାହାହିଁ ଉତ୍ତମ ହେବ ।'' ଏତିକିହିଁ ଯଥେଷ୍ଟ, ତୁମେ ମୃତ୍ୟୁବରଣ କର ।

ପ୍ରକୃତରେ ଏହାହିଁ ଘଟେ । ଯଦି ତୁମ ଭିତରେ କୌଣସି କିଛି, ଆଦୌ କିଛି ମଧ୍ୟ ମୃତ୍ୟୁ ପାଇଁ ସମ୍ମତି ନ ଦିଏ, ତୁମେ ମୃତ୍ୟୁ ବରଣ କରିବ ନାହିଁ । କାହାର ମୃତ୍ୟୁ ଘଟିବା ପୂର୍ବରୁ, ଏପରି ଗୋଟିଏ ମୁହୂର୍ତ୍ତ ଆସିଥାଏ, ବୋଧହୁଏ ଏକ ସେକେଣ୍ଡର ଶହେ ଭାଗରୁ ଗୋଟିଏ ମୁହୂର୍ତ୍ତ, ଯେତେବେଳେ ସେ ମୃତ୍ୟୁ ପାଇଁ ନିଜର ସମ୍ମତି ଦେଇଥାଏ । ଯଦି ସମ୍ମତି ଦେବାର ଏହି ମୁହୂର୍ତ୍ତଟି ନ ଥା'ନ୍ତା ତେବେ ତାହାର ମୃତ୍ୟୁ ହୁଅନ୍ତା ନାହିଁ ।

ମୁଁ ଏପରି ଲୋକମାନଙ୍କୁ ଜାଣେ ଯେଉଁମାନେ ଶାରୀରିକ ଓ ପ୍ରାଣିକ ସମସ୍ତ ନିୟମ ଦୃଷ୍ଟିରୁ ଅନେକ ଦିନୁ ମରି ସାରନ୍ତେଣି, କିନ୍ତୁ ସେମାନେ ମୃତ୍ୟୁ ପାଇଁ ଅସମ୍ମତି ଜଣାଇ ଥିଲେ । ସେମାନେ କହିଥିଲେ, ''ନା, ମୁଁ ମରିବି ନାହିଁ ।'' ଏବଂ ସେମାନେ ବଞ୍ଚି ରହିଥିଲେ । ଆଉ ମଧ୍ୟ ଏପରି ଲୋକମାନେ ଥାଆନ୍ତି ଯେଉଁମାନଙ୍କର ମୃତ୍ୟୁର ଆଦୌ କୌଣସି କାରଣ ନ ଥାଏ, କିନ୍ତୁ ସେମାନଙ୍କର ଧରଣ ଏପରି ଯେ ସେମାନେ କୁହନ୍ତି, ''ଆଃ, ବାସ୍ ହଁ ଖୁବ୍ ଭଲ ହେବ, ସବୁକିଛି ଶେଷ ହୋଇଯାଉ ।'' ଏବଂ ସବୁକିଛି ପ୍ରକୃତରେ ଶେଷ ହୋଇଯାଏ । ଏପରିକି ଏତିକିହିଁ ଯଥେଷ୍ଟ, ଏପରିକି ଏହାଛଡ଼ା ଆଉ ଅଧିକ କିଛିର ଆବଶ୍ୟକତା ନାହିଁ : ଏଥିପାଇଁ ତୁମର ଏକ ଅବିରତ ଇଚ୍ଛାର କୌଣସି ଆବଶ୍ୟକତା ନାହିଁ, କେବଳ ଏତିକି କହିଲେହିଁ ଯଥେଷ୍ଟ, ''ହଁ, ବାସ୍, ଯଥେଷ୍ଟ ହୋଇଗଲାଣି !'' ଏବଂ ସେତେବେଳେ ମୃତ୍ୟୁ ଆସି ସବୁକୁ ଶେଷ କରିଦିଏ । ପ୍ରକୃତରେ ଏହିପରିହିଁ ଘଟିଥାଏ । ତୁମେ ଯାହା କହୁଛ ଯେ ତୁମର ଶଯ୍ୟା ପାଖରେ ମୃତ୍ୟୁ ଆସି ଛିଡ଼ା ହୋଇ ପାରିଥାଏ, କିନ୍ତୁ ତୁମେ ଯଦି ତାହାକୁ କହିବ, ''ମୁଁ ତୁମକୁ ଚାହେଁ ନାହିଁ, ଏଠାରୁ ଚାଲିଯାଅ,'' ତା'ହେଲେ ସେ ସେଠାରୁ ଫେରି ଚାଲିଯିବାକୁ ବାଧ୍ୟ ହେବ । କିନ୍ତୁ ସାଧାରଣତଃ

ଲୋକମାନେ ହଟିଯାଇ, ମୃତ୍ୟୁକୁ ବାଟ ଛାଡ଼ି ଦିଅନ୍ତି । ତୁମକୁ ସଂଗ୍ରାମ କରିବାକୁ ହେବ, ତୁମକୁ ଦୃଢ଼ ହେବାକୁ ହେବ, ତୁମକୁ ସାହସୀ ଓ ନିର୍ଭୀକ ହେବାକୁ ହେବ ଓ ସହ୍ୟ କରିବାର ଶକ୍ତିକୁ ବଜାୟ ରଖିବାକୁ ହେବ, ଜୀବନର ଆବଶ୍ୟକତା ସମ୍ପର୍କରେ ବିପୁଳ ବିଶ୍ୱାସ ରଖିବାକୁ ହେବ । ଉଦାହରଣସ୍ୱରୂପ, ଯେପରି ଜଣେ ଅତି ଦୃଢ଼ଭାବରେ ଅନୁଭବ କରୁଥାଏ ଯେ ତାହାର ତଥାପି ଆଉ କିଛି କରିବାକୁ ବାକି ଅଛି ଏବଂ ସେ ତା' ନିଶ୍ଚୟ ସମ୍ପନ୍ନ କରିବ – ତୁମକୁ ଏହିପରି ମନୋଭାବହିଁ ରଖିବାକୁ ହେବ । କିନ୍ତୁ କିଏ ନିଶ୍ଚିତ ହୋଇପାରିବ ଯେ ତା' ଭିତରେ କେଉଁଠି ସାମାନ୍ୟ ଟିକେ ପରାଜୟବାଦୀ ମନୋଭାବ ନାହିଁ ବୋଲି; ଏହା କେଉଁଠି ହେଲେ ରହିଥାଏ ଏବଂ ସେ ବାଟ ଛାଡ଼ିଦିଏ ଓ କୁହେ ''ଠିକ୍ ଅଛି'' । ଏହିଠାରେହିଁ ଆସୁଛି ନିଜକୁ ଏକତ୍ରୀଭୂତ କରିବାର ପ୍ରୟୋଜନୀୟତା ।

## ସବୁଠାରୁ ଯାହା ଗୁରୁତ୍ୱପୂର୍ଣ୍ଣ

ଆମେ ଯେକୌଣସି ପଥ ଅନୁସରଣ କରୁନା କାହିଁକି, ଯେକୌଣସି ବିଷୟ ଅଧ୍ୟୟନ କରୁନା କାହିଁକି, ଆମେ ବରାବର ସେହି ଗୋଟିଏ ସିଦ୍ଧାନ୍ତରେ ପହଞ୍ଚୁ । ଜଣେ ବ୍ୟକ୍ତି ପାଇଁ ଯାହା ସବୁଠୁ ଗୁରୁତ୍ୱପୂର୍ଣ୍ଣ, ତା ହେଉଛି ତା'ର ସତ୍ତାର ଦିବ୍ୟକେନ୍ଦ୍ରକୁ ଆବେଷ୍ଟନ କରି ନିଜକୁ ଏକତ୍ରୀଭୂତ କରିବା । ସେହି ଭାବରେହିଁ ସେ ଜଣେ ଯଥାର୍ଥ ବ୍ୟକ୍ତିରେ ପରିଣତ ହେବ, ନିଜର ଏବଂ ନିଜ ନିୟତିର ପ୍ରଭୁ ହୋଇଉଠିବ । ତା' ନହେଲେ ସେ ରହିଥିବ ବିଭିନ୍ନ ଶକ୍ତିର ଖେଳନା ହୋଇ, ଯେଉଁ ଶକ୍ତିଗୁଡ଼ିକ ତାକୁ ନଦୀ ସୁଅରେ ଏକ ସୋଲ ଠିପି ଭାସିଲା ପରି ଭସାଇ ନିଅନ୍ତି । ସେ ଏପରି ସବୁ ସ୍ଥାନକୁ ଯାଏ, ଯେଉଁଠାକୁ ଯିବାକୁ ସେ ଚାହୁଁ ନ ଥାଏ, ଏପରି ସବୁ କାମ କରେ ଯାହା ସେ କରିବାକୁ ଚାହୁଁ ନ ଥାଏ, ଶେଷରେ ସେ ନିଜକୁ ଏପରି ଏକ ଗର୍ତ୍ତ ଭିତରେ ପଡ଼ିବାକୁ ଛାଡ଼ିଦିଏ ଯେଉଁଥିରୁ ଉଠି ବାହାରି ଆସିବା ପାଇଁ ତା'ର ଆଉ ଶକ୍ତି ନଥାଏ । କିନ୍ତୁ ତୁମେ ଯଦି ସଚେତ ଭାବରେ ନିଜକୁ ସଙ୍ଗଠିତ କରିଥାଅ, ଦିବ୍ୟକେନ୍ଦ୍ରକୁ ଘେରି ତା'ର ଚତୁର୍ଦିଗରେ ନିଜକୁ ଏକତ୍ରୀଭୂତ କରିଥାଅ, ତାହାରି ଦ୍ୱାରାହିଁ ଶାସିତ ଓ ପରିଚାଳିତ ହେଉଥାଅ, ତା'ହେଲେ ତୁମେ ତୁମର ଭାଗ୍ୟ ଓ ନିୟତିର ପ୍ରଭୁ ହୋଇଉଠ । ଏହା ଯେତେ ଆୟାସସାଧ୍ୟ ହେଲେ ମଧ୍ୟ ପ୍ରଚେଷ୍ଟାର ସମସ୍ତ ମୂଲ୍ୟ ତୁମେ ପାଇଯିବ... ସେ ଯାହା ହେଉ, ମୁଁ ନିଶ୍ଚୟ ଏକ ଦାସ ହେବା ଅପେକ୍ଷା ପ୍ରଭୁ ହେବାକୁ ଅଧିକ ପସନ୍ଦ କରିବି । ଏହା ନିଶ୍ଚୟ ଏକ ଅପ୍ରୀତିକର ଅନୁଭୂତି ଯେତେବେଳେ ତୁମେ ଅନୁଭବ କର ଯେ ତୁମେ ଗୁଡ଼ିଏ ଦଉଡ଼ି ଦ୍ୱାରା ବନ୍ଧା ହୋଇ ଟଣା ହେଉଛ ଓ ତୁମେ ଚାହଁ ବା ନ ଚାହଁ ଗୁଡ଼ିଏ କାମ କରିବାକୁ ବାଧ୍ୟ ହେଉଛ – ଅବଶ୍ୟ ଚାହିଁବା ନ ଚାହିଁବା କଥାଟା ଏଠି ଅପ୍ରାସଙ୍ଗିକ – କିନ୍ତୁ ଯେତେବେଳେ ତୁମେ କୌଣସି ଦଉଡ଼ି ଦ୍ୱାରା ଟଣା ହୋଇ କିଛି କାମ କରିବାକୁ ବାଧ୍ୟ ହୁଅ, ଏପରିକି ଯେଉଁ ଦଉଡ଼ିକୁ ତୁମେ ଦେଖି ମଧ୍ୟ ପାରୁ ନାହଁ, ତାହା ଅତ୍ୟନ୍ତ ବିରକ୍ତିକର ଓ ପୀଡ଼ାଦାୟକ । ସେ ଯା ହେଉ, ମୁଁ ଜାଣେନା କିନ୍ତୁ ମୋତେ ଏହା ଖୁବ୍ ବିରକ୍ତିକର ଲାଗେ, ଏପରିକି ଯେତେବେଳେ ମୁଁ ଖୁବ୍ ପିଲା ଥିଲି ସେତେବେଳୁ ମଧ୍ୟ ମୋତେ ଏହା ଖୁବ୍ ବିରକ୍ତିକର ଲାଗି ଆସିଛି । ପାଞ୍ଚବର୍ଷ ବୟସରୁ ମଧ୍ୟ ମୋତେ ଏହା ଖୁବ୍ ଅସହ୍ୟ ଲାଗିଛି ଏବଂ ମୁଁ ବରାବର ଏକ ବାଟ ଖୋଜୁଥିଲି ଯେପରିକି ଏହା ଏପରି ନ ହେଉ – ଯେପରିକି ଲୋକମାନେ ମୋତେ ଗାଳି ଦେବା ପାଇଁ କୌଣସି ସୁଯୋଗ ନ ପାଇବେ । କାରଣ ମୁଁ ଜାଣିଥିଲି ମୋତେ କେହି ସାହାଯ୍ୟ କରିପାରିବେ ନାହିଁ । ତୁମର ଏଠାରେ ଯେଉଁ ସୁଯୋଗ ଅଛି ଯେ କେହି ଜଣେ ରହିଛି ତୁମକୁ କହିଦେଇ ପାରିବ ''ଏହି ଜିନିଷଟିହିଁ ତୁମର କରିବା ଉଚିତ'' ସେହି ସୁଯୋଗ ମୋର ନ ଥିଲା । ଏପରି କହି ଦେବାକୁ ମୋ ପାଇଁ କେହି ନ ଥିଲେ, ମୋତେ ନିଜେହିଁ ତାହା ଖୋଜି ବାହାର କରିବାକୁ ପଡୁଥିଲା । ଏବଂ ମୁଁ ତାହା ପାଇ ଯାଇଥିଲି । ମୁଁ ଏହା ଆରମ୍ଭ କରିଥିଲି ପାଞ୍ଚବର୍ଷ ବୟସରେ । ଏବଂ ତୁମେମାନେ ତ ଅନେକ ଦିନୁ ପାଞ୍ଚବର୍ଷ ବୟସରେ ପହଞ୍ଚି ସାରିଛ... ।

ବାସ୍ ।

(MCW, Vol. V, pp - 136-140)

# ସଂପାଦକୀୟ ....

ପୁଣି ଏକ ନୂତନ ବର୍ଷର ଶୁଭାରମ୍ଭ । ଅବଶ୍ୟ ଅନନ୍ତ କାଳ-ପ୍ରବାହର ପରିମାପ ପାଇଁ ମାସ, ବର୍ଷ, ଯୁଗ, ଶତାବ୍ଦୀ ଇତ୍ୟାଦିଗୁଡ଼ିକ ହେଲା ମଣିଷ ମନର ସୃଷ୍ଟିମାତ୍ର । ଋତୁଚକ୍ରର ପରିବର୍ତ୍ତନ ଅନୁଯାୟୀ ମାସର ହିସାବ ପଛରେ ହୁଏତ କିଛି ପ୍ରାକୃତିକ ବାସ୍ତବତା ଅଛି, କିନ୍ତୁ ବର୍ଷ ଆଉ ଶତାବ୍ଦୀର ଗଣନା ହେଉଛି ପୂରାପୂରି ମଣିଷ ମନର ଏକ ଗଠନ । ତେବେ ଅନ୍ୟାନ୍ୟ ମାନସିକ ଗଠନ ପରି ମାନବସମାଜର ଆଚରଣ, ମନୋଭାବ, ଆଭିମୁଖ୍ୟ ଓ କ୍ରିୟାକର୍ମ ଉପରେହିଁ ନିର୍ଭର କରେ ଚଳିତ ବର୍ଷକୁ ଏହା କେଉଁ ମୂଲ୍ୟରେ ମଣ୍ଡିତ କରିବ । ଗୋଟିଏ ଦିଗରେ ସାମୂହିକ ପତନ ଓ ଧ୍ୱଂସ ଏବଂ ଅନ୍ୟ ଦିଗରେ ଚେତନା ଓ ସ୍ୱଭାବର ଦିବ୍ୟରୂପାନ୍ତର, ମା'ଙ୍କ କଥାରେ 'ସତ୍ୟ ନା ଅତଳ ଗହ୍ୱର', 'truth or abyss' – ମଣିଷହିଁ ବାଛି ନେବ ତା'ର ଭବିଷ୍ୟତ୍ ।

କିନ୍ତୁ ସତରେ କ'ଣ ବାଛି ନେବାର ସାମର୍ଥ୍ୟ ମଣିଷସମାଜ ପାଖରେ ରହିଛି ? ଭଗବତ୍ ଦିବ୍ୟଲୀଳାରେ ସେ କେବଳ ଏକ ଯନ୍ତ୍ର ବା ନିମିତ୍ତ ମାତ୍ର ନୁହେଁ କି ? ଗୀତାରେ ସ୍ୱୟଂ ଭଗବାନ୍ ତ କହିଲେ ଯାହା କରିବାର କଥା ସେ କରି ସାରିଛନ୍ତି, ଯେଉଁ ବୀର ଯୋଦ୍ଧାମାନେ ନିହତ ହେବା କଥା, ସେମାନଙ୍କୁ ସେ ନିହତ କରି ସାରିଛନ୍ତି; ଏଥିପାଇଁ ବାହାରକୁ କେବଳ ସବ୍ୟସାଚୀ ଅର୍ଜୁନଙ୍କ ପରି କେହି ଜଣେ ନିମିତ୍ତମାତ୍ର ହେବା କଥା । ସ୍ଥୂଳ ଜଗତରେ ଯାହା ପ୍ରକାଶ ପାଇବ, ସୂକ୍ଷ୍ମ ଓ କାରଣ ଜଗତରେ ତାହା ଆଗରୁ ନିର୍ଦ୍ଧାରିତ ଓ ସ୍ଥିର ହୋଇ ସାରିଥାଏ । ତଥାପି ମଣିଷର ଏକ ସ୍ୱାଧୀନ ଇଚ୍ଛା ଅଛି ବୋଲି ଓ ତା' ଉପରେ ଭଗବାନ୍ କିଛି ଜୋର୍ ଜବରଦସ୍ତି ଲଦି ଦିଅନ୍ତି ନାହିଁ ବୋଲି ତ କୁହାଯାଏ । ଶ୍ରୀଅରବିନ୍ଦଙ୍କ କହିବାନୁଯାୟୀ ଭଗବାନ୍ ଜଣେ ସ୍ୱୈରାଚାରୀ ନୁହନ୍ତି, ସେ ଗଣତାନ୍ତ୍ରିକ । (Divine is not an autocrat but democrat.) ତା'ହେଲେ ମଣିଷର ସ୍ୱାଧୀନ ଇଚ୍ଛା ଯଦି ଶେଷ ଯାଏ ପୃଥିବୀର ବିକାଶ ସମ୍ପର୍କରେ ଭଗବତ୍ ସଂକଳ୍ପ ଓ ଯୋଜନାର ବିରୋଧ କରେ, ତେବେ ଭଗବାନ୍ କ'ଣ ତାହା ମାନି ନେଇ ନିଜର ଯୋଜନାକୁ ବାତିଲ୍ କରିଦେବେ ବା ବଦଳାଇ ଦେବେ ? ନା, ରାମକୃଷ୍ଣ ପରମହଂସଙ୍କ କଥାନୁଯାୟୀ ମଣିଷର କେବଳ ସେତିକି ସ୍ୱାଧୀନତା ଅଛି, ଲମ୍ବା ଦଉଡ଼ି ସହ ଖୁଣ୍ଟରେ ବନ୍ଧା ହୋଇଥିବା ଗୋରୁର ଯେତିକି ସ୍ୱାଧୀନତା ଥାଏ । ଅର୍ଥାତ୍ ସେହି ଦଉଡ଼ିର ଲମ୍ବ ଯେତେଦୂର ଯାଏ ସେତିକି ଦୂର ପର୍ଯ୍ୟନ୍ତହିଁ ସେ ସ୍ୱାଧୀନ, ସେତିକିଟି ଆୟତନ ଭିତରେହିଁ ସେ ସ୍ୱାଧୀନ ଭାବରେ ଏପଟ ସେପଟ ଚରାବୁଲା କରିପାରିବ, କିନ୍ତୁ ତାହାକୁ ଲଂଘନ କରି ଅନ୍ୟତ୍ର ଯାଇପାରିବ ନାହିଁ । ଆମର ମନେହୁଏ ତାହାହିଁ ସତ୍ୟ । ତା'ଛଡ଼ା ଭଗବାନଙ୍କ ସଂକଳ୍ପଠାରୁ ସମ୍ପୂର୍ଣ୍ଣ ଭିନ୍ନ ଓ ବିଚ୍ଛିନ୍ନ ଏକ ସ୍ୱାଧୀନ ସଂକଳ୍ପ ଓ କର୍ମପ୍ରେରଣା ମଣିଷ ପାଇବ କେଉଁଠୁ ? ସେ ତ ମୂଳସ୍ୱରୂପରେ ସ୍ୱୟଂ ସେହି ଭଗବାନଙ୍କରହିଁ ଏକ ଅଂଶ ଓ ଅଭିବ୍ୟକ୍ତି, ତାଙ୍କରି ସଂକଳ୍ପ ଓ ତାଙ୍କରି ଚେତନାରୁହିଁ ଜାତ ଓ ସମ୍ଭୂତ ଏବଂ ଚେତନାର ଗଭୀର ଓ ଊର୍ଦ୍ଧ୍ୱସ୍ତରରେ ତା'ର ସଂକଳ୍ପ ଓ ଭଗବତ୍ ସଂକଳ୍ପ ତ ଏକ ଓ ଅଭିନ୍ନ ।

ତେଣୁ ଭଗବତ୍ ନିର୍ଦ୍ଧାରିତ ବିବର୍ତ୍ତନର ଚାପ ଓ ପ୍ରବେଗରେ ସେ ତ ନିଜ ଚେତନାର ଗଭୀର ଓ ଊର୍ଦ୍ଧ୍ୱ ସ୍ତରସବୁରେ ପ୍ରବେଶ କରିବା ପାଇଁ ବାଧ୍ୟ ହେବ, ତାହା ଆଜି ହେଉ ବା କାଲି ହେଉ । କ୍ରମବିକାଶର ଜୟଯାତ୍ରାରେ ଚେତନାର କୌଣସି ଅପୂର୍ଣ୍ଣତା, ଦିବ୍ୟପୂର୍ଣ୍ଣତାର ଆକର୍ଷଣକୁ ଏଡ଼ାଇ ଦେବା ସମ୍ଭବ ହେବ କିପରି ? ସେ ତ ନିଶ୍ଚୟ ଉପଲବ୍ଧି କରିବ ଯେ ତାହାର ସମସ୍ତ ମଙ୍ଗଳ, ଜୀବନର ସମସ୍ତ ସାର୍ଥକତା ନିହିତ ରହିଛି ସେହି ପରମ ପୂର୍ଣ୍ଣତାରେ, ଯାହାକି ତା' ନିଜ ଚେତନାରହିଁ ଏକ ପରମ ଅବସ୍ଥା । ତା'ର ସମସ୍ତ ଆଶ୍ରୟ, ସମସ୍ତ ପୂର୍ଣ୍ଣତା, ସମସ୍ତ କୃତିତ୍ୱ ଓ ସାଫଲ୍ୟ ନିତ୍ୟ ନିରନ୍ତର ଭାବରେ ଉତ୍ସାରିତ ହେଉଛି ପରାଶକ୍ତି ଭାଗବତୀ ଜନନୀଙ୍କର ଦିବ୍ୟ ପରମ ଚେତନାରୁ । ଚେତନାର ବିବର୍ତ୍ତନରେ ଗୋଟିଏ ସ୍ତରରେ ପହଞ୍ଚିଲେ ସେ ଏହା ଉପଲବ୍ଧି କରିବାକୁ ବାଧ୍ୟ ।

ବିଗତ ଶତାବ୍ଦୀଗୁଡ଼ିକରେ ମାନବସମାଜ ତା'ର ଆଚରଣରେ ଯେତେ ଯାହା ପତନ ଓ ବିକୃତିକୁ ପ୍ରଶ୍ରୟ ଦେଇଥିଲେ ମଧ୍ୟ, ଯେତେ ଯାହା ଶୋଷଣ, ଅନ୍ୟାୟ ଅତ୍ୟାଚାର ଓ ଯୁଦ୍ଧ ଆଦି ବୀଭତ୍ସ ଧ୍ୱଂସଲୀଳାରେ ଲିପ୍ତ ହୋଇଥିଲେ ମଧ୍ୟ, ଏଗୁଡ଼ିକ ଭିତରଦେଇ ଚେତନାର ବିକାଶ ଓ ବିବର୍ତ୍ତନର ପ୍ରକ୍ରିୟା ଭଗବତ୍ ଯୋଜନା ଅନୁଯାୟୀହିଁ ଆଗେଇ ଚାଲିଛି । ସାମୟିକ ତ୍ରୁଟି ଓ ସ୍ଖଳନ ସତ୍ତ୍ୱେ ସେହି ବିବର୍ତ୍ତନକୁ ଅଟକାଇ ଦେବାର ସାଧ୍ୟ କାହାର ନାହିଁ । ତା'ଛଡ଼ା ମାନବ ସମାଜର ଅଗ୍ରଗତିର ଦିଗଟିକୁ ବିଚାରକଲେ ନୈରାଶ୍ୟର କୌଣସି କାରଣ ନାହିଁ । ଅତୀତକୁ ଅନୁଧ୍ୟାନ କଲେ ଆମେ ହୃଦୟଙ୍ଗମ କରୁ ଯେ ସ୍ଥୂଳ ବାହ୍ୟ କ୍ଷେତ୍ରରେ ବିଜ୍ଞାନ ଓ କାରିଗରୀ

କୌଶଳରେ ଅଭୂତପୂର୍ବ ଅଗ୍ରଗତି ଘଟିଛି । ଏହା ସହ ମାନବ ଅଧିକାର ଓ ସ୍ୱାଧୀନତା କ୍ଷେତ୍ରରେ ମାର୍କ୍ସବାଦ, ଗାନ୍ଧିବାଦ ଆଦି କେତେ ମହାନ ମାନବୀୟ ଆଦର୍ଶର ପରୀକ୍ଷା ନିରୀକ୍ଷା ଓ ପ୍ରୟୋଗ ନ ହୋଇଛି ! ସାମ୍ରାଜ୍ୟବାଦ ଓ ଔପନିବେଶିକ ଶୋଷଣ ଆଦିର ବିଲୋପ ଦିଗରେ ମାନବର ଅଗ୍ରଗତି ନିଶ୍ଚୟ ଉଲ୍ଲେଖଯୋଗ୍ୟ ।

କିନ୍ତୁ ତଥାପି ପ୍ରଶ୍ନ ଉଠିବ ମାନବ ଚେତନାରେ ପରିବର୍ତ୍ତନ ଓ ଅଗ୍ରଗତି ନ ହେଲେ ଏହିସବୁ ଜଡ଼ାଧାରିତ ଅଗ୍ରଗତିର କ'ଣ ସାର୍ଥକତା ? ମାନବର କୌଣସି ନିର୍ବୋଧ ଆଚରଣରେ ଏଗୁଡ଼ିକ ବ୍ୟର୍ଥ ଓ ନିଷ୍ଫଳ ହୋଇ ଯିବାକୁ କେଇ ମୁହୂର୍ତ୍ତ ଲାଗିବ ? ଯଦି ଆଉ ଏକ ବିଶ୍ୱଯୁଦ୍ଧରେ ପ୍ରଳୟଙ୍କରୀ ଆଣବିକ ଅସ୍ତ୍ରର ପ୍ରୟୋଗ ହୁଏ ତେବେ ଏହିସବୁ ଅଗ୍ରଗତିର ଦଶା କ'ଣ ହେବ ? ତେଣୁ ଚେତନାର ବିକାଶ ଓ ବିବର୍ତ୍ତନ ଉପରେହିଁ ନିର୍ଭର କରେ ମାନବସମାଜର ସମସ୍ତ ସୁଖ, ଶାନ୍ତି, ସମୃଦ୍ଧି ଓ ଅଗ୍ରଗତିର ସ୍ୱପ୍ନକୁ ସାକାର କରିବା ତଥା ବାସ୍ତବତାରେ ପରିଣତ କରିବା ନିମନ୍ତେ ପ୍ରୟାସର ସଫଳତା । ସେଥିପାଇଁ ସୃଷ୍ଟିକର୍ତ୍ତାଙ୍କ ଦିବ୍ୟଯୋଜନାରେ ମଣିଷ ପାଇଁ ଯେଉଁ ଭୂମିକା ନିର୍ଣ୍ଣୟ କରାଯାଇଛି, ତା'ର ଅଗ୍ରଗତି ପାଇଁ ଯେଉଁ ପଥର ନିର୍ଦ୍ଦେଶ ରହିଛି, ସେ ସମ୍ପର୍କରେ ସଚେତ ହେବାହିଁ ପ୍ରଥମ କାମ । କିନ୍ତୁ ଆଜି ମଣିଷ ଭିତରେ ସେହି ସଚେତନତାର ଝଲକ କେତେ କ୍ଷୀଣ ଓ ନିଷ୍ପ୍ରଭ ? ଚନ୍ଦ୍ରରେ ପାଦ ପକାଇ ସେଠାରୁ ପୃଥିବୀକୁ ଏକ ନକ୍ଷତ୍ର ରୂପେ ଦେଖି ଫେରି ଆସୁଥିବା ବୈଜ୍ଞାନିକର ଚେତନାରେ କେତେ ଟିକେ ପରିବର୍ତ୍ତନ ହୋଇଛି ? ଦେଶର ସୀମାରେଖା ପାର ହୋଇ ସାରା ପୃଥିବୀର ମାନବ-ସମାଜକୁ ଏକ ବୋଲି ସେ କେତେଦୂର ଭାବୁଛି ? ଆଜି ତା'ର ଦେଶ ଅନ୍ୟ ଦେଶ ସହ ଅନ୍ୟାୟରେ ଯୁଦ୍ଧରତ ହେଲେ ସେ ସେହି ଅନ୍ୟ ଦେଶକୁ ନିଜର ଶତ୍ରୁଦେଶ ବୋଲି ଭାବିବ ନାହିଁ କି ? ସେହିପରି ସମସ୍ତ ବୈଜ୍ଞାନିକ ଓ କାରିଗରୀ କୌଶଳରେ ଅଗ୍ରଗତି, ମଣିଷକୁ ଅଧିକରୁ ଅଧିକ କାମନାବାସନା ପୂରଣ କରିବା ଓ ଭୋଗସ୍ପୃହା ମେଣ୍ଟାଇବାର ଏକ କ୍ରୀଡ଼ାପୁତ୍ତଳିକାରେ ପରିଣତ କରି ନାହିଁ କି ?

କିନ୍ତୁ ଭଗବାନ୍ ତାଙ୍କ କାମରେ ତ୍ରୁଟି କରି ନାହାନ୍ତି । ସେ ଠିକ୍ ସମୟରେ ଆସି ମଣିଷକୁ ଚେତାଇ ଦେଇଛନ୍ତି ତା' ଜୀବନର ଲକ୍ଷ୍ୟ କ'ଣ । ବିଗତ ଶତାବ୍ଦୀର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ବିଷୟଟି ହେଉଛି ପରମ ପ୍ରଭୁ ଶ୍ରୀଅରବିନ୍ଦ ଓ ଦିବ୍ୟଜନନୀ ଶ୍ରୀମା ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇ ମାନବସମାଜ ଆଗରେ ପ୍ରକୃତିର ଦିବ୍ୟରୂପାନ୍ତରର ଲକ୍ଷ୍ୟଟିକୁ ତୋଳି ଧରିଛନ୍ତି ଓ ସେହି ଲକ୍ଷ୍ୟ ସାଧନ ପାଇଁ ଅକୁଣ୍ଠ ତ୍ୟାଗ, ତପସ୍ୟା, ଆୟାସ ଓ ସାଧନା କରି ଦିବ୍ୟ-ଅତିମାନସ ଶକ୍ତିର ଅବତରଣ କରାଇଛନ୍ତି । ସେହି ଶକ୍ତି ନିରବଚ୍ଛିନ୍ନ ଭାବରେ ନିତ୍ୟ ନିରନ୍ତର କ୍ରିୟା କରି ଚାଲିଛି ଓ ତା'ର କ୍ରିୟା ଫଳରେ ଦିନେ ନା ଦିନେ ମଣିଷ ପୂର୍ଣ୍ଣ ସତ୍ୟ-ଚେତନାରେ ଉତ୍ତୀର୍ଣ୍ଣ ଓ ପ୍ରତିଷ୍ଠିତ ହୋଇ ଜରା-ମୃତ୍ୟୁହୀନ ଦେବମାନବରେ ପରିଣତ ହେବ । କାରଣ ତାହାହିଁ ବିବର୍ତ୍ତନର ସ୍ୱାଭାବିକ ଓ ଅନିବାର୍ଯ୍ୟ ପରିଣତି ଓ ସୃଷ୍ଟି ପାଇଁ ଭଗବାନଙ୍କ ଦିବ୍ୟଯୋଜନାର ଅଂଶ ବିଶେଷ । କହିବାକୁ ଗଲେ ଏକ ଊର୍ଦ୍ଧ୍ୱ ଚେତନାର ସ୍ତରରେ ତାହା ସମ୍ପନ୍ନ ହୋଇ ସାରିଛି, କେବଳ ପୃଥିବୀର ସ୍ଥୂଳ ବାସ୍ତବତାରେ ତାହାର କାର୍ଯ୍ୟକାରୀ ପ୍ରକାଶ ଓ ଅଭିବ୍ୟକ୍ତି ପାଇଁ ଯାହା ସମୟ ଲାଗିବ । କାରଣ ଭଗବତ୍ ଚେତନାର ଯେଉଁ ଦିବ୍ୟସ୍ତରରେ ଭୂତ, ବର୍ତ୍ତମାନ ଓ ଭବିଷ୍ୟତର କାଳ ଏକତ୍ର ମିଶି ରହିଥାଆନ୍ତି, ମା'ଙ୍କ ଭାଷାରେ ଯେଉଁଠି ରହିଛି Memory of the future ବା ଭବିଷ୍ୟତର ସ୍ମୃତି, ସେହି ସ୍ତରରେ ପହଞ୍ଚିହିଁ ଶ୍ରୀଅରବିନ୍ଦ ଓ ଶ୍ରୀମା, ମାନବ ପ୍ରକୃତିର ଏହି ଦିବ୍ୟରୂପାନ୍ତରର ସତ୍ୟଟିକୁ ଦେଖିଛନ୍ତି ଓ ମାନବସମାଜ ପାଇଁ ଯାହା ଭବିଷ୍ୟତ୍, ହୁଏତ ତାଙ୍କ ଚେତନା ପାଇଁ ତାହା ସମ୍ପନ୍ନ ହୋଇ ସାରିଥିବା ଏକ ସ୍ମୃତି । ତେଣୁ ପୃଥିବୀରେ ସଂଘଟିତ ଓ ସମ୍ପନ୍ନ ହେବାକୁ ଯାଉଥିବା ଏହା ଏକ ଅନିବାର୍ଯ୍ୟ ସତ୍ୟ ।

ତେବେ ଆମ ପରି ମଣିଷମାନଙ୍କୁ ଏଥିପାଇଁ କ'ଣ କରିବାକୁ ହେବ ? ଦିବ୍ୟଗୁରୁ ଶ୍ରୀଅରବିନ୍ଦଙ୍କ କଥାରେ, ''କେବଳ ଏକ ଆଲୋକପ୍ରଦ ସାମାନ୍ୟ ପରିବର୍ତ୍ତନ ମାତ୍ର ନୁହେଁ, ଆମ ପ୍ରକୃତିର ଏକ ଆଧ୍ୟାତ୍ମିକ ରୂପାନ୍ତର ଯଦି ଆମର ଲକ୍ଷ୍ୟ ହୁଏ, ତେବେ ବ୍ୟକ୍ତି ଭିତରେ ସେହି ଅଲୌକିକ କର୍ମକୁ ସମ୍ପନ୍ନ କରିବା ପାଇଁ ଆମକୁ ଦିବ୍ୟଭାଗବତୀ ଶକ୍ତିଙ୍କୁ ଆବାହନ କରି ଆଣିବାକୁ ହେବ । କାରଣ କେବଳ ତାଙ୍କଠିହିଁ ରହିଛି ସେଥିପାଇଁ ଆବଶ୍ୟକ ଶକ୍ତି, ଯାହା ନିଷ୍ପତ୍ତିମୂଳକ, ସର୍ବଜ୍ଞାନସମ୍ପନ୍ନ ଓ ଅସୀମ । କିନ୍ତୁ ମନୁଷ୍ୟର ବ୍ୟକ୍ତିଗତ କର୍ମ ଓ ପ୍ରୟାସର ସ୍ଥାନରେ ଭାଗବତୀ ଶକ୍ତିଙ୍କୁ ତତ୍କ୍ଷଣାତ୍ ପୂରାପୂରି ଭାବରେ ସ୍ଥାପନ କରିବା ଆଦୌ ସମ୍ଭବ ନୁହେଁ । ନିମ୍ନତର ସତ୍ତାରୁ ଉଠି ଆସୁଥିବା ଯେଉଁସବୁ ହସ୍ତକ୍ଷେପ ଉଚ୍ଚତର କ୍ରିୟାର ସତ୍ୟକୁ ବ୍ୟାହତ ଓ ବିଡମ୍ବିତ କରେ, ସେଗୁଡ଼ିକୁ ପ୍ରଥମେ ନିଷେଧ ଓ ବାରଣ

କରିବାକୁ ହେବ, ବ୍ୟର୍ଥ ଓ ବିଫଳ କରି ଦେବାକୁ ହେବ, ଏବଂ ଏହା କରିବାକୁ ହେବ ଆମ ସ୍ୱାଧୀନ ଇଚ୍ଛାର ନିର୍ବାଚନ ଦ୍ୱାରା । ଆମକୁ ଯାହା କରିବାକୁ ହେବ, ତା' ହେଉଛି ନିମ୍ନ ପ୍ରକୃତିର ସମସ୍ତ ପ୍ରବୃତ୍ତି ଓ ମିଥ୍ୟାଚାରଗୁଡ଼ିକୁ ନିରନ୍ତର ଓ ନିରବଚ୍ଛିନ୍ନଭାବେ ବାରବାର ପ୍ରତ୍ୟାଖ୍ୟାନ ଓ ଅସ୍ୱୀକାର କରିବା ଏବଂ ଆମ ସତ୍ତାର ବିଭିନ୍ନ ଅଂଶମାନଙ୍କରେ ବଢ଼ି ଚାଲୁଥିବା ଦିବ୍ୟସତ୍ୟକୁ ଦୃଢ଼, ଅକୁଣ୍ଠ ସମର୍ଥନ ଜଣାଇବା । କାରଣ ଆମ ସତ୍ତା ଭିତରକୁ ପ୍ରବେଶ କରୁଥିବା ଜ୍ଞାନ-ସଞ୍ଚାରକାରୀ ଦିବ୍ୟାଲୋକ, ଶୁଦ୍ଧତା ଓ ସାମର୍ଥ୍ୟକୁ ଆମ ପ୍ରକୃତିରେ ଅଧିକରୁ ଅଧିକ ସ୍ଥାୟୀ କରିବାକୁ ହେଲେ ଓ ତା'ର ପୂର୍ଣ୍ଣ ପରିଣତିକୁ ପ୍ରତିଷ୍ଠିତ କରିବାକୁ ହେଲେ, ତାହାର ବିକାଶ ଓ ପରିପୁଷ୍ଟି ପାଇଁ ପ୍ରୟୋଜନ ହେଉଛି ମୁକ୍ତ ଭାବରେ ତାହାକୁ ଗ୍ରହଣ କରିବା ଏବଂ ଯାହାକିଛି ତାହାର ବିରୋଧ କରେ, ତାହାଠାରୁ ନିକୃଷ୍ଟ ଓ ତାହା ସହ ଖାପ ଖାଏ ନାହିଁ, ସେଗୁଡ଼ିକୁ ଦୃଢ଼ ଭାବରେ ପ୍ରତ୍ୟାଖ୍ୟାନ କରିବା ।

"... ଆମେ ଯାହାଙ୍କୁ ଖୋଜୁଛୁ ସେହି ଭଗବାନଙ୍କ ଉପରେ ସମଗ୍ର ସତ୍ତାକୁ ଏକାଗ୍ର କରିବାକୁ ହେବ, ଏବଂ ତା'ର ଅନୁପୂରକ ଭାବରେ ଯାହା ଭଗବତ୍ ସତ୍ୟ ନୁହେଁ ସେଗୁଡ଼ିକୁ ପ୍ରତ୍ୟାଖ୍ୟାନ କରି ଆମ ସତ୍ତା ଭିତରୁ କାଢ଼ି ଫୋପାଡ଼ି ଦେବାକୁ ହେବ । ତାହାହିଁ ହେବ ସତ୍ତାର ଯଥାର୍ଥ ବିଶୋଧନ । ଆମେ ନିଜେ ଯାହା, ଯାହା ଚିନ୍ତା କରୁ, ଯାହା ଅନୁଭବ କରୁ, ଯେଉଁ କର୍ମ କରୁ ସେସବୁକୁ ଭଗବାନଙ୍କ ନିକଟରେ ସାମଗ୍ରିକ ନିବେଦନ ରୂପେ ଉତ୍ସର୍ଗ ଓ ଅର୍ପଣ କରିବୁ । ଏହି ନିବେଦନହିଁ ଶେଷରେ ହୋଇଉଠିବ ସର୍ବୋତ୍ତମ ପରମଙ୍କ ନିକଟରେ ଏକ ପୂର୍ଣ୍ଣାଙ୍ଗ ଆତ୍ମ-ନିବେଦନ ।" ✤


I shall save earth, if earth consents to be saved.

(Savitri)

– Sri Aurobindo

*With best compliments from :*

**SRI HANUMAN FLOUR MILL**

**MAITAPUR, BALASORE (ODISHA)**